DHARITRI
ଭୁବନେଶ୍ୱର, ଶନିବାର, ନଭେମ୍ବର ୨୨/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, November 22/2025 Page 14 ₹ 7.00 | BERHAMPUR
୫୧ଶ ଭାଗ ୩୫୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 356 ମୂଲ୍ୟ₹୭/-

# ଖଣି ଚୋରି ରୋକିବାକୁ ନୂଆ ନିୟମ

**ଖଣିଜ ସମ୍ପଦ ସମୃଦ୍ଧ ଓଡ଼ିଶାରେ ଖଣି ଉପରେ ସମସ୍ତଙ୍କ ନଜର ରହିଥାଏ। ଅତୀତରେ ଖଣି ଉତ୍ତୋଳନକୁ ନେଇ ବହୁ କେଳେଙ୍କାରୀ ସୃଷ୍ଟି ହୋଇଛି। ମୁଷ୍ଟିମେୟ ଶିଳ୍ପପତି ଏକାଧିକ ଖଣି ହାତେଇ ପ୍ରଚୁର ଅର୍ଥ ଅର୍ଜନ କରିଥିବା ବିଷୟ ଜଣାଶୁଣା। ତେଣୁ ଖଣି ହାତେଇବାରେ ଅନିୟମିତତା ଓ ଚୋରି ରୋକିବା ଲାଗି ରାଜ୍ୟ ସରକାର ଏବେ ତତ୍ପରତା ଦେଖାଇଛନ୍ତି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଜଣେ ବ୍ୟକ୍ତି ବା ସଂସ୍ଥା ଗୋଟିଏ ଜିଲାରେ ଅତି ବେଶିରେ ୩ଟି ଓ ରାଜ୍ୟରେ ୫ଟି ଲଘୁଖଣି ନେଇ ପାରିବେ ବୋଲି ନିଷ୍ପତ୍ତି ନିଆଯାଇଛି। ଏଥିସହିତ ବୈଠକରେ ମଧ୍ୟ ଅନ୍ୟ ୧୧ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି।**

## ଜଣଙ୍କୁ ଜିଲାରେ ୩ ଖଣି

### ୧୨ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍‌ର ମୋହର

ଭୁବନେଶ୍ୱର, ୨୧।୧୧ (ରବିନାରାୟଣ ଜେନା)

ରାଜ୍ୟରେ ଖଣିଜ ପଦାର୍ଥ ଚୋରିକୁ ରୋକିବା, ଲିଜ୍‌କୁ ସୁବ୍ୟବସ୍ଥିତ କରିବା ସହିତ ନିଯୁକ୍ତିରେ ସଂସ୍କାର ଆଣିବା ପାଇଁ ଏକକ ପରୀକ୍ଷା ନୀତି ଅବଲମ୍ବନ କରିବା ଭଳି ୧୨ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଶୁକ୍ରବାର ରାଜ୍ୟ କ୍ୟାବିନେଟ ମୋହର ମାରିଛି। ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ କହିଛନ୍ତି, ରାଜ୍ୟରେ ବେଆଇନ ଖଣି ଖନନକୁ ରୋକିବା ସହିତ ଲିଜ୍‌ରେ ସଂସ୍କାର, ବାଣିଜ୍ୟ, ପରିବହନ ଓ ସଂରକ୍ଷଣ ଲାଗି ସରକାର ସ୍ୱତନ୍ତ୍ର ନିୟମାବଳୀ କାର୍ଯ୍ୟକାରୀ କରିବାକୁ କ୍ୟାବିନେଟରେ ନିଷ୍ପତ୍ତି ନେଇଛନ୍ତି। ପୁରୁଣା ନିୟମାବଳୀ-୨୦୦୭କୁ ଉଚ୍ଛେଦ କରି ଓଡ଼ିଶା ଖଣିଜ ପଦାର୍ଥ ନିୟମାବଳୀ-୨୦୨୫କୁ ରାଜ୍ୟ କ୍ୟାବିନେଟ୍ ମୋହର ମାରିଛି। ଏହି ନିୟମାବଳୀରେ ବେଆଇନ ଖଣି ଖନନକୁ ରୋକିବା ସହିତ ସମଗ୍ର ରାଜ୍ୟରେ ଖଣିଜ ପଦାର୍ଥର ଆଇନଗତ ବାଣିଜ୍ୟ, ସଂରକ୍ଷଣ ଏବଂ ପରିବହନକୁ ନିୟନ୍ତ୍ରଣ କରାଯାଇ ପାରିବ। ସଂଶୋଧିତ ଖଣି ☞ପୃଷ୍ଠା-୪

# ଦୁବାଇ ଏୟାର ଶୋ'ରେ ତେଜସ୍ ଦୁର୍ଘଟଣାଗ୍ରସ୍ତ: ପାଇଲଟ୍ ମୃତ

ନୂଆଦିଲ୍ଲୀ/ ଦୁବାଇ, ୨୧।୧୧ (ପି.ଟି.)



ଦୁବାଇ ଏୟାର ଶୋ'ରେ ଭାଗନେଇଥିବା ଭାରତୀୟ ବାୟୁସେନାର ତେଜସ୍ ଯୁଦ୍ଧବିମାନ ଶୁକ୍ରବାର ଅପରାହ୍ନରେ ସାମରିକ କୌଶଳ ପ୍ରଦର୍ଶନ କରୁଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ପାଇଲଟଙ୍କ ମୃତ୍ୟୁ ଘଟିଥିବା ବାୟୁସେନା ପକ୍ଷରୁ କୁହାଯାଇଛି। ଦୁର୍ଘଟଣାର କାରଣ ଜାଣିବା ପାଇଁ କୋର୍ଟ ଅଫ୍ ଇନ୍‌କ୍ୱାରି ନିର୍ଦ୍ଦେଶ ଦିଆଯାଇଛି। ଦୁର୍ଘଟଣାବେଳର ଦୃଶ୍ୟ ବିଭିନ୍ନ ଟିଭି ଚ୍ୟାନେଲରେ ପ୍ରସାରିତ ହୋଇଛି, ଯେଉଁଥିରେ ଜେଟ୍‌ଟି ସିଧା ତଳକୁ ଖସିବା ପରେ ଭୂମିରେ ମାଡ଼ହୋଇ ଜଳିଯାଉଥିବା ଦେଖାଯାଇଛି। ହିନ୍ଦୁସ୍ଥାନ ଏରୋନଟିକ୍ସ ଲିଃ (ଏଚ୍‌ଏଏଲ୍) ନିର୍ମିତ ତେଜସ୍ ଯୁଦ୍ଧବିମାନ ଶୁକ୍ରବାର ସ୍ଥାନୀୟ ସମୟ ଅପରାହ୍ନ ୨ଟା ୧୦ ମିନିଟ୍ ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ନିୟନ୍ତ୍ରଣ ହରାଇବାରୁ ଏହା ଖସିପଡ଼ିଲା ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଏୟାର ଶୋ' ଦେଖିବା ପାଇଁ ରୁଣ୍ଡ ହୋଇଥିବା ଲୋକେ ଏହି ଘଟଣାରେ ସ୍ତବ୍ଧ ହୋଇଯାଇଥିଲେ। ଅନେକେ ହାତ ଟେକିଦେଇଥିବା ଦେଖାଯାଇଥିଲା।



ଥାଇଲାଣ୍ଡର ନନ୍ଥାବୁରିଠାରେ ଅନୁଷ୍ଠିତ ମିସ୍ ୟୁନିଭର୍ସ ୨୦୨୫ ପ୍ରତିଯୋଗିତାରେ ମେକ୍ସିକୋର ଫତିମା ବୋସ୍ ଟାଇଟଲ ବିଜୟୀ ହେବା ପରେ ଗତବର୍ଷର ମିସ୍ ୟୁନିଭର୍ସ ଭିକ୍ଟୋରିଆ ଜାଏର ଥେଲଭିଗ୍ ତାଙ୍କୁ ମୁକୁଟ ପିନ୍ଧାଉଛନ୍ତି। **(ରିପୋର୍ଟ: ପୃଷ୍ଠା-୨)**


# ୧ ଡଲାର= ୮୯.୬୧ଟଙ୍କା

ମୁମ୍ବାଇ,୨୧।୧୧(ପି.ଟି.)

ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ପ୍ରଥମ ଥର ପାଇଁ ୮୯ ମାର୍କ ଅତିକ୍ରମ କରି ୮୯.୬୧ରେ ପହଞ୍ଚିଛି। ଅର୍ଥାତ୍ ୧ ଡଲାର ମୂଲ୍ୟ ଶୁକ୍ରବାର ୮୯ ଟଙ୍କା ୬୧ ପଇସାରେ ପହଞ୍ଚିଥିଲା। ଦିନକରେ ଟଙ୍କା ମୂଲ୍ୟ ୯୩ ପଇସା ଖସିଛି, ଯାହାକି ୩ ମାସ ମଧ୍ୟରେ ସର୍ବାଧିକ ଅବନତି। ଘରୋଇ ତଥା ବିଶ୍ୱ ଶେୟାର ବଜାରରେ ଅସ୍ଥିରତା ଯୋଗୁ ଭାରତୀୟ ମୁଦ୍ରା ମୂଲ୍ୟ ଅତ୍ୟଧିକ ହ୍ରାସ ପାଇଛି। ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଆର୍ଥିକ ବଜାରରେ ନକାରାତ୍ମକତା ଯୋଗୁ ନିବେଶକ ଆଶଙ୍କା ମଧ୍ୟରେ ରହୁଥିବାବେଳେ ପ୍ରସ୍ତାବିତ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମା ଉପରେ ସ୍ୱଚ୍ଛତାର ଅଭାବ ଓ ବିଶ୍ୱସ୍ତରୀୟ ଆଇଟି ଷ୍ଟକ୍ ସର୍ବାଧିକ ବିକ୍ରିହେବା ଟଙ୍କା ମୂଲ୍ୟ ଦ୍ରୁତ ହ୍ରାସ ପାଇବାର କାରଣ। ଶୁକ୍ରବାର ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜ୍ ମାର୍କେଟରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ଆରମ୍ଭରେ ୮୮.୬୭ ଥିବାବେଳେ ପରେ ଏହା ସର୍ବନିମ୍ନ ୮୯.୬୫କୁ ହ୍ରାସ ପାଇ କାରବାର ଶେଷ ବେଳକୁ ସାମୟିକ ଭାବେ ୮୯.୬୧ରେ ସ୍ଥିର ରହିଥିଲା। ପୂର୍ବଦିନ ତୁଳନାରେ ଟଙ୍କା ମୂଲ୍ୟ ୯୩ ପଇସା କମ୍‌ରେ କାରବାର ବନ୍ଦ ହୋଇଛି। ଗୁରୁବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ୨୦ ପଇସା ହ୍ରାସ ପାଇ ୮୮.୬୮ ପଇସା ରହିଥିଲା। ସେପ୍ଟେମ୍ବର ୩୦ରେ ଟଙ୍କା ମୂଲ୍ୟ ୮୮.୮୫କୁ ହ୍ରାସ ପାଇଥିଲା ବେଳେ ଅକ୍ଟୋବର ୧୪ରେ ଏହା ୮୮.୮୧ ରହିଥିଲା।

**ଆଜିର ସମ୍ପାଦକୀୟ**

**ଆଇଆର୍‌ଏସ୍‌ରୁ ଏମ୍‌ଏଲ୍‌ଏ**








**ବାୟୁ ପ୍ରଦୂଷଣ:** ଧୂଆଁ ଧୂଳି ଆସ୍ତରଣରେ ଘୋଡ଼ାଇ ହୋଇଥିବା ଦିଲ୍ଲୀର ରାସ୍ତା କମ୍ ଦୃଶ୍ୟମାନ ହେଉଥିବାବେଳେ ଗାଡ଼ିଗୁଡ଼ିକ ମନ୍ଥର ଗତିରେ ଚାଲୁଛି।

# ଭାରତୀୟ କମ୍ପାନୀ ଉପରେ ଆମେରିକା କଟକଣା

## ଇରାନୀୟ ପେଟ୍ରୋଲିୟମ୍ ବିକ୍ରିରେ ସମ୍ପୃକ୍ତି ନେଇ କାର୍ଯ୍ୟାନୁଷ୍ଠାନ

ନ୍ୟୁୟର୍କ/ୱାଶିଂଟନ,୨୧।୧୧(ପି.ଟି.)

ଇରାନର ପେଟ୍ରୋଲିୟମ୍ ଏବଂ ପେଟ୍ରୋଲିୟମ୍ ଉତ୍ପାଦ ବିକ୍ରି ସହ ସମ୍ପୃକ୍ତ ଭାରତୀୟ ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କ ଉପରେ ଆମେରିକାର ଡୋନାଲ୍ଡ ଟ୍ରମ୍ପ୍ ପ୍ରଶାସନ କଟକଣା ଲଗାଇଛି। ଉକ୍ତ ବ୍ୟବସାୟରୁ ଉପାର୍ଜିତ ଅର୍ଥ ଇରାନ ସହ ଜଡ଼ିତ ଆଞ୍ଚଳିକ ଆତଙ୍କବାଦୀମାନଙ୍କ ପାଇଁ ବ୍ୟୟହେବା ସହ ଅସ୍ତ୍ରଶସ୍ତ୍ର କିଣାଯାଉଛି, ଯାହା ଆମେରିକା ପ୍ରତି ପ୍ରତ୍ୟକ୍ଷ ବିପଦ ବୋଲି ୱାଶିଂଟନ ପକ୍ଷରୁ କୁହାଯାଇଛି। ବେଆଇନ ତୈଳ ବିକ୍ରିକରି ଇରାନୀୟ ଶାସକଙ୍କ ଅନିଷ୍ଟକାରୀ କାର୍ଯ୍ୟକଳାପରେ ପାଣ୍ଠି ବିନିଯୋଗ ପାଇଁ ଦାୟୀ ଶିପିଙ୍ଗ୍ ନେଟ୍‌ୱର୍କ ଉପରେ ଆମେରିକା ପରରାଷ୍ଟ୍ର ଏବଂ ଟେଜେରି ବିଭାଗ କଟକଣା ଲଗାଇଛି। ସେହିପରି ଇରାନ ସମର୍ଥିତ ଆତଙ୍କବାଦୀ ସଂଗଠନକୁ ଅସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଉଥିବା ଏକ ଏୟାରଲାଇନ୍ ଓ ଏହାର ସହଯୋଗୀ ସଂସ୍ଥା ଉପରେ କଟକଣା ଲାଗିଛି।

ଟେଜେରି ବିଭାଗର ବିଦେଶୀ ସମ୍ପତ୍ତି ନିୟନ୍ତ୍ରଣ ସ୍ୱତନ୍ତ୍ର ଜାତୀୟ ତାଲିକାରେ ଭାରତୀୟ ନାଗରିକ ଜୈର ହୁସେନ୍ ଇକ୍‌ବାଲ ହୁସେନ୍ ସୟେଦ, ଜୁଲ୍‌ଫଇକର ହୁସେନ ରିଜଭି ସୟେଦ, ମହାରାଷ୍ଟ୍ରର ଅର୍‌ଏନ୍ ଶିପ୍ ମ୍ୟାନେଜ୍‌ମେଣ୍ଟ ପ୍ରା. ଲିଃ ଏବଂ ପୁଣେର ଟିଆର୍‌୬ ପେଟ୍ରୋ ଇଣ୍ଡିଆ ଏଲ୍‌ଏଲ୍‌ପି ରହିଛି। ସେହିପରି ପରରାଷ୍ଟ୍ର ବିଭାଗର କଟକଣା ତାଲିକାରେ ଭାରତ, ପାନାମା, ସିଚେଲ୍ସ ସମେତ ବିଭିନ୍ନ ଦେଶର ୧୭ଟି ସଂସ୍ଥା , ବ୍ୟକ୍ତିବିଶେଷ ଓ ଜାହାଜ ରହିଛି। ଇରାନରୁ ପେଟ୍ରୋଲିୟମ୍ ଓ ପେଟ୍ରୋକେମିକାଲ ରପ୍ତାନିରେ ସମ୍ପୃକ୍ତ ତଥା ଇରାନକୁ କ୍ଷତିକାରକ କାର୍ଯ୍ୟକଳାପ ଲାଗି ସହାୟତା ଯୋଗାଇବା ନିମନ୍ତେ ଆର୍ଥିକ ଓ ବ୍ୟବସାୟିକ କାର୍ଯ୍ୟରେ ସମ୍ପୃକ୍ତ ୪୧ ସଂସ୍ଥା, ବ୍ୟକ୍ତିବିଶେଷ, ଜାହାଜ, ବିମାନକୁ ଟେଜେରି ବିଭାଗ ତାଲିକାଭୁକ୍ତ କରିଛି। ଇରାନୀୟ ଅଶୋଧିତ ତୈଳ ଏବଂ ପେଟ୍ରୋଲିୟମ୍ ସାମଗ୍ରୀ ପରିବହନରେ ସମ୍ପୃକ୍ତ ସାମୁଦ୍ରିକ ସେବ ପ୍ରଦାନକାରୀ, ପ୍ରତିବନ୍ଧକ ଲାଗିଥିବା ସାମଗ୍ରୀ ପରିବହନ କରୁଥିବା ଜାହାଜ ଏବଂ ପେଟ୍ରୋଲିୟମ୍ ଉତ୍ପାଦ ଟ୍ରେଡର ନେଟ୍‌ୱର୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଆମେରିକା କହିଛି।

# ବାଂଲାଦେଶରେ ଭୂକମ୍ପ: ୬ ମୃତ

## ପଶ୍ଚିମବଙ୍ଗ, ଉତ୍ତରପୂର୍ବାଞ୍ଚଳରେ ଝଟକା

ଢାକା/କୋଲକାତା,୨୧।୧୧

ବାଂଲାଦେଶରେ ଶୁକ୍ରବାର ୫.୭ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ଅନେକ ବିଲ୍ଡିଂ କ୍ଷତିଗ୍ରସ୍ତ ହେବା ସହ ଅନ୍ୟୁନ ୬ ଜଣଙ୍କ ମୃତ୍ୟୁ ଘଟିଛି। ଭୂକମ୍ପ ଯୋଗୁ ବିଭିନ୍ନ ସ୍ଥାନରେ ନିଆଁ ଲାଗିଯିବାରୁ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ରାଜଧାନୀ ଢାକାରେ ୩ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ନାରାୟଣଗଞ୍ଜରେ ଜଣେ ଏବଂ ନରସିଂଡିରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ବିଭିନ୍ନ ସ୍ଥାନରେ ୫୦ ଜଣ ଆହତ ହୋଇଥିବା ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ଭୂକମ୍ପର କେନ୍ଦ୍ରସ୍ଥଳ ନରସିଂଡିର ୧୦ କିଲୋମିଟର ଗଭୀରରେ ବୋଲି ବାଂଲାଦେଶ ପାଣିପାଗ ବିଭାଗ କହିଛି।

ଭୂକମ୍ପ ପ୍ରଭାବରେ ଭାରତର ପଶ୍ଚିମବଙ୍ଗ ଏବଂ ଉତ୍ତରପୂର୍ବାଞ୍ଚଳରେ ଝଟକା ଅନୁଭୂତ ହୋଇଥିଲା। କୋଲକାତା ଏବଂ ଗୁଆହାଟୀରେ ବହୁ ଲୋକ ଭୟରେ ଘରୁ ବାହାରି ଆସିଥିଲେ।

# କାର୍ଯ୍ୟକାରୀ ହେଲା ୪ ଶ୍ରମ ଆଇନ

## ସବୁ କର୍ମଚାରୀଙ୍କୁ ମିଳିବ ସାମାଜିକ ସୁରକ୍ଷା

ନୂଆଦିଲ୍ଲୀ,୨୧।୧୧(ପି.ଟି.)



କେନ୍ଦ୍ର ସରକାର ଶ୍ରମ ଆଇନରେ ବ୍ୟାପକ ସଂସ୍କାର ଆଣିଛନ୍ତି। ୨୦୨୦ରେ ପାର୍ଲାମେଣ୍ଟରେ ଗୃହୀତ ହୋଇଥିବା ଉକ୍ତ ୪ ଶ୍ରମ ଆଇନକୁ ଶୁକ୍ରବାରଠାରୁ କାର୍ଯ୍ୟକାରୀ କରାଯାଇଛି। ଏହି ବୃହତ୍ ସଂସ୍କାର ଅନୁଯାୟୀ, ଅସ୍ଥାୟୀ ଓ ପାର୍ଟଟାଇମ୍ ଜବ୍ କରୁଥିବା କର୍ମଚାରୀମାନଙ୍କୁ ସାମାଜିକ ସୁରକ୍ଷା ପରିସରଭୁକ୍ତ କରାଯିବ। ସମସ୍ତ କର୍ମଚାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ, ବୈଧାନିକ ସର୍ବନିମ୍ନ ମଜୁରି ଏବଂ ସବୁ ସେକ୍ଟରରେ ଠିକ୍ ସମୟରେ ବେତନ ପ୍ରଦାନକୁ ବାଧ୍ୟତାମୂଳକ କରାଯିବ। ପୂର୍ବରୁ ଥିବା ୨୯ଟି ଖଣ୍ଡିତ ଆଇନ ସ୍ଥାନରେ ୪ ନୂଆ ଶ୍ରମ ଆଇନ ଯଥା କୋଡ୍ ଅଫ୍ ୱେଜସ୍ (୨୦୧୯), ଇଣ୍ଡଷ୍ଟ୍ରିଆଲ ରିଲେଶନ୍ସ କୋଡ୍ (୨୦୨୦), କୋଡ୍ ଅନ୍ ସୋସିଆଲ୍ ସିକ୍ୟୁରିଟି(୨୦୨୦) ଏବଂ ଅକ୍ୟୁପେଶନାଲ ସେଫ୍ଟି, ହେଲ୍‌ଥ ଆଣ୍ଡ ୱର୍କିଂ କଣ୍ଡିଶନ୍ସ କୋଡ୍ (୨୦୨୦) ଶୁକ୍ରବାର କାର୍ଯ୍ୟକାରୀ ହୋଇଛି।

ଶ୍ରମ ଆଇନରେ ହୋଇଥିବା ସଂସ୍କାର ମଧ୍ୟରେ ରହିଛି ରାତି ଶିଫ୍ଟରେ କାମ କରୁଥିବା କର୍ମଚାରୀଙ୍କ ସମେତ ମହିଳାମାନଙ୍କ ଅଧିକାର ଓ ସୁରକ୍ଷା ବଢ଼ାଇବା, ୪୦ ବର୍ଷ ବୟସରୁ ଊର୍ଦ୍ଧ୍ୱ କର୍ମଚାରୀମାନଙ୍କୁ ବାର୍ଷିକ ମାଗଣା ସ୍ୱାସ୍ଥ୍ୟ ଯାଞ୍ଚ, ବିପଜ୍ଜନକ ପ୍ରକ୍ରିୟା ସହ ଜଡ଼ିତ ସଂସ୍ଥା ସମେତ ସମସ୍ତ ସଂସ୍ଥାରେ କାର୍ଯ୍ୟରତ କର୍ମଚାରୀଙ୍କୁ ଦେଶବ୍ୟାପୀ ଇଏସ୍‌ଆଇସି ସୁବିଧା ଯୋଗାଇଦେବା ଏବଂ ଏକକ ପଞ୍ଜୀକରଣ, ଲାଇସେନ୍ସ ଏବଂ ରିଟର୍ନ ବ୍ୟବସ୍ଥା। ଏହି ସମସ୍ତ ଲେବର କୋଡ୍ ସାର୍ବଜନିକ ସାମାଜିକ ସୁରକ୍ଷା, ସର୍ବନିମ୍ନ ତଥା ଠିକ୍ ସମୟରେ ମଜୁରି ପ୍ରଦାନ, ସୁରକ୍ଷିତ କାର୍ଯ୍ୟସ୍ଥଳ ନିମନ୍ତେ ଦୃଢ଼ ମୂଳଦୁଆ ହେବା ସହ ଆମ ଲୋକମାନଙ୍କର ବିଶେଷକରି ନାରୀଶକ୍ତି ଓ ଯୁବଶକ୍ତିଙ୍କ ପାଇଁ ଲାଭଦାୟକ ଅବସର ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି Xରେ ଏକାଧିକ ପୋଷ୍ଟ ଜରିଆରେ କହିଛନ୍ତି। ଏହା ଭବିଷ୍ୟତ ପାଇଁ ପ୍ରସ୍ତୁତ ବ୍ୟବସ୍ଥା ସୃଷ୍ଟି କରିବ ଯାହା କର୍ମଚାରୀମାନଙ୍କୁ ଅଧିକାରର ସୁରକ୍ଷା କରିବା ସହ ଭାରତର ଆର୍ଥିକ ଅଭିବୃଦ୍ଧିକୁ ସୁଦୃଢ଼ କରିବ। ଏହି ସଂସ୍କାର ନିଯୁକ୍ତି ସୃଷ୍ଟି ବଢ଼ାଇବା ସହ ଉତ୍ପାଦନ ମଧ୍ୟ ବୃଦ୍ଧି କରିବ। ବିକଶିତ ଭାରତ ଦିଗରେ ଆମ ଯାତ୍ରାକୁ ଏହା ତ୍ୱରାନ୍ୱିତ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଶ୍ରମ ଆଇନ ନିଯୁକ୍ତିକୁ ବୈଧାନିକ ମାନ୍ୟତା ପ୍ରଦାନ କରିବା ସହ କର୍ମଚାରୀମାନଙ୍କୁ ସୁରକ୍ଷା ବଢ଼ାଇବ ଏବଂ ଶ୍ରମ ବ୍ୟବସ୍ଥାକୁ ସରଳ, ସୁରକ୍ଷିତ ଓ ବୈଶ୍ୱିକ ସ୍ତରୀୟ କରିବ ବୋଲି ଶ୍ରମମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି।

ଅତିରିକ୍ତ ବ୍ୟବସ୍ଥାଗତ ସଂସ୍କାରରେ ଏକ ଜାତୀୟ ନ୍ୟୁନତମ ବେତନ ଏବଂ ଲିଙ୍ଗଗତ ସମାନତା କାର୍ଯ୍ୟ ନୀତି ରହିଛି। ଏଥିସହିତ ସହାୟକ ଅନୁପାଳନ ପାଇଁ ଇନ୍ସପେକ୍ଟର-କମ୍-ଫାସିଲିଟେଟର ମଡେଲ୍, ୨ ସଦସ୍ୟ ବିଶିଷ୍ଟ ଟ୍ରିବ୍ୟୁନାଲ ଜରିଆରେ ବିବାଦର ତ୍ୱରିତ୍ ସମାଧାନ, ଜାତୀୟ ପେସାଦାରି ସୁରକ୍ଷା, ସ୍ୱାସ୍ଥ୍ୟ ବୋର୍ଡ ରହିଛି। ସରକାର ସବିଶେଷ ନିୟମାବଳୀ ଏବଂ ଯୋଜନା ପାଇଁ ଏବେ ବିଚାରବିମର୍ଶ ଚଳାଇଛନ୍ତି। ଏହି ଆଇନ ଆତ୍ମନିର୍ଭର ଭାରତ ପାଇଁ ମୂଳଦୁଆ ପକାଇବ ବୋଲି ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ୨୦୧୫ରେ ସାମାଜିକ ସୁରକ୍ଷା କଭରେଜ୍ ୧୯ ପ୍ରତିଶତ ଥିବାବେଳେ ୨୦୨୫ରେ ଏହା ୬୪ ପ୍ରତିଶତରୁ ଅଧିକ ହୋଇଛି।

# ଦିଲ୍ଲୀ ଛାତ୍ର ଆତ୍ମହତ୍ୟା ମାମଲାରେ ୪ ଶିକ୍ଷକ ନିଲମ୍ବିତ

ନୂଆଦିଲ୍ଲୀ,୨୧।୧୧

ଦିଲ୍ଲୀର ସେଣ୍ଟ କଲମ୍ବସ୍ ସ୍କୁଲ୍‌ର ଦଶମ ଶ୍ରେଣୀ ଛାତ୍ର ଶୌର୍ଯ୍ୟ ପାଟିଲ ଆତ୍ମହତ୍ୟା ଘଟଣାରେ ସ୍କୁଲ୍ ପ୍ରଧାନ ଶିକ୍ଷୟିତ୍ରୀ ଏବଂ ୩ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି। ମଙ୍ଗଳବାର ଅପରାହ୍ନରେ ଶୌର୍ଯ୍ୟ ସ୍କୁଲ୍‌ରୁ ମେଟ୍ରୋ ଷ୍ଟେଶନ ଯାଇ ଉଚ୍ଚ ପ୍ଲାଟଫର୍ମରୁ ଡେଇଁ ଆତ୍ମହତ୍ୟା କରିଥିଲେ। ତାଙ୍କ ସ୍କୁଲ୍‌ବ୍ୟାଗ୍‌ରୁ ଏକ ହାତଲେଖା ସୁଇସାଇଡ୍ ନୋଟ୍ ମିଳିଥିଲା। ତାଙ୍କୁ ଶିକ୍ଷକମାନେ ବର୍ଷେ ହେଲା ନିର୍ଯାତନା ଦେଇଆସୁଥିଲେ ବୋଲି ଶୌର୍ଯ୍ୟ ଲେଖିଥିଲେ। ମଙ୍ଗଳବାର ନାଚ ଅଭ୍ୟାସ ବେଳେ ସେ ପଡ଼ିଯିବାରୁ ତାଙ୍କୁ ସମସ୍ତଙ୍କ ଆଗରେ ଅପମାନିତ କରାଯାଇଥିଲା। ଅଭିଯୁକ୍ତ ପ୍ରଧାନ ଶିକ୍ଷୟିତ୍ରୀ ଓ ୩ ଶିକ୍ଷକଙ୍କ ବିରୋଧରେ ଆତ୍ମହତ୍ୟା ପାଇଁ ଉସୁକାଇବା ଅଭିଯୋଗରେ ମାମଲା ରୁଜୁ ହୋଇଛି।

# ଝାଡ଼ଖଣ୍ଡ, ପଶ୍ଚିମବଙ୍ଗରେ ଇଡି ଚଢ଼ାଉ

## କୋଇଲା ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ



କୋଇଲା ମାଫିଆଙ୍କ ଘର ଓ କାର୍ଯ୍ୟାଳୟରେ ଇଡି ଚଢ଼ାଉ ବେଳେ ଜବତ ସୁନା ଅଳଙ୍କାର ଓ ନଗଦ ଟଙ୍କା।

ରାଞ୍ଚି,୨୧।୧୧


କୋଇଲା ମାଫିଆ ନେଟ୍‌ୱର୍କ ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗର ୪୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଚଢ଼ାଉ କରିଛି। ଝାଡ଼ଖଣ୍ଡର ଧାନବାଦ ଜିଲାର ୧୮ଟି ସ୍ଥାନରେ ଶୁକ୍ରବାର ସକାଳେ ଇଡି ଟିମ୍ ବ୍ୟାପକ ଚଢ଼ାଉ କରିଥିଲା। ବିସିସିଏଲ୍ ପାଇଁ ଆଉଟ୍‌ସୋର୍ସିଂ କାର୍ଯ୍ୟ ପରିଚାଳନା କରୁଥିବା ଦେବପ୍ରଭା କମ୍ପାନୀ ପରିସର ସମେତ ଏହାର ମାଲିକ ଏଲ୍.ବି. ସିଂ ଓ ଭାଇ କୁମ୍ଭନାଥ ସିଂଙ୍କ ବାସଭବନରେ ଏକସଙ୍ଗେ ଚଢ଼ାଉ ହୋଇଥିଲା। ସୂଚନା ଅନୁଯାୟୀ, କୋଇଲା ବ୍ୟବସାୟରେ କଳାବଜାର, ଠିକା ପ୍ରଦାନରେ ଅନିୟମିତତା ଏବଂ ବେଆଇନ ଆର୍ଥିକ କାରବାର ଉପରେ ଇଡି ତଦନ୍ତରେ ଗୁରୁତ୍ୱ ଦିଆଯାଇଛି। ବିସିସିଏଲ୍‌ର ବିଭିନ୍ନ ଟେଣ୍ଡରରେ ଅନିୟମିତତା ଓ ପକ୍ଷପାତିତା କରାଯାଇଥିଲା। ଧାନବାଦର ଅନ୍ୟ କୋଇଲା ବ୍ୟବସାୟୀ ଅନିଲ ଗୋୟଲ, ସଞ୍ଜୟ ଖେମକା ବିନୋଦ ମାହାତୋ ଏବଂ ସୁନ୍ନୀ କେଶରୀଙ୍କ ସମେତ ଅନ୍ୟମାନଙ୍କ ବାସଭବନ ଓ କାର୍ଯ୍ୟାଳୟରେ ଚଢ଼ାଉ କରାଯାଇଛି। କୋଇଲା ବ୍ୟବସାୟ ସହ ଜଡ଼ିତ ଆର୍ଥିକ କାରବାରର ଦସ୍ତାବିଜ୍ ଓ ରେକର୍ଡକୁ ଇଡି ଟିମ୍ ଯାଞ୍ଚ କରିଥିଲା। ଚଢ଼ାଉ ବେଳେ ବିପୁଳ ଦସ୍ତାବିଜ୍, ଡିଜିଟାଲ ରେକର୍ଡ, କାଗଜପତ୍ର ସମେତ ବହୁ ପରିମାଣର ନଗଦ ଟଙ୍କା ଓ ସୁନା ଅଳଙ୍କାର ଜବତ ହୋଇଛି।

# ମେକ୍ସିକୋର ଫତିମା ବୋସ୍ ହେଲେ ମିସ୍ ୟୁନିଭର୍ସ



ବ୍ୟାଙ୍କକ

ମିସ୍ ୟୁନିଭର୍ସ ପ୍ରତିଯୋଗିତା ବେଳେ ଏକଦା ଅପମାନିତ ହୋଇଥିବା ମିସ୍ ମେକ୍ସିକୋର ଫତିମା ବୋସ୍ ଶେଷରେ ଚଳିତବର୍ଷର ମିସ୍ ୟୁନିଭର୍ସ ଟାଇଟଲ୍ ବିଜୟିନୀ ହୋଇଛନ୍ତି। ଆୟୋଜକମାନେ ତାଙ୍କ ବୁଦ୍ଧିକୁ ନେଇ ପ୍ରଶ୍ନ କରିବା ସହ ମୂର୍ଖ ବୋଲି କହିଥିଲେ। ତାଙ୍କ ପ୍ରତି ହୋଇଥିବା ଅପମାନ ପ୍ରତିବାଦରେ ଅନ୍ୟ ପ୍ରତିଯୋଗୀ ପ୍ରତିଯୋଗିତା ସ୍ଥଳ ଛାଡ଼ିବାରୁ ବିବାଦୀୟ ସ୍ଥିତି ଉପୁଜିଥିଲା। ଶୁକ୍ରବାର ଅନୁଷ୍ଠିତ ଫାଇନାଲ ରାଉଣ୍ଡରେ ଫତିମା ବୋସ୍‌ଙ୍କୁ ଚଳିତ ବର୍ଷର ମିସ୍ ୟୁନିଭର୍ସ ଘୋଷଣା କରାଯାଇଛି। ମିସ୍ ଥାଇଲାଣ୍ଡ ପ୍ରବୀନାର ସିଂ ପ୍ରଥମ ରନର୍ସ ଅପ୍ ହୋଇଥିବାବେଳେ ମିସ୍ ଭେନେଜୁଏଲା ଦ୍ୱିତୀୟ ରନର୍ସ ଅପ୍ ହୋଇଛନ୍ତି। ମିସ୍ ଫିଲିପାଇନ୍ସ ଚତୁର୍ଥ ସ୍ଥାନରେ ରହିଛନ୍ତି। ମିସ୍ ୟୁନିଭର୍ସ ୨୦୨୫ର ଶେଷ ପର୍ଯ୍ୟାୟରେ ୧୨ ଜଣ ଫାଇନାଲିଷ୍ଟଙ୍କୁ ନିଆଯାଇଥିଲା। ଏହା ପୂର୍ବରୁ ଅନୁଷ୍ଠିତ ସୁଇମସୁଟ୍ ରାଉଣ୍ଡରେ ମିସ୍ ଇଣ୍ଡିଆ ୟୁନିଭର୍ସ ମନିକା ବିଶ୍ୱକର୍ମା ପ୍ରତିଯୋଗିତାରୁ ବାହାରିଯାଇଥିଲେ। ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗିତାର ୭୪ ସଂସ୍କରଣରେ ୧୨୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଶୁକ୍ରବାର ସକାଳେ ଅନୁଷ୍ଠିତ ରାଉଣ୍ଡରେ ଭାରତର ମନିକା ଶୀର୍ଷ ୩୦ ମଧ୍ୟରେ ସ୍ଥାନ ପାଇଥିଲେ। ତେବେ ଶୀର୍ଷ ୧୨ ରାଉଣ୍ଡରୁ ସେ ବାହାରିଯିବାରୁ ଆଉ ଏକ ମିସ୍ ୟୁନିଭର୍ସ ବିଜୟ ପ୍ରତୀକ୍ଷାରେ ଥିବା ଭାରତୀୟମାନେ ନିରାଶ ହୋଇଛନ୍ତି।

ଧରିତ୍ରୀ ୟୁଥ୍ କନ୍‌କ୍ଲେଭ୍-୨୦୨୫
କ୍ଲାଇମେଟ୍ ଚେଞ୍ଜ: ଫାଇଣ୍ଡିଂ ସଲ୍ୟୁସନ୍ସ

ନଭେମ୍ବର ୨୩
ଗ୍ରୀନ୍ ହିରୋ ସମିଟ୍,
ଧରିତ୍ରୀ କ୍ଲାଇମେଟ୍ ଫିଲ୍ମ ଫେଷ୍ଟ

DHARITRI YOUTH CONCLAVE 2025 CLIMATE CHANGE: FINDING SOLUTIONS
Green Heroes Summit
DHARITRI CLIMATE FILM FEST

ଭୁବନେଶ୍ୱର,୨୧।୧୧ (ବନ୍ଦନା ସେଠୀ)


ଧରିତ୍ରୀ ଯୁବ ସମ୍ମିଳନୀର ପଞ୍ଚମ ସଂସ୍କରଣ ନଭେମ୍ବର ୨୩ ଏବଂ ୨୪ ଦୁଇଦିନ ଧରି ଭୁବନେଶ୍ୱରରେ ଆୟୋଜିତ ହେବ। ନଭେମ୍ବର ୨୩ରେ ସମ୍ମିଳନୀର ପ୍ରଥମ ପର୍ବ 'ଗ୍ରୀନ୍ ହିରୋ ସମିଟ୍' ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରେ ପରିବେଶ ସଂରକ୍ଷଣ ଉପରେ କାର୍ଯ୍ୟ କରୁଥିବା ୨୦୦ରୁ ଊର୍ଦ୍ଧ୍ୱ ଗ୍ରୀନ୍ ହିରୋମାନେ ଏକତ୍ରିତ ହୋଇ ପରିବେଶ ସମ୍ପର୍କିତ ସେମାନଙ୍କର ଅଭିଜ୍ଞତାକୁ ବାଣ୍ଟିବେ। ଏହି ଅବସରରେ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଧରିତ୍ରୀ କ୍ଲାଇମେଟ୍ ଫିଲ୍ମ ଫେଷ୍ଟ ଆୟୋଜନ ହେବ। ଏଥିରେ ପରିବେଶ ଆଧାରିତ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ୧୫ଟି କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହେବ। ସେଥିମଧ୍ୟରୁ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ଚଳଚ୍ଚିତ୍ରକୁ ସମ୍ମିଳନୀର ଦ୍ୱିତୀୟ ଦିବସ ଅର୍ଥାତ୍ ନଭେମ୍ବର ୨୪ରେ ପୁରସ୍କୃତ କରାଯିବ। ଚଳଚ୍ଚିତ୍ର ଚୟନ କରିବା ପାଇଁ ଚଳଚ୍ଚିତ୍ର ନିର୍ମାତା ସୁଶାନ୍ତ ମିଶ୍ର ଏବଂ ସ୍ନେହାଶିଷ ଦାସ ଜୁରି ସଦସ୍ୟ ଭାବେ ଦାୟିତ୍ୱ ନିର୍ବାହ କରିବେ। ଏସମ୍ପର୍କରେ ସ୍ନେହାଶିଷ କହିଛନ୍ତି, ଚଳିତବର୍ଷ ଫିଲ୍ମ ଫେଷ୍ଟିଭାଲକୁ ଆସିଥିବା ଚଳଚ୍ଚିତ୍ରଗୁଡ଼ିକ ପରିବେଶର ବିଭିନ୍ନ ଦିଗ ଯଥା ଜଳବାୟୁ ପରିବର୍ତ୍ତନ, ଗଛ କାଟିବା, ଚାରା ରୋପଣ, ବାୟୁ ପ୍ରଦୂଷଣ, ଶିଳ୍ପ ଆବର୍ଜନା ଆଦି ଉପରେ ଆଧାରିତ ହୋଇଛି।

# 'ପୂର୍ବ ଭାରତର ବିକାଶ ପାଇଁ ପୂର୍ବୋଦୟର କଳ୍ପନା କରିଛନ୍ତି ପ୍ରଧାନମନ୍ତ୍ରୀ'

## ବିହାରରେ ସଫଳତା ପରେ ଧର୍ମେନ୍ଦ୍ରଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୧।୧୧(ସୁମିତ୍ର ମିଶ୍ର)

ବିହାର ବିଧାନସଭା ନିର୍ବାଚନରେ ଏନ୍‌ଡିଏ ମେଣ୍ଟର ଐତିହାସିକ ବିଜୟ ପରେ ଶୁକ୍ରବାର ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭୁବନେଶ୍ୱରର ବିମାନବନ୍ଦରରେ ଉଚ୍ଛ୍ୱସିତ ଓ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହଜାର ହଜାର ଜନସାଧାରଣ, ଦଳୀୟ କାର୍ଯ୍ୟକର୍ତ୍ତା ଏବଂ ସମର୍ଥକମାନେ ତାଙ୍କୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଧର୍ମେନ୍ଦ୍ର କହିଛନ୍ତି, ବିହାରରେ ଏନ୍‌ଡିଏ ମେଣ୍ଟର ଅଭୂତପୂର୍ବ ବିଜୟ ପାଇଁ ସେଠାର ଜନସାଧାରଣଙ୍କୁ ଧନ୍ୟବାଦ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସାଂଗଠନିକ ଦକ୍ଷତା, ବିହାରର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱ ପାଇଁ ଜନସାଧାରଣ ତାଙ୍କୁ ପୁଣିଥରେ ଆଶୀର୍ବାଦ କରିଛନ୍ତି। ପ୍ରଧାନମନ୍ତ୍ରୀ ପୂର୍ବ ଭାରତର ବିକାଶ ପାଇଁ ପୂର୍ବୋଦୟର କଳ୍ପନା କରିଛନ୍ତି। କାରଣ ପୂର୍ବ ଭାରତର ବିକାଶ ନ ହେଲେ ଭାରତର ବିକାଶ ହେବନାହିଁ। ବିହାରରେ ପୁଣି ଥରେ ଏନ୍‌ଡିଏ ସରକାର କରି ସେବା କରିବା ଲାଗି ସୁଯୋଗ ପାଇବା ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱକୁ ବଡ଼ ସ୍ୱୀକୃତି। ବର୍ତ୍ତମାନ ଦେଶରେ ଏକ କଲ୍ୟାଣକାରୀ ଶାସନ ପ୍ରଣାଳୀ ଚାଲିଥିବାରୁ ପ୍ରଧାନମନ୍ତ୍ରୀ ଲୋକଙ୍କର ଆସ୍ଥାଭାଜନ ହୋଇପାରିଛନ୍ତି। କଂଗ୍ରେସର ଦେଶକୁ ବିଭାଜନ କରିବାର ଯେଉଁ ନକାରାତ୍ମକ ରାଜନୀତି ଅଛି, ଏହାକୁ ଲୋକମାନେ ପ୍ରତ୍ୟାଖ୍ୟାନ କରିଛନ୍ତି। ଅପରପକ୍ଷରେ ନୂଆପଡ଼ା ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ଜୟ ଢୋଲକିଆ ବହୁତ ବଡ଼ ବ୍ୟବଧାନରେ ବିଜୟ ହୋଇଥିବାରୁ ସେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଓଡ଼ିଶାର ପାରମ୍ପରିକ ନୃତ୍ୟ ଓ ସଙ୍ଗୀତର ଏକ ରଙ୍ଗିନ ପରିବେଶ ସୃଷ୍ଟି ହୋଇଥିଲା। କଳାକାରମାନେ ପାରମ୍ପରିକ ପୋଷାକରେ ସଜ୍ଜିତହୋଇ ଘଣ୍ଟ, ଶଙ୍ଖ ଓ ମୃଦଙ୍ଗର ତାଳେ ତାଳେ ନୃତ୍ୟ ପ୍ରଦର୍ଶନ କରି କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ପୁଲମାଳ, ଉଲ୍ଲାସପୂର୍ଣ୍ଣ ଜୟଧ୍ୱନି ଏବଂ ପତାକାରେ ବିମାନବନ୍ଦର ଅଞ୍ଚଳ ଝୁଲୁକି ଉଠିଥିଲା। ଏହା ବ୍ୟତୀତ ଧର୍ମେନ୍ଦ୍ର ବିମାନବନ୍ଦରରୁ ସିଧାସଳଖ ପୁରୀ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନକରିବା ସହ ଆଶୀର୍ବାଦ ନେଇଛନ୍ତି।


ଭୁବନେଶ୍ୱର ବିମାନବନ୍ଦରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଶୁକ୍ରବାର ସମର୍ଥକ ଓ ଶୁଭେଚ୍ଛୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେଉଛନ୍ତି।

# ୟୁନିଫର୍ମ ସେବା ନିଯୁକ୍ତି ପାଇଁ ନୂଆ ଆୟୋଗ

## ସ୍ୱଳ୍ପ ଆୟକାରୀଙ୍କ ଜମି, ଘର କଥା ବୁଝିବ ସାଧାରଣ ପ୍ରଶାସନ ବିଭାଗ

### ରାଜ୍ୟ କ୍ୟାବିନେଟ୍‌ର ଅନୁମୋଦନ

ଭୁବନେଶ୍ୱର,୨୧।୧୧ (ରବିନାରାୟଣ ଜେନା)

ରାଜ୍ୟରେ ପୋଲିସ ସମେତ ବିଭିନ୍ନ ୟୁନିଫର୍ମ ସେବା ନିଯୁକ୍ତିରେ ଦେଖାଦେଉଥିବା ଅନିୟମିତତାକୁ ଦୃଢ଼ହସ୍ତରେ ଦମନ କରିବାପାଇଁ ସରକାର ନୂଆ ଆୟୋଗ ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଓଡ଼ିଶା ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ ଗଠନ ଲାଗି ଅନୁମୋଦନ ମିଳିଛି। ରାଜ୍ୟ କ୍ୟାବିନେଟ ବୈଠକ ପରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ କହିଛନ୍ତି, ବର୍ତ୍ତମାନ ଓଡ଼ିଶା ପୋଲିସ୍ ଏବଂ ଅନ୍ୟାନ୍ୟ ୟୁନିଫର୍ମ ସେବାରେ ନିଯୁକ୍ତି ବିଭିନ୍ନ ବୋର୍ଡ ମାଧ୍ୟମରେ ପରିଚାଳିତ ହେଉଛି। ଏଥିଯୋଗୁ ନିଯୁକ୍ତି ପରୀକ୍ଷାରେ ଅଯଥାରେ ବିଳମ୍ବ ଓ ଅନିୟମିତତା ଦେଖାଦେଉଛି। ଆଗାମୀ ଦିନରେ ନିଯୁକ୍ତି ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ଲାଗି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅଧୀନରେ ଓଡ଼ିଶା ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ ନାମରେ ଏକ ସ୍ୱତନ୍ତ୍ର ନିଯୁକ୍ତି ସଂସ୍ଥା ଗଠନ କରାଯିବ। ଗୃହ, ଅବକାରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ଅଧୀନରେ ପୋଲିସ ଏବଂ ଅନ୍ୟାନ୍ୟ ୟୁନିଫର୍ମ ସେବା ପାଇଁ ନିଯୁକ୍ତି ପ୍ରକ୍ରିୟା ପରିଚାଳନା କରିବ। ଏହି ଆୟୋଗ ଗଠନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ପ୍ରଯୁକ୍ତିବିଦ୍ୟା ଦ୍ୱାରା ପରିଚାଳିତ ପ୍ରକ୍ରିୟା ମାଧ୍ୟମରେ ଓଡ଼ିଶାର ସମସ୍ତ ୟୁନିଫର୍ମ ସେବାରେ ସମୟୋଚିତ, ସ୍ୱଚ୍ଛ, ଦକ୍ଷ ଏବଂ ଯୋଗ୍ୟତା ଭିତ୍ତିକ ନିଯୁକ୍ତି ନିଶ୍ଚିତ ହୋଇପାରିବ। ମୁଖ୍ୟଶାସନ ସଚିବ କହିଛନ୍ତି, ରାଜ୍ୟ କ୍ୟାବିନେଟର ନିଷ୍ପତ୍ତିକ୍ରମେ ନିମ୍ନ ଆୟ ଗୋଷ୍ଠୀ ଗୃହ ନିର୍ମାଣ ଯୋଜନା ଅଧୀନରେ ପୂର୍ବତନ ଶ୍ରମ ନିଯୁକ୍ତି ଓ ଗୃହ ନିର୍ମାଣ ବିଭାଗ ଦ୍ୱାରା ପୂର୍ବରୁ ବାସଗୃହ ପାଇଥିବା ଯୋଗ୍ୟ ହିତାଧିକାରୀଙ୍କୁ ଆବଣ୍ଟିତ ଜମିର ସମସ୍ତ ଆବଣ୍ଟନ ପରବର୍ତ୍ତୀ କାର୍ଯ୍ୟକଳାପ ଏବଂ ଏହା ସହିତ ଜଡ଼ିତ ସମସ୍ତ ଆନୁଷଙ୍ଗିକ ବିଷୟ କଥା ଏଣିକି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ବିଚାର କରିବ। ତେଣୁ ଆବଣ୍ଟନ ପରବର୍ତ୍ତୀ କାର୍ଯ୍ୟକଳାପ ନିର୍ବାହ କରିବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଉକ୍ତ ଲିଜ୍ ଜମି ସମ୍ପର୍କିତ ସମସ୍ତ ରେକର୍ଡ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗକୁ ହସ୍ତାନ୍ତର କରିବାକୁ କ୍ୟାବିନେଟ୍‌ରେ ନିଷ୍ପତ୍ତି ହୋଇଛି।

# ବାତ୍ୟା ଭୟ: ଆଜି ଲଘୁଚାପ, ୨୪ରେ ଅବପାତ

ଭୁବନେଶ୍ୱର,୨୧।୧୧(ବନ୍ଦନା ସେଠୀ)

ଓଡ଼ିଶାକୁ ପୁଣି ବାତ୍ୟା ଭୟ ଦେଖାଦେଇଛି। ମାସ ଶେଷ ଆଡ଼କୁ ବାତ୍ୟା ଓ ବର୍ଷା ହେବା ନେଇ ବିଭିନ୍ନ ପାଣିପାଗ ମଡେଲ ସୂଚନା ଦେବା ପରେ ବିଶେଷକରି ରାଜ୍ୟର ଚାଷୀଙ୍କୁ ଛନିଆ ହୋଇଉଠିଛନ୍ତି। ଏଥିଏ ଭାରତୀୟ ପାଣିପାଗ ବିଭାଗ କିମ୍ବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ବାତ୍ୟା ସଂକ୍ରାନ୍ତରେ କୌଣସି ସୂଚନା ଦିଆଯାଇ ନ ଥିଲେ ମଧ୍ୟ ବର୍ଷା ହେବା ନେଇ ସ୍ପଷ୍ଟ କରାଯାଇଛି। ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି କହିଛନ୍ତି, ବଙ୍ଗୋପସାଗରରେ ସ୍ଥିତ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ଶନିବାର ଆଡ଼କୁ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତିକରି ଅଧିକ ଘନୀଭୂତ ହେବ। ୨୪ ତାରିଖ କେନ୍ଦ୍ରଦକ୍ଷିଣ ବଙ୍ଗୋପସାଗରର କେନ୍ଦ୍ରୀୟଅଞ୍ଚଳରେ ଅବପାତର ରୂପ ନେଇପାରେ ବୋଲି ଡ. ମହାନ୍ତି କହିଛନ୍ତି।

# ପୃଥକ୍ ଦୁର୍ଘଟଣାରେ ୪ ମୃତ

ବୁଗୁଡ଼ା/ବେଲଗୁଣ୍ଠା/ପାତ୍ରପୁର,୨୧।୧୧ (କାଳିଚରଣ ଦାଶ/କୃଷ୍ଣ ମୋହନ ପଟ୍ଟନାୟକ/ଉମା ଚରଣ ଦେପାଳ)

ଗଞ୍ଜାମ ଜିଲାରେ ଶୁକ୍ରବାର ଗୋଟିଏ ଦିନରେ ପୃଥକ ଦୁର୍ଘଟଣାରେ ୪ ଜୀବନ ଯାଇଛି। ମୃତକଙ୍କ ମଧ୍ୟରେ ୧୧ବର୍ଷରୁ କମ୍ ୨ଜଣ ପିଲା, ଜଣେ ଯୁବକ ଓ ଜଣେ ବୃଦ୍ଧ ଅଛନ୍ତି। ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ କଳମ-ଅନ୍ତରଗଡ଼ା ରାସ୍ତାରେ ଅପରାହ୍ଣରେ ଏକ ଅଟୋ ଓ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଅଟୋରେ ବସିଥିବା ବାଲିପଦର ଗ୍ରାମର ଏ. ପ୍ରଦୋଷ ପାତ୍ରଙ୍କ ଝିଅ ତନ୍ମୟୀ ପାତ୍ର (୯) ଓ ବାଇକ୍ ଚାଳକ ସୁନାକେରା ଗ୍ରାମର ଅଜିତ ମଲ୍ଲିକ(୨୪)। ତନ୍ମୟୀ ପରିବାର ଲୋକଙ୍କ ସହ ଅଟୋରେ ବସି ଶାଙ୍କୁଲାଇ ପୀଠକୁ ଭୋଜି ଖାଇବାକୁ ଯାଉଥିଲେ। ବାଟରେ ସାମ୍ନାପଟୁ ଦ୍ରୁତଗତିରେ ବାଇକ୍‌ରେ ଆସୁଥିବା ଅଜିତ ଅଟୋ ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ଏଥିରେ ଅଟୋରେ ଥିବା ତନ୍ମୟୀ ଓ ବାଇକ୍ ଚାଳକ ଅଜିତ ଗୁରୁତର ହୋଇପଡ଼ିଥିଲେ। ଉଭୟଙ୍କୁ ଆସିକା ମେଡିକାଲକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ପାତ୍ରପୁର ସେହିପରି ବେଲଗୁଣ୍ଠା-ବାଲିପଦରରୋଡ ବିଜୟ ଲକ୍ଷ୍ମୀ ଶରଣପୁର ଛକ ନିକଟରେ ବାଇକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜିଲିବା ଗ୍ରାମର ନରସିଂହ ନାଇକ। ଦୁଇ ଯୁବକ ବାଇକ (ଓଡି ୩୨ ଏଲ ୧୪୮୦)ରେ ଡାକସାକର ଯାଉଥିବା ବେଳେ ବିଜୟ ଲକ୍ଷ୍ମୀ ଶରଣପୁର ଛକ ନିକଟରେ ନରସିଂହଙ୍କୁ ଧକ୍କା ଦେଇଥିଲେ। ତାଙ୍କୁ ଉଦ୍ଧାର କରି ବେଲଗୁଣ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ପାତ୍ରପୁର ଗୁରୁ ଜରଡ଼ା ଥାନା କେଲୁଆ ନିକଟ କେନାଲ ପାର୍ଶ୍ୱରେ ଟ୍ରାକ୍ଟର ଧକ୍କାରେ କେଲୁଆ ଗ୍ରାମର କ୍ଷୀରସିନ୍ଧୁ ସାହୁଙ୍କ ୧୨ ବର୍ଷର ପୁଅ ସମୁ ସାହୁଙ୍କ ମୃତ୍ୟୁ ଘଟିଛି। ସମୁ ସନ୍ଧ୍ୟାରେ କେନାଲକୁ ଗାଧୋଇବା ପାଇଁ ଯାଉଥିବା ବେଳେ ଟ୍ରାକ୍ଟର ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପାତ୍ରପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତରିତ କରାଯାଇଥିଲେ ମଧ୍ୟ ସେଠାରେ ମୃତ୍ୟୁ ହୋଇଛି।

# ମାଛ ଉତ୍ପାଦନରେ ଶ୍ରେଷ୍ଠ ରାଜ୍ୟ ହେବ ଓଡ଼ିଶା: ମନ୍ତ୍ରୀ



ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସହ ଅନ୍ୟ ଅତିଥିମାନେ ଜଣେ ମାଛ ଚାଷୀଙ୍କୁ ସବ୍‌ସିଡି ବାବଦ ଚେକ୍ ପ୍ରଦାନ କରୁଛନ୍ତି।

- ପୁରୀରେ ମାଛ ବଜାର, ଗଞ୍ଜାମରେ ଶୁଖୁଆ ବଜାର, ଅନୁଗୋଳ ମତ୍ସ୍ୟ ଚାଷୀ ତାଲିମ କେନ୍ଦ୍ର, କେନ୍ଦ୍ରାପଡ଼ା ତାଳଚୁଆରେ ବିଏଫ୍‌ଓ କାର୍ଯ୍ୟାଳୟ ଉଦ୍‌ଘାଟିତ
- ମହାନଦୀ ମହାସୀର ମାଛର ସୁରକ୍ଷା ଓ ସ୍ୱତନ୍ତ୍ର ଗବେଷଣା ପାଇଁ ଏମ୍‌ଓୟୁ

ଭୁବନେଶ୍ୱର,୨୧।୧୧(ସୁସ୍ମିତା ସାହୁ)

୨୦୨୪-୨୫ ବର୍ଷରେ ୧୧.୯୨ ଲକ୍ଷ ମେଟ୍ରିକ ଟନ୍ ମାଛ ଉତ୍ପାଦନ ସହ ଓଡ଼ିଶା ସର୍ବ ଭାରତୀୟସ୍ତରରେ ୪ର୍ଥ ସ୍ଥାନରେ ପହଞ୍ଚିଛି। ମତ୍ସ୍ୟଚାଷ ପାଇଁ ରାଜ୍ୟରେ ବିପୁଳ ସମ୍ଭାବନା ରହିଛି। ଏ କ୍ଷେତ୍ରରେ ଓଡ଼ିଶା ଶ୍ରେଷ୍ଠ ରାଜ୍ୟ ହେବ ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ଓୟୁଏଟି କୃଷି ଶିକ୍ଷା ସଦନଠାରେ ଶୁକ୍ରବାର ରାଜ୍ୟସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ମଲ୍ଲିକ କହିଲେ, ରାଜ୍ୟରେ ୧୬ ଲକ୍ଷରୁ ଅଧିକ ମତ୍ସ୍ୟଜୀବୀ, ମତ୍ସ୍ୟ ଚାଷୀ, ଉଦ୍ୟୋଗୀ, ଏଥିସହ ସମୃଦ୍ଧ ଯୁବଗୋଷ୍ଠୀଙ୍କ ସହ ମତ୍ସ୍ୟକ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ଅଗ୍ରାଧିକାର ଦେଉଛନ୍ତି। ରାଜ୍ୟରେ ୫୭୪.୭ କିମି ସୁଦୀର୍ଘ ଉପକୂଳ, ୪.୧୮ ଲକ୍ଷ ହେକ୍ଟର ଖାରିଜଳ କ୍ଷେତ୍ର, ୭.୧୨ ଲକ୍ଷ ହେକ୍ଟର ମଧୁରଜଳ କ୍ଷେତ୍ର (ନଦୀ, ଜଳଭଣ୍ଡାର ଓ ପୋଖରୀ ଇତ୍ୟାଦି) ରହିଛି। ଏହାର ସୁଦୁପଯୋଗ କରି ଆଗକୁ ବଢ଼ିବାକୁ ପଡ଼ିବ। ଶ୍ରେଷ୍ଠ ହେବାକୁ ହେଲେ ଆମ ସମସ୍ତଙ୍କୁ ପ୍ରଥମେ ଆତ୍ମନିର୍ଭର ହେବାକୁ ପଡ଼ିବ। ସେଥିପାଇଁ ଉଦ୍ୟମ କରିବାକୁ ମନ୍ତ୍ରୀ ସମସ୍ତ ଚାଷୀଙ୍କୁ ଆହ୍ୱାନ ଦେଇଥିଲେ। ଏହିଅବସରରେ ମନ୍ତ୍ରୀ ଆଭାସୀ ମାଧ୍ୟମରେ ପୁରୀ ତାଳବଣିଆ (ଡଳ ମହଲା)ଠାରେ ସ୍ୱାସ୍ଥ୍ୟକର ମାଛ ବଜାର, ଗଞ୍ଜାମ ହୁମାଠାରେ ସ୍ୱାସ୍ଥ୍ୟକର ଶୁଖୁଆ ବଜାର (ଉଭୟ ଖୁଚୁରା ଏବଂ ହୋଲସେଲ ବଜାର), ଅନୁଗୋଳର ମତ୍ସ୍ୟ ଚାଷୀ ତାଲିମ କେନ୍ଦ୍ର, କେନ୍ଦ୍ରାପଡ଼ା ତାଳଚୁଆରେ ବିଏଫ୍‌ଓ କାର୍ଯ୍ୟାଳୟ ଆଦି ସମ୍ପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ ଏବଂ କଟକ ଖପୁରିଆରେ ମତ୍ସ୍ୟ ନିର୍ଦ୍ଦେଶାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିସହ 'ଓଡ଼ିଶା ମତ୍ସ୍ୟ ୱେବ୍ ପୋର୍ଟାଲ', ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ବାର୍ଷିକ କାର୍ଯ୍ୟାବଳୀ ବିବରଣୀ ଏବଂ ମତ୍ସ୍ୟ କ୍ଷେତ୍ର ମାର୍ଗଦର୍ଶିକା ଉନ୍ମୋଚନ କରିଥିଲେ। ଓଡ଼ିଶା ମାଛର ମାନତା ପାଇଥିବା 'ମହାନଦୀ ମହାସୀର' ମାଛର ସୁରକ୍ଷା, ସଂରକ୍ଷଣ ଓ ଉତ୍ପାଦନ ବୃଦ୍ଧି ପାଇଁ ସ୍ୱତନ୍ତ୍ର ଗବେଷଣା କରିବାକୁ ରାଜ୍ୟ ସରକାର ଓ ସିଫା ମଧ୍ୟରେ ଏକ ବୁଝାମଣାପତ୍ର ସାକ୍ଷରିତ ହୋଇଥିଲା। ପ୍ରକଳ୍ପ ସମ୍ପୂର୍ଣ୍ଣ କରିଥିବା ୧୦ଜଣ ହିତାଧିକାରୀଙ୍କୁ ବିଭିନ୍ନ ଯୋଜନାରେ ସବ୍‌ସିଡି ପ୍ରଦାନ କରାଯାଇଥିଲା। ରଥର ଶୁଭାରମ୍ଭ କରିଥିଲେ। ମତ୍ସ୍ୟଜୀବୀଙ୍କ ସୁରକ୍ଷା ପାଇଁ ଚେତ ବିତରଣ କରାଯାଇଥିବା ବେଳେ ସଚେତନତା ସୃଷ୍ଟି ପାଇଁ ମନ୍ତ୍ରୀ ସଚେତନତା କାର୍ଯ୍ୟକ୍ରମରେ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଯୋଗଦେଇ କହିଲେ, ମତ୍ସ୍ୟ କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ। ମାଛ ବିକ୍ରି, ମାଛ ଖାଦ୍ୟ, ଓଡ଼ ମାଛ ଉତ୍ପାଦନ ବୃଦ୍ଧିରେ ପ୍ରତିରୋଧକ୍ଷମତା ସୁରକ୍ଷିତିକରଣ ସହ ଉତ୍ପାଦିକୁ ଅଗ୍ରାଧିକାର ଦେବାକୁ କହିଥିଲେ। ସମବାୟ ବିଭାଗର କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ଏବଂ ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଭିତ୍ତିଭୂମି ବିକାଶ ଓ ଗବେଷଣା ଉପରେ ଗୁରୁତ୍ୱ ଦେଇଥିଲେ। ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦିକ ଆଲାମ ପ୍ରାରମ୍ଭିକ ଅଭିଭାଷଣ ଓ ଅତିରିକ୍ତ ମତ୍ସ୍ୟ ନିର୍ଦ୍ଦେଶକ(ବୈଷୟିକ) ସୁବ୍ରତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସିଫା ନିର୍ଦ୍ଦେଶକ ଡକ୍ଟର ପ୍ରମୋଦ କୁମାର ସାହୁ, ଆଫିଳର ପରିଚାଳନା ନିର୍ଦ୍ଦେଶକ ଶୁଭାଂଶୁ ମିଶ୍ର, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ, ଏମ୍‌ପେଡାର ଉପ ନିର୍ଦ୍ଦେଶକ ଆତମାନ ଲହରୀ ପ୍ରମୁଖ ଉପସ୍ଥିତ ଥିଲେ।

KIIT
KALINGA INSTITUTE OF MEDICAL SCIENCES (KIMS)
KIIT Deemed to be University
College & Hospital | Bhubaneswar, Odisha
KIMS NATIONAL CONCLAVE 25
Future of Medical Care and progress
22ND NOV 2025 | 9:00 AM -5:00 PM | KIIT CONVENTION CENTRE (CAMPUS-6)
Welcomes
Speakers
- Dr. Rajiv Bahl, Director General, ICMR
- Lt. Gen. (Dr.) Velu Nair, Head & Chief Consultant - Haemato-Oncology & Bone Marrow Transplant Apollo Cancer Center
- Prof (Dr.) KR Balakrishnan, Chairman, Cardiac Sciences, Director, Institute of Heart & Lung Transplant MGM Health Care, Chennai
- Dr. Sunil Shroff, Founder & Managing Trustee Mohan Foundation
- Dr. Abhijit Chowdhury, Professor and Chair of Hepatology, Indian Institute of Liver and Digestive Sciences
- Prof. V. Kamakoti, Director, IIT Madras
- Dr. K. Srinath Reddy, Founder President Public Health Foundation of India
- Prof. Alok Dhawan, Director Centre for Biomedical Research
Chairpersons
- Prof. (Dr.) S. K. Acharya, Pro-Chancellor, KIIT-DU
- Dr. Sanghamitra Pati, Addl. Director General, ICMR
- Prof. (Dr.) Y. K. Chawla, Chairman of Academics & Professor Emeritus, KIIT-DU
- Dr. Ashutosh Biswas, Executive Director, AIIMS Bhubaneswar
- Prof. A. C. Anand, Professor Emeritus, KIIT-DU
- Prof. Madhabananda Kar, Executive Director & CEO AIIMS, Darbhanga & AIIMS, Bhopal
- Prof. Umakanta Satapathy, Addl. DMET, Govt. of Odisha
- Prof. Lucy Das, Dean & Principal, SCB Medical College & Hospital
- Dr. Nirupama Chayani, Ex-Prof. & HOD Microbiology, SCBMCH
- Prof. Digambar Behera, President NAMS, Ex-Director, PGIMER Chandigarh
- Dr. Bijay Mohapatra, Special Secretary (M.S), Govt. of Odisha
- Prof. (Dr.) Saranjit Singh, Vice-Chancellor, KIIT-DU
- Prof. Romaratan Sahoo, Addl. DMET, Govt. of Odisha
- Prof. Braja Kishore Dash, Prof. & HOD, FMT, PRM MCH, Baripada
- Prof. Sachidananda Mohanty, Executive Director, AIIMS Awantipora
- Prof. Arakshita Swain, Dean & Principal, SUM Medical College & Hospital
- Prof. Mrutyunjay Suar, Professor & Director General R&D KIIT-DU
Kushabhadra Campus (KIIT Campus-5) Patia, Bhubaneswar-751024, Odisha | info@kims.ac.in | 0674 7111000 | https://kims.kiit.ac.in
Follow us: @kimsbbs @kimsbbsr @kimsbbsr KIMS PBM Hospital

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ରାଜଧାନୀ ପୁସ୍ତକ ମେଳା, ସ୍ଥାନ: ଶହୀଦ ନଗର ଦୁର୍ଗାପୂଜା ପଡ଼ିଆ, ସମୟ: ଅପରାହ୍ନ ୨ଟା।

## କଟକ
- ପିଏମ୍‌ଶ୍ରୀ ଅର୍ଜ୍ଜୁନ ସୁବୁଦ୍ଧି ନୋଡାଲ ଉଚ୍ଚ ବିଦ୍ୟାଳୟ ନୂଆପାଟଣାରେ ବାର୍ଷିକ ବିଜ୍ଞାନ ମେଳା, ସ୍ଥାନ: ବିଦ୍ୟାଳୟ ପରିସର, ନୂଆପାଟଣା, ତିଗିରିଆ, ସମୟ: ସକାଳ ୭ ଟା।
- ପ୍ରଫେସର ଡ. ହରିହର ପଟ୍ଟନାୟକଙ୍କ ୧୯ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ସ୍ମୃତିସଭା, ସ୍ଥାନ: ରାମକୃଷ୍ଣ କୁଟୀର ପ୍ରାଙ୍ଗଣ, ବଙ୍ଗାଳି ସାହି, ସମୟ: ପୂର୍ବାହ୍ନ ୧୦ଟା ୧୫।
- କଟକ ଜିଲାସ୍ତରୀୟ ୧୭ ବର୍ଷରୁ କମ ବାଳିକାବାଳକ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦଯାପନୀ ଉତ୍ସବ, ସ୍ଥାନ: ପାଞ୍ଚଗାଁ ମିନି ଷ୍ଟାଡିୟମ, ତିଗିରିଆ, ସମୟ: ଅପରାହ୍ନ ୩ ଟା।
- ଚାନ୍ଦିନୀଚୌକ ଶ୍ରୀ ଭାରତୀ ସ୍କୁଲର ରୌପ୍ୟ ଜୟନ୍ତୀ ସମାରୋହ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ଅପରାହ୍ନ ୪ଟା ୩୦।
- ୨୯ତମ ଗୁଞ୍ଜନ ଡ୍ୟାନ୍ସ ଆଣ୍ଡ ମ୍ୟୁଜିକ ଫେଷ୍ଟିଭାଲର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଗ୍ରାଣ୍ଡ ଅଡିଟୋରିୟମ, ମହତାବ ରୋଡ୍, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର
- ବଟ ଓ ଅଶ୍ୱତଥ୍ ବୃକ୍ଷର ବିବାହ ଉତ୍ସବ, ସ୍ଥାନ: କଚେରୀ ପରିସର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ୟାଘ୍ର ଗଣନାର ତୃତୀୟ ଦିନ, ସ୍ଥାନ: କୁଲଡିହା ଅଭୟାରଣ୍ୟ, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ସାଙ୍ଗଠନିକ ବୈଠକ, ସ୍ଥାନ: ଭଞ୍ଜମଣ୍ଡପ, ନୂଆବଜାର, ଜଳେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଆଉଟସୋର୍ସିଂ କର୍ମଚାରୀଙ୍କ ପକ୍ଷରୁ ପ୍ରେସମିଟ୍, ସ୍ଥାନ: ଜଗନ୍ନାଥ କଲ୍ୟାଣ ମଣ୍ଡପ, ଶୋଭାରାମପୁର, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ବାଲେଶ୍ୱର ଲୋକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ
- କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ସ୍ଥାନ: ଗୋହିରାଟିକିରି, ଦୋବଲ, ଧାମନଗର, ସମୟ: ସକାଳ ୮ଟା।
- ଏକତା ପଦଯାତ୍ରା ଓ ସାଧାରଣ ସଭା, ସ୍ଥାନ: ଦୋବଲ କାଳୀପଡ଼ିଆ, ସମୟ: ସକାଳ ୮ଟା।

- ବିଶିଷ୍ଟ ଶ୍ରମିକ ସଙ୍ଗଠକ ନାରାୟଣ ଚନ୍ଦ୍ର ରାଉତଙ୍କ ଶ୍ରାଦ୍ଧବାର୍ଷିକୀ ସମାରୋହ, ସ୍ଥାନ: ବିଜୁ ସ୍ମୃତି ଭବନ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର
- ଶନିଙ୍କ ମନ୍ଦିରରେ ମାନସିକ ମେଳା,ଭଜନ,ନାମ ସଂକୀର୍ତ୍ତନ, ସ୍ଥାନ: ମୋଟରାଗଡ଼ିଆ, ହାଟଡିହୀ, ସମୟ: ସକାଳ ୭ଟା ଏବଂ ସନ୍ଧ୍ୟା ୬ଟା।
- କାର୍ତ୍ତିକେଶ୍ୱର ଠାକୁରଙ୍କ ବାର୍ଷିକ ଉତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରାଧାନଗର ପାଟଣା,ହାଟଡିହୀ, ସମୟ:ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ
- ଏକତା ପଦଯାତ୍ରା,ସ୍ଥାନ:ବିର୍ସାମୁଣ୍ଡା ପାର୍କ, ରାଇରଙ୍ଗପୁର,ସମୟ: ସକାଳ ୭ଟା।
- ବହୁଭାଷୀ ନାଟକ ମହୋତ୍ସବ,ସ୍ଥାନ:ଶହୀଦ ସ୍ମୃତି ଭବନ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ରଙ୍ଗୋଲି ପ୍ରତିଯୋଗିତା,ସ୍ଥାନ: ଆଦର୍ଶ ବିଦ୍ୟାଳୟ, ମୋରଡ଼ା,ସମୟ:ପୂର୍ବାହ୍ନ ୧୧ଟା।
- ଅଗ୍ନି ନିରାପତ୍ତା ଓ ନିରାକରଣ ନେଇ ପରିବହନ ବିଭାଗ ପକ୍ଷରୁ ତାଲିମ ଶିବିର,ସ୍ଥାନ:ଉଦଳା ବସ୍‌ଷ୍ଟାଣ୍ଡ,ସମୟ:ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର
- ମହାନଗର ମହୋତ୍ସବ ଲୋଗ ଉନ୍ମୋଚନ କାର୍ଯ୍ୟକ୍ରମ, ସ୍ଥାନ: ସ୍ୱତନ୍ତ୍ର ସର୍କିଟ ହାଉସ, ସମୟ: ସକାଳ ୭ ଟା ୩୦।
- ଶହୀଦ ଲକ୍ଷ୍ମଣ ନାୟକ ଜୟନ୍ତୀ, ସ୍ଥାନ: ମଣ୍ଡଳ କାରାଗାର, ସମୟ: ସକାଳ ୯ ଟା।
- ନାଟକ ମଞ୍ଚସ୍ଥ, ସ୍ଥାନ: ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ, ସମୟ: ସନ୍ଧ୍ୟା ୬ ଟା ୩୦।

## ଗଞ୍ଜାମ
- ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ କ୍ରୀଡ଼ା, ସ୍ଥାନ: ବୁଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସର, ସମୟ: ସକାଳ ୮ ଟା।

## କନ୍ଧମାଳ
- ବ୍ଲକସ୍ତରୀୟ କୁନି ବୈଜ୍ଞାନିକ ପ୍ରଦର୍ଶନ ଓ ବିଜ୍ଞାନ ମେଳା, ସ୍ଥାନ: ଦାରିଙ୍ଗବାଡ଼ି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।

## ଢେଙ୍କାନାଳ
- ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ ସମୟ: ସକାଳ ୮ଟା ୩୦।

## ଅନୁଗୋଳ
- କ୍ରୀଡ଼ା ସମାରୋହର ଉଦ୍‌ଯାପନ କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିୟମ ଖେଳପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ଅଇଡ଼ା ପଞ୍ଚାୟତର ଗ୍ରାମବାସୀଙ୍କୁ ବିଧାୟକଙ୍କ ଭେଟିବା କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ବ୍ଲକ ଅଇଡ଼ା ପଞ୍ଚାୟତ, ସମୟ : ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ବଗଡା ସ୍ପୋର୍ଟସ କ୍ଲବ ଓ ତ୍ରୀପୁରା କ୍ଲବ ପକ୍ଷରୁ ଦିବାରାତ୍ର ଭଲିବଲ ପ୍ରତିଯୋଗିତା, ସ୍ଥାନ: ଅରଡାସାହି, ବଗଡା, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- କାର୍ତ୍ତିକେଶ୍ୱର ପୂଜାସୋବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାଲିଆ ବଜାର, ଭାଗବତପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର
- ହ୍ୟୁମାନ ସାଗରଙ୍କ ମୃତ୍ୟୁ ଘଟଣାର ପର୍ଦାଫାଶ ପାଇଁ ସିଭିଲ ସୋସାଇଟି ପକ୍ଷରୁ ଦାବିପତ୍ର, ସ୍ଥାନ: ଯାଜପୁର ରୋଡ ଥାନା, ସମୟ: ସକାଳ ୯ଟା।

## ନୟାଗଡ଼
- ମା' ବ୍ରାହ୍ମଣୀ ଦେବୀଙ୍କ ୨ୟ ବାର୍ଷିକ ବିଶ୍ୱଶାନ୍ତି ମହଯଜ୍ଞ, ସ୍ଥାନ: ଦଶପଲ୍ଲା ସାତପାଟଣା, ୱାର୍ଡ ନଂ. ୧୬ , ସମୟ: ସକାଳ ୭ଟା।

## ରାୟଗଡ଼ା
- ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ ୭ଟା ୩୦।
- ଶହୀଦ ଲକ୍ଷ୍ମଣ ନାୟକ ଜୟନ୍ତୀ, ସ୍ଥାନ: ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି, ଶାସ୍ତ୍ରୀ ନଗର, ରାୟଗଡ଼ା, ସମୟ: ସକାଳ ୮ଟା ୩୦।
- ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡ଼ା, ସମୟ:ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର
- ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ, ସ୍ଥାନ: ନବରଙ୍ଗପୁର ଲକ୍ଷ୍ମଣ ନାୟକ ପ୍ରାଥମିକ ବିଦ୍ୟାଳୟ, ସମୟ: ସକାଳ ୮ଟା୩୦।
- ଜିଲାସ୍ତରୀୟ ସରଗି ଫୁଲ, ସ୍ଥାନ: ପାପଡ଼ାହାଣ୍ଡି ଏସ୍‌ଏସ୍‌ଡି ଦଲେଇଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମଣ୍ଡେଇ ସମ୍ପର୍କିତ ବୈଠକ, ସ୍ଥାନ: ଉମରକୋଟ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ, ସ୍ଥାନ: ଜୟପୁର ପୁରୁଣା ସରକାରୀ ଡାକ୍ତରଖାନା ସମ୍ମୁଖ, ସମୟ: ସକାଳ ୭ଟା ୩୦, ସ୍ଥାନ: ଜିଲା କଂଗ୍ରେସ ଭବନ, ସମୟ: ସମୟ ପୂର୍ବାହ୍ନ ୧୦ଟା।।
- ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ପାଳନ, ସ୍ଥାନ : ମେଡିକାଲ କଲେଜ ଛକ, କୋରାପୁଟ, ସମୟ: ସକାଳ ୯ ଟା।
- ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଜୟପୁର ଅଗ୍ରସେନ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମ ଜୟନ୍ତୀ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ନନ୍ଦପୁର ବସଷ୍ଟାଣ୍ଡ ଓ ଆଦିବାସୀ ମଞ୍ଚ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ନେଇ ଜିଲାସ୍ତରୀୟ କାର୍ଯ୍ୟକ୍ରମ, ସ୍ଥାନ : ବୈପାରୀଗୁଡା ବ୍ଲକ ତେନ୍ତୁଳିଗୁମ୍ମା, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ଭ୍ରାମ୍ୟମାଣ ଅଦାଲତ, ସ୍ଥାନ: ନନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।

## ମାଲକାନଗିରି
- ଜିଲା ପ୍ରଶାସନ ତରଫରୁ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ, ସ୍ଥାନ: ମାଲକାନଗିରି ମହିଳା ମହାବିଦ୍ୟାଳୟ, ସମୟ: ସକାଳ ୯ଟା।

## ସମ୍ବଲପୁର
- ମାନେଶ୍ୱର ବ୍ଲକସ୍ତରୀୟ ବିଜ୍ଞାନ ମେଳା ପ୍ରଦର୍ଶନୀ, ସ୍ଥାନ : ପୁରୁଣା ବଲାରଙ୍ଗା ସରକାରୀ ଉଚ୍ଚବିଦ୍ୟାଳୟ, ସମୟ : ସକାଳ ୯ଟା।
- ବ୍ରାଇଟ ଫ୍ୟୁଚର ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ନକ୍ସାପାଲି ସ୍ଥିତ ସ୍କୁଲ ପଡିଆ, ସମୟ : ପୂର୍ବାହ୍ନ ୧୧ଟା।
- ସମ୍ବଲପୁର ଧନୁଯାତ୍ରା-୨୦୨୬ର କଳାକାରଙ୍କ ଅଭ୍ୟାସ କାର୍ଯ୍ୟକ୍ରମ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା।
- ସମ୍ବଲପୁର ସାଂସ୍କୃତିକ ପରିଷଦ ଆୟୋଜିତ ମନୋହର ହାଟ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ଅପରାହ୍ନ ୨ଟାରୁ ରାତି ୧୦ଟା।

## ବଲାଙ୍ଗୀର
- ସମାଜବାଦୀ ଜନ ପରିଷଦର ଦୁଇଦିନିଆ ରାଷ୍ଟ୍ରୀୟ ସମ୍ମେଳନର ଉଦ୍‌ଘାଟନ, ସ୍ଥାନ: ମହାବୀର ଧର୍ମଶାଳା, ଟିଟିଲାଗଡ଼, ସମୟ: ମଧ୍ୟାହ୍ନ ୧୨ଟା।
- ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ଜଣାଣ, ପୁସ୍ତକ ଉନ୍ମୋଚନ ସଭା, ସ୍ଥାନ: ରାଧାକୃଷ୍ଣ ମନ୍ଦିର, ବ୍ରାହ୍ମଣପଡା, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା।

## ରାଉରକେଲା
- ଗୀତା ପାରାୟଣ ଦିବସ, ସ୍ଥାନ: ରେଲୱେ କଲୋନି, କାଳୀ ମନ୍ଦିର, ସମୟ: ସକାଳ ୬ଟା।
- ଶ୍ରୀ ସତ୍ୟସାଇ ସେବା ସମିତି ରାଉରକେଲା ପକ୍ଷରୁ ଜନ୍ମ ଶତବାର୍ଷିକୀରେ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ଆପୋଲୋ ହସ୍ପିଟାଲ, ସମୟ: ସକାଳ ୯ଟା।
- ନିର୍ମଳ ମୁଣ୍ଡା ଖୁଟକାଟି ଟ୍ରଷ୍ଟ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୧୩ କମ୍ୟୁନିଟି ସେଣ୍ଟର, ସମୟ: ପୂର୍ବାହ୍ନ ୧୧ଟା।
- ଲକ୍ଷ୍ମଣ ନାୟକ ଜନ୍ମବାର୍ଷିକୀ ପାଳନ, ସ୍ଥାନ: ସେକ୍ଟର-୧୬ ଶ୍ରମିକ ଭବନ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ଉଦ୍ଭିଦ ବିଜ୍ଞାନ ବିଭାଗର ଆଲୋଚନାଚକ୍ର, ସ୍ଥାନ: ପଞ୍ଚାୟତ କଲେଜ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲା ସଂକୀର୍ତ୍ତନ ପରିଷଦ ରାଜ୍ୟ ସମ୍ମିଳନୀ ପ୍ରସ୍ତୁତି ବୈଠକ, ସ୍ଥାନ: ଖଜୁରଟିକ୍ରା ପାତ୍ର କଲ୍ୟାଣ ମଣ୍ଡପ, ବରଗଡ଼, ସମୟ: ଅପରାହ୍ନ ୩ଟା ।
- ପୁସ୍ତକ ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜର୍ଜ ହାଇସ୍କୁଲ ପଡିଆ, ବରଗଡ଼, ସମୟ: ସନ୍ଧ୍ୟା ୫ଟା ।

## କଳାହାଣ୍ଡି
- ଲକ୍ଷ୍ମୀବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନର ସପ୍ତମ ବାର୍ଷିକ ଉତ୍ସବ, ସ୍ଥାନ: ଭବାନୀପାଟଣା ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନ,ସମୟ-ଅପରାହ୍ନ ୩
- ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ମାରାଥନ, ସ୍ଥାନ: ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀଙ୍କ ମନ୍ଦିର ସମ୍ମୁଖ, ସମୟ: ସକାଳ ୭ଟା।

## ବୌଦ୍ଧ
- ପଞ୍ଚମ ରାଜ୍ୟସ୍ତରୀୟ ମା' ଭୈରବୀ ମହୋତ୍ସବ, ପଲ୍ଲିଶ୍ରୀ ଓ ବାଣିଜ୍ୟ ମେଳାର ପଞ୍ଚମ ଦିବସ, ସ୍ଥାନ: ମିନି ଷ୍ଟାଡିୟମ, ପୁରୁଣାକଟକ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼
- ସରସ୍ୱତୀ ବିଦ୍ୟାମନ୍ଦିର ପକ୍ଷରୁ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ, ସ୍ଥାନ: ଦେବଗଡ଼ ପୋଲିସ ପଡିଆ, ସମୟ: ସକାଳ ୮ଟା।
- ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ଏକତା ଦିବସ ଅବସରରେ ଏକତା ପଦଯାତ୍ରା, ସ୍ଥାନ: ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଭାଗବତ ସପ୍ତାହ ପାରାୟଣ ଦ୍ୱିତୀୟ ଦିବସ, ସ୍ଥାନ: ଦେବଗଡ଼ ଗୋପାଳଜୀ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ସହର ମଠସାହିର ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## ସୁବର୍ଣ୍ଣପୁର
- ସୁଧୀର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: କମିରା ଖେଳ ପଡିଆ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ତରଭା ଶନି ମନ୍ଦିରରେ ମହା ଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୩୦।

## ନୂଆପଡ଼ା
- ୩ୟ ଫୁଟ୍‌ବଲ ମହାକୁମ୍ଭ ପଞ୍ଚମ ଦିବସ, ସ୍ଥାନ: ରାଜା ଏଟି ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ଅପରାହ୍ନ ୩ଟା।
- ଛତିଶଗଡ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଓ ଓଡିଶା ଅହିର ଯାଦବ ସମାଜ ସମରସ୍ତା ଯାତ୍ରା, ସ୍ଥାନ: କୋମନା ବ୍ଲକ ତରବୋଡ଼ ଧାନମଣ୍ଡି ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।
- ସ୍ମୃତି ଦିବସ ବା ଗୌରବ ଦିବସ ପାଳନ ଅବସରରେ କଳସ ଯାତ୍ରା, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଟାନୱାଟ ଗାଁ ଲୋଇସିଂହିନ ସମାଧି ପୀଠ, ସମୟ: ଅପରାହ୍ନ ୩ଟା।

# ଅଳଙ୍କାର ଗଣତି ପାଇଁ ଆସିବ ନୂଆ ଏସ୍‌ଓପି

**ପୁରୀ,୨୧।୧୧(ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଶୁକ୍ରବାର ଶ୍ରୀମନ୍ଦିର ପରିଚାଳନା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାଟମଣ୍ଡପରେ ଧାଡ଼ି ଦର୍ଶନ, ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି, ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳ, ସେବାୟତଙ୍କ ଭତ୍ତା, ମହାପ୍ରଭୁଙ୍କ ଜମିଜମା ସୁରକ୍ଷା, ଗୁଣ୍ଡିଚା ମନ୍ଦିର ଖୋଲାଯିବା ଏବଂ ଏମାର ମଠ ରୁପାଇଟା ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମୁଖ୍ୟତଃ ଆଲୋଚନା କରାଯାଇଛି। ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ନେଇ ସ୍ୱତନ୍ତ୍ର ନୂଆ ଏସ୍‌ଓପି ଆସିବ। ନାଟମଣ୍ଡପରେ ଧାଡ଼ି ଦର୍ଶନ ପାଇଁ ର୍ୟାମ୍ପ ବ୍ୟବସ୍ଥାର ପୁନଃ ତର୍ଜମା କରାଯିବ। ସେବାୟତଙ୍କ ଭତ୍ତା ମାସିକ ୫ହଜାର ଟଙ୍କାକୁ ବୃଦ୍ଧି ପାଇଥିବାବେଳେ ସେମାନଙ୍କ କନ୍ୟା ବିବାହ ରାଶି ମଧ୍ୟ ବଢ଼ିଛି। ସେହିପରି ଖୁବ୍‌ଶୀଘ୍ର ଭକ୍ତଙ୍କ ପାଇଁ ଗୁଣ୍ଡିଚା ମନ୍ଦିର ଖୋଲାଯିବ ଏବଂ ଏମାର ମଠ ରୁପାଇଟା ମହାପ୍ରଭୁଙ୍କ ଅଧୀନକୁ ଅଣାଯିବ ବୋଲି ବୈଠକରେ ସ୍ଥିର ହୋଇଛି।

**କ୍ୟାବିନେଟ ନିଷ୍ପତ୍ତି**

# ଓଡ଼ିଶା ହେବ ବିଶ୍ୱ ସାମର୍ଥ୍ୟ କେନ୍ଦ୍ର

## ନିଯୁକ୍ତ ହେବେ ୫୦ହଜାର ଯୁବବର୍ଗ

## ଜଳ ସଂଶୋଧନ ଆଇନ-୨୦୨୪କୁ ଅନୁମୋଦନ

**ଭୁବନେଶ୍ୱର,୨୧।୧୧ (ରବିନାରାୟଣ ଜେନା)**

ଓଡ଼ିଶାକୁ ବିଶ୍ୱ ସାମର୍ଥ୍ୟ କେନ୍ଦ୍ର ଭାବେ ପ୍ରତିପାଦିତ କରିବା ପାଇଁ ଶୁକ୍ରବାର ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକ ପରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ କହିଥିଲେ, ବିଶ୍ୱରେ ଓଡ଼ିଶାର ବ୍ୟବସାୟିକ ସ୍ଥିତିକୁ ସୁଦୃଢ଼ କରିବା ଲାଗି ରାଜ୍ୟ କ୍ୟାବିନେଟ ଓଡ଼ିଶା ବୈଶ୍ୱିକ ସାମର୍ଥ୍ୟ କେନ୍ଦ୍ର (ଜିସିସି) ନୀତି ୨୦୨୫କୁ ଅନୁମୋଦନ ଦେଇଛନ୍ତି। ଏହି ନୀତିର ଉଦ୍ଦେଶ୍ୟ ହେଉଛି ଅଗ୍ରଣୀ ବହୁରାଷ୍ଟ୍ରୀୟ ନିଗମ (ଏମ୍.ଏନ୍.ସି.) ଗୁଡ଼ିକୁ ବିଶ୍ୱସ୍ତରୀୟ ଭିତ୍ତିଭୂମି, କୁଶଳୀ ପ୍ରତିଭା ଏବଂ ପ୍ରଗତିଶୀଳ ପ୍ରୋତ୍ସାହନ ପ୍ରଦାନ କରି ଓଡ଼ିଶାରେ ସେମାନଙ୍କର ଜିସିସି ପ୍ରତିଷ୍ଠା ଏବଂ ସମ୍ପ୍ରସାରଣ କରିବ। ସେ କହିଛନ୍ତି ଯେ, ବିକଶିତ ଓଡ଼ିଶା-୨୦୩୬ ଏବଂ ୨୦୪୭କୁ ଦୃଷ୍ଟିରେ ରଖି ଦୀର୍ଘକାଳୀନ ରୋଡ୍‌ମ୍ୟାପ ସହିତ ଯୋଡ଼ି ଏହି ନୀତିରେ ୧୦୦୦ କୋଟି ଟଙ୍କା ନିବେଶ ଲକ୍ଷ୍ୟ ରଖାଯାଇଛି। ଏହାସହିତ ନିବେଶକୁ ସୁଗମ କରିବା, ଅତି କମ୍‌ରେ ୫ଟି ଅତ୍ୟାଧୁନିକ ଜିସିସି ହବ୍ ପ୍ରତିଷ୍ଠା କରିବା, ଭୁବନେଶ୍ୱର କଟକ-ପୁରୀ-ପାରାଦୀପ ଏବଂ ବରଗଡ଼-ଝାରସୁଗୁଡ଼ା-ସମ୍ବଲପୁର ଅର୍ଥନୈତିକ ଅଞ୍ଚଳ ଆରମ୍ଭ କରିବା ଏବଂ ସାରା ରାଜ୍ୟରେ ୫୦,୦୦୦ରୁ ଅଧିକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର ପରିକଳ୍ପନା କରାଯାଇଛି। ଏହି ନୀତି କେବଳ ଭୁବନେଶ୍ୱରରେ ନୁହେଁ ବରଂ ରାଜ୍ୟର ଉଦୀୟମାନ ଟାୟାର-୨ ସହରରେ ନିବେଶକୁ ପ୍ରୋତ୍ସାହିତ କରି ସନ୍ତୁଳିତ ଆଞ୍ଚଳିକ ବିକାଶକୁ ମଧ୍ୟ ପ୍ରୋତ୍ସାହିତ କରିବ। ଓଡ଼ିଶା ଜିସିସି ନୀତି ବ୍ୟାପକ ପ୍ରୋତ୍ସାହନ ପ୍ରଦାନ କରି ରାଜ୍ୟକୁ ବିଶ୍ୱ ସାମର୍ଥ୍ୟ କେନ୍ଦ୍ର ପାଇଁ ଏକ ପସନ୍ଦଯୋଗ୍ୟ ଗନ୍ତବ୍ୟସ୍ଥଳ ଭାବରେ ସ୍ଥାନିତ କରିବା ଲାଗି ପରିକଳ୍ପନା କରାଯାଇଛି। ସେ କହିଛନ୍ତି, ଓଡ଼ିଶା ଜିସିସି ନୀତି ୨୦୨୫ ବୈଶ୍ୱିକ ପୁଞ୍ଜିନିବେଶ ପାଇଁ ଏକ ଉତ୍ପ୍ରେରକ ଭାବେ କାର୍ଯ୍ୟ କରିବ; ଯାହା ରାଜ୍ୟକୁ ବୈଶ୍ୱିକ ସାମର୍ଥ୍ୟ କେନ୍ଦ୍ରଗୁଡ଼ିକର ଏକ ପ୍ରମୁଖ କେନ୍ଦ୍ରରେ ପରିଣତ କରିବା ସହିତ ନବସୃଜନକୁ ତ୍ୱରାନ୍ୱିତ କରିବ। ନିଯୁକ୍ତି ସୃଷ୍ଟି କରିବା ଏବଂ ଓଡ଼ିଶାର ଆର୍ଥିକ ଅଭିବୃଦ୍ଧି ତଥା ବୈଷୟିକ ନେତୃତ୍ୱରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ।

ମୁଖ୍ୟଶାସନ ସଚିବ କହିଛନ୍ତି, ରାଜ୍ୟରେ ସ୍ଥାୟୀ ବିକାଶ, ବ୍ୟବସାୟ କରିବାର ସୁଗମତା ଏବଂ ପରିବେଶଗତ ଶାସନକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ସରକାର ପ୍ରତିବଦ୍ଧ । ଏହାକୁ ନେଇ ରାଜ୍ୟ କ୍ୟାବିନେଟ ଜଳ (ପ୍ରଦୂଷଣ ନିବାରଣ ଏବଂ ନିୟନ୍ତ୍ରଣ) ସଂଶୋଧନ ଆଇନ-୨୦୨୪କୁ ଅନୁମୋଦନ ଦେଇଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ଦୃଢ଼ ପରିବେଶ ସୁରକ୍ଷା ସୁନିଶ୍ଚିତ କରିବା ସହିତ ନିୟାମକ ଢାଞ୍ଚାକୁ ସୁଗମ କରିବ। ସେହିପରି ପରିବେଶଗତ ଶାସନକୁ ଉନ୍ନତ କରିବା ସହ ନିୟାମକ ପ୍ରକ୍ରିୟାକୁ ସୁଗମ କରିବା ପାଇଁ ପ୍ରମୁଖ ପରିବର୍ତ୍ତନ ଆଣିବ।

ସେ କହିଛନ୍ତି, ରାଜ୍ୟଗୁଡ଼ିକରେ ପରିବେଶଗତ ଆଇନଗୁଡ଼ିକୁ ସମାନ ଭାବେ ପ୍ରୟୋଗ କରିବାକୁ ସୁନିଶ୍ଚିତ କରିବ ତଥା ଚିରନ୍ତନ ଶିଳ୍ପ ବିକାଶ ପାଇଁ ଜାତୀୟ ମାନଦଣ୍ଡ ସହିତ ଓଡ଼ିଶା ସରକାରଙ୍କ ସମନ୍ୱୟ ରକ୍ଷା କରିବ। ଏହା ପ୍ରଭାବଶାଳୀ ପ୍ରଦୂଷଣ ତଦାରଖ ଏବଂ ଜଳ ସମ୍ପଦର ସୁରକ୍ଷା ଉପରେ ଧ୍ୟାନଦେଇ ପରିବେଶଗତ ଶାସନକୁ ମଧ୍ୟ ସୁଦୃଢ଼ କରିବ।

**ପ୍ରଥମ ପୃଷ୍ଠାରୁ...**

## ଖଣି ଚୋରି ...

ଏବଂ ଖଣିଜ ପଦାର୍ଥ (ବିକାଶ ଏବଂ ନିୟନ୍ତ୍ରଣ) ଆଇନ, ୧୯୫୭ ସହିତ ସମନ୍ୱୟ ରକ୍ଷା କରି ଏକ ବ୍ୟାପକ ଆଇନଗତ ଢାଞ୍ଚା ଆଣିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ମୁଖ୍ୟଶାସନ ସଚିବ କହିଛନ୍ତି, କେଉଁ ଖଣି କେତେ ଦରରେ ବିକ୍ରି ହେବ ସରକାର ନିର୍ଣ୍ଣୟ କରିବେ। ଜଣେ ବ୍ୟକ୍ତି ବା ସଂସ୍ଥା ଗୋଟେ ଜିଲାରେ ଅତି ବେଶିରେ ୩ଟି ଓ ରାଜ୍ୟରେ ୫ଟି ଲଘୁ ଖଣି ନେଇପାରିବେ। ଅଫ୍ ସିଜନ୍‌ରେ ଲଘୁଖଣିଜ ଷ୍ଟକୟାର୍ଡରେ ରଖାଯାଇ ପାରିବ। ଆହୁଜା କହିଛନ୍ତି, ରାଜ୍ୟ ସରକାର, ସୈରାତ ଉତ୍ସ ଯୋଗାଣ, ଚାହିଦା ଶୃଙ୍ଖଳା ଏବଂ ଲଘୁ ଖଣିଜ ପଦାର୍ଥର ମୂଲ୍ୟ ବର୍ତ୍ତମାନ ପରିସ୍ଥିତିକୁ ସମୀକ୍ଷା କରି ଆଗାମୀ ଦିନରେ ଖଣି ଲିଜ୍ ଆବଣ୍ଟନ ପାଇଁ ଇ-ଲଟେରି ବ୍ୟବସ୍ଥା ପ୍ରଚଳନ କରିବାକୁ ନୀତିଗତ ନିଷ୍ପତ୍ତି ନେଇଛନ୍ତି। ଏହି ନୂତନ ବ୍ୟବସ୍ଥା ଲଘୁ ଖଣିଜ ଉତ୍ସଗୁଡ଼ିକର ଆବଣ୍ଟନ ଏବଂ କାର୍ଯ୍ୟକ୍ଷମତାକୁ ତ୍ୱରାନ୍ୱିତ କରିବା ସହ ଯୋଗାଣ ଚାହିଦା ମଧ୍ୟରେ ଥିବା ବ୍ୟବଧାନକୁ ହ୍ରାସ କରିବ ଏବଂ ସୁଲଭ ମୂଲ୍ୟରେ ଲଘୁ ଖଣିଜ ଯୋଗାଣ ସୁନିଶ୍ଚିତ କରିବ। ଏତଦ୍‌ବ୍ୟତୀତ ଘରୋଇ ଜମି ଏବଂ ଇଡ୍‌କୋ ଲିଜ୍‌ପ୍ରାପ୍ତ ଜମିରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ କଲାବେଳେ ଲଘୁ ଖଣିଜ ପଦାର୍ଥର ବିନିଯୋଗ ପାଇଁ ନୂତନ ବ୍ୟବସ୍ଥା ପ୍ରଚଳନ କରିଛନ୍ତି। ଏହି ସଂଶୋଧନରେ ବେଆଇନ ଲଘୁ ଖଣିଜ ପଦାର୍ଥ ଚୋରାଚାଲାଣକୁ ପ୍ରତିରୋଧ କରିବା ସହ ଏହାର ସର୍ବାଧିକ ବିକ୍ରୟ ମୂଲ୍ୟ ନିର୍ଦ୍ଧାରଣର ବ୍ୟବସ୍ଥା ରହିଛି ବୋଲି ମୁଖ୍ୟଶାସନ ସଚିବ କହିଥିଲେ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆରେ ଢମଣା,**
**ବୁଲି ବୁଲି କରି ଆସି ସେଇ ଅଗଣା।**

ସରଳ ବା ନିଷ୍କପଟ ଲୋକ ଅଭିମାନ କରେ, ମାତ୍ର ବେଇମାନି କରେ ନାହିଁ। ସେ ସବୁଠି ସବୁବେଳେ ଅନୁରକ୍ତ ହୋଇ ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଖୁ ଆଉ ରାଇ,**
**ପେଷିଲେ ରସ ପାଇ।**

ଆଖୁକୁ ପେଡିଲେ ଆଖୁରସ ବାହାରିଥାଏ। ରାଇ ଏକପ୍ରକାର ସୋରିଷକୁ ବୁଝେଇଥାଏ। ଘଣାରେ ପେଷି ଏଥିରୁ ତେଲ ବାହାର କରାଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରର ପରିସ୍ଥିତିରେ ପରିବର୍ତ୍ତନ ହେବାର ସୂଚନା ପାଇପାରିବେ ନାହିଁ। ଉପସ୍ଥିତ ବୁଦ୍ଧି ଓ କୌଶଳପୂର୍ଣ୍ଣ ବ୍ୟବହାର ଅନ୍ୟମାନଙ୍କୁ ଆପଣାର କରିବାରେ ସାହାଯ୍ୟ କରିବ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରଖିବାକୁ ପାରସ୍ପରିକ ସହଯୋଗ ରହିବ। ଯାତ୍ରା ସମୟରେ ଜଣେ ବନ୍ଧୁଙ୍କ ଉପସ୍ଥିତିରୁ ଝଗଡ଼ା ଲାଗିପାରେ।

**ବୃଷ** ସାମାନ୍ୟ ବିଳମ୍ବ ହେଲେ ମଧ୍ୟ ଆଜି ଆପଣଙ୍କର କୌଣସି କାମ ଅଟକି ରହିବ ନାହିଁ। ଶିଳ୍ପ, ବାଣିଜ୍ୟ, ଓ ବ୍ୟବସାୟ ଭଲରେ ଚାଲିଲେ ମଧ୍ୟ ପରିବହନରେ ସମସ୍ୟାର ଆଶଙ୍କା ରହିଛି। ରୁଗ୍ଣ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ପରିବାରର ଦୁର୍ବଳ ଆର୍ଥିକ ସ୍ଥିତି ମାନସିକ ଦୁଶ୍ଚିନ୍ତାକୁ ବୃଦ୍ଧି କରିପାରେ।

**ମିଥୁନ** ନୂତନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ନହେବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। ପରିବାରରେ ପାରସ୍ପରିକ ସୁସମ୍ପର୍କ ରହିଥିବାରୁ ସାମୟିକ ଆଶ୍ୱସ୍ତି ଲାଭ କରିପାରନ୍ତି। ଆନୁଷ୍ଠାନିକ କିମ୍ବା ସାମାଜିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ନିଜ ନିଜର କର୍ମକ୍ଷେତ୍ରରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ।

**କର୍କଟ** ବନ୍ଧୁମାନେ ସହାନୁଭୂତି ପ୍ରଦର୍ଶନ କରି ଆପଣଙ୍କ ବିଷାଦିତ ମନକୁ ଆହ୍ଲାଦିତ କରିବାରେ ସହାୟକ ହେବେ। ସମସ୍ୟା ସମାଧାନ ହେବାରେ ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିପାରନ୍ତି। କର୍ମକ୍ଷେତ୍ରରେ ବିବାଦୀୟ ଘଟଣାର ଆଲୋଚନା ଅମୀମାଂସିତ ରହିବ। ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନା ଠିକ୍‌ଭାବେ ସମ୍ପୂର୍ଣ୍ଣ ହୋଇ ନ ପାରେ।

**ସିଂହ** ଆନୁଷଙ୍ଗିକ ସାହାଯ୍ୟ ଓ ସହଯୋଗ ଲାଭକରି କର୍ମକ୍ଷେତ୍ରରେ ସମସ୍ୟାର ସମାଧାନ କରିପାରିବେ। ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ ଓ ମଧୁମୟ କରିବ। ଯେକୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ବନ୍ଧୁ ମେଳରେ ସତକଥା କହି ବିବାଦ ଘେରରେ ପଡ଼ିପାରନ୍ତି।

**କନ୍ୟା** ବନ୍ଧୁଙ୍କ ଉଦ୍ଦେଶ୍ୟ ପ୍ରଣୋଦିତ ମିଥ୍ୟା ଗୁଜବ ମନକୁ ଚହଲାଇ ଦେବ। ଈର୍ଷାରେ ଜଳୁଥିବା ଆତ୍ମୀୟଙ୍କ ଅସହଯୋଗ ଏବଂ ଅସମ୍ମାନ ଯୋଗୁ ମନସ୍ତାପ କରିବେ। ଟଙ୍କା ନେଣଦେଣକୁ କେନ୍ଦ୍ରକରି ଝଗଡ଼ା ସୃଷ୍ଟି ହୋଇପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗିରହୁଥିବାରୁ ମାନସିକ ସ୍ତରରେ ଅଶାନ୍ତି ଲାଗିରହିବ।

**ତୁଳା** ପଡ଼ୋଶୀଙ୍କ ମାଧ୍ୟମରେ ନୂତନ ବନ୍ଧୁ ସମ୍ପର୍କ ସ୍ଥାପିତ ହେବାର ଅନୁକୂଳ ପରିବେଶ ସୃଷ୍ଟି ହେବ। ପିଲାଙ୍କ ଆଚରଣରେ ଅସନ୍ତୁଷ୍ଟ ରହିବେ। ଯାତ୍ରା ସମୟରେ ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ। ସ୍ୱାସ୍ଥ୍ୟସମସ୍ୟା କେତେକାଂଶରେ ଉପଶମ ହେବା କାରଣରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ବିଛା** ଦୀର୍ଘଦିନ ହେଲା ଯାହା ପାଉ ନ ଥିଲେ ଆଜି ତାହା ଲାଭ କରିବେ। ହାତକୁ ନେଇଥିବା କାମ ଯଥା ସମୟରେ ସମ୍ପନ୍ନ ହେବାରେ ଅସୁବିଧା ରହିବ ନାହିଁ। ଯେକୌଣସି କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କଲେ କାର୍ଯ୍ୟ ସାଧିତ ହେବ। ସାହିତ୍ୟ, ସଂସ୍କୃତି, ସାମ୍ବାଦିକତା ଓ ମନୋରଞ୍ଜନରେ ଆଗ୍ରହୀ ହେବେ।

**ଧନୁ** ଦୀର୍ଘଦିନରୁ ଅଟକିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇ ପାରନ୍ତି। ବନ୍ଧୁଙ୍କ ସହାୟତାରେ ଅର୍ଥଲାଭ, ବନ୍ଧୁମିଳନ, ନୂତନ ସ୍ଥାନ ଭ୍ରମଣ ସୁଯୋଗ ପାଇବେ। ପ୍ରଶାସନିକ କ୍ଷେତ୍ରରେ ଅପ୍ରିୟ ସତ୍ୟ କହିବାରୁ ସମସ୍ୟା ଉପୁଜିପାରେ। ପୁରାତନ ରୋଗପୀଡ଼ା ଜନିତ ଆକସ୍ମିକ ଯନ୍ତ୍ରଣା ଅନୁଭବ କରିପାରନ୍ତି।

**ମକର** ମାନସିକ ଦୁଶ୍ଚିନ୍ତା କାରଣରୁ ଟେନସନ ଲାଗି ରହିଥିଲେ ମଧ୍ୟ ସହକର୍ମୀଙ୍କ ସହାନୁଭୂତି ଯୋଗୁ ଆଶ୍ୱସ୍ତି ଲାଭ କରିବେ। ବାଣିଜ୍ୟ, ପରିବହନ, ପ୍ରିଣ୍ଟିଂ କାରବାର ଏବଂ ମାଲିମକଦ୍ଦମାରେ ସୁଫଳ ପାଇବେ। ସ୍ୱାସ୍ଥ୍ୟହାନି ସାଙ୍ଗକୁ ଆର୍ଥିକ ଅନଟନଜନିତ କରଜ କରିବାକୁ ବାଧ୍ୟ ହେବେ। ସଙ୍ଗୀତ ତଥା ଚଳଚ୍ଚିତ୍ର କ୍ଷେତ୍ରରୁ ସମସ୍ୟାମୁକ୍ତ ହେବେ।

**କୁମ୍ଭ** ପରିସ୍ଥିତି ପ୍ରତି ନଜର ଦେଇ କାମ କରି ଚାଲିଲେ କୌଣସି କାମ ଅଟକି ରହିବ ନାହିଁ। ପୁରୁଣା ବିକ୍ରୟ କରି ନୂତନ ଜିନିଷ କ୍ରୟ ପାଇଁ ମନ ବଳାଇପାରନ୍ତି। ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସିଲେ ଅଯଥା କଳହର ସୂତ୍ରପାତ ହୋଇପାରେ। ବନ୍ଧୁଙ୍କ ଆହ୍ୱାନରେ ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିବାର ସୁଯୋଗ ଲାଭକରିବେ।

**ମୀନ** ଶାରୀରିକ ଅସୁସ୍ଥତା ନଥିଲେ ମଧ୍ୟ ମାନସିକ ସ୍ଥିତି ବିଶେଷ ଭଲ ରହିବ ନାହିଁ। ବନ୍ଧୁ ଗହଣରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବାର ସୂଚନା ରହିଛି। ବ୍ୟବସାୟରେ ଲାଭ ମିଳିବ ଏବଂ କୌଣସି ଅନ୍ୟ ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିପାରନ୍ତି ।

ଆଜି ନଭେମ୍ବର ୨୨ ତାରିଖ, ଶହୀଦ୍ ଲକ୍ଷ୍ମଣ ନାୟକଙ୍କ ଜନ୍ମ ଦିବସ, ମାର୍ଗଶୀର ଶୁକ୍ଳ ଦ୍ୱିତୀୟା ଯୁକ୍ତ ତୃତୀୟା, ଶନିବାର। ରାଶିନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୩୦ ଗତେ ଘ.୦୮।୪୭ ମଧ୍ୟେ, ଘ.୧୧।୫୪ ଗତେ ଘ.୧୨/୫୫ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୪୭ ମି. ଗତେ ଘ.୧୦।୧୦ ମି. ମଧ୍ୟେ ରାହୁ କାଳ।




# ବିଧାୟକ ସାଗର ଦାସଙ୍କୁ ହତ୍ୟା ଧମକ

ଭବାନୀପାଟଣା,୨୧।୧୧
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାର କଂଗ୍ରେସ ବିଧାୟକ ସାଗର ଚରଣ ଦାସଙ୍କୁ ହତ୍ୟା ଧମକ ମିଳିଛି। ଏ ନେଇ ବିଧାୟକ ଦାସ ଶୁକ୍ରବାର ନିଜ 'X'ରେ ଅଭିଯୋଗ କରିଛନ୍ତି। ଏଥିରେ ଭବାନୀପାଟଣା ସଦର ବ୍ଲକ ଦେପୁର ଜୋନ ସଭାପତି ଉଦେପୁର ଗ୍ରାମର ଦେବାନନ୍ଦ ଜୋଷୀଙ୍କୁ ଗୁରୁବାର ରାତିରେ ୪ ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ବିଧାୟକ ସାଗରଙ୍କ ବ୍ୟକ୍ତିଗତ ତଥ୍ୟ ପ୍ରଦାନ ନ କଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏପରିକି ଦୁର୍ବୃତ୍ତମାନେ ଦେବାନନ୍ଦଙ୍କ ମାଧ୍ୟମରେ ତାଙ୍କୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ଆଣିଛନ୍ତି। ଯଦି ରାଜ୍ୟରେ ଜଣେ ନିର୍ବାଚିତ ପ୍ରତିନିଧି ସୁରକ୍ଷିତ ନୁହନ୍ତି ତେବେ ସାଧାରଣ ଲୋକେ କିପରି ସୁରକ୍ଷିତ ରହିବେ ସେ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ରାଜନୈତିକ ଉଦ୍ଦେଶ୍ୟ ରଖି ତାଙ୍କୁ ହତ୍ୟା ଧମକ ଦିଆଯାଇଥିବା ସାଗର କହିଛନ୍ତି। ଏ ନେଇ ଏସ୍‌ପିଙ୍କୁ ଲିଖିତ ଅଭିଯୋଗ କରିଥିବା



ବିଧାୟକ ସାଗର ଚରଣ ଦାସ(ବାମ)। ଥାନାରେ ଅଭିଯୋଗ ଦେଉଛନ୍ତି ଦେବାନନ୍ଦ ଜୋଷୀ।

- **ଥାନାରେ ଲିଖିତ ଅଭିଯୋଗ**
- **'X'ରେ ଉଲ୍ଲେଖ କଲେ ବିଧାୟକ**

କହିଛନ୍ତି। ଅନ୍ୟପକ୍ଷରେ ଏହାକୁ ନେଇ ଶୁକ୍ରବାର ଅପରାହ୍ନରେ ଜୋନ ସଭାପତି ଦେବାନନ୍ଦ ଭବାନୀପାଟଣା ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକ୍ରମେ, ଗୁରୁବାର ରାତି ୯ଟା ୩୦ରେ ସେ ଦେପୁରସ୍ଥିତ ନିଜ ମାଛଚାଷ ଟାଙ୍କି ସମ୍ମୁଖରେ ଛିଡା ହୋଇଥିବାବେଳେ ୪ ଜଣ ଦୁର୍ବୃତ୍ତ ମୁହଁରେ ମାସ୍କ ଲଗାଇ ଆସି ବିଧାୟକଙ୍କ ବ୍ୟକ୍ତିଗତ ତଥ୍ୟ ଦେବାକୁ କହିଥିଲେ। ସେ ମନା କରିବାରୁ ଜଣେ ଦୁର୍ବୃତ୍ତ ବନ୍ଧୁକ ଲଗାଇ ତୋତେ ଅପହରଣ କରିନେବୁ, ବିଧାୟକ ବି ତୋ ଜୀବନ ରକ୍ଷା କରିପାରିବ ନାହିଁ ବୋଲି ଧମକ ଦେଇଥିଲେ। ସେହିପରି ଅନ୍ୟ ଜଣେ ଦୁର୍ବୃତ୍ତ ଆସନ୍ତା ୨ ଦିନ ମଧ୍ୟରେ ବିଧାୟକଙ୍କ ସମ୍ପର୍କରେ ବ୍ୟକ୍ତିଗତ ତଥ୍ୟ ନ ଦେଲେ ତୋ ସମେତ ବିଧାୟକଙ୍କୁ ଅପହରଣ କରି ନେଇ ଜୀବନରେ ମାରିଦେବୁ ବୋଲି ଧମକ ଦେଇଥିଲେ। ଏହି ୪ ଦୁର୍ବୃତ୍ତଙ୍କ ମଧ୍ୟରୁ ୨ ଜଣ କଳାହାଣ୍ଡିଆ ଭାଷା କହୁଥିବାବେଳେ ସେମାନେ ମୁହଁରେ ମାସ୍କ ଲଗାଇଥିଲେ। ଅନ୍ୟ ୨ ଜଣ ବ୍ରହ୍ମପୁରିଆ ଭାଷା କହୁଥିବାବେଳେ ସେମାନେ ମୁହଁରେ ମାସ୍କ ନ ଥିଲା। ଯଦି ବିଧାୟକ ସାଗରଙ୍କ ସୁରକ୍ଷା ଲାଗି ପୋଲିସ ମୁତୟନ ନ ହେବେ ତା'ହେଲେ ସେମାନେ ତାଙ୍କୁ ମାରିଦେବେ। ଏହାସହ ତାଙ୍କ ଜୀବନ ପ୍ରତି ମଧ୍ୟ ବିପଦ ରହିଛି। ତେଣୁ ଘଟଣାର ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦେବାନନ୍ଦ ଦାବି କରିଛନ୍ତି। ଏ ନେଇ ଭବାନୀପାଟଣା ସଦର ଥାନାରେ ଏକ ମାମଲା (ନଂ.୫୫୨/୨୫) ରୁଜୁ ହୋଇଥିବାବେଳେ ଏହାର ତଦନ୍ତ ଆରମ୍ଭ ହୋଇଛି ବୋଲି ସ୍ଥାନୀୟ ଏସ୍‌ଡିପିଓ ନରେଶ ପଧାନ ସୂଚନା ଦେଇଛନ୍ତି।

# ଏକ ହେଲେ ଏଓଏଲ୍‌ଏର ୨ ଗୋଷ୍ଠୀ

ସମ୍ବଲପୁର,୨୧।୧୧(ପ୍ରମୋଦ ବହିଦାର)


ସମ୍ବଲପୁର ଓକିଲ ସଂଘ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ବିଭିନ୍ନ ଆଇନଜୀବୀ ସଂଘର କର୍ମକର୍ତ୍ତା।

ନିଖିଳ ଓଡ଼ିଶା ଓକିଲ ସଂଘ (ଏଓଏଲ୍‌ଏ)ର ଦୁଇଗୋଷ୍ଠୀର ଏକତ୍ରୀକରଣ ପାଇଁ ସମ୍ବଲପୁର ଜିଲା ଓକିଲ ସଂଘର ଉଦ୍ୟମ ବାସ୍ତବ ରୂପ ନେଇଛି। ୨୦୧୬ରୁ ଦୀର୍ଘ ୯ ବର୍ଷ ୨ ପୃଥକ୍ ଗୋଷ୍ଠୀଙ୍କ ମଧ୍ୟରେ ରହିଥିବା ଫାଟରେ ଯବନିକା ପଡ଼ିଛି। ଏନେଇ ଶୁକ୍ରବାର ଜିଲା ଓକିଲ ସଂଘ ସମ୍ମିଳନୀ କକ୍ଷରେ ସଂଘ ସଭାପତି ପ୍ରଦୀପ କୁମାର ବହିଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଉଭୟ ଗୋଷ୍ଠୀର ମିଶ୍ରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏଥିରେ ବ୍ରହ୍ମପୁର ଓକିଲ ସଂଘ ସଦସ୍ୟ ତଥା ଗୋଟିଏ ଏଓଏଲ୍‌ଏର ସଭାପତି ଶିଶିର ରଞ୍ଜନ ପାଢ଼ୀ ଓ ହାଇକୋର୍ଟ ଆଡ୍‌ଭୋକେଟ୍ ତଥା କାର୍ଯ୍ୟକାରୀ ସଭାପତି ବିଭୁପ୍ରସାଦ ତ୍ରିପାଠୀ ଯୋଗଦେଇ ମିଳିତଭାବେ ଏହା ଘୋଷଣା କରିଛନ୍ତି। ଏଓଏଲ୍‌ଏର ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ନନ୍ଦ, ସମ୍ବଲପୁର ଓକିଲ ସଂଘ ସଭାପତି ପ୍ରଦୀପ କୁମାର ବହିଦାର, ସାଧାରଣ ସମ୍ପାଦକ ପ୍ରଦ୍ୟୋତ କୁମାର ଶର୍ମା, ପୂର୍ବତନ ସଭାପତି ସତ୍ୟନାରାୟଣ ପଣ୍ଡା ଓ ଡ. ପ୍ରମୋଦ ରଥଙ୍କ ଉପସ୍ଥିତିରେ ଉଭୟ କର୍ମକର୍ତ୍ତା ଏହି ଘୋଷଣା କରିବା ସହ ଏଥିରେ ସମ୍ବଲପୁର ଜିଲା ଓକିଲ ସଂଘର ଉଦ୍ୟମକୁ ପ୍ରଶଂସା କରିଥିଲେ। ସେହିପରି ଉଭୟ ଗୋଷ୍ଠୀ ଏକାଠି ହୋଇ ଆଇନଜୀବୀଙ୍କ

## ସମ୍ବଲପୁରରେ ହେବ ଆଗାମୀ ଏଓଏଲ୍‌ଏର ବାର୍ଷିକ ସମ୍ମିଳନୀ

ସ୍ୱାର୍ଥ ପାଇଁ କାର୍ଯ୍ୟ କରିବେ ବୋଲି ଖବରଦାତା ସମ୍ମିଳନୀରେ ଉଭୟେ ସୂଚନା ଦେଇଛନ୍ତି। ତେଣୁ ପୂର୍ବ ଘୋଷଣା ଅନୁସାରେ ଆସନ୍ତା ଡିସେମ୍ବର ୨୯ ଓ ୩୦ ତାରିଖରେ ନିଖିଳ ନିଖିଳ ଓଡ଼ିଶା ଓକିଲ ସଂଘର ବାର୍ଷିକ ସମ୍ମିଳନୀ ସମ୍ବଲପୁରଠାରେ ଆୟୋଜିତ ହେବ। ଉକ୍ତ ବାର୍ଷିକ ସମ୍ମିଳନୀରେ ଏଓଏଲ୍‌ଏ ସଭାପତି ପାଢ଼ୀ ସଭାପତିତ୍ୱ କରିବେ। ସମ୍ମିଳନୀର ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ରାଜ୍ୟରେ ଆଇନଜୀବୀ ଏକାଡେମୀ ପ୍ରତିଷ୍ଠା ଓ ୨୦୨୩ରେ ସମ୍ବଲପୁର ଓକିଲ ସଂଘର ସଦସ୍ୟଙ୍କ ନାମରେ ରୁଜୁହୋଇଥିବା ମାମଲା ପ୍ରତ୍ୟାହାର ହେବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

ଏହି ଅବସରରେ ଏଓଏଲ୍‌ଏର ସଭାପତି ପାଢ଼ୀ କହିଛନ୍ତି, ପୂର୍ବରୁ ନିଖିଳ ଓଡ଼ିଶା ଆଇନଜୀବୀ ସଂଘ(ଏଓଏଲ୍‌ଏ) ଦୁଇଗୋଷ୍ଠୀରେ ବିଭକ୍ତ ହୋଇ ପୃଥକ୍ ଭାବେ କାର୍ଯ୍ୟ କରୁଥିଲା। ଏପରିକି ଡିସେମ୍ବର ୨୯ ଓ ୩୦ ରେ ଉଭୟ ଗୋଷ୍ଠୀ ପୃଥକ୍ ଭାବେ ବାର୍ଷିକ ଉତ୍ସବ ପାଳନ କରୁଥିଲେ। ତେବେ ସମ୍ବଲପୁର ଓକିଲ ସଂଘର ଉଦ୍ୟମ ଓ ସହଯୋଗରେ ୨୦୨୫ର ବାର୍ଷିକ ସମ୍ମିଳନୀକୁ ଉଭୟ ଗୋଷ୍ଠୀ ଏକାଠି ହୋଇ ପାଳନ କରିବ। ଆଜିଠାରୁ ଏଓଏଲ୍‌ଏର ଗୋଟିଏ ସଂଘ ଓ ଏକ ହୋଇ ସମସ୍ତ କାର୍ଯ୍ୟ ସମ୍ପାଦନ କରିବକୁ ଆମେ ନିଷ୍ପତ୍ତି ନେଇଛୁ ବୋଲି ସେ କହିଥିଲେ। ସେହିପରି କାର୍ଯ୍ୟକାରୀ ସଭାପତି ତ୍ରିପାଠୀ କହିଛନ୍ତି, ଏଓଏଲ୍‌ଏ ରାଜ୍ୟର ସର୍ବୋଚ୍ଚ ଏବଂ ସର୍ବପୁରାତନ ଆଇନଜୀବୀ ସଂଘ। ଏହି ସଂଘରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସମ୍ପର୍କର ସେତୁ ବାନ୍ଧିବାରେ ସକ୍ଷମ ହେଇଥିବା ସମ୍ବଲପୁର ଜିଲା ଓକିଲ ସଂଘ ଧନ୍ୟବାଦର ପାତ୍ର। ବାର୍ଷିକ ସମ୍ମିଳନୀର ଦୁଇ ପ୍ରମୁଖ ପ୍ରସଙ୍ଗ ମଧ୍ୟରେ ପ୍ରଥମଟି ହେଉଛି ଆଇନଜୀବୀଙ୍କ ପ୍ରଶିକ୍ଷଣ ପାଇଁ ଏକ ଆଇନଜୀବୀ ଏକାଡେମୀ ସ୍ଥାପନ ଓ ଦ୍ୱିତୀୟଟି ହେଉଛି ୨୦୨୩ ମସିହାରେ ସମ୍ବଲପୁର ଓକିଲ ସଂଘର ସଦସ୍ୟଙ୍କ ନାମରେ ରୁଜୁ ହୋଇଥିବା ମାମଲା ପ୍ରତ୍ୟାହାର। ରାଜ୍ୟ ସରକାରଙ୍କୁ ସଂଘ ପକ୍ଷରୁ ଏହି ଦୁଇଟି ପ୍ରସ୍ତାବ ଦିଆଯାଇଛି। ଆଇନଜୀବୀ ବାର୍ଷିକ ସମ୍ମିଳନୀ ପୂର୍ବରୁ ରାଜ୍ୟ ସରକାର ଉକ୍ତ ପ୍ରସଙ୍ଗ ଦ୍ୱୟରେ ବିଧିବଦ୍ଧ ନିଷ୍ପତ୍ତି ନେଇପାରିଲେ ତାହା ଆଇନର ଶାସନ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ ଓ ଋଦ୍ଧିମନ୍ତ କରିବାରେ ସହାୟକ ହେବ ବୋଲି ସେ କହିଛନ୍ତି। ଏଥିରେ ଜିଲା ଓକିଲ ସଂଘର ସମସ୍ତ କର୍ମକର୍ତ୍ତା, ସଦସ୍ୟ ଓ ବରିଷ୍ଠ ଓକିଲ ଯୋଗଦେଇଥିଲେ।

# ଲୁଣ ଭାବି ଥିମେଟ୍ ଖାଇ ୩ ଶିଶୁ ଗୁରୁତର

ନୀଳଗିରି,୨୧।୧୧(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ମହିଷାପଟା ପଞ୍ଚାୟତ ଶାଳବଣୀ ଗ୍ରାମର ରାଜାସାହିରେ ୩ଜଣ ଶିଶୁ ଖେଳୁଥିବା ବେଳେ ଥିମେଟ୍‌କୁ ଲୁଣ ଭାବି ଖାଇଦେବାରୁ ଗୁରୁତର ହୋଇପଡିଛନ୍ତି। ସେମାନଙ୍କ ପରିବାର ଲୋକେ ବିଲକୁ ଧାନ କାଟିବା ପାଇଁ ଯାଇଥିବା ବେଳେ ପିଲାମାନେ ଘରୁ ପିଆଜ ଆଣି ଥିମେଟ୍ ସହ ଗୋଳେଇ ଖାଇଛନ୍ତି। ସମସ୍ତଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ଗ୍ରାମର ବାବୁଲା ସିଂଙ୍କ ପୁଅ ଯୁବରାଜ (୮), ଅକ୍ଷୟ ସିଂଙ୍କ ଝିଅ ଇନ୍ଦୁରେଖା (୫), ରମେଶ ସିଂଙ୍କ ପୁଅ ଘନଶ୍ୟାମ (୪) ଗୁରୁବାର ଅପରାହ୍ନରେ ସାଙ୍ଗ ହୋଇ ବୋହୂବୋହୂକା ଖେଳୁଥିଲେ। ଛୋଟ ଛୋଟ ସଢେଇରେ ମାଟି ରଖି ଭାତ ତରକାରୀ ପ୍ରସ୍ତୁତ କରି ଖାଇଥିଲେ। ପରିବାର ଲୋକେ ଘରକୁ ଫେରିବା ପରେ ଶିଶୁମାନଙ୍କ ସ୍ୱାସ୍ଥ୍ୟବସ୍ଥା ବିଗୁଡୁଥିବା ଦେଖି ସେମାନଙ୍କୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ରାତିରେ ସ୍ଥିତି ସଙ୍କଟାପନ୍ନ ହେବାରୁ ଯୁବରାଜଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ପରେ ଘନଶ୍ୟାମ ଓ ଇନ୍ଦୁରେଖାଙ୍କ ଅବସ୍ଥା ସଙ୍କଟାପନ ହେବାରୁ ସେମାନଙ୍କୁ ବାଲେଶ୍ୱର ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଘନଶ୍ୟାମ ଆଇସିୟୁରେ ଥିବା ଜଣାପଡିଛି।

# ଫୁଲ ତୋଳିବାକୁ ଯାଇ ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକଙ୍କ ମୃତ୍ୟୁ

## ଗାଁରେ ଉତ୍ତେଜନା

ନୀଳଗିରି,୨୧।୧୧(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଏନ୍‌ଏସି ସାନଅଡା ଗ୍ରାମରେ ଜଣେ ଯୁବକ ଅନ୍ୟଜଣଙ୍କ ବାଡ଼ିକୁ ଫୁଲ ତୋଳିବାକୁ ଯାଇଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। ଘରମାଲିକ ଫୁଲ ଚୋରି ରୋକିବାକୁ ବାଡ଼ରେ ବିଦ୍ୟୁତ୍ ସଂଯୋଗ କରିଥିବାରୁ ଏଭଳି ଅଘଟଣ ଘଟିଛି। ଏହାକୁ ନେଇ ଗାଁରେ ଉତ୍ତେଜନା ଦେଖାଦେଇଥିଲା। ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ଲାଗି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇବା ସହ ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପଟେ ମୃତକଙ୍କ ମା' ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୪୮/୨୫) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଏବଂ ତଦନ୍ତର ତଥ୍ୟ ଅନୁସାରେ ମାମଲା ହେବ ବୋଲି ପୋଲିସ କହିଛି।

ଶୁକ୍ରବାର ସକାଳେ ତାପସ ଦାସ (୩୫) ଠାକୁରଙ୍କ ପାଇଁ ଫୁଲ ତୋଳିବାକୁ ଦିଲୀପ କୁମାର ରାଉତଙ୍କ ବାଡ଼ିକୁ ଯାଇଥିଲେ। ମାତ୍ର ଫୁଲ ଗଛ ଚାରି ପାଖେ ବିଦ୍ୟୁତ୍ ତାର ସଂଯୋଗ ହୋଇଥିବା ତାପସ ଜାଣିପାରି ନଥିଲେ। ଫୁଲ ତୋଳିବା ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲେ। ସ୍ଥାନୀୟ ଲୋକମାନେ ମୃତଦେହ ପଡିଥିବା ତାପସଙ୍କ ପରିବାରକୁ ଅବଗତ କରିଥିଲେ। ପରିବାର ଲୋକେ ପହଞ୍ଚି ନୀଳଗିରି ପୋଲିସକୁ ଜଣାଇଥିଲେ।







DADLS-63



ଓଡ଼ିଶା ସରକାର

ମହାନ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାଏକଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

୨୨ ନଭେମ୍ବର, ୨୦୨୫

ସକାଳ ୮ ଘଟିକା: – ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ଭୁବନେଶ୍ୱରସ୍ଥିତ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ସକାଳ ୮.୩୦ ମିନିଟ୍ – କଳିଙ୍ଗ ହସ୍ପିଟାଲ୍ ଛକ, ଭୁବନେଶ୍ୱରସ୍ଥିତ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ସକାଳ ୯.୩୦ ମିନିଟ୍ – ବିଧାନସଭା ପାର୍ଶ୍ୱ ଗେଟ୍ ନଂ ୧ ସ୍ଥିତ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ଶ୍ରୀମତୀ ସୁରମା ପାଢ଼ୀ, ବାଚସ୍ପତି, ଓଡ଼ିଶା ବିଧାନସଭା ଶ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ମନ୍ତ୍ରୀ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ଏବଂ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି
ଶ୍ରୀ ନିତ୍ୟାନନ୍ଦ ଗଣ୍ଡ
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ

ସମ୍ମାନନୀୟ ଅତିଥି
ଅବିଭକ୍ତ କୋରାପୁଟ ଜିଲ୍ଲାର ସାଂସଦ ଓ ବିଧାୟକବୃନ୍ଦ

ମୁଖ୍ୟବକ୍ତା
ଡ. ବାସନ୍ତୀ ମହାନ୍ତି
ବିଶିଷ୍ଟ ଶିକ୍ଷାବିତ୍ ଏବଂ ସ୍ତମ୍ଭକାର

ଧନ୍ୟବାଦ ଅର୍ପଣ
ଇଂ ଗୋଦାବରୀଶ ମହାପାତ୍ର
ଉପ ସଭାପତି, ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱର

ବିଶିଷ୍ଟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଜନଜାତି ସଂଗୀତ ପରିବେଷଣ

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR

"ପ୍ରତ୍ୟେକ ଧର୍ମ ମନୁଷ୍ୟ ଜାତିକୁ ସାହାଯ୍ୟ କରିଛି। ପ୍ରତ୍ୟେକ ଧର୍ମ ମଧ କେତେକ ସଂଖ୍ୟକ ଆତ୍ମାକୁ ଉଦ୍ଧାର କରିଛନ୍ତି। କିନ୍ତୁ କୌଣସି ଧର୍ମ ଏ ପର୍ଯ୍ୟନ୍ତ ମନୁଷ୍ୟ ଜାତିକୁ ସାମଗ୍ରିକ ଭାବେ ଆଧାତ୍ମିକ ଭାବାପନ୍ନ କରି ପାରିନାହାନ୍ତି। ସେଥିପାଇଁ ପରମ୍ପରା ବା ପ୍ରଥାର ଆବଶ୍ୟକତା ନାହିଁ। ଆଧାତ୍ମିକ-ବିବର୍ତ୍ତନ ପାଇଁ ଏକ ନିରନ୍ତର ଓ ସର୍ବବ୍ୟାପୀ ପ୍ରୟାସର ଆବଶ୍ୟକତା ରହିଛି। -ଶ୍ରୀଅରବିନ୍ଦ

# ଆଇଆର୍‌ଏସ୍‌ରୁ ଏମ୍‌ଏଲ୍‌ଏ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସୁଜିତ କୁମାର ମାତ୍ର ୫୧ ଦିନରେ ଦିଲ୍ଲୀର ପ୍ରିନ୍ସିପାଲ କମିଶନରରୁ ଯାଇ ବିହାର ଦରଭଙ୍ଗାର ଗୌରା ବାଉରାମର ଭାଜପା ବିଧାୟକ ହୋଇଗଲେ। ସାଧାରଣତଃ ଏପରି ପରିବର୍ତ୍ତନ ପାଇଁ ଅନେକ ମାସ ଧରି କାଗଜପତ୍ର କାମ, ମଞ୍ଜୁରୀ ଏବଂ ରାଜନୈତିକ ବୁଝାମଣା ଜାରି ରହେ। ସେପ୍ଟେମ୍ବର ୧୩ରେ ସିବିଡିଟି ଏକ ପଦୋନ୍ନତି ତାଲିକା ଜାରି କରିଥିଲା ଯେଉଁଥିରେ ୨୦୦୧ ବ୍ୟାଚ୍‌ର ୨୦ ଜଣ ଆଇଆର୍‌ଏସ୍-ଆଇଟି ଅଧିକାରୀଙ୍କୁ ଅସ୍ୱାଭାବିକ ଭାବରେ ସାମିଲ କରାଯାଇଥିଲା, ଯେଉଁଠି ସେମାନଙ୍କ ସମକକ୍ଷ ଅନେକ ଆଇଏଏସ୍ ଏ ପର୍ଯ୍ୟନ୍ତ ପହଞ୍ଚିବାକୁ ଅପେକ୍ଷାରେ ରହିଛନ୍ତି। କୁମାର ସେମାନଙ୍କ ମଧ୍ୟରେ ଥିଲେ। ୧୦ଦିନ ପରେ ତାଙ୍କୁ ଏବଂ ଅନ୍ୟମାନଙ୍କୁ ପଦୋନ୍ନତି ଭିତ୍ତିରେ ନିଯୁକ୍ତି କରାଯାଇଥିଲା। ସେପ୍ଟେମ୍ବର ୨୫ରେ ସେ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିଥିଲେ। ଏଭଳି ଅବସର ପାଇଁ ଯେଉଁଠି ୩ ମାସ ଲାଗିବା କଥା, କିନ୍ତୁ ରାଷ୍ଟ୍ରପତି ଭବନ ମାତ୍ର ୧୫ ଦିନ ମଧ୍ୟରେ ଏହାକୁ ମଞ୍ଜୁର କରିଥିଲା। କୁମାର ଅକ୍ଟୋବର ୧୩ ରେ ଭାଜପାରେ ଯୋଗଦେବାର ୨୪ ଘଣ୍ଟା ମଧ୍ୟରେ ପ୍ରାର୍ଥୀ ଭାବରେ ତାଙ୍କ ନାମ ଘୋଷଣା କରାଯାଇଥିଲା। ପରଦିନ ସେ ନାମାଙ୍କନ ଦାଖଲ କରିଥିଲେ। ନଭେମ୍ବର ୬ରେ ଭୋଟଗ୍ରହଣ କରାଯାଇଥିଲା ଏବଂ ନଭେମ୍ବର ୧୪ରେ ଜିତିଥିଲେ। ପୂର୍ବତନ ଆଇଏଏସ୍ ଅଧିକାରୀ ଆର୍. କେ. ସିଂହ ତଥା ଜଣେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ମୁହଁ ଖୋଲିବା ଯୋଗୁ ନିକଟରେ ତାଙ୍କୁ ଭାଜପାରୁ ବହିଷ୍କାର କରାଯାଇଥିଲା। ଆଶା କରାଯାଉଛି, ସୁଜିତ କୁମାରଙ୍କ ପାଇଁ ଏପରି କୌଣସି ଅସ୍ଥିରତା ଆସିବ ନାହିଁ। ଏହାର ଅର୍ଥ ନୁହେଁ ଯେ କୁମାରଙ୍କ ପାଖରେ ଯୋଗ୍ୟତାର ଅଭାବ ଅଛି। ତାଙ୍କୁ ଉଜ୍ଜ୍ୱଳ, ମହତ୍ତ୍ୱାକାଂକ୍ଷୀ ଏବଂ ରାଜନୈତିକ ସଚେତନଶୀଳ ବ୍ୟକ୍ତି ଭାବେ ବିବେଚନା କରାଯାଏ।

### ବଡ଼ ଅଦଳବଦଳର ସୂଚନା

ବିହାରରେ ବିଜୟ ପରେ ମୋଦି ସରକାର ପ୍ରଶାସନିକ ପୁନର୍ଗଠନର ସଙ୍କେତ ଦେଇଛନ୍ତି। ଉଲ୍ଲେଖନୀୟ ପଦକ୍ଷେପ କ୍ରମେ ରାଜସ୍ଥାନର ନୂତନ ମୁଖ୍ୟ ଶାସନ ସଚିବ ଭାବେ ଭି. ଶ୍ରୀନିବାସଙ୍କୁ ନିଯୁକ୍ତ କରାଯାଇଛି। ୧୯୮୯ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଶ୍ରୀନିବାସଙ୍କର କେନ୍ଦ୍ରରେ କାର୍ଯ୍ୟକରିବାର ବ୍ୟାପକ ଅଭିଜ୍ଞତା ଥିଲେ ମଧ୍ୟ ତାଙ୍କୁ କେନ୍ଦ୍ରକୁ ଫେରାଇ ନିଆ ନ ଯାଇ ଏଭଳି ନିଯୁକ୍ତି ଦିଆଗଲା। ପ୍ରଶାସନିକ ସଂସ୍କାର, ପେନ୍‌ସନ ଓ ଅଭିଯୋଗରେ କେନ୍ଦ୍ରୀୟ ସଚିବ ଭାବରେ ତାଙ୍କର ଏକ ଭିନ୍ନ ଦୃଷ୍ଟିକୋଣ ଥିଲା। ଏବେ ସେ ଜୟପୁରର ସଚିବାଳୟରେ ସେହି ଦୃଷ୍ଟିକୋଣ ଆପଣାଇବେ ବୋଲି ଆଶା କରାଯାଉଛି। ଶ୍ରୀନିବାସ ସେପ୍ଟେମ୍ବର ୨୦୨୬ରେ ଅବସର ନେବାକୁ ଯାଉଛନ୍ତି, ଅର୍ଥାତ୍ ସରକାର ସମୟ ବୃଦ୍ଧି ନ କଲେ ତାଙ୍କୁ ଦେଢ଼ବର୍ଷରୁ କମ୍ ସମୟ ମିଳିବ। ଏହି ସମୟରେ ତାଙ୍କ ପୂର୍ବବର୍ତ୍ତୀ ଅଧିକାରୀ ସୁଧାଂଶ ପନ୍ତଙ୍କୁ ଦିଲ୍ଲୀ ଫେରାଇ ନିଆଯାଇଛି। ଆସନ୍ତା ବର୍ଷ ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ସଚିବ ଭାବରେ ସେ ଦାୟିତ୍ୱ ଗ୍ରହଣ କରିବେ, ହେଲେ ତା'ପୂର୍ବରୁ ତାଙ୍କୁ ଅଫିସର୍ସ ଅନ୍ ସ୍ପେଶିଆଲ ଡ୍ୟୁଟି ଭାବରେ କିଛିଦିନ ପାଇଁ ରଖାଯାଇଛି। କିନ୍ତୁ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍, ଭିନ୍ନକ୍ଷମ ସଶକ୍ତୀକରଣ ସମେତ ଅନେକ ମନ୍ତ୍ରଣାଳୟରେ ବହୁ ବରିଷ୍ଠ ପଦବୀ ଖାଲି ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱଷ୍ଟ ଭାବରେ ରାଜନୈତିକ ପ୍ରାଥମିକତା ଭିତ୍ତିରେ ପ୍ରଶାସନକୁ ପୁନଃ ସନ୍ତୁଳନ କରିବା ପାଇଁ ପ୍ରମୁଖ ପଦବୀଗୁଡ଼ିକରେ ନିଯୁକ୍ତିର ପଥ ଖୋଲା ରଖିଛନ୍ତି। ଏହା ଏକ ପ୍ରସ୍ତାବନା। ଦିଲ୍ଲୀର ଅନେକେ ବିଶ୍ୱାସ କରନ୍ତି , ପ୍ରକୃତ ପଦକ୍ଷେପ ରାଜନୈତିକ ସ୍ତରରେ ନିଆଯିବ। କେନ୍ଦ୍ରରେ ପ୍ରମୁଖ ସଚିବ ପଦବୀଗୁଡ଼ିକ ଖାଲି ପଡ଼ିଛି ଏବଂ ବରିଷ୍ଠ ଅଧିକାରୀଙ୍କୁ ଚୁପ୍‌ଚାପ ପୁନଃ ଅବସ୍ଥାପିତ କରାଯାଉଛି। ଏଥିରୁ ବୁଝାପଡୁଛି , କିଛି ବଡ଼ କାର୍ଯ୍ୟ ପାଇଁ ଭିତ୍ତିଭୂମି ପ୍ରସ୍ତୁତ ହେଉଛି।

### ସିଏପିଏଫ୍‌ରେ ଆଇପିଏସ୍

ଅନେକ ଦଶନ୍ଧି ଧରି ଭାରତର କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ (ସିଏପିଏଫ୍)ର ଶୀର୍ଷ ଅଧିକାରୀ ପଦବୀ ଆଇପିଏସ୍ ଦଖଲରେ ରହିଆସିଛି। ଏବେ ସୁପ୍ରିମକୋର୍ଟ ଏକ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ସେହି ଧାରାରୁ ଓହରିଯିବା ପାଇଁ କହିଛନ୍ତି। କେନ୍ଦ୍ରର ସମୀକ୍ଷା ଆବେଦନକୁ କୋର୍ଟ ଖାରଜକରି ମେ ୨୦୨୫ରେ ଆଇପିଏସ୍ ଡେପୁଟେଶନର ପର୍ଯ୍ୟାୟକ୍ରମେ ହ୍ରାସ ପାଇଁ ପୂର୍ବରୁ ଦେଇଥିବା ରାୟ ବଳବତ୍ତର ରଖିଛନ୍ତି। ଏପରିକି ସ୍ଥିତିରେ ପରିବର୍ତ୍ତନ ପାଇଁ ୨ ବର୍ଷ ସମୟ ଦେଇଛନ୍ତି ଏବଂ ଏହାକୁ କୌଣସି ପ୍ରକାରେ ବୃଦ୍ଧି କରାଯିବ ନାହିଁ ବୋଲି କୋର୍ଟ କହିଛନ୍ତି। ସମ୍ପ୍ରତି ସିଏପିଏଫ୍‌ରେ ସମସ୍ତ ଆଇଜି ପଦବୀର ଅଧା ଏବଂ ଡିଆଇଜି ପଦବୀର ଏକପଞ୍ଚମାଂଶ ଆଇପିଏସ୍ ଅଧିକାରୀଙ୍କ ପାଇଁ ସଂରକ୍ଷିତ। ସେହି ଧାରା ଦଶନ୍ଧି ଧରି ପଦାନୁକ୍ରମରେ ରହିଆସିଛି। ଅନେକ ସଂଖ୍ୟକ ସିଏପିଏଫ୍ ଅଧିକାରୀ ଆଇଜି ପଦବୀ ପାଇଁ ୩୦ ବର୍ଷ ଅପେକ୍ଷା କରିଛନ୍ତି। ଏହି ରାୟ ମଧ୍ୟ କୁହାଯାଇଛି, କ୍ୟାଡର ପାଇଁ ସିଏପିଏଫ୍‌ଗୁଡ଼ିକୁ ପୂର୍ଣ୍ଣ ସଂଗଠିତ ଗୋଷ୍ଠୀ ଭାବେ ଦେଖିବା ସହ ତାହାକୁ ସେବା ଭାବରେ ବ୍ୟବହାର କରାଯିବା ଉଚିତ । ସରକାରଙ୍କ ଅନୁଯାୟୀ, ସିଏପିଏଫ୍ ଗ୍ରୁପ୍ 'ଏ' କାର୍ଯ୍ୟନିର୍ବାହୀ କ୍ୟାଡରରେ ମାତ୍ର ୧.୪% ଆଇପିଏସ୍ ଅଧିକାରୀ ଅଛନ୍ତି। କିନ୍ତୁ କାହାକୁ ପଦୋନ୍ନତି ଦିଆଯିବ କାର୍ଯ୍ୟାଳୟର କୋଣରେ ବସିଥିବା ଏହି ବର୍ଗ ହିଁ ନିଷ୍ପତ୍ତି ନିଅନ୍ତି। ଏହା ରାତାରାତି ଆଇପିଏସ୍ ପ୍ରଭାବକୁ ଶେଷ କରିଦେବା ଅସମ୍ଭବ। ଏହି ଯୁଦ୍ଧ ଏବେ କ୍ୟାଡର ସମୀକ୍ଷା କମିଟି, ସେବା ନିୟମ ବିଭ୍ରାଟ ଏବଂ ନର୍ଥ ବ୍ଲକ୍‌ର ଅମଲାତାନ୍ତ୍ରିକ ଖୋଳତାଡ଼ ପର୍ଯ୍ୟନ୍ତ ଗତି କରିବ। ହେଲେ କିଛି ବଡ଼ ପରିବର୍ତ୍ତନ ହୋଇଛି ବୋଲି କୁହାଯାଇପାରେ।

Email: dilipcherian@gmail.com

# ଗୋଟିଏ ନାମ ଦୁଇଟି ଦେଶ



ବୈକୁଣ୍ଠନାଥ ମିଶ୍ର

ଓଡ଼ିଶାର ପଡ଼ୋଶୀ ରାଜ୍ୟ ଛତିଶଗଡ଼ର ରାଜଧାନୀ ରାୟପୁର ସହରରେ ମୋର ଆତ୍ମଜ ଏକ ପ୍ରତିଷ୍ଠିତ ବ୍ୟାଙ୍କର ପରିଚାଳକ ଥିବା ଅବସରରେ ପ୍ରାୟ ପାଞ୍ଚବର୍ଷ ତଳେ ଆମେ ସେଠାକୁ ଭ୍ରମଣରେ ଯାଇଥିଲୁ। ତୁଳସୀ ବୋଲି ଜଣେ ମଧ୍ୟ ବୟସ୍କା ସ୍ତ୍ରୀ ଲୋକ ଘରପାଇଟି କରିବାକୁ ଆସେ। ସେ ଆମ ରାଜ୍ୟର ନୂଆପଡ଼ାର ବାସିନ୍ଦା। ସେ ଓଡ଼ିଆ କମ କହେ କିନ୍ତୁ ହିନ୍ଦୀ ସତେ ଯେମିତି ତା'ର ମାତୃଭାଷା। ମୁଁ ଥରେ ତାକୁ କହିଲି ତୁମେ ତ ଓଡ଼ିଆ। ଓଡ଼ିଆରେ ଆମସହ କଥା ହେଉନ କାହିଁକି ? ତା'ର ଉତ୍ତର ଥିଲା ହଁ ଆଜ୍ଞା ଆମେ ଓଡ଼ିଆ କିନ୍ତୁ ତୁମେମାନେ ତ ଓଡ଼ିଆ ନୁହଁ ନା। ତୁମେ ସବୁ ବଙ୍ଗାଳୀ କିମ୍ବା ମାରୱାଡି। ତୁମ ଭାଷା କିଛି ବୁଝିହେଲେ ମଧ୍ୟ ଆମେ କହିପାରିବୁ ନାହିଁ। ଆମେ ଯେତେ ବୁଝାଇଲେ ମଧ୍ୟ ସେ ବୁଝିଲା ନାହିଁ। ତା'ର ଯୁକ୍ତି ହେଲା ତୁମେ ଯଦି ଓଡ଼ିଆ ହୋଇଥାନ୍ତ ତେବେ ଆମପରି ପର ମୁଲକରେ କାମ କରୁଥାନ୍ତ। ଯେହେତୁ ତୁମେ ଆମ ପରି ମଳିମୁଣ୍ଡିଆ ନୁହଁ, ତେଣୁ ତୁମେ ଓଡ଼ିଆ ନୁହଁ। ତା' କଥାରୁ ବୁଝାପଡ଼ିଲା ଯେ ଯେଉଁମାନେ ପର ରାଜ୍ୟରେ ମୂଲଲାଗି କିମ୍ବା ଦାଦନଖଟି ପେଟ ପୋଷନ୍ତି, ସେମାନେ ସବୁ ଓଡ଼ିଆ ଓ ଅନ୍ୟମାନେ ଅଣଓଡ଼ିଆ। ଆମକୁ ସେମାନେ ଅଣଓଡ଼ିଆ ବୋଲି ବିବେଚନା କରନ୍ତି। ସେ ଆଉ ଯେଉଁ କଥା କହିଲା ତାହା କମ୍ ବିସ୍ମୟକର ନୁହେଁ। ସେ କହିଲା କଟକ ଭୁବନେଶ୍ୱରରେ ଯେଉଁମାନେ ରହନ୍ତି ସେମାନେ ବଡ଼ଲୋକ। ସୁତରାଂ ଓଡ଼ିଆ ନୁହନ୍ତି। ମୋ ମନ ମଧ୍ୟରେ ଏକ ଅସମାହିତ ପ୍ରଶ୍ନ ଉଙ୍କି ମାରିବାକୁ ଲାଗିଲା ଯେ ଓଡ଼ିଶା ଭୌଗୋଳିକ ଦୃଷ୍ଟିରୁ ଏକ ହେଲେ ମଧ୍ୟ ଅର୍ଥନୀତି ଦୃଷ୍ଟିରୁ ଓଡ଼ିଶା ଦୁଇଟି- ଯଥା ଧନୀରାଜ୍ୟ ଓ ଗରିବ ରାଜ୍ୟ।

ଭାରତର ଅବସ୍ଥା ମଧ୍ୟ ଅନୁରୂପ। ଅର୍ଥନୈତିକ ଦୃଷ୍ଟିକୋଣରୁ ଭାରତ ଦୁଇ ଭାଗରେ ବିଭକ୍ତ ଯଥା ଧନିକ ଭାରତ ଓ ଗରିବ ଭାରତ। ଜଣେ ବ୍ୟକ୍ତିର ସ୍ଥିତି (ଷ୍ଟାଟସ୍)କୁ ଦେଖି ସେ ଧନୀ କିମ୍ବା ଗରିବ ତାହା ନିର୍ଦ୍ଧାରଣ କରାଯାଏ। ଧନୀ ଗରିବଙ୍କ ମଝିରେ ମଧ୍ୟବିତ୍ତର ଉପସ୍ଥିତି ଅଛି କିନ୍ତୁ ସ୍ଥିତି ନାହିଁ। କିନ୍ତୁ ଦେଶର ମଧ୍ୟବିତ୍ତ ଗୋଷ୍ଠୀ ଅଧିକ ଟିକସ ଦିଅନ୍ତି, ବଜାରକୁ ସକ୍ରିୟ ଓ ଅର୍ଥନୀତିକୁ ଚଳମାନ କରନ୍ତି। ୨୦୨୫ ମେ ୨୪ରେ ନୀତି ଆୟୋଗ ଦଶମ ଗଭର୍ନିଂ କାଉନ୍‌ସିଲ ବୈଠକ ପରେ ଆୟୋଗର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ବି.ଭି. ଆର୍ ସୁବ୍ରମଣ୍ୟମ୍ ଗଣମାଧ୍ୟମକୁ ସୂଚନା ଦେଇ କହିଲେ ଯେ ଭାରତର ପ୍ରଖର ବିକାଶଧାରା ଯୋଗୁ



ଭାରତ ଜାପାନକୁ ଅତିକ୍ରମ କରି ବିଶ୍ୱର ଚତୁର୍ଥ ଅର୍ଥନୀତିରେ ପରିଣତ ହୋଇଛି। ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିର ଆକଳନ ଅନୁଯାୟୀ ସୁବ୍ରମଣ୍ୟମ୍ ଏପରି ତଥ୍ୟ ଦେଲାପରେ ଭାରତୀୟମାନେ ଉତ୍‌ଫୁଲ୍ଲିତ ହୋଇପଡ଼ିଛନ୍ତି। ସୁବ୍ରମଣ୍ୟମ୍‌ଙ୍କ ପ୍ରଦତ୍ତ ତଥ୍ୟ ଅନୁସାରେ ଭାରତର ଜି.ଡି.ପି. ୨୦୨୫ ସୁଦ୍ଧା ୪୧୮୭.୦୩ ବିଲିୟନ ଡଲାରରେ ପହଞ୍ଚିଥିବା ବେଳେ ଜାପାନର ଜି.ଡି.ପି. ୪୧୮୬.୪୩ ବିଲିୟନ ଡଲାର ଅଛି। ଭାରତର ଅର୍ଥନୀତି ଅତ୍ୟନ୍ତ ସୁଦୃଢ଼ ବୋଲି ସରକାର ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ଅପର ପକ୍ଷେ ଦେଖିଲେ ସେହି ଅବଧିରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ୮୧କୋଟି ୩୫ଲକ୍ଷ ଲୋକଙ୍କୁ ମାଗଣା ଖାଦ୍ୟଶସ୍ୟ ବଣ୍ଟନ ଏକ ବିରୋଧାଭାସ ନୁହେଁ କି ? ଅନ୍ୟ ଅର୍ଥରେ କହିଲେ ୧୪୦ କୋଟି ଲୋକଙ୍କ ମଧ୍ୟରେ ୮୧କୋଟି ୩୫ଲକ୍ଷ ଲୋକ ନିଚ୍ଛକ ଗରିବ, ଯେଉଁମାନେ ଉଦର ପୂରଣ ପାଇଁ ସରକାରଙ୍କୁ ହାତ ପାତନ୍ତି।

କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ୍ ଗଡକରୀ ଗତ ଜୁନ୍‌ରେ ନାଗପୁରଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି ଯେ ଗରିବଙ୍କ ସଂଖ୍ୟା ବଢୁଥିଲା ବେଳେ ହାତଗଣତି କିଛି ଲୋକଙ୍କ ପାଖରେ ପ୍ରଚୁର ଧନ ଠୁଳ ହୋଇଛି। ଏଥିରୁ ସୂଚନା ମିଳେ ଯେ ଦେଶର ଜି.ଡି.ପି. ବଢୁଛି ସତ; କିନ୍ତୁ ସମତାଳରେ ଗରିବଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି।

କରୋନା ମହାମାରୀ ସମୟରେ ଲକ୍ଷ ଲକ୍ଷ ଲୋକ ଜୀବିକା ହରାଇଲେ ଓ ଦୋକାନ ବଜାର ସବୁ ବନ୍ଦ ହୋଇଗଲା। କିନ୍ତୁ ଆଶ୍ଚର୍ଯ୍ୟର କଥା ସେହି ସମୟରେ ବଡବଡ କମ୍ପାନୀଗୁଡ଼ିକ ପ୍ରଚୁର ଲାଭକଲେ। ରିଜର୍ଭ ବ୍ୟାଙ୍କର ତଥ୍ୟ ଅନୁଯାୟୀ କରୋନା ସମୟରେ ବଜାର କାରବାର କମ୍ ହେବା ସତ୍ତ୍ୱେ କମ୍ପାନୀଗୁଡିକର ଲାଭ ୧୧୫.୬ ପ୍ରତିଶତ ବୃଦ୍ଧି ପାଇଲା। ଅର୍ଥନୀତିର ଯେଉଁ ସୁଧାର ଆସିଛି ବୋଲି ଆମେ ଉଲ୍ଲସିତ ହେଉଛୁ, ତା'ର ବାସ୍ତବତା ହେଲା ଧନୀ ଓ କ୍ଷମତାଶାଳୀ ବର୍ଗର ଲୋକେ ଲାଭବାନ ହୋଇଛନ୍ତି। ଅନ୍ୟ ସମସ୍ତଙ୍କ ଭାଗ୍ୟ ନୈରାଶ୍ୟ ମଧ୍ୟକୁ ଠେଲି ହୋଇଯାଇଛି। ସେମାନେ ଉପେକ୍ଷିତ। ଚିନ୍ତାର ବିଷୟ ଏହା ଯେ ମଧ୍ୟବିତ୍ତ ବର୍ଗର ଚାକିରିଆମାନେ କମ୍ପାନୀମାନଙ୍କ ତୁଳନାରେ ଅଧିକ ଟିକସ ଦେଉଥିଲେ ମଧ୍ୟ ସେମାନେ ଅବହେଳିତ।

ବର୍ତ୍ତମାନର ସ୍ଥିତି ଜଟିଳ। ୧୦ଭାଗ ଲୋକଙ୍କ ପାଖରେ ଦେଶର ଅଧାରୁ ଅଧିକ ସମ୍ପତ୍ତି ଥିବାବେଳେ ୯୦ଭାଗ ଲୋକଙ୍କ ପାଖରେ ଅଛି ଅବଶିଷ୍ଟ ସମ୍ପତ୍ତି। ଗରିବର ସଂଗ୍ରାମ ଶେଷ ହେଉନାହିଁ ଯଦିଓ ସରକାର ପରେ ସରକାର ଆସି ଗରିବର ବନ୍ଧୁ ବୋଲି ନିଜକୁ ଅଭିହିତ କରନ୍ତି। ଇନ୍ଦିରା ଗାନ୍ଧୀଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ ଗରିବୀ ହଟାଓର ସ୍ଲୋଗାନ ଦିଆଯାଇଥିଲେ ମଧ୍ୟ ତାହା ବଢ଼ି ଚାଲିଛି। ସହରରେ ସୁଦୃଶ୍ୟ ପ୍ରାସାଦ ଗଢ଼ିଉଠୁଥିବା ବେଳେ ଗ୍ରାମୀଣ ତଥା କ୍ଷୁଦ୍ର ସହରର ଗରିବ ବାସିନ୍ଦା ଭବିଷ୍ୟତ ଚିନ୍ତାରେ ଉଦ୍‌ବିଗ୍ନ। ଏଥିରୁ ମନେହୁଏ ସତେ ଯେପରି ଦୁଇଟି ସମାନ୍ତରାଳ ଭାରତ ପୃଥକଭାବେ ଗତି କରୁଛନ୍ତି। ଗୋଟିଏ ଧନୀ ଓ ଗୋଟିଏ ଗରିବ ଭାରତ। ଗତମାସରେ ଯେତେବେଳେ କେନ୍ଦ୍ର ସରକାର ଜି.ଏସ.ଟି. ସଂଶୋଧନ କଲେ ସେତେବେଳେ ଆଶା ଜାଗ୍ରତ ହେଲା ଯେ ଦ୍ରବ୍ୟର ମୂଲ୍ୟ ଆନୁପାତିକ ଭିତ୍ତିରେ ହ୍ରାସ ପାଇବ ଓ ଗରିବ ଉପକୃତ ହେବେ। କିନ୍ତୁ ବାସ୍ତବ କ୍ଷେତ୍ରରେ ଆବଶ୍ୟକୀୟ କୌଣସି ଦ୍ରବ୍ୟ ଶସ୍ତା ହୋଇନାହିଁ। ଗରିବଟି ତେଲ, ଲୁଣ, ଔଷଧ ଇତ୍ୟାଦି ଯେଉଁ ଦରରେ କିଣୁଥିଲା ଏବେ ମଧ୍ୟ ତାହା ଅପରିବର୍ତ୍ତିତ ଅଛି। ଗାଡିମୋଟର ଉପରେ ଟିକସ ଶସ୍ତା ହେଲେ ଗରିବର କି ଦୁଃଖ ଯାଏ ? ଭାରତ ସରକାର ସର୍ବନିମ୍ନ ମଜୁରି ଦୈନିକ ୧୭୮ଟଙ୍କା ଧାର୍ଯ୍ୟ କରିଛନ୍ତି। ଯେତେ ବ୍ୟୟ ସଂକୋଚ ନୀତି ଆପଣେଇଲେ ମଧ୍ୟ ଏତିକି ଟଙ୍କାରେ ଗୋଟିଏ ପରିବାର ଚଳିପାରିବ ନାହିଁ।

କୃଷକ ସଦାକାଳେ ଗରିବ। ଆଗକୁ ରହିଥିବ ମଧ୍ୟ। ମୋଟାମୋଟି ଭାବେ କହିବାକୁ ଗଲେ ଆମେ ଦୁଇଟି ପୃଥକ ଭାରତ ଗଠନ କରି ସାରିଛୁ। ଯଦି ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତଙ୍କୁ ଗରିବ ତାଲିକାରେ ଯୋଗ କରାଯାଏ ତେବେ ଏ ବିଶାଳ ଭାରତବର୍ଷ ଏକ ବୃହତ୍ ଗରିବ ଦେଶ ହେବ। ଏବେ ସମୟ ଆସିଛି ଆମେ ଆମ ଆୟ ଓ ବ୍ୟୟର ଉତ୍ସକୁ ନେଇ ନିଜକୁ ଆକଳନ କରିବା ଆମେ କେଉଁ ଭାରତର ଅଧିବାସୀ। ଶ୍ରେଣୀହୀନ ଭାରତ ଗଠନଭଳି ଏକ ସମାଜବାଦୀ ଚିନ୍ତାଧାରାରୁ ବାହାରି ଆସି ଆମେ ଏକ ଶ୍ରେଣୀଯୁକ୍ତ ସମାଜ ଗଠନ କରି ସାରିଲୁଣି। ଧନୀ କଳାଧନର ପାହାଡ ସୃଷ୍ଟି କରି ଚାଲିଥିବା ବେଳେ ଗରିବ ନିଃସ୍ୱ ହେବାରେ ଲାଗିଛି। ଦିବ୍ୟ ଜନନୀ ଶ୍ରୀମାଙ୍କ ବାଣୀ ଏଠାରେ ପ୍ରଣିଧାନ ଯୋଗ୍ୟ। 'ଗୋଟିଏ ସ୍ଥାନରେ ମାଟି ପକାଇ ଉଚ୍ଚ କରିବାର ଅର୍ଥ ଅନ୍ୟ ଗୋଟିଏ ସ୍ଥାନରୁ ମାଟି ଖୋଳି ଖାଲ ସୃଷ୍ଟି କରିବା।' ସୁତରାଂ ଗରିବକୁ ଶୋଷଣ ନ କଲେ ଧନୀର ବିତ୍ତ ସାମ୍ରାଜ୍ୟ ବିସ୍ତାର ଲାଭ କରିପାରିବ ନାହିଁ। ଗରିବ କଲ୍ୟାଣକୁ ପ୍ରାଥମିକତା ଦିଆଯିବା ବାଞ୍ଛନୀୟ।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ: ୯୯୩୭୪୫୦୫୪୦

# ବିଶ୍ୱାସ ମୂଳେ ଏ ଜଗତ



ରାଧାଶ୍ୟାମ ରାଉଳ

ଆଜିର ସମୟରେ, ବିଶ୍ୱାସ କରିହେଉନାହିଁ କାହାକୁ। ବିଶ୍ୱାସ ବନ୍ଧାପଡୁଛି, ସ୍ୱାର୍ଥ ପାଖରେ। ପ୍ରେମରେ, ଭକ୍ତିରେ, ସମ୍ପର୍କରେ, ବୃତ୍ତିରେ, ପ୍ରବୃତ୍ତିରେ, ପରିବାରରେ, ସମାଜରେ ପରସ୍ପର ପ୍ରତି ରହୁନାହିଁ ବିଶ୍ୱାସ। ଆଶଙ୍କା ଭିତରେ ଗତିକରିବାକୁ ପଡୁଛି; କିଏ ଜାଣେ କେତେବେଳେ ବିଶ୍ୱାସରେ ମିଶିଯିବ ବିଷ ! ଜୀବନର ଅନେକ କ୍ଷେତ୍ରରେ ଆମେ ବେଶ୍ ଭଲଭାବେ ପରଖି ପାରୁଛୁ ଯେ, ବିଶ୍ୱସ୍ତ ବୋଲାଉଥିବା ବନ୍ଧୁ ପରବର୍ତ୍ତୀ ସମୟରେ ବିଶ୍ୱାସଘାତକ ହେଉଛନ୍ତି। ସମ୍ପର୍କରେ ସନ୍ଦେହର ସୂତ୍ରପାତ ହେଉଛି ! ଆମଭିତରୁ କେହି କ'ଣ ଦମ୍ଭର ସହ ଛାତିରେ ହାତ ବାଡ଼େଇ କହିପାରିବେ, ଆଜିର ଦିନରେ ବେଶ୍ ସୁରକ୍ଷିତ ବିଶ୍ୱାସର ବଳୟ !

ଦୀର୍ଘବର୍ଷର ବନ୍ଧୁତା ଭିତରେ ଜଣେ ବନ୍ଧୁ ଆଉଜଣେ ବନ୍ଧୁଙ୍କୁ ବିଶ୍ୱାସ କରିପାରୁ ନ ଥିବାବେଳେ କେହି ତୃତୀୟପକ୍ଷର ଚକ୍ରାନ୍ତ ଓ ଷଡ଼ଯନ୍ତ୍ର ହେତୁ ସମ୍ପର୍କରେ ସଙ୍କଟ ଉପୁଜିବା, ବନ୍ଧୁତାରେ ଫାଟ ସୃଷ୍ଟିହେବାର ନଜିର ଅନେକ ମିଳିବ ଆଜିର ସମୟରେ। ଭୁଲ୍ ବୁଝାମଣାରୁ ବନ୍ଧୁ ବନ୍ଧୁଙ୍କୁ ହୃଦୟହୀନ କହିପାରନ୍ତି, କର୍ତ୍ତୃପକ୍ଷ କର୍ମଚାରୀ ଉପରେ ତୋଡ ଦେଖେଇ ନିଜର କର୍ତ୍ତୃତ୍ୱ ଜାହିର କରିପାରନ୍ତି, ନେତା ଜନତାଙ୍କୁ ଆଗାମୀ ନିର୍ବାଚନରେ ପ୍ରତ୍ୟାଖ୍ୟାନ କରିପାରନ୍ତି ଏବଂ ସର୍ବୋପରି ପଡ଼ୋଶୀ ପଡ଼ୋଶୀଙ୍କ ପ୍ରତି ପ୍ରତିହିଂସାପରାୟଣ ହୋଇପାରନ୍ତି ! ତେବେ କଥା ଏତିକିରେ ସରୁନାହିଁ। ଏବେ ପରିସ୍ଥିତି ଏତେମାତ୍ରାରେ ଜଟିଳ ହୋଇଯାଇଛି ଯେ, ଭୁଲ୍ ବୁଝାମଣାଜନିତ ହିଂସା, ଅପରାଧ, ଅସହିଷ୍ଣୁତା ନିକଟରେ ବିଶ୍ୱାସ ବନ୍ଦୀ ହେବାକୁ ବାଧ ଯେମିତି। ଏହା ସତ୍ୟ ଯେ, ନିଜକୁ ବିଶ୍ୱାସୀ ବୋଲାଉଥିବା ବନ୍ଧୁମାନେ ପରବର୍ତ୍ତୀ ସମୟରେ ବିଶ୍ୱାସଘାତକ ସାଜୁଛନ୍ତି। ତେଣୁ ଏବେ ନିଜର କି ଆପଣାର ଲୋକ ବୋଲି କାହାକୁ ଭରସି ହେଉନାହିଁ। କାରଣ ଆପଣାର ଲୋକ ବିପଦ ଆପଦରେ ସାହାଯ୍ୟ କରିବେ କ'ଣ ଓଲଟି ମହରଗରୁ ନେଇ କାନ୍ତାରରେ ପକେଇ ଦେଉଛନ୍ତି। ଏଭଳି ଦୁଃସମୟ ଆସି ପହଞ୍ଚିଛି ଯେ, ଅନ୍ୟ କାହା କଥା କହିବା ଯେ ? ଖୋଦ ନିଜର ରକ୍ତ ପରା ନିଜକୁ ଜାଣୁନାହିଁ, ଚିହ୍ନୁନାହିଁ କି ବୁଝୁନାହିଁ। ଅଣ୍ଟି ଛୁରି ତଣ୍ଟି କାଟୁଛି; ଏ ଅବ୍ୟକ୍ତକୁ ବ୍ୟକ୍ତକରିବା ହୁଏତ ମହାବିପଦ ନିଜ ପ୍ରତି !

ଏକ କବିତା ପାଠୋତ୍ସବରେ ଜନୈକ ଆଶୁ କବି ତାଙ୍କର ପଠିତ କବିତାରେ କୃତଜ୍ଞ ଓ କୃତଘ୍ନ ବ୍ୟକ୍ତିମାନଙ୍କର ସଂଜ୍ଞା, ସ୍ୱରୂପ ନିରୂପଣ କରୁଥିଲେ। କୃତଜ୍ଞ ହେଉଛନ୍ତି ସେହି ବ୍ୟକ୍ତି ଯିଏ ଉପକାର ସ୍ୱୀକାରକ। ଅର୍ଥାତ୍ ଉପକାର ମନେରଖି ଉପକାରୀ ନିକଟରେ ଯେ ନିଜକୁ ଋଣୀ ବୋଲି ମନେକରେ। ଅପରପକ୍ଷେ କୃତଘ୍ନ ବ୍ୟକ୍ତି କୃତଜ୍ଞ ବ୍ୟକ୍ତିର ଠିକ୍ ବିପରୀତ। ଏଠାରେ ଅବଶ୍ୟ ପ୍ରକାଶ କରିବାରେ ଆଦୌ ଅସୁବିଧା ନାହିଁ ଯେ, ଜନୈକ ଆଶୁ କବି ନିକଟ ଅତୀତରେ ଏକ ସାଙ୍ଗଠନିକ ନିର୍ବାଚନରେ ହାରିଯାଇଥିବାରୁ ଏବେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଲୋକଚରିତ୍ରକୁ ବେଶ୍ ଭଲଭାବେ ବୁଝୁଛନ୍ତି, ହିସାବ କରି ମଧ ଦେଖୁଛନ୍ତି; ଗତ ସାଙ୍ଗଠନିକ ନିର୍ବାଚନରେ କିଏ ତାଙ୍କୁ ସହଯୋଗ,ସମର୍ଥନ କରିଛନ୍ତି କିଏ କଥା ଦେଇ କଥା ରଖିନାହାନ୍ତି ! ତେଣୁ ଲୋକମାନଙ୍କର ଚରିତ୍ର ଓ ସଭାରେ ବୀତସ୍ପୃହ ହୋଇ ସେ ଏଭଳି କବିତା ଲେଖିବା ସ୍ୱାଭାବିକ ବୋଲି ସାଧାରଣରେ ରୀତିମତ ଚର୍ଚ୍ଚା ହେଉଛି। ତେବେ ତାଙ୍କ କବିତାରୁ ଗୋଟିଏ ବାର୍ତ୍ତା ସ୍ୱଷ୍ଟ ଯେ, ଏବେ ସମାଜରେ କୃତଜ୍ଞଙ୍କ ସଂଖ୍ୟା କ୍ରମଶଃ କମି ଆସୁଥିବା ବେଳେ କୃତଘ୍ନଙ୍କ ସଂଖ୍ୟା ବଢ଼ିଚାଲିଛି !



କେହି କେହି ଆପଣଙ୍କ ପାଖକୁ ଆସି ଆପଣଙ୍କୁ ଉସ୍କେଇ ଓ ଫୁସୁଲେଇ କହିବେ, ''ଆଜ୍ଞା, ଆପଣ ଠିକ୍ ଅଛନ୍ତି ଆପଣଙ୍କ ଜାଗାରେ ! ଜମାରୁ ବ୍ୟସ୍ତ ନ ହୋଇ ଆଗକୁ ଆଗେଇଚାଲନ୍ତୁ, ଆପଣଙ୍କ ବାଟରେ। ଆମେ ପା' ଅଛୁ, ଆପଣଙ୍କ ସାଥିରେ। ଆମେ ଏକଜୁଟ ହୋଇ ଲଢ଼ିବା ଦୁର୍ନୀତି, ଭ୍ରଷ୍ଟାଚାର, ଛଳନା, ପ୍ରତାରଣା, ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ।''

ସେଇଠୁ ଆପଣ ସେମାନଙ୍କ କଥାରେ ଭଳିଯାଇ ସେମାନଙ୍କୁ ବିଶ୍ୱାସ କରି ଭାବିବେ'ଯାହାହେଉ, ସତ୍ୟର ପୂଜାରୀ, ବିଶ୍ୱାସୀ, ନିର୍ଭୀକ ଓ ସଚ୍ଚାମଣିଷ ଏବେ ବି ଅଛନ୍ତି ଆମ ସମାଜରେ !' ହେଲେ ଆଜ୍ଞା,ଏସବୁ ଭାବନା, ଧାରଣା ସଫେଦ ପ୍ରହେଳିକା। ଠିକଣାବେଳରେ କେହି ଜଣେ ବି ପାଖରେ ନ ଥିବେ। ଆପଣ ବିଚରା ଏକା ଧରାପଡ଼ିଯିବେ ଯାହି। ବଡ଼ ବିଚିତ୍ର ଆଜ୍ଞା ଆମ ଲୋକଚରିତ୍ର। ବିଶ୍ୱସ୍ତ ବୋଲାଇ ଆପଣଙ୍କୁ ଭାଲୁ ଲାଙ୍ଗୁଡ଼ ଧରେଇଦେବେ, ଗଛକୁ ଚଢ଼େଇ ଦେଇ ଗଛ ମୂଳ ହାଣିଦେବେ। ସାମ୍ନାରେ ପ୍ରଶଂସା କରି ପଛରେ ଅପଦସ୍ଥ, ବଦନାମ କରିବାର ମସୁଧା କରୁଥିବେ। ସବୁ ଚାଲିଥିବ, ସ୍ୱାଭାବିକ ଢଙ୍ଗରେ, କିନ୍ତୁ କେତେବେଳେ ଯେ ଜଣେ ବିଶ୍ୱାସଘାତକତାର ଶିକାର ହୋଇଯିବେ ଅତି ଆକସ୍ମିକ ଭାବରେ ; ଆଗତୁରା ଜାଣିବା ଆଦୌ ସମ୍ଭବପର ନୁହେଁ, ସେ ସମ୍ପର୍କରେ। କାରଣ ବିଶ୍ୱାସଘାତକମାନେ ଆମରି ଲୋକ। ଆମରି ପାଖେପାଖେ ଥାଆନ୍ତି, ମଧୁର ବିନୟ ବଚନ କହି ମନ ତୋଷନ୍ତି। କିନ୍ତୁ ହଠାତ୍ ବଦଳିଯାଆନ୍ତି, ପଟ୍ଟ ପରିବର୍ତ୍ତନ କରିଦିଅନ୍ତି। ଦୀର୍ଘଦିନର ସମ୍ପର୍କକୁ ଉପେକ୍ଷା କରି ତତ୍କାଳ ଭେଳିକିରେ ଭଳିଯାଆନ୍ତି।

ବିଶ୍ୱାସର ବଳୟ ସଦାବେଳେ ଆଘାତପ୍ରବଣ। ପୁରାଣ ହେଉ କି ଇତିହାସ, ବେଦ ହେଉ କି ଉପନିଷଦ; ଏହା ହିଁ ନିରାଟ ସତ୍ୟ ଓ ସର୍ବଜନବିଦିତ; ଏ ସବୁଥିରେ ବିଶ୍ୱାସଘାତକତାର ପ୍ରମାଣ ବହୁତ ! ନାୟକମାନେ ବିଶ୍ୱାସଘାତକତାର ବଶବର୍ତ୍ତୀ ହୋଇ ପରାଜୟ ବରଣ କରିଛନ୍ତି, କେଉଁଠି କେଉଁଠି ମଧ ମୃତ୍ୟୁ ଲଭିଛନ୍ତି। ଖଳନାୟକମାନେ କ୍ଷମତାଧାରୀ ହୋଇ ସାମ୍ରାଜ୍ୟ, ସଭ୍ୟତା, ସଂସ୍କୃତି, ସାହିତ୍ୟ, ରାଜନୀତି, ସାମାଜିକ ବ୍ୟବସ୍ଥା ଇତ୍ୟାଦିରେ ମୋଡ଼ ବଦଳେଇ ଭାଗ୍ୟବିଧାତା ସାଜିଛନ୍ତି। ଏବେକାର ସମୟରେ ମଧ ଆମେ ପ୍ରାୟ ସଭିଏ ସେମନ୍ତ ଭେଳିକି ଓ ହାୱାରେ ମାତିଛନ୍ତି।

ବୀମାବିହାର, ମର୍କତନଗର, କଟକ
ମୋ:୯୪୩୭୦୯୦୯୮୫

## ଏଇ ଭାରତରେ

ରାଜସ୍ଥାନର ମରୁଭୂମି ଜିଲା ଭାବେ ବାର୍‌ମର ବେଶ୍ ଜଣାଶୁଣା। ଏହି ଅଞ୍ଚଳରେ ବର୍ଷର ସବୁ ସମୟରେ ପିଇବା ପାଣି ପାଇବା କଷ୍ଟକର। ଘରେ ରୋଷେଇ ଓ ଅନ୍ୟାନ୍ୟ କାମ ପାଇଁ ଆବଶ୍ୟକ ପାଣି ମହିଳାମାନେ ଯୋଗାଡ଼ କରି ରଖୁଥିବାରୁ ବହୁ ସମୟରେ ଏହି ଅଭାବ ସେମାନଙ୍କୁ ଚାପଗ୍ରସ୍ତ କରି ରଖେ। ଅନେକ ସମୟରେ ଜିଲାର ବିଭିନ୍ନ ଅଞ୍ଚଳରେ ଥିବା ବଡ଼ ବାମ୍ପିରୁ ପାଣି କାଢ଼ିବା ସମୟରେ ସେଥିରେ ପଡ଼ି ବହୁ ମହିଳାଙ୍କ ଜୀବନ ଚାଲିଯାଇଛି। ଏଭଳି ସମସ୍ୟାକୁ ଅନୁଭବ କରି ଜିଲାପାଳ ଟିନା ଦାବି ତାହାକୁ ଦୂର କରିବାରେ ଅନେକାଂଶରେ ସଫଳ ହୋଇପାରିଛନ୍ତି। ସେ ବର୍ଷାଜଳ ସଂରକ୍ଷଣ କରି ରଖିବା ପାଇଁ ଜିଲାର ବିଭିନ୍ନ ଗାଁରେ ଟାଙ୍କି ନିର୍ମାଣ କରିଛନ୍ତି। ଜିଲାରେ ମୋଟ ୮୭,୦୦୦ ଟାଙ୍କି ନିର୍ମାଣ କରିସାରିଲେଣି। 'କ୍ୟାଚ ଦି ରେନ' ଅଭିଯାନରେ ତାଙ୍କୁ ଏହି ସଫଳତା ମିଳିପାରିଛି। ଟାଙ୍କିଗୁଡ଼ିକର ମୁହଁ ବନ୍ଦ କରି ସେଥିରେ ପମ୍ପ ଲଗାଯାଇଛି। ଏହି ଟାଙ୍କିଗୁଡ଼ିକର ପାଣିକୁ ବିଶୁଦ୍ଧ କରାଯାଉଛି ଏବଂ ୩ରୁ ୪ ମାସ ପିଇବା ପାଇଁ ବ୍ୟବହାର ହେଉଛି। ବାର୍‌ମର ଏବେ ଦେଶରେ ବର୍ଷାଜଳ ସଂରକ୍ଷଣ କ୍ଷେତ୍ରରେ ଏକ ମଡେଲ ଜିଲା ହୋଇପାରିଛି। ଟିନା ଦାବି ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହେବା ସହ ଜିଲା ପାଇଁ ୨ କୋଟି ଟଙ୍କାର ରାଶି ଗ୍ରହଣ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୨ ନଭେମ୍ବର ୧୯୭୬**

- କେନ୍ଦ୍ର ସରକାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ସ୍ୱାଧୀନତା ସଂଗ୍ରାମୀଙ୍କ ପେନ୍‌ସନ ବୃଦ୍ଧି କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।
- ସାଇପ୍ରସସ୍ଥିତ ଜାତିସଂଘ ଶାନ୍ତି ବାହିନୀର ସେନାପତି ଭାରତର ଦେୱାନ ପ୍ରେମଚାନ୍ଦ ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 7 | | | | 2 |
| | | | | 5 | | | | 6 |
| 3 | 9 | | | | | 7 | | |
| | 5 | | | | 3 | 8 | | |
| | 4 | | 7 | | | 3 | | |
| 7 | | | 4 | 6 | | | | |
| 2 | | | | 8 | | | | |
| 9 | 7 | | | | | 4 | | |
| | | | | | 9 | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 9 | 1 | 7 | 8 | 3 | 2 | 4 |
| 2 | 7 | 1 | 6 | 3 | 4 | 8 | 5 | 9 |
| 4 | 8 | 3 | 9 | 2 | 5 | 6 | 1 | 7 |
| 1 | 3 | 7 | 5 | 4 | 2 | 9 | 8 | 6 |
| 9 | 5 | 4 | 8 | 6 | 1 | 7 | 3 | 2 |
| 8 | 2 | 6 | 3 | 9 | 7 | 5 | 4 | 1 |
| 3 | 1 | 2 | 7 | 8 | 9 | 4 | 6 | 5 |
| 7 | 4 | 8 | 2 | 5 | 6 | 1 | 9 | 3 |
| 6 | 9 | 5 | 4 | 1 | 3 | 2 | 7 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଳୟ ଆସୁଛି

ମହାଶୟ,

ପ୍ରଳୟ ନା ଶୁଣି ଆମ ମନରେ ଭୂମିକମ୍ପ, ବନ୍ୟା, ସୁନାମି ଆଉ ବାତ୍ୟାର ଭାବନା ଏବଂ ଦୃଶ୍ୟ ଅସିଥାଏ। କିନ୍ତୁ ଏବେ ନିକଟ ଭବିଷ୍ୟତରେ ଯେଉଁ ପ୍ରଳୟ ଆସିବାକୁ ଯାଉଛି ସେଥିରେ ଏ ଭିତରୁ କିଛି ବି ହେବ ନାହିଁ । ତାହା ହେବ ପରିବେଶଗତ ପ୍ରଳୟ। ଏ ପ୍ରଳୟକୁ ଅଟକେଇବା ପାଇଁ ମଣିଷ ପାଖରେ କମ ସମୟ ଅଛି । ଭାରତର ଆକାଶ ଆଜି ଅଦୃଶ୍ୟ ଧୂଆଁର ଚାଦରେ ଘୋଡାଇ ରହିଛି। ଦିଲ୍ଲୀ, କଟକ, ଭୁବନେଶ୍ୱର, ପାଟନା, ଲକ୍ଷ୍ନୌ କୌଣସି ସହରର ଏକ୍ୟୁଆଇ ମାପଦଣ୍ଡ ଦିନକୁ ଦିନ 'ଅସୁସ୍ଥ' ଓ 'ଅତ୍ୟନ୍ତ ଅସୁସ୍ଥ' ଶ୍ରେଣୀର ସୀମା ଛୁଇଁଯାଉଛି। ମଣିଷ ଶ୍ୱାସ ନେଇ ପାରୁନାହାନ୍ତି, ଶ୍ୱାସ ପାଇଁ ଯୁଦ୍ଧ କରୁଛନ୍ତି। ଦେଶର ରାଜଧାନୀ ଏକ୍ୟୁଆଇର ମାତ୍ରା ୫୦୦ ପରେ ରହୁଛି। ଏହି ପ୍ରଦୂଷଣର ନୀରବ ଆକ୍ରମଣ ସର୍ବାଧିକ ପ୍ରଭାବ ପକାଉଛି ଶ୍ୱାସକୋଷରେ। ଫଳରେ ଆସ୍ଥମା, ବ୍ରୋଙ୍କାଇଟିସ, ହୃଦରୋଗ, ଷ୍ଟ୍ରୋକ ବଢୁଛି। ଭୟଙ୍କର କଥା ହେଲା ଶିଶୁମାନେ ଏହିସବୁ ସମସ୍ୟାରେ ସର୍ବାଧିକ ଶିକାର ହେଉଛନ୍ତି। ଏହାର ପ୍ରଭାବ ସମାଜର ଅନ୍ୟ ସ୍ଥାନରେ ପଡୁଛି। ଚିକିତ୍ସା ଖର୍ଚ୍ଚ ବଢ଼ିବା, କାମ କରିବାର କ୍ଷମତା କମିବା, ଫସଲ ନଷ୍ଟ ହେବା ସବୁକିଛି ଏହି ଅଦୃଶ୍ୟ ବିଷର ଫଳ। ଅର୍ଥନୀତି ମଧ ଚାପ ଅନୁଭବ କରୁଛି। ଯଦି ଏହି ଗତିରେ ପ୍ରଦୂଷଣ ଚାଲିଲା, ୨୦ ବର୍ଷ ପରେ ଭାରତର ସହର କେମିତି ଦେଖାଯିବ ? ତଥାପି ପଥ ଅଛି। ସରକାର, ସମାଜ ଓ ନାଗରିକମାନେ ଏକତାର ସାଥିରେ ପଦକ୍ଷେପ ନେଲେ ଏହି ବିପଦକୁ ରୋକାଯାଇପାରିବ। ପବନ ହେଉଛି ପ୍ରକୃତିର ବଡ଼ ଉପହାର। ପବନ ସୁସ୍ଥ ହେଲେ ଦେଶ ସୁସ୍ଥ ହେବ।

- ପ୍ରଭାତ କୁମାର ପଟ୍ଟନାୟକ, ଗଙ୍ଗାପୁର, ଗଞ୍ଜାମ

## ଚିରନ୍ତନୀ

ନିଭିଲା ଦୂର ଶଇଳ-ଚୂଡ଼ା
କାନନ ଗଲା ଭାସି
ଅରୂପ ହେଲା ଧରାର ରୂପରାଶି ।
ସକଳ ଦୂର ନିକଟ ହେଲା
ନିବିଡ଼େ ଗଲା ଛୁଇଁ
ସବୁଜ ଗିରି କାନନ ନଦୀ ଭୂଇଁ ।
-(ସନ୍ଧ୍ୟା ପଥେ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ



ଜି.ଉଦୟଗିରି,୨୧।୧୧(ଚିନ୍ମୟ କୁମାର ସେଠୀ) କନ୍ଧମାଳ ଜିଲା କଳିଙ୍ଗା ସରକାରୀ ବିଏଡ୍ କଲେଜରେ ଡ.ଦୀପକ କୁମାର ମହାନ୍ତି ନୂତନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏନେଇ କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀଙ୍କ ସହ ଛାତ୍ରୀଛାତ୍ର ମାନେ ଡ.ଦୀପକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଡ.ଦୀପକ ଆଇଆଇଟି ଖଡ଼ଗପୁରରେ ପିଏଚଡି କରିଥିବା ବେଳେ ୧୮ ବର୍ଷର ଶିକ୍ଷାଦାନ ସହ ଗବେଷଣା କରିବାର ଅଭିଜ୍ଞତା ରହିଛି। ଏହି ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନର ବିକାଶ ଓ ଶିକ୍ଷା ପ୍ରଶିକ୍ଷଣର ଭିତ୍ତିଭୂମିର ଉନ୍ନତି କରେଇବା ମୋର ପ୍ରାଥମିକତା ରହିବ ବୋଲି ନୂତନ ଅଧ୍ୟକ୍ଷ ସେ କହିଛନ୍ତି।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ବିରୋଧରେ ଥିବା ଅଭିଯୋଗର ତଦନ୍ତ

କୋଟଗଡ଼, ୨୧।୧୧ (ସରୋଜ ବଳିଆରସିଂ)

ଦୀର୍ଘଦିନ ହେବ ସୁବର୍ଣ୍ଣଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭଗବାନ ସୁରେନଙ୍କ ନାମରେ ସୁବର୍ଣ୍ଣଗିରି ସରପଞ୍ଚ ସୋମନାଥ ପ୍ରଧାନ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିକଟରେ କରିଥିବା ଅଭିଯୋଗର ତଦନ୍ତ ଶୁକ୍ରବାର ହୋଇଛି। ଜିଲା ସ୍ୱାସ୍ଥ୍ୟ ବିଭାଗର ୨ ଜଣିଆ ଟିମ୍ ଏଡିଏମ୍ ଅକ୍ଷୟ ସାହୁ, ପ୍ରତିଷ୍ଠାନ ଅଧିକାରୀ ରାଜ କିଶୋର ସିଂ ଏହାର ତଦନ୍ତ କରି ଫେରିଛନ୍ତି। ତଦନ୍ତ ବେଳେ ଡାକ୍ତର ସୁରେନ ଉପସ୍ଥିତ ଥିଲେ।

ଖବରରୁ ପକାଶ, ଗତ ସେପ୍ଟେମ୍ବର ୨୨ରେ ସୁବର୍ଣ୍ଣଗିରି ସରପଞ୍ଚ ସୋମନାଥ ଜିଲା ମୁଖ୍ୟ ଚିକିତ୍ସାଳୟ କାର୍ଯ୍ୟାଳୟରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଭେଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁରେନଙ୍କ ବିରୋଧରେ ଏକ ଅଭିଯୋଗ ପତ୍ର ଦେଇଥିଲେ। ଏଥିରେ ଡା. ସୁରେନ କର୍ମଚାରୀ ଓ ରୋଗୀମାନଙ୍କୁ ଟଙ୍କା ମାଗିବା, ରୋଗୀ ଚିକିତ୍ସା ନ କରି ଘରେ ଶୋଇବା, ରାଗ ରଖି କର୍ମଚାରୀଙ୍କୁ ହଇରାଣ କରିବା, ସ୍ୱାସ୍ଥ୍ୟକେନ୍ଦ୍ରରେ ମାସକୁ ୪/୫ ଦିନ ରହିବା ସହ ଅନ୍ୟାନ୍ୟ ଅଭିଯୋଗ ଉଲ୍ଲେଖ ରହିଛି। ତଦନ୍ତକାରୀ ଟିମ୍ ତଦନ୍ତ ବେଳେ ଅଭିଯୋଗପତ୍ରରେ ଦସ୍ତଖତ କରିଥିବା ସ୍ଥାନୀୟ ଲୋକ, ଆଶା କର୍ମୀ, ଏଏନ୍ଏମ୍ ଓ ଅନ୍ୟ କେତେଜଣଙ୍କୁ ଡାକିଥିଲେ ମଧ୍ୟ କେହି ଆସି ନ ଥିଲେ। କେବଳ ସୁବର୍ଣ୍ଣଗିରି ସରପଞ୍ଚ ସୋମନାଥ ଆସିଥିଲେ। ଅନ୍ୟପକ୍ଷରେ ଅଭିଯୋଗପତ୍ରରେ ଦସ୍ତଖତ କରିଥିବା ଗୁଗୁରୁମାହା ସରପଞ୍ଚ ମଶେଷ କାର୍ଜିମାଝିଙ୍କୁ ଟିମ୍ ଫୋନ କରି ପଚାରିବାରୁ ସେ କହିଲେ, ଆମେ ସବୁ ସରପଞ୍ଚ ଓ ସମିତି ସଭ୍ୟମାନେ ମିଶି ସୁବର୍ଣ୍ଣଗିରିକୁ ଏକ ନୂତନ ବ୍ଲକରେ ପରିଣତ କରିବାକୁ ସମସ୍ତେ ଦସ୍ତଖତ କରି ଏକ ପତ୍ର ପ୍ରଶାସନକୁ ସୁବର୍ଣ୍ଣଗିରି ସରପଞ୍ଚ ସୋମନାଥଙ୍କ ମାଧ୍ୟମରେ ପୂର୍ବରୁ ଦେଇଥିଲୁ। ମାତ୍ର ଡାକ୍ତରଙ୍କ ବିରୋଧରେ ନୁହେଁ। ଆମମାନଙ୍କ ଆଜ୍ଞାତରେ ପୂର୍ବର ସେସବୁ ଦସ୍ତଖତକୁ ନେଇ ସରପଞ୍ଚ ସୋମନାଥ ଡାକ୍ତରଙ୍କ ବିରୋଧରେ ଲେଖି ଦେଇଥିବା କାର୍ଜିମାଝି ପ୍ରକାଶ କରିଛନ୍ତି । ଡାକ୍ତରଙ୍କ ନାମରେ ଥିବା ସମସ୍ତ ଅଭିଯୋଗକୁ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ ଏମ୍ପି ପ୍ରତିନିଧି ସନୁ ପ୍ରଧାନ ଓ ସୁବର୍ଣ୍ଣଗିରି ଗ୍ରାମବାସୀ ଭିତ୍ତିହୀନ ବୋଲି ଟିମ୍ ନିକଟରେ କହିଛନ୍ତି।



ଆସିଥିବା ଟିମ୍ ଅଭିଯୋଗର ତଦନ୍ତ କରୁଛନ୍ତି।

# ୨୦ ଏକର ଜମିରୁ ଗଞ୍ଜେଇ ଚାଷ ନଷ୍ଟ

ମୋହନା,୨୧।୧୧(ମନ୍ମଥ ମିଶ୍ର)

ଗଜପତି ଜିଲା ଅଡବା ଥାନା ଅନ୍ତର୍ଗତ କାଲେମା ଓ ଦୁରିଙ୍ଗଗୁଡା ଗାଁ ନିକଟରେ ଗଞ୍ଜେଇ ଚାଷ ହୋଇଥିବା ଜମିରୁ ଗଞ୍ଜେଇ ଗଛ କାଟି ପୋଡି ନଷ୍ଟ କରିଛି ପୋଲିସ ଓ ଅବକାରୀ ଟିମ୍ । ଅଡବା ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡା ସେହି ଅଞ୍ଚଳରେ ବେଆଇନ ଗଞ୍ଜେଇ ଚାଷ ହେଉଥିବା ଖବର ପାଇଥିଲେ। ପରେ ଗଜପତି ଏସପି ଯତୀନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶ ବୁଧବାର ଓ ଗୁରୁବାର ଦୁଇ ଦିନ ଧରି ସମ୍ପୃକ୍ତ ଦୁଇ ଗାଁରେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇଥିଲା। ପ୍ରାୟ ୨୦ ଏକର ଜମିରେ ବେଆଇନ ଭାବେ ହୋଇଥିବା ଗଞ୍ଜେଇ ଚାଷକୁ ନଷ୍ଟ କରାଯାଇ ପୋଡା ଯାଇଥିଲା ବୋଲି ପଣ୍ଡା କହିଛନ୍ତି। ଏହି ଚଢ଼ାଉରେ ଅବକାରୀ ନିରୀକ୍ଷକ ଦଣ୍ଡ ଶବର, ରାଜସ୍ୱ କର୍ମଚାରୀ, ବନ ବିଭାଗ କର୍ମଚାରୀ ସାମିଲ ଥିଲେ।

# ଜିଲାସ୍ତରୀୟ ବିଶ୍ୱ ମତ୍ସ୍ୟଦିବସ ପାଳିତ



ଫୁଲବାଣୀ, ୨୧।୧୧ (ରାକେଶ କୁମାର ରାଉତ) ଜିଲାପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ବିଶ୍ୱ ମତ୍ସ୍ୟଦିବସ ପାଳିତ ହୋଇଛି। ଜିଲା ମତ୍ସ୍ୟ ଅଧିକାରୀ ବିଶ୍ୱରଞ୍ଜନ ରଥଙ୍କ ଅଧ୍ୟକ୍ଷତାରେ ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଭଗବତ ଘୋଷ, ଅତିରିକ୍ତ ପ୍ରାଣୀ ଚିକିତ୍ସ ଅଧିକାରୀ ଡା. ପ୍ରଣବ କିଶୋର ପଟ୍ଟନାୟକ, ସହକାରୀ କୃଷି ଅଧିକାରୀ, ଶୁଭଲକ୍ଷ୍ମୀ ବେହେରା, ବାଲିଗୁଡ଼ା ସହକାରୀ ମତ୍ସ୍ୟ ଅଧିକାରୀ ବିଶ୍ୱନାଥ ଖେତି ପ୍ରମୁଖ ଯୋଗଦେଇ ଏହି ଦିବସ ପାଳନ ଉଦ୍ଦେଶ୍ୟରେ କହିଥିଲେ। ଜିଲାର ୧୨ଟି ବ୍ଲକ୍‌ରୁ ୭୦ ଜଣ ମତ୍ସ୍ୟ ଚାଷୀ, ମତ୍ସ୍ୟ ଉଦ୍ୟୋଗୀ, ମାଛ ଯାଆଁଳ ଉତ୍ପାଦନକାରୀ, ପ୍ରାଥମିକ ମତ୍ସ୍ୟ ସମବାୟ ସମିତିର ସଦସ୍ୟ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମତ୍ସ୍ୟ ଚାଷ ସମ୍ବନ୍ଧୀୟ ବିଭିନ୍ନ ଯୋଜନା ଏବଂ ପ୍ରାଣୀ ବିଭାଗ ଯୋଜନା ଗୁଡ଼ିକ ଉପରେ ସମସ୍ତଙ୍କୁ ଅବଗତ କରାଇଥିଲା। ଏହି ଅବସରରେ ଜଣେ ସଫଳ ମତ୍ସ୍ୟ ଚାଷୀ, ଗୋଟିଏ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୁରସ୍କୃତ କରାଯାଇଥିଲା। ଚକାପାଦ ସହକାରୀ ମତ୍ସ୍ୟ ଅଧିକାରୀ ଜି.ଦୀପକ ରେଡ୍ଡୀ ମତ୍ସ୍ୟ ବିଭାଗର ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ସହକାରୀ ମତ୍ସ୍ୟ ଅଧିକାରୀ ଆରୋଶ୍ରୀ ଅର୍ପିତା ମିଶ୍ର,କାହ୍ନୁ ଚରଣ ମୁଖି ଉପସ୍ଥିତ ଥିଲେ।

# ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ମେଳା

## ଜିଲାସ୍ତରକୁ ମନୋନୀତ ହେଲା ୧୦ ପ୍ରକଳ୍ପ




ଭଞ୍ଜନଗର,୨୧।୧୧(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ଲାଲସିଂ କାହ୍ନୁ ରାଉତ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଛି । ମେଳାକୁ ଉପ ଜିଲାପାଳ ଉମା ଶଙ୍କର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଦେଶ ବିଜ୍ଞାନ କ୍ଷେତ୍ରରେ ବହୁ ଆଗକୁ ଯାଇଛି। ଶିଶୁ ବୈଜ୍ଞାନିକମାନଙ୍କୁ ଖୋଜି ବାହାର କରିବା ଲକ୍ଷ୍ୟ ନେଇ ଏହି ମେଳା ହେଉଛି। ଏହିଭଳି ବିଜ୍ଞାନ ପ୍ରଦର୍ଶନୀ ମେଳା ଦ୍ୱାରା ଛାତ୍ରୀଛାତ୍ରଙ୍କ ବିଜ୍ଞାନ ପ୍ରତି ଆଗ୍ରହ ବଢ଼ିବ। ସେମାନେ ନୂଆ ନୂଆ ପ୍ରକଳ୍ପ କରିବାକୁ ଆଗ୍ରହୀ ହେବେ ବୋଲି କହିଥିଲେ। ବିଡ଼ିଓ ଭାରତୀ ଦେବୀ, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସବିତା ବେହେରା, ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମଦନ ମୋହନ ରଥ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ତତ୍ତ୍ୱଦର୍ଶନୀ ପ୍ରଧାନ, ଏବିଇଓ ସୂର୍ଯ୍ୟ ନାୟକ, ଗଜେନ୍ଦ୍ର ସେଠୀ, ଚରଣ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୈଜ୍ଞାନିକ ମେଳା ଉପରେ ମତ ରଖିଥିଲେ। ବିଇଓ ଲୋପାମୁଦ୍ରା ରଥ ଅଧ୍ୟକ୍ଷତା କରିଥିଲେ। ମେଳାରେ ୭୭ଟି ବିଦ୍ୟାଳୟର ୧୩୨ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ବିଚାରକ ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଗାମ୍ବର ପ୍ରଧାନ, ଅଧ୍ୟାପିକା ସ୍ମରଣିକା ପାଢ଼ୀ, ଅଧ୍ୟାପକ ବୁଧିନାଥ ବେହେରା ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ କଳ୍ପନା କୁମାରୀ ପ୍ରଧାନ ସଂଯୋଜନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଇଓ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏଠାରୁ ଜିଲାସ୍ତରୀୟ ପ୍ରତିଯୋଗିତାକୁ ୩ଟି ବର୍ଗରେ ୧୦ଟି ପ୍ରକଳ୍ପ ଚୟନ ହୋଇଥିଲା। ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୌରୀ ନନ୍ଦନ ହୋତା, ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଦିଲୀପ ସାଇଁ, କେଦାର ନାଥ ସେଠୀ, ଅଯୋଧ୍ୟାନାଥ ସାହୁ, ରାଜଲକ୍ଷ୍ମୀ ସେଠୀ, ଇନ୍ଦିରାପ୍ରଭା ନାୟକ, ବୈଜୟନ୍ତୀ ମାଳା ପ୍ରିୟଦର୍ଶିନୀ ଉପସ୍ଥିତ ଥିଲେ।

# ଗଞ୍ଜେଇ ଜବତ, ୨ ଗିରଫ

ଖଲ୍ଲିକୋଟ,୨୧।୧୧(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ କେଶପୁରଠାରେ ଅବକାରୀ ବିଭାଗ ଚଢ଼ାଉ କରି ୧୦ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ବେଗୁନିଆପଡ଼ାର ଅର୍ଜ୍ଜୁନ ପ୍ରଧାନ ଓ ରାଜୁ ଦାସଙ୍କୁ ଗିରଫ କରିଛି। ବାଇକ୍ ଯୋଗେ ଗଞ୍ଜେଇ ଚାଲାଣ କରୁଥିବା ସୂଚନା ପାଇ ଖଲ୍ଲିକୋଟ ଆଦର୍ଶ ଅବକାରୀ ଥାନାଧିକାରୀ ତେଜସ୍ୱିନୀ ପ୍ରଧାନ ଟିମ୍ ସହ ଚଢ଼ାଉ କରିଧରିଥିଲେ।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
WANTED PROPERTY MANAGER
Location: Bhubaneswar,
Qualification: Atleast Graduation having prior experience in managing commercial property, with experience on account entries.
Contact No. - For more details:
Call: 9730920202

A Fast Growing Pharma Company
SHATAYUSHI HEALTHCARE PVT LTD
of Maharashtra having 1200+ Allopathy product basket. REQUIRES
BUSINESS DEVELOPMENT EXECUTIVE
(For BHUBANESWAR/ CUTTACK)
send resume on whatsapp only
Neeraj Pathak 7385495717 | Subhash Kelkar 9923000311

Bharat Petroleum
Shaping The Future
ଭାରତ ପ୍ରେଟ୍ରୋଲିୟମ କର୍ପୋରେସନ ଲିମିଟେଡ
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)

ବରଗଡ଼ରେ ଲିଜ ସୂତ୍ରରେ ଆବାସିକ ଫ୍ଲାଟ ଆବଶ୍ୟକ

ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ ଏକ ପବ୍ଲିକ ସେକ୍ଟର ଉଦ୍ୟୋଗ ଓଡ଼ିଶାର ବରଗଡ଼ର ପୌରନିଗମ ସୀମା ମଧ୍ୟରେ 5 ବର୍ଷ ଅବଧି ପାଇଁ ଓଡ଼ିଶାର ବରଗଡ଼ରେ ଲିଜ ସୂତ୍ରରେ 14ଟି ଆବାସିକ ଫ୍ଲାଟ (ଦଶଟି 2BHK ଓ ଚାରିଟି 3BHK) ଆବଶ୍ୟକ କରୁଛନ୍ତି। ଟେଣ୍ଡର ଅନୁସନ୍ଧାନ ନଥିପତ୍ର ବିପିସିଏଲର ୱେବସାଇଟ www.bharatpetroleum.in ରେ 22.11.2025 ଠାରୁ ଉପଲବ୍ଧ ହେବ । ଇଚ୍ଛୁକ ପକ୍ଷମାନେ ସେମାନଙ୍କ ପ୍ରସ୍ତାବ/ନିଲାମକୁ ନିମ୍ନ ଲିଖିତ ଠିକଣାରେ ଅବସ୍ଥିତ ଭାରତ ପେଟ୍ରୋଲିୟମ କର୍ପୋରେସନ ଲିଃର କାର୍ଯ୍ୟାଳୟରେ ତା 12.12.2025 ରିଖ, 1500 ଘଟିକାରେ ଦାଖଲ କରିପାରିବେ ।

ଡେପୁଟି ଜେନେରାଲ ମ୍ୟାନେଜର ଆଡମିନ (ଏଚଆରଏସ), ଇନ୍ଚ,
ଭାରତ ପେଟ୍ରୋଲିୟମ କର୍ପୋରେସନ ଲିଃ, ବାୟୋ ଇଥାନଲ ପ୍ଲାଂଟ,
ଗ୍ରାମ-ବଉଳସିଂଘା, ତହସିଲ-ଭଟଲି, ବରଗଡ଼ ଜିଲ୍ଲା, ଓଡ଼ିଶା-768030

ଉପରୋକ୍ତ ବିଷୟ ଉପରେ ପରବର୍ତ୍ତି ଭ୍ରମ ସଂଶୋଧନ ଯଦି ଥାଏ ତାହା ଆମର ୱେବସାଇଟ www.bharatpetroleum.inରେ ପ୍ରକାଶ ପାଇବ ଓ ପ୍ରେସରେ ଦିଆଯିବ ନାହିଁ ।
ବି.ଦ୍ର: ବିପିସିଏଲ କୌଣସି କାରଣ ନଦର୍ଶାଇ ଯେକୌଣସି ବା ସମସ୍ତ ପ୍ରସ୍ତାବକୁ ଗ୍ରହଣ ବା ଖାରଜ କରିବା ଅଧିକାର ବଜାୟ ରଖିଛି ।
Bharatgas COOK FOOD. SERVE LOVE. | MAK LUBRICANTS MAK makes it possible. | Bharat Petroleum Aviation Service
ଜୀବନକୁ ଶକ୍ତି ଯୋଗାଉଛି, ନୂଆ ଭାରତକୁ ସଶକ୍ତ କରୁଛି



पूर्व तट रेलपथ

ପୂର୍ବ ତଟ ରେଳପଥ
ଟେଣ୍ଡର ସଂ.eT-M-WT-PURI-41-2025
କାର୍ଯ୍ୟର ନାମ : ତିନି ବର୍ଷ ଅବଧି ନିମନ୍ତେ କୋଚିଙ୍ଗ ଡିପୋ, ପୁରୀ ଠାରୁ ରେଳବାଇ ମରାମତି କାରଖାନା, ମଞ୍ଚେଶ୍ୱର ପର୍ଯ୍ୟନ୍ତ ଏବଂ ବିପରୀତ ଦିଗରେ ପୁରୀକୁ ଫେରିବା ତଥା ଯେକୌଣସି ସ୍ଥାନରୁ ଅନ୍ୟ ଯେକୌଣସି ସ୍ଥାନକୁ ଅନ୍ୟ ରେଳବାଇ ସାମଗ୍ରୀଗୁଡ଼ିକ ପାଇଁ ହ୍ୱିଲ୍ ସେଟ୍‌ଗୁଡ଼ିକର ପରିବହନ।
ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 1,22,85,991.74, EMD (ଟଙ୍କାରେ): 2,11,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 36 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.20.11.2025 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.04.12.2025ରିଖ 1300 ଘଟିକାରେ ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ www.ireps.gov.in ରେ ଉପଲବ୍ଧ।
କୋଚିଙ୍ଗ୍ ଡିପୋ ଅଧିକାରୀ, ପୁରୀ
PR-805/Q/25-26



See Career Appointment on every Wednesday & Saturday



ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ.47-SBP-TRD-OT-2025-26, ତା.11.11.2025ରିଖ
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ ସମ୍ବଲପୁର-ଅନୁଗୁଳ ସେକ୍ସନରେ ବର୍ତ୍ତମାନ ଥିବା ପର୍ଯ୍ୟବେକ୍ଷଣ ନିୟନ୍ତ୍ରଣ ଏବଂ ଡାଟା ଅର୍ଜନ ପ୍ରଣାଳୀ (SCADA)ରେ ସାଇବର ସୁରକ୍ଷା କାର୍ଯ୍ୟାନ୍ୱୟନର ବ୍ୟବସ୍ଥା।
ଆନୁମାନିକ ମୂଲ୍ୟ (ଟଙ୍କାରେ) : 1,45,03,110/-, EMD (ଟଙ୍କାରେ) : 2,22,500/-, ଶେଷ ହେବା ଅବଧି : 08 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.03.12.2025 ରିଖ 1530 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-803/Q/25-26



वरीय पुलिस अधीक्षक का कार्यालय,राँची
सर्वसाधारण के लिए सूचना





नाम–हरि सहनी उम्र करीब–69 वर्ष, रंग–सॉवला, ऊँचाई–05 फीट, 6 फीट पहनावा–कुर्ता एवं सफेद धोती पहने हुए है।
उपरोक्त लापता व्यक्ति हरि सहनी उम्र करीब–69 वर्ष, पिता–स्व0 जदू सहनी, गाम–सिलौत, थाना–समस्तीपुर जिला–समस्तीपुर, (बिहार) जो दिनांक–15.09.2025 को CIP, कॉके, राँची से बगैर बताए कहीं चले गए जो आजतक अपने घर वापस नहीं आए है। जिनकी मानसिक स्थिति ठिक नहीं है। जिसके संबंध में कॉके थाना सनहा संख्या–31/2025, दिनांक–15.09.2025 दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।
अतः सभी जनसाधारण से अनुरोध है कि यदि उपरोक्त लापता व्यक्ति कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।
Email ID(rnc-dcb@jhpolice.gov.in)
पुलिस उपाधीक्षक, मु0, प्रथम, राँची। –9431706141
थाना प्रभारी कॉके, राँची। –9431706185
वरीय पुलिस अधीक्षक, राँची
PR 366734 Police(25-26).D



ଇ-ନିଲାମ ବିଜ୍ଞପ୍ତି
ଖଡ଼ଗପୁର ମଣ୍ଡଳରେ ବିବିଧ ଷ୍ଟାଟିକ୍ ସେବା, ପେ' ଆଣ୍ଡ ୟୁଜ୍ ଟଏଲେଟ୍ ଏବଂ ପାର୍କିଂ ଠିକା
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ ପାଇଁ ଇ-ନିଲାମ ଆହ୍ୱାନ କରୁଛନ୍ତି: ଇ-ନିଲାମ ବିଜ୍ଞପ୍ତି ନଂ.: କେଜିପି/ପିଏନ୍‌ୟୁ-ଏମ୍‌ଏସ୍‌ଏସ୍/୨୦୨୫/୧୫, ତାରିଖ: ୨୦।୧୧।୨୦୨୫ । ୫ (ପାଞ୍ଚ) ବର୍ଷ ଅବଧି ପାଇଁ ଶାଲିମାର ରେଳ ଷ୍ଟେଶନରେ ୪ ଗୋଟି ପାର୍ସଲ ସ୍କାନର୍ ସ୍ଥାପନ କରିବା । ନିଲାମ କାଟାଲଗ୍ ନଂ.: ଏମ୍‌ଏସ୍‌ଏସ୍-କେଜିପି-ପିଏସ୍-୨୫-୩, ନିଲାମ ତାରିଖ: ୦୫।୧୨।୨୦୨୫, ନିଲାମ ଆରମ୍ଭ/ବନ୍ଦ ହେବା ସମୟ: ଯଥାକ୍ରମେ ୧୧.୦୦ ଓ ୧୧.୩୦ ଘଟିକା ।
୩ (ତିନି) ବର୍ଷ ଅବଧି ପାଇଁ ଖଡ଼ଗପୁରସ୍ଥିତ ଦକ୍ଷିଣ ପାର୍ଶ୍ୱ ବୁକିଂ ଅଫିସ୍, ବାରିପଦାସ୍ଥିତ ନୂଆ ଷ୍ଟେଶନ ବିଲ୍ଡିଂ, ଖଡ଼ଗପୁରଠାରେ ପ୍ଲାଟ୍‌ଫର୍ମ ୫/୬, ଘାଟଶିଳାର ପ୍ଲାଟ୍‌ଫର୍ମ ନଂ. ୦୧ (ଟାଟାନଗର ପାର୍ଶ୍ୱ) ନିକଟରେ, ସାନ୍ତ୍ରାଗାଛିଠାରେ ପେ' ଆଣ୍ଡ ୟୁଜ୍ ଟଏଲେଟ୍ ବ୍ଲକ୍-I (ଓଏଚ୍ଇ ମାଷ୍ଟ ନଂ. ୭/୩୮ଏ ନିକଟରେ) ଏବଂ ବ୍ଲକ୍-II (ଓଏଚ୍ଇ ମାଷ୍ଟ ନଂ. ୭/୩୪ବି ନିକଟରେ), ପ୍ଲାଟ୍‌ଫର୍ମ ୬/୭ରେ ଏବଂ ସାନ୍ତ୍ରାଗାଛି ରେଳ ଷ୍ଟେଶନଠାରେ ଉତ୍ତର ପାର୍ଶ୍ୱ ପୁରୁଣା ବୁକିଂ ଅଫିସ୍ ନିକଟରେ ତଥା ଉତ୍ତର ପାର୍ଶ୍ୱ ପାର୍କିଂ ନିକଟରେ ସାଧାରଣ ପେ' ଆଣ୍ଡ ୟୁଜ୍ ଟଏଲେଟ୍ ୟୁନିଟ୍‌ର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଠିକା । ନିଲାମ କାଟାଲଗ୍ ନଂ.: ପିଏନ୍‌ୟୁଟିଓଆଇ-କେଜିପି୨୫-୧୫, ନିଲାମ ତାରିଖ: ୦୯।୧୨।୨୦୨୫, ନିଲାମ ଆରମ୍ଭ/ବନ୍ଦ ହେବା ସମୟ: ଯଥାକ୍ରମେ ୧୧.୦୦ ଓ ୧୨.୨୦ ଘଟିକା ।
ଇ-ନିଲାମ ବିଜ୍ଞପ୍ତି ନଂ.: ସିଓଏମ୍/ଜି-୩୦/୨/ପାର୍କିଂ/ସିପିଆରଓ/୨୫/୧୬, ତାରିଖ: ୨୦।୧୧।୨୦୨୫ । ଖଡ଼ଗପୁର (ଦକ୍ଷିଣ)ଠାରେ ଚାରିଚକିଆ ପାଇଁ ପାର୍କିଂ ଲଟ୍, ଧଲଭୂମଗଡ଼, ବଡ଼ଗାଛିଆଠାରେ ଦୁଇଚକିଆ ପାର୍କିଂ ଏବଂ କଲାଇକୁଣ୍ଡାଠାରେ ମିଶ୍ରିତ ପାର୍କିଂ । ନିଲାମ କାଟାଲଗ୍ ନଂ.: ପାର୍କିଂ କେଜିପି୨୫-୧୬, ନିଲାମ ତାରିଖ: ୦୪।୧୨।୨୦୨୫, ନିଲାମ ଆରମ୍ଭ ସମୟ: ୧୦.୦୦ ଘଟିକା ଏବଂ ବନ୍ଦ ହେବା ସମୟ: ୧୧.୦୦ ଘଟିକା, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି (ଉଭୟ ଇ-ନିଲାମ ପାଇଁ) । ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏହାକୁ ଧ୍ୟାନରେ ରଖିବା ଏବଂ ଇ-ନିଲାମ ବିଜ୍ଞପ୍ତି ସମ୍ପର୍କରେ ବିବରଣୀ ଏବଂ ସମ୍ବନ୍ଧିତ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ପରିଦର୍ଶନ କରିବା ଆବଶ୍ୟକ । କୌଣସି ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ ଦୟାକରି ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।
(PR-866) ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ



ପୂର୍ବ ତଟ ରେଳପଥ
ଇ-ଟେଣ୍ଡର ବିଜ୍ଞପ୍ତି ସଂ.51/ET/SBP/ENGG/2025-26, ତା.17.11.2025ରିଖ
ଇ-ଟେଣ୍ଡର ସଂ.56-eT-DENC-SBP-25
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସମ୍ବଲପୁର (In)-ତେନ୍ତୁଲିଖୁଣ୍ଟି ରୋଡ୍(In)ସେକ୍ସନରେ ଏକ ଅତିରିକ୍ତ ଲେୟାର ବ୍ୟବସ୍ଥା ଦ୍ୱାରା ସୁରକ୍ଷା ସୁବିଧାସୁଯୋଗ ନିମନ୍ତେ 11 ଗୋଟି ନନ୍-ଇଣ୍ଟରଲକ୍ଡ ଲେଭେଲ କ୍ରସିଙ୍ଗ (ଅର୍ଥାତ୍ JT-27, JT-34, JT-41, JT-42, JT-43, JT-44, JT-45, JT-77, JT-85, JT-87 ଏବଂ JT-96)ଗୁଡ଼ିକର ରକ୍ଷଣାବେକ୍ଷଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 42,13,733.26, ବିଡ୍ ସିକ୍ୟୁରିଟି (ଟଙ୍କାରେ): 84,300/-, କାର୍ଯ୍ୟ ଶେଷ ହେବା ଅବଧି : 06 ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.05.12.2025ରିଖ 1500 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଙ୍ଗ), ସମ୍ବଲପୁର
PR-812/Q/25-26



FORM No. 13
BEFORE THE DEBTS RECOVERY TRIBUNAL CUTTACK, ORISSA
C-71, SECTOR-7, CDA, CUTTACK, ODISHA
O.A NO. 197 / 2023
INDIAN BANK ....APPLICANT
Vs
Gurvind Singh Bedi & another ...DEFENDANTS
To,
(Defendant No.1) Gurvind Singh Bedi, S/o.: Jasbeer Singh Bedi, At: Farm Road, Near FCI Building, Khetrajpur, Sambalpur - 768003
(Defendant No.2) Puspinder Singh Bedi, S/o.: Avtar Singh Bedi, At: Farm Road, Near FCI Building, Khetrajpur, Sambalpur - 768003
SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED FOR SHOULD NOT BE GRANTED
Take notice that the applicant has instituted an O.A. No.: 197 of 2023 in the court of the Debts of Recovery Tribunal, Cuttack for recovery of Rs.61,38,145.00 only together with current and future interest, costs and other reliefs. The above mentioned defendants are therefore directed to appear before this Tribunal in person or through an Advocate or duly authorised agent, in support of their defence to show cause within 30 days from the publication or on 19.12.2025 at 10:30 a.m. as to why reliefs prayed for should not be granted.
Take notice that in case of default, the application will be heard and determined in their absence.
Given under my hand & seal of this Tribunal on this 18th day of October, 2025.
Sd/- Nikhila Ranjan Pati
Registrar



Directorate of Tourism, Government of Jharkhand
MDI Building, 2nd floor, HEC Campus, Dhurwa, Ranchi-04Tele Fax : 0651-2331828
Email: dirjhakhandtourism@gmail.com/ jtdcltd@gmail.com
Ref. No.:- 1152/2025 Date :21/11/2025
SHORT TENDER NOTICE
RFP for Selection of Agency for RFP For Selection of Agency for Netarhat Mahotsav (fair) fair at Netarhat, Latehar, Jharkhand(2nd Call)
The Jharkhand Tourism Development Corporation Limited (JTDCL), Government of Jharkhand (GoJ) undertaking intends to publish RFP for Selection of Agency for RFP For Selection of Agency for Netarhat Mahotsav (fair) fair at Netarhat, Latehar, Jharkhand(2nd Call)
The detailed RFP document can be downloaded from the below mentioned website :
https://jtdcl.jharkhand.gov.in, and submit their offline Applications.
The applications Submission Due date is on or before 06/12/2025 at 1700 hours and the date of opening of the tender on 08/12/2025 at 1.30 Pm. All subsequent notifications, changes and amendments will be posted only on the above website.
Sd/-
Deputy Director
PR 366784 Tourism, Art Culture Sports And Youth Affairs (25-26)D



ଓଡ଼ିଶା ସରକାର
ଜଳ ସମ୍ପଦ ବିଭାଗ
No. A-933
ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁର
ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି
ପତ୍ର ସଂଖ୍ୟା: ୧୪୬୮ ତାରିଖ: ୧୮।୧୧।୨୫
ନିଲାମ ଡାକର ସଂଖ୍ୟା ଅନଲାଇନ – ୦୩/କ୍ଷୁ.ଜ.ବି. ନବରଙ୍ଗପୁର/୨୦୨୫-୨୬
Bid Identification No. SEMIDNGPUR - 03/2025-26
ଇ-ମେଲ୍: mingpur@yahoo.in, ଟେଲିଫୋନ ନମ୍ବର: ୦୬୮୫୮-୨୨୨୧୩୦

| | | |
|---|---|---|
| ୧. | କାର୍ଯ୍ୟର ନାମ | ବିଭିନ୍ନ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ରାସ୍ତା ଗୁଡ଼ିକର ଉନ୍ନତିକରଣ ୨୦୨୫-୨୬ ବର୍ଷ ପାଇଁ। |
| ୨. | ସର୍ବମୋଟ କାମର ସଂଖ୍ୟା | ୦୩ (ତିନି) ମାତ୍ର |
| ୩. | ଅଟକଳ ମୂଲ୍ୟ | ଆନୁମାନିକ ୬୦.୫୩ରୁ ୮୯.୩୩ ଲକ୍ଷ |
| ୪. | ଠିକାଦାରଙ୍କ ଶ୍ରେଣୀ | "ଖ" ଶ୍ରେଣୀ |
| ୫. | ଟେଣ୍ଡର କାଗଜ ମୂଲ୍ୟ (Online) | ଟଙ୍କା ୧୦,୦୦୦.୦୦ |
| ୬. | ନିଲାମ ସୁରକ୍ଷା (Online) | ଡି.ଟି.ସି.ଏନ୍.ରେ ଉପଲବ୍ଧ |
| ୭. | କାର୍ଯ୍ୟ ସମାପ୍ତି ସମୟ | ୦୪ (ଚାରି) ମାସ |
| ୮. | ନିଲାମ ଉପଲବ୍ଧତା ତାରିଖ ଓ ସମୟ | ତା୨୪।୧୧।୨୦୨୫ରିଖ ଦିବା ୧୦.୦୦ଘଟିକାଠାରୁ ତା୨୯।୧୧।୨୦୨୫ରିଖ ସନ୍ଧ୍ୟା ୫.୦୦ ଘଟିକା ପର୍ଯ୍ୟନ୍ତ ୱେବସାଇଟ୍ (www.tendersorissa.gov.in)ରେ ଉପଲବ୍ଧ |
| ୯. | ନିଲାମ ପ୍ରାପ୍ତିର ଶେଷ ତାରିଖ ଓ ସମୟ | ତା୨୪।୧୧।୨୦୨୫ରିଖ ଦିବା ୧୦.୦୦ ଘଟିକାଠାରୁ ତା୨୯।୧୧।୨୦୨୫ରିଖ ସନ୍ଧ୍ୟା ୫.୦୦ ଘଟିକା ପର୍ଯ୍ୟନ୍ତ ଅନଲାଇନ ୱେବସାଇଟ୍ ମାଧ୍ୟମରେ |
| ୧୦. | ବୈଷୟିକ ନିଲାମ ଖୋଲିବା ତାରିଖ ଓ ସମୟ | ତା୦୧।୧୨।୨୦୨୫ ଦିବା ୧୧.୦୦ ଘଟିକା ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁରଙ୍କ କାର୍ଯ୍ୟାଳୟରେ |
| ୧୧. | ଆର୍ଥିକ ବିଡ୍ ଖୋଲିବାର ତାରିଖ/ସମୟ | ବୈଷୟିକ ବିଡ୍ ମୂଲ୍ୟାଙ୍କନ ପରେ ୱେବସାଇଟ୍ ମାଧ୍ୟମରେ ସୂଚିତ କରାଯିବ |
| ୧୨. | ସ୍ୱଚ୍ଛ ଲଟେରୀ ତାରିଖ (ଆବଶ୍ୟକ ସ୍ଥଳେ) | ଆର୍ଥିକ ବିଡ୍ ମୂଲ୍ୟାଙ୍କନ ପରେ ୱେବସାଇଟ୍ ମାଧ୍ୟମରେ ସୂଚିତ କରାଯିବ |
| ୧୩. | ନିଲାମ ଆମନ୍ତ୍ରଣ ଅଧିକାରୀଙ୍କ ନାମ ଓ ଠିକଣା | ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁର, ସ୍ଥାନ/ପୋଷ୍ଟ: ନବରଙ୍ଗପୁର, ଜିଲ୍ଲା: ନବରଙ୍ଗପୁର, ପିନ୍ କୋଡ୍-୭୬୪୦୫୯ |
| ୧୪. | ଓଡ଼ିଶା ସରକାରଙ୍କ ୱେବସାଇଟ୍‌ରେ ଅଧିକ ବିବରଣୀ ଉପଲବ୍ଧ ହେବ | www.tendersorissa.gov.in |

ସ୍ୱା./– ଅଧୀକ୍ଷଣ ଯନ୍ତ୍ରୀ
କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁର
OIPR-



କାନାରା ବ୍ୟାଙ୍କ Canara Bank A Government of India Undertaking
ସିଣ୍ଡିକେଟ Syndicate
କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ, ୟୁନିଟ୍ ନଂ.: ୧୭
ମାଛୁଆ ବଜାର, ପାଣ୍ଡାଲୁନ୍ସ ପଛପାର୍ଶ୍ୱ, କଟକ-୭୫୩୦୦୧

ବନ୍ଧକ ସୁନା ଅଳଙ୍କାରଗୁଡ଼ିକର ଇ-ନିଲାମ ବିଜ୍ଞପ୍ତି

କାନାରା ବ୍ୟାଙ୍କର ନିମ୍ନଦର୍ଶିତ ଶାଖାର ଶାଖା ମୁଖ୍ୟମାନଙ୍କ ଦ୍ୱାରା ସୁନା ଋଣ ବାବଦ ବ୍ୟାଙ୍କର ବକେୟା ଦେୟ ପରିଶୋଧ କରିବା ପାଇଁ ସୁନା ଋଣଗ୍ରହୀତାମାନଙ୍କୁ ନୋଟିସ୍ ଜାରି କରାଯାଇଥିଲା। ଋଣଗ୍ରହୀତାମାନେ ଦେୟ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନସ୍ୱାକ୍ଷରକାରୀଙ୍କ ଦ୍ୱାରା ସୁନା ଅଳଙ୍କାରଗୁଡ଼ିକୁ "ଯାହା ଯେପରି ଅଛି", "ସେଠାରେ ଯାହା ଅଛି" ଏବଂ "ବିନା ଆଇନଗତ ସହାୟତା" ଭିତ୍ତିରେ ଅନ୍‌ଲାଇନ୍ ନିଲାମ କରାଯିବ। ଅନ୍‌ଲାଇନ୍ ନିଲାମ https://www.bankeauctions.com ମାଧ୍ୟମରେ ଅନୁଷ୍ଠିତ ହେବ।

ଇ-ନିଲାମ ତାରିଖ ଏବଂ ସମୟ: ତା.୧୦.୧୨.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକାରୁ ମଧ୍ୟାହ୍ନ ୧୨.୦୦ ଘଟିକା
ଅମାନତ ଜମା ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ: ତା.୦୯.୧୨.୨୦୨୫ ରାତ୍ର ୧୧.୦୦ ଘଟିକା ପର୍ଯ୍ୟନ୍ତ
ଯାଞ୍ଚ କରିବାର ତାରିଖ ଏବଂ ସମୟ: ତା.୦୯.୧୨.୨୦୨୫ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ

| କ୍ର. ନଂ. | ଋଣଗ୍ରହୀତାଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ସଂରକ୍ଷିତ ମୂଲ୍ୟ | ମୋଟ ଓଜନ ଏବଂ ନେଟ୍ ଓଜନ (ଗ୍ରାମରେ) |
|---|---|---|---|---|
| କଟକ ଚୌଧୁରୀ ବଜାର ଶାଖା (୦୩୨୮), ମୋ.: ୯୦୯୦୯୦୯୮୯୧, IFSC CODE-CNRB0000328 | | | | |
| ୧. | ଫିରୋଜ ଖାନ୍, ପିତା: ୟୁସୁଫ ଖାନ୍, ସା: ୨୨୪ ବାଙ୍କ ବଜାର, ଚାନ୍ଦିନୀ ଚୌକ, କଟକ, ଓଡ଼ିଶା, ପିନ୍-୭୫୩୦୦୧ / ୧୮୦୧୦୮୯୫୦୫୮୯ | ଟ.୪୦,୨୨୮/- + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୭୩,୧୬୪/- | ୮.୮ ଏବଂ ୬.୫ |
| ଦାଣ୍ଡିସାହି ଶାଖା (୧୮୦୩୩), ମୋ.: ୯୪୩୭୫୭୯୫୭୨, IFSC CODE-CNRB0018033 | | | | |
| ୧. | ପ୍ରିୟଙ୍କା ମଳିକ, ପିତା: ଅକ୍ଷୟ କୁମାର ମଳିକ, ସା: ନହିଆଡିଆ, ପୋ: ଦାଣ୍ଡିସାହି, କେନ୍ଦ୍ରାପଡ଼ା, ଓଡ଼ିଶା, ପିନ୍-୭୫୪୨୪୦ / ୧୮୦୧୦୪୩୪୯୬୧୦ | ଟ.୬୫,୫୯୬.୦୦ + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୧,୦୧,୩୦୩/- | ୧୦.୩୩ ଏବଂ ୯ |
| ୨. | ସମ୍ଭୁନାଥ ମଳିକ, ସା: କୁଳସାହି, ପୋ: ପେଣ୍ଠପାଳ, ଜିଲ୍ଲା: କେନ୍ଦ୍ରାପଡ଼ା, ଓଡ଼ିଶା, ପିନ୍-୭୫୪୨୪୦ / ୧୮୦୧୫୨୨୫୬୦୭୭ | ଟ.୮୮,୬୩୮.୨୨ + ନିଲାମ ତାରିଖ ପର୍ଯ୍ୟନ୍ତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ଟ.୪୭,୨୭୫/- | ୫.୬ ଏବଂ ୪.୨ |

ଅମାନତ ଜମା ବିବରଣୀ: ଆକାଉଣ୍ଟ ନଂ.: ୨୦୯୨୭୨୪୩୪, ଆକାଉଣ୍ଟର ନାମ: CANARA BANK, IFSC Code: ସମ୍ପୃକ୍ତ ଶାଖାର IFSC Code, ଅମାନତ ଜମା ରାଶି: ଟ.୨୫,୦୦୦/-
ଯାଞ୍ଚ ଓ ଅନ୍ୟ କୌଣସି ଅନୁସନ୍ଧାନ ପାଇଁ ଦୟାକରି ସମ୍ପୃକ୍ତ ଶାଖାର ଶାଖା ମୁଖ୍ୟଙ୍କ ସହ ଯୋଗାଯୋଗ କରନ୍ତୁ। ନିଲାମଧାରୀମାନେ ଅମାନତ ଜମା ଦାଖଲ ତାରିଖ ସୁଦ୍ଧା କେୱାଇସି କାଗଜାତ୍ ଏବଂ ପ୍ରତି ଶାଖା ପିଛା ଅମାନତ ରାଶି ଜମା କରିବେ। ଅଧିକ ସୂଚନା ପାଇଁ ଦୟାକରି M/S C1 INDIA PVT. LTD., ମୋ: 7291981126 / 7291981125 / 7291981124ରେ ଯୋଗାଯୋଗ କରନ୍ତୁ। ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଦୟାକରି https://www.bankeauctions.com ଦେଖନ୍ତୁ।
ସ୍ଥାନ : କଟକ
ତାରିଖ : ୨୧.୧୧.୨୦୨୫
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
କାନାରା ବ୍ୟାଙ୍କ



झारखण्ड सरकार
कार्यपालक अभियंता का कार्यालय
ग्रामीण विकास विशेष प्रमण्डल, हजारीबाग
ई– अल्पकालीन निविदा आमंत्रण सूचना
ई–निविदा सं0 :– RDSPL/SD/HZB/26/2025-26
1.कार्य की विस्तृत विवरणी:

| ग्रुप सं0 | आईडेन्टीफिकेशन संख्या/पैकेज संख्या | प्रखण्ड | योजना का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|---|---|
| 1. | RDSPL/SD/HZB/26/2025-26 | सदर | जगदीषपुर बीटी रोड से सिवाने नदी होते हुए ईचाक बीटी रोड को जोड़ने हेतु पीसीसी पथ निर्माण। | 21920700.00 | 438500.00 | 10000.00 | 09 माह |

2.वेबसाइट में निविदा प्रकाशन की तिथि – 28.11.2025
3.ई–निविदा प्राप्ति की तिथि एवं समय – दिनांक 28.11.2025 से दिनांक 05.12.2025 को अपराह्न 5:00 बजे तक
4.ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, हजारीबाग
5.ई–निविदा खोलने की तिथि एवं समय –06.12.2025 अपराह्न 5:00 बजे
6.ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, हजारीबाग
7.ई–निविदा प्रकोष्ठ का दूरभाष सं० – 9430154806
8.परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9.निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10.निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी।
विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।
कार्यपालक अभियंता
ग्रामीण विकास विशेष प्रमंडल, हजारीबाग
PR 366702 (Rural Development)25-26*D

## ସତ୍ୟ ସାଇବାବାଙ୍କ ଶୋଭାଯାତ୍ରା

କାଶୀନଗର,(ପି.ମୁରଲୀ)ଗଜପତି ଜିଲା କାଶୀନଗରରେ ସତ୍ୟସାଇ ସେବା ସମିତି ପକ୍ଷରୁ ସାଇ ବାବାଙ୍କ ଏକ ରଥକୁ ନେଇ ଶୋଭାଯାତ୍ରାରେ ବିଭିନ୍ନ ଅଞ୍ଚଳ ପରିକ୍ରମା କରାଯାଇଥିଲ।। କରାଯାଇଥିଲେ। ଏଥିରେ ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମ ଆଗାମୀ ୨୩ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି କମିଟି ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ କମିଟି ସଦସ୍ୟ ପି. ନରସିଂହ ମୂର୍ତ୍ତି, ଭି. ରମେଶ, ବି. ଶଙ୍କର ରାଓ, ଏ. ମୁରଲୀ, କେ. ସାଇ, ପି. ରାମ ପ୍ରସାଦ, ଏସ. ବଂଶୀ, ଆର. ସରଳା କୁମାରୀ, ଟି. ସୁଧା ରାଣୀ ଓ ଏ. ଭାଗ୍ୟା ସହଯୋଗ କରିଥିଲେ।

## ସଂକ୍ଷେପରେ

### ଶିଶୁ ସହାୟକ ପଞ୍ଚାୟତ ଗଠନ ପ୍ରଶିକ୍ଷଣ ଶିବିର

ଆସିକା,୨୧।୧୧(ସୁରେନ୍ଦ୍ର ନାଥ ସାହୁ): ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ପକ୍ଷରୁ ଶୁକ୍ରବାର ଆସିକା ପଞ୍ଚାୟତ ସମିତି ସଭା ଗୃହରେ ଶିଶୁ ସହାୟକ ପଞ୍ଚାୟତ ଗଠନ ସମ୍ପର୍କରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଜିପିଡିଓ ରାଜଶ୍ରୀ ସାହୁଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ବ୍ଲକ ହିସାବ ଅଧିକାରୀ ପ୍ରିୟମ୍ବଦା କହଁର, ଜିଲା ପ୍ରଶିକ୍ଷକ ହରିହର ପାଢୀ, ଅଞ୍ଚଳ ପରିଦର୍ଶିକା ରଞ୍ଜୁଲତା ସ୍ୱାଇଁ, କୁମୁଦିନି ପାତ୍ର ଉପସ୍ଥିତ ଥିଲେ। ଶିବିରରେ ପଞ୍ଚାୟତରେ ଶିଶୁଙ୍କ ଗଣନା କରି ସେମାନଙ୍କ ଅଧିକାର ସୁନିଶ୍ଚିତ କରିବା, ବାଲ୍ୟ ବିବାହ, ଶିଶୁ ଶ୍ରମିକ ନିୟୋଜନ ଓ ଶିଶୁ ଚାଲାଣ ଉପରେ ରୋକ ଲଗାଇବା, ଶିଶୁ ଯୌନ ଶୋଷଣରୁ ମୁକ୍ତି ଲାଗି ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ପଞ୍ଚାୟତ ପ୍ରତିନିଧି, ନିର୍ବାହୀ ଅଧିକାରୀ, ଅଙ୍ଗନୱାଡ଼ି କର୍ମୀ, ଏମବିକେ, ସିଆରପି ଯୋଗଦେଇଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡା

ମୋହନା,୨୧।୧୧(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଉଦଘାଟିତ ହୋଇଛି। ପ୍ରଧାନଆଚାର୍ଯ୍ୟା ଆରତୀ ପାଢ଼ୀ ସଂଯୋଜନା କରିଥିଲେ। ଏହି ଅବସରରେ ଛାତ୍ରମାନେ ମଶାଲ ଶୋଭାଯାତ୍ରା କରି ଗ୍ରାମ ପରିକ୍ରମା କରିଥିଲେ। ପରେ କ୍ରୀଡା ଉତ୍ସବ ଆରମ୍ଭ ହୋଇଥିଲା। ପରିଚାଳନା ସମିତି ସଭାପତି ପୂର୍ଣ୍ଣଚନ୍ଦ୍ର ଦଳାଇ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ରୂପେ ମୋହନା ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ପ୍ରସାଦ ବିଷୋୟୀ ଯୋଗଦେଇ କ୍ରୀଡାର ଆବଶ୍ୟକତା ଉପରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତି ଉପଦେଷ୍ଟା ମଧୁ ସୂଦନ ପାଢ଼ୀ, କୋଷାଧ୍ୟକ୍ଷ ବୃନ୍ଦାବନ ସାମନ୍ତରା ଉପସ୍ଥିତ ଥିଲେ। ଦୁଇଦିନ ଧରି ହେବାକୁ ଥିବା ଏହି କ୍ରୀଡା ଉତ୍ସବର ପ୍ରଥମ ଦିନରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୌଡ଼, ଶଟପୁଟ, ଡ଼ିସକସ ଥ୍ରୋ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ଯେଉଁ ଛାତ୍ରୀଛାତ୍ରମାନେ ପ୍ରଥମ ସ୍ଥାନ ହାସଲ କରିବେ ସେମାନେ ସଙ୍କୁଳସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

### ୩ ଅସହାୟ ଶିଶୁଙ୍କୁ ଉଦ୍ଧାର କଲା ପ୍ରଶାସନ

ପାରଳାଖେମୁଣ୍ଡି,୨୧।୧୧(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ମୋହନା ବ୍ଲକ କରଚବାଡି ପଞ୍ଚାୟତ ପଲ୍ଲୀଗଜପତି ଗ୍ରାମରେ ଅତି ଦୟନୀୟ ଅବସ୍ଥାରେ ରହୁଥିବା ୩ ଶିଶୁଙ୍କୁ ଜିଲା ପ୍ରଶାସନ ଶୁକ୍ରବାର ଉଦ୍ଧାର କରିଛି। ସେମାନଙ୍କ ବୟସ ୫ ବର୍ଷରୁ ୧୧ ବର୍ଷ ମଧ୍ୟରେ ହେବ। ଏହି ତିନି ଶିଶୁ ଏପରି ରହୁଥିବା ଖବର ଚାଇଲ୍ଡ ହେଲ୍ପ ଲାଇନ ୧୦୯୮ ନମ୍ବରକୁ ଖବର ଆସିବା ପରେ ଚାଇଲ୍ଡ ହେଲ୍ପ ଲାଇନର ସଂଯୋଜିକା ତୁରନ୍ତ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଅବଗତ କରାଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ ତ୍ରିପାଠୀ ଏ ସମ୍ପର୍କରେ ମୋହନାରେ କାର୍ଯ୍ୟରତ ଏକତା ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଶିଶୁମାନଙ୍କୁ ଉଦ୍ଧାର କରିବା ସହ ଏକ ଟିମ୍ ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅନୁସାରେ ଏକତାର କର୍ମୀ ଅନିତା ନାୟକ, ମୋହନା ଜରଡର ଡେ ଷ୍ଟାର ହୋମ କର୍ମୀ ଓ ମୋହନା ପୋଲିସକୁ ନେଇ ଏକ ଟିମ୍ ଗଠନ ହୋଇଥିଲା। ଉକ୍ତ ଟିମ୍ ପଲ୍ଲୀଗଜପତି ଗ୍ରାମକୁ ଯାଇ ୩ଟି ଶିଶୁ ଅତି ଅସହାୟ ଅବସ୍ଥାରେ ଏକତ୍ର ରହୁଥିବା ଦେଖିବାକୁ ପାଇଥିଲେ। ସେମାନଙ୍କ ବାପା ଜଣେ ନିଶାସକ୍ତ ବ୍ୟକ୍ତି। ସେ ଶିଶୁମାନଙ୍କ କୌଣସି ଯତ୍ନ ନ ନେଇ ଏଣେତେଣେ ବୁଲନ୍ତି। ଶିଶୁଙ୍କର ମା' ୫ ବର୍ଷ ହେଲା ଶିଶୁମାନଙ୍କୁ ଛାଡି ଦିଲ୍ଲୀ ଚାଲିଯାଇଥିବା ଟିମ୍ ଅନୁଧ୍ୟାନରୁ ଜାଣିଥିଲା। ଗ୍ରାମରେ ଏହି ଶିଶୁମାନଙ୍କ ମାଉସୀ ଥିଲେ ମଧ୍ୟ ସେ ଶିଶୁମାନଙ୍କୁ ଅବହେଳା କରୁଥିଲେ। ଏପରି ପରିସ୍ଥିତିରେ ଶିଶୁମାନେ ନିଜେ ଯାହିତାହି ରୋଷେଇ କରି ଖାଉଥିଲେ। ରାନ୍ଧିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ଶିଶୁଙ୍କ ହାତରେ ପେଜ ପଡି ଫୋଟକା ହୋଇଥିବା ଟିମ୍ ଅଧିକାରୀମାନେ ଦେଖିଥିଲେ। ଗ୍ରାମକୁ ଯାଇଥିବା ଟିମ୍‌କୁ ଶିଶୁଙ୍କ ମାଉସୀ ଓ ଗ୍ରାମବାସୀ କୌଣସି ସହଯୋଗ କରି ନ ଥିଲେ। ଟିମ୍ ୩ ଶିଶୁଙ୍କ ସମ୍ପର୍କରେ ଗ୍ରାମ ଲୋକଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରି ପରେ ଶିଶୁମାନଙ୍କୁ ଉଦ୍ଧାର କରି ଆଣି ସେମାନଙ୍କୁ ଶିଶୁ କଲ୍ୟାଣ ସମିତ ନିକଟରେ ଉପସ୍ଥିତ କରାଇଥିଲେ। ଶିଶୁମାନଙ୍କ ଉପଯୁକ୍ତ ଥଇଥାନ ବ୍ୟବ୍ୟସ୍ଥା କରାଯିବ। ଜିଲା ପ୍ରଶାସନ ପକ୍ଷରୁ ୩ ଶିଶୁଙ୍କ ଖାଇବା, ରହିବା ଓ ପାଠ ପଢିବା ବ୍ୟବସ୍ଥା କରାଯାଉଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ ତ୍ରିପାଠୀ କହିଛନ୍ତି।

# ଭେଣ୍ଡିଂ ଜୋନ ଅଡୁଆ ତୁଟୁନି

- ନୀତିନିୟମକୁ ଉଲ୍ଲଂଘନ କରାଯାଇଥିବା କାଉନସିଲରଙ୍କ ଅଭିଯୋଗ
- ୭୫ ଜଣ ପାଇବେ ଭେଣ୍ଡିଂ ଜୋନ୍ ଦୋକାନ ଗୃହ: ନିର୍ବାହୀ ଅଧିକାରୀ

ପାରଳାଖେମୁଣ୍ଡି,୨୧।୧୧(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ପୌର ପରିଷଦ ପକ୍ଷରୁ ନିର୍ମିତ ଭେଣ୍ଡିଂ ଜୋନ ଏଯାଏ କାର୍ଯ୍ୟକ୍ଷମ ହୋଇନି। ସହରର ଦୁଇଟି ସ୍ଥାନରେ ଉଠା ବ୍ୟବସାୟୀଙ୍କୁ ଥଇଥାନ କରିବା ପାଇଁ ଗତ ୨୦୨୨ରେ ମେଡିକାଲ ରୋଡ ଓ ହାଟପଦା ନିକଟରେ ଦେଢ କୋଟି ଟଙ୍କା ବ୍ୟୟରେ ଶତାଧିକ ଛୋଟ ଛୋଟ ଦୋକାନ ଗୃହ (ଭେଣ୍ଡିଂ ଜୋନ) ନିର୍ମାଣ କରାଯାଇଥିଲା। ୩ବର୍ଷ ଯିବାକୁବସିଲାଣି ଅଥଚ ଏହାକୁ କାର୍ଯ୍ୟକ୍ଷମ କରିବାରେ ପୌର ପ୍ରଶାସନ କି ଜିଲା ପ୍ରଶାସନ ନାଁ ଧରୁନି। ବନ୍ଦ ହୋଇ ପଡି ରହିବା ଦ୍ୱାରା ଭେଣ୍ଡିଂ ଜୋନର ଅନେକ ଦୋକାନ ଗୃହରେ କଳଙ୍କି ଲାଗିବା ସହ ରଙ୍ଗ ଛାଡିଆସିଲାଣି। ଉଠା ଦୋକାନୀମାନେ ପୂର୍ବପରି ରାସ୍ତା କଡରେ ପସରା ଖୋଲି ବସି ବ୍ୟବସାୟ କରୁଥିବାରୁ ସହରରେ ଟ୍ରାଫିକ ସମସ୍ୟା ଉପୁଜୁଛି। ଏହାକୁ ସୁଧାରିବା ଲାଗି ବିଭିନ୍ନ ସମୟରେ ଜବରଦଖଲ ଉଚ୍ଛେଦ କରାଯାଉଛି। ଏହା ଉଠାଦୋକାନୀଙ୍କୁ ଅଡୁଆରେ ପକାଉଛି। ଅଲୋଡା ହୋଇ ପଡିଥିବା ଏହି ଭେଣ୍ଡିଂ ଜୋନ ବର୍ତ୍ତମାନ ଆସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ପ୍ରାୟ ୬ ମାସ ତଳେ ପୌର ପରିଷଦ ପକ୍ଷରୁ ଭେଣ୍ଡିଂ ଜୋନ ଆବଣ୍ଟନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆଶାୟୀଙ୍କ ଲମ୍ବା ତାଲିକା ହେବାରୁ ଲଟେରି ମାଧ୍ୟମରେ ଯିଏ ପାଇବେ ତାଙ୍କୁ ଦୋକାନ ଗୃହ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ତେବେ ତରବରିଆ ଭାବେ ୭୬ ଜଣ ଆବେଦନକାରୀଙ୍କୁ ପ୍ରକ୍ରିୟା ଅନୁଯାୟୀ ପ୍ରଦାନ କରାଯାଇଥିଲା। ଏହା ବିନା ବିଜ୍ଞପ୍ତି ଓ ସମସ୍ତ କାଉନସିଲରଙ୍କୁ ଅବଗତ କରି ପ୍ରଦାନ କରାଯାଇନାହିଁ ବୋଲି କେତେଜଣ କାଉନସିଲର ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ପୌର କର୍ତ୍ତୃପକ୍ଷଙ୍କ ୨୬।୯।୨୪ ବିଜ୍ଞାପନ, ପତ୍ର ସଂଖ୍ୟା ୪୦୬୬ ଅନୁସାରେ ଆବେଦନ ଗ୍ରହଣ କରାଯାଇଥିବା ଦର୍ଶାଯାଇଛି। ମାତ୍ର ଏହାର ବହୁ ପୂର୍ବରୁ ଆବେଦନପତ୍ର ଗ୍ରହଣ କରି ପୌର ପରିଷଦ ପକ୍ଷରୁ ରସିଦ ପ୍ରଦାନ କରାଯାଇଥିବା ଆବେଦନକାରୀ ବ୍ୟବସାୟୀଙ୍କୁ ନ ଦେଇ ଅନ୍ୟ ଆବେଦନକାରୀଙ୍କୁ କିପରି ଭେଣ୍ଡିଂ ଜୋନର ଦୋକାନ ଗୃହ ପ୍ରଦାନ କରାଗଲା ସେନେଇ କେତେଜଣ କାଉନସିଲର ପ୍ରଶ୍ନଉଠାଇଛନ୍ତି। ଭେଣ୍ଡିଂ ଜୋନ ଆବଣ୍ଟନ ବେଳେ ପୌର ପରିଷଦର ୫ ଜଣିଆ କାଉନସିଲର କମିଟି ଗଠନ କରି ଏ ସଂକ୍ରାନ୍ତରେ ନିଷ୍ପତ୍ତି ଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହାକୁ ମଧ୍ୟ ଉଲ୍ଲଂଘନ କରାଯାଇଛି। କୋଭିଡ ମହାମାରୀ ସମୟରେ ତତ୍କାଳୀନ ସରକାର ମୁକ୍ତା ଯୋଜନାରେ ୫୨୩ ଜଣ ଉଠାଦୋକାନୀଙ୍କୁ ଚିହ୍ନଟ କରି ପ୍ରତ୍ୟେକଙ୍କୁ ୩ ହଜାର ଟଙ୍କା ପ୍ରଦାନ କରିଥିଲେ। ଏମାନଙ୍କୁ ହିଁ ପ୍ରକୃତ ହିତାଧିକାରୀ ଏବଂ ଭେଣ୍ଡିଂ ଜୋନ ନିର୍ମାଣ ହେଲେ ଦୋକାନ ଗୃହ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ତେବେ ଦୋକାନ ଗୃହ ପାଇଁ ୧୮୧ ଜଣ ଆବେଦନ କରିଥିଲେ। ଦୁଇଟି ସ୍ଥାନରେ ୧୪୪ଟି ଦୋକାନ ଗୃହ ନିର୍ମାଣ କରାଯାଇଥିବାରୁ ଏହା ଆବଣ୍ଟନ କରିବା ସମ୍ଭବ ହୋଇ ନ ଥିଲା। ଏହି ସମସ୍ୟାକୁ ଏଡାଇବାକୁ ଲଟେରିର ଆଶ୍ରୟ ନେଇଥିଲା ପୌର ପରିଷଦ। ଏବେ ସେହି ପ୍ରକ୍ରିୟାରେ ନୀତିନିୟମ ଉଲ୍ଲଂଘନ କରାଯାଇଥିବା କାଉନସିଲରମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁଙ୍କୁ ପଚାରିବାରୁ ସେ କହିଲେ, ଭେଣ୍ଡିଂ ଜେନାରେ ଦୋକାନ ଗୃହ ନେବାକୁ ୧୮୧ ଜଣ ବ୍ୟବସାୟୀ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୧୦୫ ଜଣ ଆବେଦନକାରୀ କଟି ଯାଇଛନ୍ତି। ଆଉ ୭୬ ଜଣଙ୍କୁ ଦୋକାନ ଗୃହ ପ୍ରଦାନ କରାଯାଇଥିଲା। ତେବେ ଏମାନଙ୍କ ମଧ୍ୟରୁ ବାପପୁଅ ୨ ଜଣ ପାଇଥିବାରୁ ଶୁକ୍ରବାର କାଉନସିଲ ବୈଠକରେ ଆଲୋଚନା କ୍ରମେ ଜଣକର ଦୋକାନ ଗୃହ କଟିଛି। ୭୫ ଜଣଙ୍କୁ ଭେଣ୍ଡିଂ ଜୋନ ଦୋକାନ ଗୃହ ପ୍ରଦାନ କରାଯିବ ବୋଲି ମୁର୍ମୁ କହିଛନ୍ତି। ଏଦିଗରେ ଶୀଘ୍ର ପଦକ୍ଷେପ ନେଇ ଦୋକାନ ବଣ୍ଟନ ନ କଲେ ଏଥିରେ ଖର୍ଚ୍ଚ ହୋଇଥିବା ଦେଢ କୋଟି ଟଙ୍କା ପାଣିରେ ପଡିବ ବୋଲି ସାଧାରଣରେ ଆଲୋଚନା ହେଉଛି।



ବନ୍ଦହୋଇ ପଡିଥିବା ଭେଣ୍ଡିଂ ଜୋନ୍।

## ହିଲ୍‌ଭ୍ୟୁ ପାର୍କରେ ହ୍ୟୁମାନଙ୍କ ଚିତ୍ର ଆଙ୍କିଲେ ସୁନୀଲ




ଦାରିଙ୍ଗବାଡ଼ି, ୨୧।୧୧ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ୍ ଶ୍ରାନିକେତା ପଞ୍ଚାୟତ ଦଣ୍ଡିମାଗ୍ରାମର ଚିତ୍ରକର ସୁନୀଲ ବିନ୍ଧାଣି ନିଜ ତୂଳୀରେ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ଚିତ୍ରଆଙ୍କି ପ୍ରଂଶସା ସାଉଁଟିଛନ୍ତି। ସେ ହ୍ୟୁମାନଙ୍କ ବଡ଼ ଫ୍ୟାନ୍ ବୋଲି କହିବା ସହ ସେ ତାଙ୍କ ବିୟୋଗ ପରଠାରୁ ଭାଙ୍ଗି ପଡିଥିଲେ। ଶୁକ୍ରବାର ଦାରିଙ୍ଗବାଡ଼ି ହିଲ୍‌ଭ୍ୟୁ ପାର୍କ ପରିସର ମଧ୍ୟରେ ତାଙ୍କ ଚିତ୍ର ଆଙ୍କିଛନ୍ତି। ଯିଏ ଦେଖୁଛନ୍ତି ସିଏ କହୁଛନ୍ତି ମିସ୍‌ୟୁ ହ୍ୟୁମାନ ଭାଇ। ଆଉ ହିଲ୍‌ଭ୍ୟୁ ଆସୁଥିବା ପର୍ଯ୍ୟଟକ କିଛି ସମୟ ଚିତ୍ର ନିକଟରେ ଅଟକି ହ୍ୟୁମାନଙ୍କୁ ମନେ ପକାଇ ତାଙ୍କ ସ୍ମୃତିଚାରଣ କରୁଛନ୍ତି।

## ସାଂସଦ ଖେଳ ମହୋତ୍ସବ ଆରମ୍ଭ

ପାତ୍ରପୁର,୨୧।୧୧(ଉମା ଚରଣ ନେପାକ):

ପାତ୍ରପୁର ବ୍ଲକ ପ୍ରଶାସନ ପକ୍ଷରୁ ସାମନ୍ତିଆପଲ୍ଲୀସ୍ଥିତ ମିନି ଷ୍ଟାଡିୟମଠାରେ ଶୁକ୍ରବାର ସାଂସଦ ଖେଳ ମହୋତ୍ସବ ଶୁଭାରମ୍ଭ ହୋଇଛି। ଏହା ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ପାତ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ଚରଣ ସୋରେନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏମ୍‌ପି ପ୍ରତିନିଧି ମୀନା ଦ୍ୟାନ ସାମନ୍ତରା, ଉପାଧ୍ୟକ୍ଷ ଅନାଦି ପଣ୍ଡିତ ସରପଞ୍ଚ ଏନ ତ୍ରିପତି, ସମିତି ସଭ୍ୟ ପ୍ରଶାନ୍ତ କୁମାର ସାହୁ ଓ ପ୍ରଧାନ ଶିକ୍ଷକ ପ୍ରମୁଖ ମଞ୍ଚାସିନ ଥିଲେ। ବିଧାୟକ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରି ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ଦିବସରେ ଦୌଡ଼ ପ୍ରତିଯୋଗିତା ହୋଇଥିଲା । ବିଏସଏସଓ ସ୍ନେହାସିସ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜନ ପ୍ରତିନିଧି ଓ କର୍ମଚାରୀ ମାନେ ସହଯୋଗ କରିଥିଲେ। ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ମାନେ ପ୍ରତିଯୋଗୀ ମାନଙ୍କ ମୂଲ୍ୟାୟନ କରିଥିବା ସହ କ୍ରୀଡା ପରିଚାଳନା କରିଥିଲେ।

## ଶୂନ୍ୟ ମୃତାହତ ପକ୍ଷ ପାଇଁ ଗଡ଼ିଲା ସଚେତନତା ରଥ

ଛତ୍ରପୁର,୨୧।୧୧(ଦିଲୀପ ସାମଲ):



ରାଜ୍ୟରେ ସଡ଼କ ଦୁର୍ଘଟଣାକୁ ହ୍ରାସ କରିବା ପାଇଁ ଗତ ୧୬ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଶୂନ୍ୟ ମୃତାହତ ପକ୍ଷ ପାଳନ କରାଯାଉଛି। ଏହି ଅବସରରେ ଗଞ୍ଜାମ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସଚେତନତା ରଥ ଉଦଘାଟିତ ହୋଇଛି । ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତି ଭାସନ ଏବଂ ଏସପି ଶୁଭେନ୍ଦୁ କୁମାର ପାତ୍ର ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଆରଟିଓ ଇ.ଦେବାଶିଷ ସ୍ୱାଇଁ, ଏମଭିଆଇ ରାଜ କୁମାର ବେହେରାଙ୍କ ସମେତ ବିଭାଗର ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଜିଲାରେ ସଡକ ଦୁର୍ଘଟଣା ଓ ଏଥିଜନିତ ମୃତ୍ୟୁ ହାର ବୃଦ୍ଧି ପାଉଛି । ସଚେତନତା ରଥ ସମସ୍ତ ଅଞ୍ଚଳ ବୁଲି ଶୂନ୍ୟ ମୃତାହତ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବ। ଏହି ପରିପେକ୍ଷିରେ ଗଞ୍ଜାମ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସଡକ ଦୁର୍ଘଟଣା ହ୍ରାସ, ଟ୍ରାଫିକ ସଚେତନତା ଓ ସଡକ ସୁରକ୍ଷା ନିୟମ ପାଳନ କରିବା ସହ ଯାଞ୍ଚକୁ ମଧ୍ୟ କଡାକଡି କରାଯାଇଛି । ବିଭିନ୍ନ ଛକରେ ଗାଡି ଯାଞ୍ଚ କରାଯାଉଛି । ୪ ଦିନ ମଧ୍ୟରେ ଗଞ୍ଜାମ ଓ ଭଞ୍ଜନଗର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ୬୨୩ଜଣ ଅମାନିଆଙ୍କ ବିରୋଧରେ ଚାଲାଣ କଟାଯାଇଛି। ଜିଲାରେ ଅଧିକ ସଡକ ଦୁର୍ଘଟଣା ହେଉଥିବା ବ୍ଲାକ ସ୍ପଟ ଅଞ୍ଚଳକୁ ଚିହ୍ନଟ କରାଯାଇ ଉକ୍ତ ସ୍ଥାନରେ କିପରି ଦୁର୍ଘଟଣା କମିବ ସେଠାରେ ବ୍ୟାପକ ସଚେତନତା ସହ ଏନଫୋର୍ସମେଣ୍ଟ କରାଯାଉଥିବା ପରିବହନ ବିଭାଗ ପକ୍ଷରୁ କୁହାଯାଇଛି ।

## ବ୍ଲକସ୍ତରୀୟ ବିଜ୍ଞାନ ମେଳା, ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ଧରାକୋଟ,୨୧।୧୧(ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଧରାକୋଟ ବ୍ଲକ ବରଡ଼ାବିଲି ଉନ୍ନୀତ ଉଚ୍ଚ ନ୍ୟାୟାଳୟ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଓ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ବିଇଓ ଅଭିମନ୍ୟୁ ସାହୁ ସଭାପତିତ୍ୱ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ତହସିଲଦାର ଲମ୍ବୋଦର ମାର୍ଣ୍ଡି, ବିଡିଓ ସଂଗ୍ରାମ କେଶରୀ ଜେନା, ଏଡିଇଓ ଡ. ପ୍ରଭାତୀ ମହାପାତ୍ର, ଏମ୍‌ପି ପ୍ରତିନିଧି ମୁନା ପ୍ରଧାନ, ଏବିଇଓ ବିଭୂତି ଭୂଷଣ ପାତ୍ର ଉପସ୍ଥିତ ରହି କୁନି ବୈଜ୍ଞାନିକ ମାନଙ୍କୁ ଉତ୍ସାହିତ କରିଥିଲେ। ଏବିଇଓ ସୌରୀ ଶଙ୍କର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗୌରୀ ଶଙ୍କର ଶତପଥୀ ଓ ସୁରେଶ ପାତ୍ର ଉପସ୍ଥାପକ ଦାୟିତ୍ୱ ତୁଲାଇଥିଲେ। ଉଦଯାପନୀ ଉତ୍ସବରେ ବିଇଓ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ସମ୍ମାନିତ ଅତିଥି ବ୍ଲକ ଉପାଧ୍ୟକ୍ଷ ମନୋଜ ସାହୁ,ସରପଞ୍ଚ ଅହଲ୍ୟା ସ୍ୱାଇଁ, ଶିକ୍ଷାବିତ କାଳୁ ଚରଣ ଗୌଡ଼, ହୃଦାନନ୍ଦ ଜେନା,ଏସଏମସି ସଭାପତି ବୁଲୁ ସାହୁ, ଏବିଇଓ ସୌରୀ ଶଙ୍କର ବେହେରା, ମାଣିକପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବାବୁଲା ପ୍ରଧାନ ଉପସ୍ଥିତ ଥିଲେ। ବ୍ଲକର ୧୧୯ ବିଦ୍ୟାଳୟର ୨୦୭ ପ୍ରକଳ୍ପ ପ୍ରଦର୍ଶନ ହୋଇଥିଲା।

## ଜିଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ

## ପ୍ରାକୃତିକ ଜଳାଶୟ ପ୍ରଦୂଷଣମୁକ୍ତ କରିବାକୁ ଗୁରୁତ୍ୱ



ଅତିଥିମାନେ ଜଣେ ମତ୍ସ୍ୟଚାଷୀଙ୍କୁ ସମ୍ମାନିତ କରୁଛନ୍ତି।

ପାରଳାଖେମୁଣ୍ଡି,୨୧।୧୧(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷ ରେ ମତ୍ସ୍ୟ ଓ ପ୍ରାଣି ସମ୍ପଦ ବିକାଶ ବିଭାଗ ପକ୍ଷରୁ ବିଶ୍ୱ ମତ୍ସ୍ୟ ଦିବସ ଶୁକ୍ରବାର ପାଳିତ ହୋଇଛି। ଜିଲା ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ନିରୋଦ ଚନ୍ଦ୍ର ନାୟକ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅତିରିକ୍ତ ଜିଲାପାଳ ଫାଲଗୁନୀ ମାଝୀ ମୁଖ୍ୟ ଅତିଥି,ସମ୍ମାନିତ ଅତିଥି ଭାବେ ଜିଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ଜିଲା ମୁଖ୍ୟ କୃଷି ଅଧିକାରୀ ଏମ.ପ୍ରକାଶ ରାଓ, ଜିଲା ପ୍ରକଳ୍ପ ପରିଚାଳକ ଡିମନ ବାରା ଉପସ୍ଥିତ ଥିଲେ।

ଅତିରିକ୍ତ ଜିଲ୍ଲାପାଳ କହିଥିଲେ ଯେ ଜିଲ୍ଲାରେ ଛୋଟ ବଡ଼ ଜଳାଶୟ ଥିବାରୁ ମାଛ ଚାଷ ପାଇଁ ବହୁତ ଉପଯୋଗୀ ରହିଛି। ଏଥିପାଇଁ ସରକାର ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି। ଜିଲାର ଚାଷୀ ଭଉଣୀଭାଇମାନେ ବୈଜ୍ଞାନିକ ପଦ୍ଧତିରେ ଅଧିକରୁ ଅଧିକ ମାଛ ଚାଷ କରି ସ୍ୱାବଲମ୍ବୀ ହେବାକୁ ଆହ୍ୱାନ ଦେଇଥିଲେ। ବୈଜ୍ଞାନିକ ପଦ୍ଧତିରେ ମାଛ ଚାଷ ଓ ଜାଆଁଳା ଉତ୍ପାଦନ କ୍ଷେତ୍ରରେ କିପରି ଚାଷ କରିବେ ସେନେଇ ଉପସ୍ଥିତ ଅତିଥିମାନେ ବୁଝାଇଥିଲେ। ସମୁଦ୍ର, ହ୍ରଦ ଓ ନଦୀ ଆଦି ଜଳାଶୟଗୁଡିକୁ ପ୍ରଦୂଷଣ ମୁକ୍ତ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜିଲାର ୪ ଜଣ ସଫଳ ମାଛ ଚାଷୀ ଗୁମ୍ମା ବ୍ଲକର ଲାଲ ମୋହନ ଲିମ୍ମା, କାଶୀନଗର ବ୍ଲକର ନାରୁସୁ ପାତ୍ର, ଗୋଷଣି ବ୍ଲକ ଜ୍ୟୋତି ଚୌଧୁରୀ ଓ ରାୟଗଡ ବ୍ଲକର ଭୌରବୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୁରସ୍କୃତ କରାଯାଇଥିଲା। ସୂଚନାଯୋଗ୍ୟ, ୨୦୧୫ରୁ ବିଶ୍ୱ ମତ୍ସ୍ୟ ଦିବସ ପ୍ରତବର୍ଷ ନଭେମ୍ବର ୨୧ରେ ପାଳନ ହୋଇଆସୁଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବନ ବିହାର କାର୍ଯ୍ୟକ୍ରମ

### ପରିବେଶ ସୁରକ୍ଷା ସମ୍ପର୍କରେ ଶିଖିଲେ ଛାତ୍ରୀଛାତ୍ର

ଦାରିଙ୍ଗବାଡ଼ି,୨୧।୧୧ (ଅରୁଣ ସାହୁ)



ଦାରିଙ୍ଗବାଡ଼ି ସରସ୍ୱତୀ ଶିଶୁ ମନ୍ଦିରର ବନ ବିହାର କାର୍ଯ୍ୟକ୍ରମ ଡୁଲୁରୀ ପାଇନ ବଣଠାରେ ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାମନ୍ଦିରର ପରିଚାଳନା କମିଟିର ସଭାପତି ଯୁଧିଷ୍ଠିର ପ୍ରଧାନଙ୍କ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ସହକାରୀ ଶିକ୍ଷକ ପ୍ରଶାନ୍ତ ସାହୁ ମଞ୍ଚ ସଂଯୋଜନା କରିଥିବା ବେଳେ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ କୁମାର ବଡ଼ଜେନା ସ୍ୱାଗତ ଭାଷଣ ଦେଇଥିଲେ। ସେହିପରି ସଙ୍କୁଳ ପ୍ରମୁଖ ତୀର୍ଥବାସୀ ଘଡ଼ାଇ ଏହି ବନ ବିହାରର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦାରିଙ୍ଗବାଡ଼ି ତହସିଲଦାର ଧୀରୋଜ ପାତ୍ର ଯୋଗଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥିଭାବେ ଦାରିଙ୍ଗବାଡ଼ି ବିଡ଼ିଓ ପ୍ରୀତିରଞ୍ଜନ ରଥ, ମୁଖ୍ୟବକ୍ତା ଭାବେ ବିଭାଗର ନିରୀକ୍ଷକ ପଦ୍ମନାଭ ସାମଲ, ଅଗ୍ନିଶମ ଅଧିକାରୀ ଧବଳେଶ୍ୱର ପ୍ରଧାନ, ସରପଞ୍ଚ ସୁଶ୍ରୀ ଚନ୍ଦ୍ରିକା ମଲିକ, ପୂର୍ବତନ ସଭାପତି ରମେଶ ଚନ୍ଦ୍ର ସାହୁ, ଭାଜପାମଣ୍ଡଳ ସଭାପତି ମିଟୁ ସାହୁ, ବିଦ୍ୟାମନ୍ଦିର ପରିଚାଳନା କମିଟିର ସମ୍ପାଦକ ଦିଲୀପ ସାହୁ ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ। ଛାତ୍ରୀଛାତ୍ରମାନେ ବିଦ୍ୟାମନ୍ଦିର ଭିତରେ ନିୟମିତ ପାଠ ପଢୁଛନ୍ତି ତେବେ ସେମାନଙ୍କୁ ଜଙ୍ଗଲ ପରିବେଶକୁ ତାର ସୁରକ୍ଷା ସମ୍ପର୍କରେ ଅତିଥିମାନେ ପରାମର୍ଶ ଦେଇଥିଲେ। ଶେଷରେ ସମ୍ପାଦକ ଦିଲୀପ ସାହୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଟୁ ସାହୁ, ନିରଞ୍ଜନ ସାହୁ, ହରେନ ସାହୁ, ଭାଲୁ ସାହୁଙ୍କ ସମେତ ବିଦ୍ୟାମନ୍ଦିରର ଗୁରୁମା, ଗୁରୁଜୀ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ।

## ଅତ୍ୟାଧୁନିକ ଶୁଖୁଆ ମାର୍କେଟ ବିଲ୍‌ଡିଂ ଶୁଭାରମ୍ଭ

ଗଞ୍ଜାମ,୨୧।୧୧(ବିଦ୍ୟାଧର ସାହୁ)

ବିଶ୍ୱ ମତ୍ସ୍ୟ ଦିବସ ଅବସରରେ ହୁମା ହାଟ ପଡିଆରେ ଥିବା ଅତ୍ୟାଧୁନିକ ଶୁଖୁଆ ମାର୍କେଟ ବିଲ୍‌ଡିଂ ଶୁକ୍ରବାର ଶୁଭାରମ୍ଭ ହୋଇଛି। ଭିଡିଓ କନଫରେନ୍ସ ମାଧ୍ୟମରେ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ଏହାକୁ ଶୁଭାରମ୍ଭ କରିଥିଲେ। ଛତ୍ରପୁର ଉପଜିଲାପାଳ ଶିବାଶିଷ ବରାଳ ଏହାକୁ ଉଦ୍‌ଘାଟନ କରିଥିଲେ। ପୂର୍ବ ସରକାର ସମୟରେ ୨୦୧୮ରେ ଏହି ଅତ୍ୟାଧୁନିକ ଶୁଖୁଆ ମାର୍କେଟ ବିଲ୍‌ଡିଂ ଓ ବାଉଣ୍ଡ୍ରିୱାଲ ନିର୍ମାଣ ପାଇଁ ୭ କୋଟି ବ୍ୟୟ ଅଟକଳ ହୋଇଥିଲା। ବ୍ରିଜ ଆଣ୍ଡ ରୁଫ କମ୍ପାନୀ ଏହାର ନିର୍ମାଣ କାର୍ଯ୍ୟ ହାତକୁ ନେଇଥିଲା। କମ୍ପାନୀର ବରିଷ୍ଠ ପ୍ରବନ୍ଧକ ସନ୍ତୋଷ ମହାନ୍ତି, ଭେଙ୍କେଟ ରାଓ ଏବଂ ଅଶ୍ୱିନୀ ସାହୁ ଉଦ୍‌ଘାଟନ ବେଳେ ଉପସ୍ଥିତ ଥିଲେ। ଏଠାକୁ ଆସୁଥିବା ଶୁଖୁଆ ବ୍ୟବସାୟୀଙ୍କ ରାତ୍ର ରହଣି, ଆବଶ୍ୟକ ଶୌଚାଳୟ ଆଦି ବ୍ୟବସ୍ଥା ରହିଥିବା ଜଣାପଡିଛି।

## ରୋଗୀ କଲ୍ୟାଣ ସମିତିର କାର୍ଯ୍ୟକାରିଣୀ ବୈଠକ

ଦାରିଙ୍ଗବାଡ଼ି, ୨୧।୧୧ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶୁକ୍ରବାର ରୋଗୀ କଲ୍ୟାଣ ସମିତିର କାର୍ଯ୍ୟକାରିଣୀ ବୈଠକ ଅଧ୍ୟକ୍ଷ ତଥା ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ ଡା. ଜାକେଶ ସାମନ୍ତରାୟ ଯୋଗଦେଇଥିବା ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ପରେ ବିପିଏମ ଶାନ୍ତନୁ ସାହୁ ୨୦୨୩ ଜୁଲାଇ ୨୩ରେ ଶେଷଥର ପାଇଁ ବୈଠକ ହୋଇଥିଲା। ସେହି ସମୟରେ ଅନେକ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଥିଲେ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ମାଳମାଳ ସମସ୍ୟା ରହିଛି। ସ୍ୱାସ୍ଥ୍ୟକେନ୍ଦ୍ରକୁ ପୂର୍ବ ସରକାର ସମୟରେ ୫ଟି ଯୋଜନାରେ ରୂପାନ୍ତର କରାଯାଇଛି। ଯେଉଁ ସବୁ କୋଠା ଗୁଡ଼ିକ ରୂପାନ୍ତର କରାଯାଇଛି ତାହା ନିମ୍ନମାନର କାର୍ଯ୍ୟ ହୋଇଛି। ତାକୁ କିଭଳି ମରାମତି କରାଯିବ ସେ ନେଇ ଆଲୋଚନା ହୋଇଛି। ସେହିପରି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଗୋଷ୍ଠୀ ଶୌଚାଳୟର ରକ୍ଷଣାବେକ୍ଷଣ କରିବା ପାଇଁ କର୍ମଚାରୀ ଅଭାବ ଯୋଗୁ ସେଠାରେ ତାଲା ଝୁଲୁଥିବା କୁହାଯାଇଥିଲା। ଜଳ ଯୋଗାଣ ସହ ଅନ୍ୟାନ୍ୟ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରୋଗୀ କଲ୍ୟାଣ ସମିତିର ଉପାଧ୍ୟକ୍ଷ ତଥା ପଞ୍ଚାୟତ ସମିତିର ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ, ବିଡ଼ିଓ ପ୍ରୀତିରଞ୍ଜନ ରଥ, ସିଡିପିଓ ସନ୍ଧ୍ୟାରାଣୀ ପଣ୍ଡା, ସରପଞ୍ଚ ସୁଶ୍ରୀ ଚନ୍ଦ୍ରିକା ମଲିକ ଓ ଅନ୍ୟଅଧିକାରୀ ମାନେ ଉପସ୍ଥିତ ଥିଲେ।

# ରାସ୍ତାକୁ ମାଡ଼ି ବସିଛନ୍ତି ବ୍ୟବସାୟୀ

କବିସୂର୍ଯ୍ୟନଗର, ୨୧।୧୧(କୃପାସିନ୍ଧୁ ସ୍ୱାଇଁ)



କରୋନା କାଳରେ ପ୍ରଶାସନ ରାଜ୍ୟ ରାଜପଥ କଡରେ ପରିବା ବ୍ୟବସାୟୀଙ୍କୁ ବିକ୍ରି ଲାଗି ଅନୁମତି ଦେଇ ପରିବା ବଜାରକୁ ବନ୍ଦ କରିଥିଲା। ଏବେ କୋଭିଡ କଟକଣା ହଟିବା ୫ ବର୍ଷ ବିତିଲେଣି ତଥାପି ପ୍ରଶାସନ ବ୍ୟବସାୟୀଙ୍କୁ ପରିବା ବଜାରକୁ ଫେରାଇ ନେଇନି। କମିଶନ ସଂଗ୍ରହ କରି ଏଥିପ୍ରତି ଆଖିବୁଜି ଦେଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। କବିସୂର୍ଯ୍ୟନଗର ଦେଇ ମୁଖ୍ୟ ରାଜ୍ୟ ରାଜପଥ ୩୦ ଯାଇଛି । ଏହାର ରାସ୍ତା କଡ଼ରେ ବହୁ ବ୍ୟବସାୟୀ ସେମାନଙ୍କ ବ୍ୟବସାୟ ଜାରି ରଖିଛନ୍ତି। ପୁରୁଣାଷ୍ଟେସ୍ୟାଙ୍କ ସମ୍ମୁଖରେ, ସମ୍ମୁଖରେ, ଲୋକନାଥ ମନ୍ଦିରଠାରୁ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପରିବା, ଚାଟ, ହୋଟେଲ, ଫ୍ରୁଟ୍ସ, ଡ୍ରେସ ଆଦି ଉଠା ଦୋକାନ କରି ବ୍ୟବସାୟୀମାନେ ବ୍ୟବସାୟ ଚଳାଇ ଆସୁଛନ୍ତି। ଫଳରେ ଏହି ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ଲୋକଙ୍କ ଯାତାୟାତରେ ସମସ୍ୟା ଉପୁଜୁଛି। ବିଭିନ୍ନ ସମୟରେ ଏଥିପାଇଁ ଅନେକ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ରାସ୍ତା ଜାମ ହେବା ସହ ଦୁଇ କଡରେ ବାଇକ୍ ପାର୍କିଂ, ଅଟୋ ପାର୍କିଂ ସମସ୍ୟାକୁ ଦ୍ୱିଗୁଣିତ କରିଛି। ରାଜ୍ୟ ରାଜପଥ ସଂକୁଚିତ ହେବାରେ ଲାଗିଛି । ପ୍ରଶାସନ ଏଭଳି ଦୃଶ୍ୟ ପ୍ରତ୍ୟହ ଦେଖୁଥିଲେ ମଧ୍ୟ ନୀରବ ରହୁଛି। କବିସୂର୍ଯ୍ୟନଗର ଏନଏସି ବର୍ତ୍ତମାନ ମୁନିସିପାଲିଟି ଘୋଷଣା ହେବା ପରେ ଟ୍ରାଫିକ ସମସ୍ୟା ସୁଧୁରିବ ବୋଲି ଲୋକେ ଆଶା କରିଥିଲେ। ମାତ୍ର ପ୍ରଶାସନ ଏ ଦିଗରେ ପଦକ୍ଷେପ ନ ନେଇ ହାତବାନ୍ଧି ବସିଛି। ଏନଏସିର ୧୧ ନଂ. ୱାର୍ଡ ଭାରପ୍ରାପ୍ତ ଅଧ୍ୟକ୍ଷ ବିକ୍ରାନ୍ତ ସାହୁଙ୍କ ୱାର୍ଡ ହୋଇଥିଲେ ମଧ୍ୟ ଏନଏସି ରୋଡ଼ ଓ ପାର୍କ ରୋଡ଼ର ଦୁଇ ପାର୍ଶ୍ୱ ରାସ୍ତାକୁ ବ୍ୟବସାୟୀ ମାଡି ବସିଛନ୍ତି। ଏ ସମ୍ପର୍କରେ ପଚରିବା ଲାଗି ଏନଏସି ଅଧ୍ୟକ୍ଷଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ ଉଠାଇ ନ ଥିଲେ। ନିର୍ବାହୀ ଅଧିକାରୀ କୃଷଚନ୍ଦ୍ର ରଥଙ୍କୁ ପଚାରିବାରୁ ସେ କହିଲେ, ଉଠା ବ୍ୟବସାୟୀଙ୍କୁ ନୋଟିସ କରାଯାଇଛି, ଖୁବ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ।

# ମଣ୍ଡଳ ସଭାପତିଙ୍କୁ ଆକ୍ରମଣ ଘଟଣା, ଜଣେ ଗିରଫ

ଗୋପାଳପୁର,୨୧।୧୧(ନବୀନ ରାଜ ଆଚାରୀ)

ଗୋପାଳପୁର ଥାନା ଅଞ୍ଚଳରେ ଭାଜପା ମଣ୍ଡଳ ସଭାପତିଙ୍କୁ ଆକ୍ରମଣ କରିବା ମାମଲାରେ ଶୁକ୍ରବାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ତରାଇ ଗଞ୍ଜୁ ଗ୍ରାମର ଦୀପକ ବେହେରା (୨୨)। ଘଟଣା ପରେ ଗୋପାଳପୁର ପୋଲିସ ଦୀପକଙ୍କୁ ଥାନାକୁ ନେଇ ପଚରାଉଚରା କରିବା ପରେ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାନୁସାରେ, ଏହି ଥାନା ଅଧିନସ୍ଥ ତରାଇ ଗଞ୍ଜୁ ଗ୍ରାମର ହୃଷିକେଶ ବେହେରା ଡୁଲୁ ମଣ୍ଡଳ ଭାଜପା ସଭାପତି ରହିଛନ୍ତି। ବାଇକ ଯୋଗେ ଗୁରୁବାର ସକାଳେ ଘରକୁ ଫେରିବା ବେଳେ ପୁରୁଣା ଘର ନିକଟରେ ସେହି ଗ୍ରାମର ୪ ଜଣ ଯୁବକ ବିଭିନ୍ନ ମାରଣାସ୍ତ୍ର ଧରି ଆକ୍ରମଣ କରିଥିଲେ। ଘଟଣାସ୍ଥଳକୁ ଗ୍ରାମବାସୀ ଆସିବା ପରେ ଆକ୍ରମଣକାରୀ ମାନେ ଚାଲିଯାଇଥିଲେ। ଏ ନେଇ ତାଙ୍କ ସ୍ତ୍ରୀ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। କେଶ୍ ନଂ. ୪୦୨/୨୫ରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଅନ୍ୟପଟେ ଦୀପକ ବେହେରା ଅଭିଯୋଗ କରିଥିବା ମାମଲାରେ ପୋଲିସ କାହାରିକୁ ଗିରଫ କରି ନ ଥିବା ଜଣାପଡିଛି।

# ୧୭୫ କେଜି ଗଞ୍ଜେଇ ଜବତ

ଫୁଲବାଣୀ,୨୧।୧୧(ରାକେଶ କୁମାର ରାଉତ)

ଫୁଲବାଣୀଟାଉନ ଥାନା ଅନ୍ତର୍ଗତ ପଟାବାଲି ସାହି ନିକଟରୁ ସଦର ଅବକାରୀ ଟିମ ଦ୍ୱାରା ଏକ ଆନ୍ତଃ ରାଜ୍ୟ ଟ୍ରକରୁ ୧୭୫ କେଜି ଗଞ୍ଜେଇ ଜବତ କରାଯାଇଛି। ୨ ଜଣ ଗଞ୍ଜେଇ ମାଫିଆ ଘଟଣାସ୍ଥଳରୁ ଫେରାର ହୋଇ ଯାଇଛନ୍ତି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୪୭ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ଜଣାପଡିଛି। କୌଣସି ସୂତ୍ରରୁ ଖବର ପାଇ ଅବକାରୀ ଅଧୀକ୍ଷକ ସୁଶାନ୍ତ କୁମାର ପାଢୀଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ ଫୁଲବାଣୀ ପଟାବାଲି ସାହି ବ୍ରିଜ ପାଖରେ ଚଢାଉ କରିଥିଲେ। ଏହି ଟ୍ରକକୁ ଅଟକାଇ ଯାଞ୍ଚ କରିବାରେ ସେଥିରେ ଗଞ୍ଜେଇ ଚାଲାଣ ହେଉଥିବା ଜଣା ପଡିଥିଲା। ଅବକାରୀ ଟିମ ଗଞ୍ଜେଇ ଓ ଗାଡି ଜବତ କରିଥିଲା। ଏହି ଗଞ୍ଜେଇ ଗୋଛାପଡାରୁ ହରିଆଣା ଚାଲାଣ ହେଉଥିବା ଅବକାରୀ ଅଧିକାରୀ କହିଛନ୍ତି। ଏ ନେଇ ଅବକାରୀ ଥାନାରେ ୧୬୮/୨୫ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଫେରାର ଅଭିଯୁକ୍ତଙ୍କୁ ଧରିବା ଉଦ୍ୟମ କରାଯାଉଛି ବୋଲି ଅବକାରୀ ଏସ ଆଇ କହିଛନ୍ତି।

# ପୋଖରୀରେ ବୁଡ଼ି ଯୁବକ ମୃତ

ବେଲଗୁଣ୍ଠା, ୨୧।୧୧ (କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ ଗାଙ୍ଗପୁର ପଞ୍ଚାୟତର କୁମୁଣ୍ଡି ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆନନ୍ଦ ପାତ୍ର (୨୨) । ଶୁକ୍ରବାର ସକାଳେ ଆନନ୍ଦ ଶୌଚ ହେବା ପାଇଁ ଗାଁ ପୋଖରୀକୁ ଯାଇଥିବା ବେଳେ ଗୋଡ଼ ଖସି ଯିବାରୁ ବୁଡ଼ି ଯାଇଥିଲେ। ଖବର ପାଇ ପରିବାର ଲୋକେ ଆନନ୍ଦଙ୍କୁ ଗୁରୁତର ଅବସ୍ଥାରେ ଗାଙ୍ଗପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ଖବର ପାଇ ଗାଙ୍ଗପୁର ପୋଲିସ ପହଞ୍ଚି କେଶ ନମ୍ବର୍ ୩୦/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ଶବକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବରେ ବନବାସୀ ଛାତ୍ରୀଛାତ୍ରଙ୍କ କୃତିତ୍ୱ

ବାଲିଗୁଡ଼ା,୨୧।୧୧(ସଞ୍ଜୟ କୁମାର ପାଣିଗ୍ରାହୀ)

ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ମହକ ଓ ଉତ୍ସାହ କାର୍ଯ୍ୟକ୍ରମରେ କନ୍ଧମାଳ ଜିଲା ବାଲିଗୁଡ଼ା ସ୍ଥିତ ବନବାସୀ ସେବା ସମିତିର ଛାତ୍ରୀଛାତ୍ରମାନେ ସଫଳତା ହାସଲ କରି ସମଗ୍ର ଜିଲାକୁ ଚାମ୍ପିୟନ କରାଇଛନ୍ତି। ନଭେମ୍ବର ୧୧ ଠାରୁ ୧୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିଅମରେ ଏହି ଉତ୍ସବ ଆୟୋଜିତ ହୋଇଥିଲା। ଯେଉଁଥିରେ ରାଜ୍ୟର ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଶିଶୁମାନେ ଯୋଗଦେଇ ନିଜର ସୃଜନାତ୍ମକ, ସାଂସ୍କୃତିକ, ଶିକ୍ଷାମୂଳକ ଓ କ୍ରୀଡ଼ା କ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନ କରିଥିଲେ। ଏହି ପ୍ରତିଯୋଗିତାରେ ବନବାସୀ ସେବା ସମିତି ଅଧୀନରେ ଥିବା ଶିଶୁ ସଦନ ବାଲିଗୁଡା, ଜକିକିଆ, ରେବିଙ୍ଗିଆ ଏବଂ ଡ଼ଙ୍ଗରୀଗୁଡାର ଛାତ୍ରୀଛାତ୍ରମାନେ ଯୋଗ ଦେଇ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ସମଗ୍ର କନ୍ଧମାଳ ଜିଲାକୁ ଚାମ୍ପିୟନ କରି ଗର୍ବିତ କରାଇଛନ୍ତି। ଏହି ଅବସରରେ ବନବାସୀ ସେବା ସମିତିରେ ସମ୍ପାଦକ ଉତ୍ସବ ଚନ୍ଦ୍ର ଜେନା ଏବଂ ସହ ସମ୍ପାଦକ ରବୀନ୍ଦ୍ର ପଣ୍ଡା ଶିଶୁ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# କାର୍ଯ୍ୟକ୍ଷମ ହେବ ୱାର୍ଡ ଅଫିସ, ୱାଇଫାଇର ହେବ ଖୋଲା ଟେଣ୍ଡର

**ବିଇଏମସି ସାଧାରଣ ବୈଠକ**

ବ୍ରହ୍ମପୁର,୨୧।୧୧(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଇଏମସି)ର ସାଧାରଣ ବୈଠକ ଶୁକ୍ରବାର ନିଗମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୱାର୍ଡ ଅଫିସ କାର୍ଯ୍ୟକ୍ଷମ, ୱାର୍ଡ ଗୁଡିକରେ ଆଲୋକୀକରଣ ଓ ବାର୍ଦ୍ଧକ୍ୟ ଭତ୍ତା ସମସ୍ୟା ସମେତ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଥିଲା। ନିଗମର ୪୨ ୱାର୍ଡରେ ୩୧ ୱାର୍ଡ ଅଫିସ ରହିଛି। କିନ୍ତୁ ଅନେକ ୱାର୍ଡ ଅଫିସ ଅଧପନ୍ତରିଆ ଓ ଅସମ୍ପୂର୍ଣ୍ଣ ରହିଛି। ସମ୍ପୂର୍ଣ୍ଣ ହୋଇଥିବା ୱାର୍ଡ ଅଫିସ ବି ଅଚଳ ରହିଛି ବୋଲି କର୍ପୋରେଟରମାନେ ଅଭିଯୋଗ କରିଥିଲେ। ସ୍ୱଚ୍ଛ ସାଥୀ ଓ ସୁପରଭାଇଜରଙ୍କୁ ନିୟୋଜିତ କରି ଅଫିସ ଚଳାଇବା ପାଇଁ ପରାମର୍ଶ ଦେଇଥିଲେ। ୱାର୍ଡ ଅଫିସ ଚଳାଇବା ପାଇଁ ବିଭାଗ ପକ୍ଷରୁ କୌଣସି ଏସଓପି ନାହିଁ କିନ୍ତୁ ୱାର୍ଡ ଅଫିସ ଗୁଡିକ କାର୍ଯ୍ୟକ୍ଷମ ଓ ଅଧପନ୍ତରିଆ ଅଫିସ ଗୁଡିକ ସଂପୂର୍ଣ୍ଣକ୍ଷେତ୍ରରେ ପଦକ୍ଷେପ ନିଆଯିବ ବୋଲି କମିଶନର ନ ଥିବା କମିଶନର ପ୍ରଥମେଶ ଅରବିନ୍ଦ ରାଜିଶିର୍କେ କହିଥିଲେ। ସେହିପରି ପ୍ରତି ୱାର୍ଡରେ ୧୦ ରେଟ୍ରୋଫିଟ ଲାଇଟ ଲଗାଇବା ପାଇଁ କର୍ପୋରେଟର ପ୍ରଶାନ୍ତ ପଟ୍ଟନାୟକ ପରାମର୍ଶ ଦେଇଥିଲେ। ଆଲୋକୀକରଣ ପାଇଁ ଟେଣ୍ଡର ନେଇଥିବା ସଂପୃକ୍ତ ସଂସ୍ଥାର ଅବଧି କିଛି ମାସରେ ଶେଷ ହେବ। ପରେ ସରକାରୀ ନିୟମ ପ୍ରକାରେ ବିଇଏମସି ନିଜସ୍ୱ ଟେଣ୍ଡର ଜରିଆରେ ଆଲୋକୀକରଣର ବ୍ୟବସ୍ଥା କରିବ ବୋଲି କମିଶନର କହିଥିଲେ। ୱାଇଫାଇ ପରିଚାଳନା ଓ ରକ୍ଷଣାବେକ୍ଷଣର ବାର୍ଷିକ ଖର୍ଚ୍ଚ ସଂପର୍କରେ କର୍ପୋରେଟରମାନେ ପଚାରିଥିଲେ। ୟୁଇଫାଇ ନାମକ ସଂସ୍ଥା ପାଇଁ ବାର୍ଷିକ ୪୮ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ନେଇ ବାସୁଦେବ ପାଣିଗ୍ରାହୀ ସୂଚନା ଦେଇଥିଲେ। ସହରରେ ୧୦ଟି ସ୍ଥାନରେ ଆସେସ ପଏଣ୍ଟ ଲାଗିଥିବା ସେ କହିଥିଲେ। ମାଗଣା ୱାଇଫାଇ ସେବା ସଠିକ ଭାବେ କାର୍ଯ୍ୟ କରୁ ନ ଥିବା ନେଇ କର୍ପୋରେଟର ଅଭିଯୋଗ କରିଥିଲେ। ସଂପୃକ୍ତ ସଂସ୍ଥାର ଟେଣ୍ଡର ବାତିଲ କରାଯାଇଛି। ଆଗାମୀ ଦିନରେ ୱାଇଫାଇର ଖୋଲା ଟେଣ୍ଡର ହେବ ବୋଲି କମିଶନର କହିଥିଲେ। ଯେଉଁ ସ୍ଥାନରେ ଜରୁରୀ ସେହି ସ୍ଥାନରେ ଆସେସ ପଏଣ୍ଟ ଲଗାଯିବ। ଫଳରେ ନିଗମର ଖର୍ଚ୍ଚ ହ୍ରାସ ହେବ। ସେହିଭଳି ଗତ ୧୦ ତାରିଖରେ ପବ୍ଲିକ ୱାର୍କସ ଷ୍ଟାଣ୍ଡିଂ କମିଟିରେ ସୁପାରିଶ ପ୍ରସ୍ତାବକୁ କର୍ପୋରେଟରଙ୍କୁ ପ୍ରଦାନ କରିବାରେ ବିଳମ୍ବ ନେଇ କର୍ପୋରେଟର ଶ୍ୱେତାରେଖା ତ୍ରିପାଠୀ ପ୍ରଶ୍ନ କରିଥିଲେ। ଅନେକ ୱାର୍ଡର ପ୍ରସ୍ତାବ କମିଟି ରିପୋର୍ଟରେ ରହି ନ ଥିବା ଅଭିଯୋଗ ହୋଇଥିଲା। ଫଳରେ କମିଟିରେ ଥିବା ପ୍ରସ୍ତାବକୁ ରଦ୍ଦ କରିବା ପାଇଁ ବହୁ କର୍ପୋରେଟର ଦାବି କରିଥିଲେ। ଫଳରେ ଷ୍ଟାଣ୍ଡିଂ କମିଟିରେ ଆହୁତ ପ୍ରସ୍ତାବ ରଦ୍ଦ କରାଯାଇଥିଲା। କର୍ପୋରେଟର ତ୍ରିପତି ପାତ୍ର ପ୍ରାୟ ୧ ବର୍ଷ ଧରି ବିଇଏମସିର କୌଣସି ନୂତନ ଟେଣ୍ଡର ହୋଇନି। ଫଳରେ ବିଭିନ୍ନ ୱାର୍ଡରେ ଉନ୍ନୟନ କାର୍ଯ୍ୟ ହୋଇପାରୁ ନ ଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। କର୍ପୋରେଟର ଧୀରେଶ ସାବତ ବିଧବା, ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଭତ୍ତା ଓ ହରିଶଚନ୍ଦ୍ର ଯୋଜନା ଟଙ୍କା ଠିକ ଭାବେ ମିଳୁ ନ ଥିବା କହିଥିଲେ। ଏଥିରେ ବିଇଏମସିର ସଂପୃକ୍ତ ଅଧିକାରୀଙ୍କ ଦାୟିତ୍ୱହୀନତାକୁ ନେଇ ବହୁ କର୍ପୋରେଟର ଅସନ୍ତୋଷ ପ୍ରକାଶ କରିଥିଲେ। ବାଣିଜ୍ୟିକ ପ୍ରତିଷ୍ଠାନ ଗୁଡିକ ଠିକ ଭାବେ ଭଡା ପ୍ରଦାନ କରୁ ନ ଥିବା କର୍ପୋରେଟର ଟି. କିଶୋର ପାତ୍ର ଅଭିଯୋଗ କରିଥିଲେ। ଏ ନେଇ ଆସିଷ୍ଟାଣ୍ଟ କମିଶନର ରୋନିତ କୁମାରଙ୍କୁ ନେଇ ୨ଟି ଟିମ ଗଠନ କରାଯାଇଛି। ୧୫ଦିନ ମଧ୍ୟରେ ଷ୍ଟଲ ବ୍ୟବସାୟୀ ବକେୟା ଭଡା ପ୍ରଦାନ ନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିଭଳି ଏନଫୋର୍ସମେଣ୍ଟ ଟିମ ଜରିଆରେ ରାସ୍ତା ଉପରେ ଝୁଲି ରହିଥିବା କେବୁଲ ଗୁଡିକୁ ହଟାଯିବା ସହ ଆଇନଗତ ମାମଲା ରୁଜୁ କରାଯିବ ବୋଲି କମିଶନର କହିଥିଲେ। କର୍ପୋରେଟର ସୁରେନ୍ଦ୍ର କୁମାର ମହାରଣା ବିଜିପୁର ଓ ଗାନ୍ଧୀନଗର ଭଳି ଅଂଚଳରେ ଶୌଚାଳୟ ସ୍ଥାପନ ପାଇଁ ପରାମର୍ଶ ଦେଇଥିଲେ। ଯାହାକୁ କମିଶନର ସହମତି ଜଣାଇଥିଲେ। ଏଥିସହ ବୈଠକରେ ରାଜୀବ ଆବାସ ଗୃହର ମରାମତି ସହ ସେଠାରେ ଥିବା ସେପଟିକ ଟ୍ୟାଙ୍କ ସଫେଇ ମାଗଣାରେ କରାଯିବ ବୋଲି କମିଶନର ସୂଚନା ଦେଇଥିଲେ। ତତସହିତ ବିଇଏମସିରେ ଅବସରପ୍ରାପ୍ତ ୧୧ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କମିଶନର କହିଥିଲେ। ବୈଠକରେ ମେୟର ସଂଘମିତ୍ରା ଦଳେଇ ଅଧ୍ୟକ୍ଷତା କରିଥିଲେ। ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା, କଲ୍ୟାଣୀ ସଂଘମିତ୍ରା ଦେବୀ, ସିଟି ଇଞ୍ଜିନିୟର ମନୋଜ କୁମାର ପାତ୍ରଙ୍କ ସମେତ କନିଷ୍ଠ ଯନ୍ତ୍ରୀ ଓ ସମସ୍ତ କର୍ପୋରେଟର ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ କର୍ପୋରେଟର।

## ବୈଠକରେ ୨ କର୍ପୋରେଟର ମୁହାଁମୁହିଁ


୨ କର୍ପୋରେଟରଙ୍କ ମଧ୍ୟରେ ମୁହାଁମୁହିଁ।

ବିଇଏମସିର ସାଧାରଣ ବୈଠକରେ କର୍ପୋରେଟର ସୁରେନ୍ଦ୍ର କୁମାର ମହାରଣା ଓ ପ୍ରଦୀପ ଶତପଥୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ବୈଠକ ଅଧାରୁ ୨ କର୍ପୋରେଟର ପ୍ରଶ୍ନ ପଚାରିବାକୁ ନେଇ ବାକ ଯୁଦ୍ଧ ଆରମ୍ଭ ହୋଇଥିଲା। ପରସ୍ପରକୁ ଗେଟ ଆଉଟ ଓ ହୁ ଆର ୟୁ ବୋଲି କହି ପ୍ରବଳ ପାଟିତୁଣ୍ଡ କରିଥିଲେ। ବୈଠକରେ ଉପସ୍ଥିତ କର୍ପୋରେଟର ଉଭୟ କର୍ପୋରେଟରଙ୍କୁ ବୁଝାଇଥିଲେ। କିନ୍ତୁ କିଛି ସମୟ ଧରି ଉଭୟ କର୍ପୋରେଟର ପରସ୍ପରକୁ ଅଙ୍ଗୁଳି ଦେଖାଇ ପାଟିତୁଣ୍ଡ କରିଥିଲେ। ଏହାପରେ ମେୟର, କମିଶନର ଓ କର୍ପୋରେଟରଙ୍କ ଅନୁରୋଧ କ୍ରମେ ପରିସ୍ଥିତି ଶାନ୍ତ ପଡିଥିଲା।

# ଭାବନାତ୍ମକ ବ୍ୟକ୍ତିତ୍ୱ ସମ୍ପନ୍ନ ମାନସିକତା ଏକ ପ୍ରକାର ବ୍ୟବହାର

ବ୍ରହ୍ମପୁର,୨୧।୧୧(ସ୍ମୃତି ରଞ୍ଜନ ମହାଲିକ)

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାନ୍ତିକୁଣ୍ଡ, ଗିରିରୋଡ, ସେବାକେନ୍ଦ୍ର ତରଫରୁ ଖ୍ୟାତନାମା ଆଧ୍ୟାତ୍ମିକ ମାର୍ଗଦର୍ଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଶିବାନୀ ଦିଦିଙ୍କ ପ୍ରଥମ ଥର ବ୍ରହ୍ମପୁର ପଦାର୍ପଣ ଅବସରରେ ଏକ ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ ଖଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡିଆ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଧୁନିକ ଜଗତରେ ଭାବନାତ୍ମକ ବ୍ୟକ୍ତିତ୍ୱ ସମ୍ପର୍କରେ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଧାୟକ କେ.ଅନିଲ କୁମାର ଯୋଗ ଦେଇଥିଲେ। ପ୍ରବକ୍ତା ଶିବାନୀ କହିଥିଲେ ଯେ, ଭାବନାତ୍ମକ ବ୍ୟକ୍ତିତ୍ୱ ସମ୍ପନ୍ନ ମାନସିକତା ଏକ ପ୍ରକାର ବ୍ୟବହାର। ଯାହା କୌଣସି ବ୍ୟକ୍ତି ବିଶେଷର ସକାରାତ୍ମକ, ଭାବନାତ୍ମକ ଦୃଷ୍ଟିକୋଣକୁ ପରିପ୍ରକାଶ କରିଥାଏ। ଯାହାକି ଆତ୍ମ ଜାଗୃତି ଦ୍ୱାରା ସମ୍ଭବ ହୋଇପାରେ। ଜୀବନର ଉଦ୍ଦେଶ୍ୟ, ସହାନୁଭୂତି, ଦୟା, ଏକାଗ୍ରତା, ସାମାଜିକ ଦାୟିତ୍ୱବୋଧ, ନିଜ ଭୁଲକୁ ସ୍ୱୀକାର କରିବା ସହ ଅନ୍ୟକୁ ସମ୍ମାନ ଓ ସହଯୋଗ ପ୍ରଦାନ କରିବାର ମାନସିକତା ଦ୍ୱାରା ଆମେ ଏକ ସକାରାତ୍ମକ, ଭାବନାତ୍ମକ ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରିବା ବୋଲି ସେ କହିଥିଲେ। ବ୍ରହ୍ମପୁର ସବଜୋନ ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଭଗିନୀ ମାଳା ପ୍ରବକ୍ତା ଶିବାନୀଙ୍କୁ ସ୍ୱାଗତ କରିଥିଲେ । ଗୋଳାବନ୍ଧ ଆର୍ମି ଏଡି କଲେଜର ଲେଫ୍ଟନାଣ୍ଟ ଜେନେରାଲ ଆର. ସି. ଶ୍ରୀକାନ୍ତ, ରାଜଯୋଗୀ ବ୍ରହ୍ମାକୁମାର ଡା. ବନାରଶୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ଗୀତାଞ୍ଜଳି ଦାଶ,ନିଷ୍ଟ କୁଳପତି ପ୍ରଫେସର ପ୍ରିୟଦର୍ଶନ ପାତ୍ର, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବାର୍‌ହା ଉପଦ୍ରବରେ ଧାନ ଫସଲ ନଷ୍ଟ

ଦିଗପହଣ୍ଡି,୨୧।୧୧(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ସହର ସମେତ ଆଖପାଖ ଗ୍ରାମାଞ୍ଚଳ ଚାଷ ଜମିରେ ବାରହା ଉପଦ୍ରବ ବୃଦ୍ଧି ପାଇଛି। ଏଥିଯୋଗୁ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ସହରରେ ବହୁସଂଖ୍ୟକ ଚାଷୀ ଦିଗପହଣ୍ଡି ବନବିଭାଗ କାର୍ଯ୍ୟାଳୟରେ ପହଞ୍ଚି କ୍ଷତିପୂରଣ ପାଇଁ ରେଞ୍ଜର ଦିବ୍ୟ ରଞ୍ଜନ ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଧାନ ଅମଳ ବେଳକୁ ବାରହା ନଷ୍ଟ କରୁଥିବାରୁ ବିଭିନ୍ନ ସୂତ୍ରରୁ ଋଣ ଆଣି ଚାଷ କାର୍ଯ୍ୟ କରିଥିବା ଚାଷୀ କିପରି ତାହା ପରିଶୋଧ କରିବେ ଚିନ୍ତାରେ ପଡିଛି। ବନବିଭାଗ ବାରହା ପଲ ଘଉଡାଇବା ପାଇଁ ଓ କ୍ଷତିପୂରଣ ଦେବା ଦିଗରେ ସହଯୋଗ କରୁ ନ ଥିବା ନେଇ ଚାଷୀ ପି.ଶିବଶଙ୍କର, କିଶୋର ଜେନା, ପି.ଦଣ୍ଡ, ଇ. ନରସିଂହ, ଇ.ସିମାଦ୍ରୀ, ପି.ଅର୍ଜୁନ, ଭୀମ ଗୌଡ଼ ଅଭିଯୋଗ କରିଛନ୍ତି। ଏନେଇ ରେଞ୍ଜରଙ୍କୁ ପଚାରିବାରୁ ଦାବିପତ୍ର ପାଇବା ପରେ ଦିଗପହଣ୍ଡି ବନପାଳ ସନ୍ତୋଷ ବିଷୋୟୀ ରତ୍ନଙ୍କୁ କ୍ଷତିଗ୍ରସ୍ତ ଜମିଗୁଡ଼ିକ ପରିଦର୍ଶନ କରି ରିପୋର୍ଟ ଦେବାକୁ ପରାମର୍ଶ ଦେଇଥିବା କହିଛନ୍ତି।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଯୁବ ସମ୍ମିଳନୀ



କାର୍ଯ୍ୟକ୍ରମରେ କୁଳପତିଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର, ୨୧।୧୧ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଶତାବ୍ଦୀ ସମାରୋହ ପାଳନ ଅବସରରେ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ଛାତ୍ରୀଛାତ୍ର ଅଧାପିକାଅଧାପକଙ୍କ ସମେତ ବହୁ ସାହିତ୍ୟିକ, ସ୍ତମ୍ଭକାର,ଲେଖକ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଥିଲେ ରାଷ୍ଟ୍ରବାଦୀ ଓ ଜାତୀୟତା ବୋଧର ସ୍ୱର ଗୋପାଳ ପ୍ରସାଦ ମହାପାତ୍ର। ଭାରତୀୟ ସଂସ୍କାର ଓ ସଂସ୍କୃତି ସହ ରାଷ୍ଟ୍ରର ଗୌରବ ଓ ଅତୀତକୁ ନେଇ ସମୃଦ୍ଧ ଭାରତ ଗଠନ ଲକ୍ଷ୍ୟରେ ଜଣେ ନାଗରିକ ଭାବେ ଆମ କର୍ତ୍ତବ୍ୟ ପାଳନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମହାକାଶ ଗବେଷଣା ବିଜ୍ଞାନ, ଗଣିତ ଶାସ୍ତ୍ର, ଚିକିତ୍ସା ବିଜ୍ଞାନ, ସାମାଜିକ ବିଜ୍ଞାନ ଏବଂ ଅର୍ଥ ଶାସ୍ତ୍ରରୁ ନେଇ ରାଜନୀତି ବିଜ୍ଞାନରେ ଭାରତର ଭୂମିକା ବେଶ ଶୀର୍ଷରେ ଅଛି। ଆଗକୁ ଭାରତ ଯେ ବିଶ୍ୱର ତୃତୀୟ ଅର୍ଥ ନୀତି ସଂସ୍କାର ପାଇଁ ପ୍ରେରଣା ପୂର୍ଣ୍ଣ କାର୍ଯ୍ୟ କରିବା ପାଇଁ ଯାଉଛି ଏ କଥା ଅସ୍ୱୀକାର କରି ହେବ ନାହିଁ ବୋଲି ମହାପାତ୍ର ମତ ରଖିଥିଲେ।

# ରାୟଗଡ଼ା ଜିଲାର ବିଦ୍ୟୁତ୍ ଭିତ୍ତିଭୂମିକୁ ସୁଦୃଢ଼ କରିଛି ଟିପିଏସ୍‌ଓଡିଏଲ୍

ବ୍ରହ୍ମପୁର,୨୧।୧୧(ସ୍ମୃତି ରଞ୍ଜନ ମହାଲିକ)

ଟିପିଏସଓଡିଏଲ ପକ୍ଷରୁ ରାୟଗଡ଼ା ଜିଲାର ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ନୂତନ ୩୩ କେଭି ଫିଡର ଲାଇନ ସଂଯୋଗ ହୋଇଛି । ଜିଲାର ଘରୋଇ, ଶିଳ୍ପ ଏବଂ ଗ୍ରାମାଞ୍ଚଳର ଉପଭୋକ୍ତାଙ୍କ ପାଇଁ ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଜୁଳି ଯୋଗାଣ ସୁନିଶ୍ଚିତ ହୋଇଛି। ଜିଲାର ଅମ୍ବାଲତାଠାରୁ ମଝିଘରିଆଣୀ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ଏଣ୍ଡ ସାଇନ୍ସ(ଏମଆଇଟିଏସ) ପର୍ଯ୍ୟନ୍ତ ଦୀର୍ଘ ୨ କିଲୋମିଟର ଏକ ସ୍ୱତନ୍ତ୍ର ୩୩କେଭି ଲାଇନ ତାର ସଂଯୋଗ ହୋଇଛି । ଯଦ୍ୱାରା ଗୁଣୁପୁର ଏବଂ ଆଖପାଖ ଅଞ୍ଚଳର ଉପଭୋକ୍ତାଙ୍କ ପାଇଁ ସ୍ଥିର ବିଦ୍ୟୁତ ଯୋଗାଣ ସୁନିଶ୍ଚିତ ହୋଇଛି। ଏଥିସହ ୪ଟି ନୂତନ ୩୩କେଭି ଫିଡର ଲାଇନ ଗୁଣୁପୁର ଗ୍ରୀଡ ସବଷ୍ଟେସନରୁ ସଂଯୋଗ ହୋଇଛି। ପୂର୍ବରୁ ୭ଟି ପାୱାର ସବଷ୍ଟେସନ ଆଖୁସିଂହ ଗ୍ରୀଡ ସବଷ୍ଟେସନରୁ ସଂଯୋଗ ହୋଇଥିବା ଗୋଟିଏ ଲାଇନ ଉପରେ ନିର୍ଭରଶୀଳ ଥିଲା । ଯାହାଦ୍ୱାରା ବିଦ୍ୟୁତ ସେବା ବାଧାପ୍ରାପ୍ତ ହେବା ସହିତ ଆବଶ୍ୟକ ସମୟରେ ଜରୁରୀକାଳୀନ ରକ୍ଷଣାବେକ୍ଷଣ ଏବଂ ମରାମତିରେ ଅସୁବିଧା ହେଉଥିଲା । ନୂଆ ଲାଇନଗୁଡ଼ିକ ସଂଯୋଗ ହେବା ପରେ ବର୍ତ୍ତମାନ ଗୁଣୁପୁର ଗ୍ରୀଡ ସବଷ୍ଟେସନରୁ ଗୁଣୁପୁର ପାୱାର ସବଷ୍ଟେସନ, ଜଲତାର, ବିକ୍ରମପୁର ଏବଂ ଡମ୍ବସରା ପର୍ଯ୍ୟନ୍ତ ଏହା ବିସ୍ତୀର୍ଣ୍ଣ ହୋଇଛି । ଏହାଦ୍ୱାରା ପୂର୍ବ ଫିଡରଗୁଡ଼ିକର ଲୋଡ ହ୍ରାସ ହେବା ସହିତ ଭୋଲ୍ଟେଜ କ୍ଷେତ୍ରରେ ସ୍ଥିରତା ଆସିପାରିଛି। ଟିପିଏସଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ରାୟଗଡା ଦକ୍ଷିଣ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ଓ ବାଣିଜ୍ୟିକ କେନ୍ଦ୍ର । ନୂତନ ୩୩କେଭି ବିଦ୍ୟୁତ ଲାଇନ ତାର ସଂଯୋଗ ହେବା ଫଳରେ ୨୦ହଜାରରୁ ଅଧିକ ଉପଭୋକ୍ତା ବିଦ୍ୟୁତ ସେବା ପାଇବେ ବୋଲି ସେ କହିଛନ୍ତି।

# କେନ୍ଦୁପଦର କଲେଜରେ ୨ ପ୍ରକଳ୍ପର ଶିଳାନ୍ୟାସ

ଆସିକା,୨୧।୧୧(ସୁରେନ୍ଦ୍ର ନାଥ ସାହୁ):

ଆସିକା ବ୍ଲକ ଅନ୍ତର୍ଗତ କେନ୍ଦୁପଦରସ୍ଥିତ ଏନବିସି କଲେଜରେ ଶୁକ୍ରବାର ଆସିକା ବିଧାୟକ ସରୋଜ କୁମାର ପାଢୀଙ୍କ ଦ୍ୱାରା ୨ଟି ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା। ସେଥିମଧ୍ୟରେ ୪୭ଲକ୍ଷ ଟଙ୍କା ବ୍ୟୟବରାଦରେ କଲେଜର ସୁରକ୍ଷା ପାଚେରୀ ଓ ଖେଳପଡିଆ ଏବଂ ୫୬ ଲକ୍ଷ ଟଙ୍କା ବ୍ୟୟବରାଦରେ ପ୍ରଶାସନିକ ଭବନର ନୂତନ କୋଠା ରହିଛି । କଲେଜ ଅଧ୍ୟକ୍ଷ ଅମର ପ୍ରସାଦ ବିଷୋୟୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ପାଢୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପ୍ରକଳ୍ପର ଭୂମିପୂଜନ ଓ ଶିଳାନ୍ୟାସ କରିଥିଲେ । ଏହି କଲେଜରେ ଏକ ନୂତନ ବ୍ୟାୟମ କେନ୍ଦ୍ର ପ୍ରତିଷ୍ଠା କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଏବଂ ଆଖପାଖ ଗ୍ରାମାଞ୍ଚଳର ଲୋକ ପ୍ରତିନିଧି ସାମିଲ ଥିଲେ । ବିଧାୟକ ପାଢୀଙ୍କୁ କଲେଜର ଏନସିସି, ଯୁବରେଡକ୍ରସ, ସ୍କାଉଟ, ଗାଇଡ, ଏନଏସଏସ ସ୍ୱେଚ୍ଛାସେବୀ ଏବଂ ଛାତ୍ରୀଛାତ୍ର ଓ ଅଧାପକ କର୍ମଚାରୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।



# କବିସୂର୍ଯ୍ୟ ବଳଦେବ ରଥଙ୍କ ଜନ୍ମସ୍ଥାନ ବିବାଦ ଦୁର୍ଭାଗ୍ୟଜନକ

ବ୍ରହ୍ମପୁର,୨୧।୧୧(ସୁବାସ ଚନ୍ଦ୍ର ପାଢ଼ୀ)

କବିସୂର୍ଯ୍ୟ ବଳଦେବ ରଥଙ୍କ ଜନ୍ମ ସ୍ଥାନ ଗଞ୍ଜାମର ଆଠଗଡ ଅଞ୍ଚଳରେ। କିନ୍ତୁ ଦିଗପହଣ୍ଡି ଅଞ୍ଚଳର କିଛି ବୁଦ୍ଧିଜୀବୀ ଏହାକୁ ନମାନି ବିବାଦ ସୃଷ୍ଟି କରୁଛନ୍ତି। ଏବେବି ବିବାଦ ଲାଗି ରହିଛି। ଏହା ଦୁର୍ଭାଗ୍ୟଜନକ ବୋଲି ଖଲ୍ଲିକୋଟ ମହାବିଦ୍ୟାଳୟର ପୂର୍ବତନ କୁଳପତି ତଥା ଐତିହାସିକ ପ୍ରଫେସର ମନ୍ମଥ ପାଢ଼ୀ କହିଛନ୍ତି। ଏହି ବିବାଦ କେବଳ ଲୋକଙ୍କୁ ଭ୍ରମିତ କରିବ ନାହିଁ ବରଂ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପାଇଁ ଦ୍ୱନ୍ଦ୍ୱ ଆଣିବ। ବଳଦେବଙ୍କ ଜନ୍ମସ୍ଥାନ ଆଠଗଡ ବୋଲି ଅନେକ ପ୍ରମାଣ ରହିଛି। ପୁରାତନ କବିମାନଙ୍କ ଲେଖାରୁ ଏହା ସ୍ପଷ୍ଟ। ସଠିକ ଜନ୍ମ ସ୍ଥାନ ଏବଂ ଜନ୍ମ ସମୟ ନିରୂପଣ ସମ୍ପର୍କରେ ପଣ୍ଡିତ ଓ ଗବେଷକଙ୍କ ମତରେ କିଛି ପାର୍ଥକ୍ୟ ଉପୁଯାଇ ଭ୍ରମ ସୃଷ୍ଟି କରିବା ପାଇଁ ପ୍ରୟାସ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ତତ୍କାଳୀନ ପାରିପାର୍ଶିକ ପରିସ୍ଥିତି କୁ ନେଇ ଆଲୋଚନା କରିବା ବେଳେ ଜଣା ପଡ଼େ ଯେ କବିସୂର୍ଯ୍ୟ ବଳଦେବ ରଥଙ୍କ ଜନ୍ମ ଆଠଗଡ଼ରେ। ସାମାଜିକ ଚଳଣି, ମାତାଙ୍କ ଅକାଳ ବିୟୋଗ ପରେ କିଶୋର ଅବସ୍ଥାରେ ଆଠଗଡରେ ଅଜାଙ୍କ ଘରେ ରହି ବିଦ୍ୟା ଗ୍ରହଣ, ଆଠଗଡର ଅଧିଷ୍ଠାତ୍ରୀ ଦେବୀ କନକ ଦୁର୍ଗାଙ୍କ ଆଶିଷରେ ପାଣ୍ଡିତ୍ୟ ଅର୍ଜନ କରିବା ଆମେ ଜାଣୁ। ଜଳନ୍ତରରୁ ଆସି ଆଠଗଡରେ ଦୀର୍ଘ ସମୟ ରହଣି ସମୟରେ ନିରନ୍ତର ସାରସ୍ୱତ ସାଧନା ଓ କାଳଜୟୀ ସାହିତ୍ୟ ରଚନା କରିବା ଆମ ସମସ୍ତଙ୍କ ପାଇଁ ସ୍ମରଣୀୟ। ତେଣୁ ଗଞ୍ଜାମ ଜିଲାର ଆଠଗଡ ହିଁ କବିସୂର୍ଯ୍ୟ ବଳଦେବ ରଥଙ୍କର ଜନ୍ମ ଜନ୍ମସ୍ଥାନ ବୋଲି ଯୁକ୍ତିଯୁକ୍ତ ମନେହୁଏ । ଆଠଗଡ଼ ପୋଲସରା ଅଞ୍ଚଳରେ ଜନ୍ମିତ କବି କୃଷ୍ଣ ଚନ୍ଦ୍ର ତ୍ରିପାଠୀଙ୍କ ଦ୍ୱାରା ରଚିତ ବହୁ ମୂଲ୍ୟବାନ ଗ୍ରନ୍ଥ ମଧ୍ୟରୁ 'କବିସୂର୍ଯ୍ୟଙ୍କ ଜନ୍ମଭୂମି ଆଠଗଡ଼' ପୁସ୍ତକ ପଢ଼ିଲେ ଅନେକ ଗୁଡ଼ିଏ ତଥ୍ୟ ସହ ଗୋଟିଏ ଗୋଟିଏ ଆଲୋଚନାରେ ପ୍ରାୟ ୪୪ ରୁ ଊର୍ଦ୍ଧ୍ୱ ପ୍ରମାଣ ମିଳେ। ସେ ୬୦ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ସାହିତ୍ୟ ସାଧନା ପାଇଁ ପ୍ରେରଣା ପୂର୍ଣ୍ଣ କାର୍ଯ୍ୟ କରି ଆସୁଛନ୍ତି। ସେ ଜଣେ ସାଧାରଣ ବ୍ୟକ୍ତି ନୁହଁନ୍ତି। ସେ ମୋର ଶିକ୍ଷା ଗୁରୁ। ଅନେକ ପ୍ରମାଣ ଥାଇ ପୁଣି ତାଙ୍କ ଜନ୍ମ ସ୍ଥାନ କୁ ନେଇ ବିବାଦ କାହିଁକି? କବିସୂର୍ଯ୍ୟ ବଳଦେବ ରଥଙ୍କ ଜନ୍ମସ୍ଥାନକୁ ନେଇ ବିବାଦ ସୃଷ୍ଟି କରିବା ଆମ ପାଇଁ ଗୌରବର ବିଷୟ ନୁହେଁ। ଗତବର୍ଷ ଆଠଗଡ଼ ମାରଦା ଉତ୍ସବ ପାଳନ ଅବସରରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ୩ ମନ୍ତ୍ରୀଙ୍କ ଉପସ୍ଥିତିରେ ଓଡ଼ିଶାର ବିଶିଷ୍ଟ ଗବେଷକ ଡଃ କୃଷ୍ଣ କେଶବ ଷଡ଼ଙ୍ଗୀ କହିଥିଲେ ଯେ ଆଠଗଡ଼ କବିସୂର୍ଯ୍ୟ ବଳଦେବ ରଥଙ୍କ ଜନ୍ମ ସ୍ଥାନକୁ ନେଇ କବି ଶେଖର ଚିନ୍ତାମଣି ମହାନ୍ତିଙ୍କ ଉକ୍ତି ଅକାଟ୍ୟ ଏହା ହିଁ ସତ୍ୟ ଯେ ଏହି ପବିତ୍ର ଗଞ୍ଜାମ ମାଟିର ଆଠଗଡ଼ କବିସୂର୍ଯ୍ୟ ବଳଦେବଙ୍କ ପବିତ୍ର ଭୂମିଷ୍ଠ ସ୍ଥାନ ଏବଂ ଏହାକୁ ସ୍ୱୀକାର କରି ଥିଲେ ଆଇନ ମନ୍ତ୍ରୀ ପୃଥ୍ୱୀ ରାଜ ହରିଚନ୍ଦନ ଏହା ପରେ ଆଜି ପୁଣି କିପରି ବିବାଦକୁ ଜନ୍ମ ଦେବା ପାଇଁ ପ୍ରୟାସ ଆମ ମାଟିର ଅସ୍ମିତା କୁ ନଷ୍ଟ କରି ଏକତା କୁ ନଷ୍ଟ କରି ଛଳନା ଚାଲିଥିବା ଧରି ନେବାକୁ ହେବ। ଏ ସଂକ୍ରାନ୍ତରେ କବି ତଥା ଭାଷା ସାହିତ୍ୟ ଓ ସଂସ୍କୃତିପ୍ରେମୀ ଡାକ୍ତର ସାଗର ରଂଜନ ତ୍ରିପାଠୀ କହିଛନ୍ତି ଯେ, ୧୯୦୬ରେ କବିଶେଖର ଚିନ୍ତାମଣି ମହାନ୍ତି (ଗଂଜାମ ଭ୍ରମଣ) ଏବଂ ପଣ୍ଡିତ କୁଳମଣି ଦାଶଙ୍କ କବିସୂର୍ଯ୍ୟ ଗ୍ରନ୍ଥାବଳୀ ୧୯୨୮ରେ କବିସୂର୍ଯ୍ୟ ବଳଦେବ ରଥଙ୍କ ଜନ୍ମ ଆଠାଗଡ। ଏହା ଅନେକ ଗବେଷଣାରୁ ସଂଗୃହୀତ। ଦିଗପହଣ୍ଡି ଅଞ୍ଚଳର କିଛି ବୁଦ୍ଧିଜୀବୀ ଏହାକୁ ଖଣ୍ଡନ କରି ବିବାଦ ସୃଷ୍ଟି କରିବା ଘଟଣାକୁ ଆଠଗଡବାସୀ ଅଗ୍ରାହ୍ୟ କରି ଦେଇଥିବା ସେ କହିଛନ୍ତି।

# ସ୍ତ୍ରୀଙ୍କ ଓଢ଼ଣୀ ଲଗାଇ ଯୁବକ ଜୀବନ ହାରିଲେ

ବ୍ରହ୍ମପୁର, ୨୧।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ଯୁବକ ନିଜ ସ୍ତ୍ରୀଙ୍କ ଓଢ଼ଣୀ ଲଗାଇ ନିଜ ଜୀବନ ହାରିଛନ୍ତି। ମୃତକ ହେଲେ ଯାଜପୁର ଜିଲା ଧର୍ମଶାଳା ଥାନା ଅଞ୍ଚଳର ମୂଳ ନିବସୀ ନିଶିକାନ୍ତ ବିଶ୍ୱାଳ (୩୫)। ନିମଖଣ୍ଡି ଥାନା ପୋଲିସ ମୃତଦେହ ଜବତ କରି ନଂ.୩୦/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ନିଶିକାନ୍ତଙ୍କ ମୃତ୍ୟୁକୁ ନେଇ ସନ୍ଦେହ ଦେଖାଦେଇଛି। ସେ ମାନସିକ ଅଶାନ୍ତିରୁ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି। ନିଶିକାନ୍ତ କିଛିବର୍ଷ ହେଲା ବ୍ରହ୍ମପୁରରେ ପରିବାର ସହ ରହୁଥିଲେ। ତାଙ୍କର ୫ମାସର ଏକ ଝିଅ ରହିଛି। ସେ ହର୍ଷବିହାର ନିକଟ ସଂଜୀବନି ବିହାରରେ ଘର ଭଡା ନେଇ ରହୁଥିଲେ। ସେ ଆସ୍କାରୋଡସ୍ଥିତ ସ୍ୱୟମ ହୋଣ୍ଡା ମୋଟର୍ସରେ ଆକାଉଣ୍ଟାଣ୍ଟ ଭାବେ କାମ କରୁଥିଲେ। ଅନ୍ୟପଟେ ତାଙ୍କ ସ୍ତ୍ରୀ' କିଛିଦିନ ହେଲା ଛୁଆକୁ ଧରି ଶ୍ୱଶୁର ଘରେ ରହୁଥିଲେ। ଗୁରୁବାର ରାତିରେ ନିଶିକାନ୍ତଙ୍କୁ ତାଙ୍କ ବାପା ନରୋତ୍ତମ ବିଶ୍ୱାଳ ଫୋନ କରିଥିଲେ ମଧ୍ୟ ସେ ଉଠାଇନଥିଲେ। ଶୁକ୍ରବାର ସକାଳେ ଉକ୍ତ ମୋଟର୍ସରେ କାମ କରୁଥିବା ଅନ୍ୟ ଜଣେ କର୍ମଚାରୀଙ୍କୁ ନରୋତ୍ତମ ଫୋନ କରି ନିଶିକାନ୍ତ ରହୁଥିବା ଘରକୁ ଯାଇ ଫୋନ କରିବାକୁ କହିଥିଲେ। କର୍ମଚାରୀ ସେଠାରେ ପହଞ୍ଚି ଡାକିଥିଲେ ବି ଉତ୍ତର ମିଳିନଥିଲା। ଘର ମାଲିକ ଓ ଅନ୍ୟାନ୍ୟ ଲୋକଙ୍କ ସହାୟତରେ କବାଟ ଭାଙ୍ଗି ଦେଖିବା ବେଳେ ନିଶିକାନ୍ତ ଓଢ଼ଣିରେ ଝୁଲନ୍ତା ଅବସ୍ଥାରେ ଥିବା ଦେଖିଥିଲେ।

# ଶିକ୍ଷାବିତ ରୋଟାରିଆନ ଡ.ଗୌରୀଶଙ୍କରଙ୍କ ପରଲୋକ

ବ୍ରହ୍ମପୁର,୨୧।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ଶିକ୍ଷାବିତ ତଥା ରୋଟାରୀଆନ ଡ ଗୌରୀ ଶଙ୍କର ପଣ୍ଡା (୬୨)ଙ୍କ ଶୁକ୍ରବାର ପରଲୋକ ଘଟିଛି । ସେ କର୍କଟ ରୋଗରେ ପୀଡିତ ଥିଲେ । ସେଣ୍ଟ ଜାଭିୟର୍ସ ସ୍କୁଲର ସେ ଚେୟାରମ୍ୟାନ ଥିଲେ। ତାଙ୍କ ମର ଶରୀରକୁ ନରେନ୍ଦ୍ର ପୁରସ୍ଥିତ ଏକ ଘରୋଇ ହସ୍ପିଟାଲରୁ ନିଆଯାଇ ତାଙ୍କ ମୀନାକ୍ଷୀ ନଗର ସ୍ଥିତ ସେଣ୍ଟ ଜାଭିୟର୍ସ ହାଇ ସ୍କୁଲକୁ ଅଣାଯାଇଥିଲା । ସେଠାରେ ବହୁ ରୋଟାରିଆନ,ସ୍କୁଲ ଶିକ୍ଷକ,ଶିକ୍ଷୟିତ୍ରୀ, ଶୁଭେଚ୍ଛୁ ଓ ପରିବାର ବର୍ଗ ଶେଷ ଦର୍ଶନ କରିଥିଲେ। ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର ମଧ୍ୟ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ । ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଶେଷ କୃତ୍ୟ ସଂପନ୍ନ କରାଯିବ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ କରାଯାଇଛି ।

# ଗଞ୍ଜାମ ଜିଲା କନିଷ୍ଠ ଖୋ –ଖୋ ଦଳର ଚୟନ ଶିବିର ୨୩ରେ

ବ୍ରହ୍ମପୁର,୨୧।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ଆସନ୍ତା ୨୬ ତାରିଖରୁ ଡିସେମ୍ବର ୧ ଯାଏ ଅନୁଷ୍ଠିତ ହେବାକୁ ଯାଉଛି ରାଜ୍ୟସ୍ତରୀୟ ଜୁନିଅର ଖୋ–ଖୋ ଚାମ୍ପିୟନସିପ। ଏଣୁ ଆସନ୍ତା ୨୩ ତାରିଖ ସକାଳ ୯ ଘଣ୍ଟା ସମୟରେ ଡି. ଏ. ଭି ସ୍କୁଲ ଠାରେ ଗଞ୍ଜାମ ଜିଲ୍ଲା ଜୁନିଅର ଖୋ –ଖୋ ଦଳର ଚୟନ ଶିବିର ଅନୁଷ୍ଠିତ ହେବ। ଇଚ୍ଛୁକ ଖେଳାଳି ନିଜ କୀଟ, ଆଧାର କାର୍ଡ ଓ ବୟସ ପ୍ରମାଣ ପତ୍ର ସହ ଯୋଗ ଦେବେ। ଗଞ୍ଜାମ ଜିଲା କ୍ରୀଡା ସଙ୍ଘର ଉପ ସଭାପତି କେଦାର ଚୌଧୁରୀଙ୍କୁ ଯୋଗାଯୋଗ କରିବା ପାଇଁ ଗଞ୍ଜାମ ଜିଲା କ୍ରୀଡା ସଙ୍ଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି।

# ପାକ୍ସ ସମ୍ପାଦକଙ୍କୁ ଗିରଫ କଲା ଭିଜିଲାନ୍ସ

## ଚାଷୀଙ୍କ ୪୦.୭୧ ଲକ୍ଷର ଋଣ ଟଙ୍କା ହଡ଼ପ

ଭୁବନେଶ୍ୱର/ଦେବଗଡ଼ ୨୧।୧୧
(ସତ୍ୟଜିତ ରାଉତ/ ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା କାଦୋପଡା ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)ରୁ ଚାଷୀଙ୍କ ଋଣ ପରିଶୋଧ ଟଙ୍କା ହଡ଼ପ ଘଟଣାରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସମିତିରୁ ୪୦ ଲକ୍ଷ ୭୧ ହଜାର ୬୪୪ ଟଙ୍କା ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗରେ ଭିଜିଲାନ୍ସ ପାକ୍ସ ସମ୍ପାଦକ ସୁରେଶ ଚନ୍ଦ୍ର ସାହୁଙ୍କୁ ଶୁକ୍ରବାର ଗିରଫ କରିଛି। ଏ ସମ୍ପର୍କରେ ରାଉରକେଲା ଭିଜିଲାନ୍ସ ଥାନାରେ ମାମଲା (ନଂ.୧୨/୨୦୨୫) ରୁଜୁ କରାଯାଇଛି। ଅଭିଯୁକ୍ତ ସୁରେଶଙ୍କୁ ସମ୍ବଲପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କୁ


ଗିରଫ ପାକ୍ସ କାଦୋପଡା ସମ୍ପାଦକ ସୁରେଶ ଚନ୍ଦ୍ର ସାହୁ

ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ୨୦୨୧-୨୦୨୨ ଆର୍ଥିକ ବର୍ଷରେ ସ୍ଥାନୀୟ ଚାଷୀମାନେ ଋଣ ନେଇଥିଲେ। ଉକ୍ତ ଚାଷୀମାନେ ୨୦୨୪ ମସିହାରେ ଋଣ ପରିଶୋଧ କରିଥିଲେ। ହେଲେ ସୁରେଶ ନିଜ କ୍ଷମତାର ଅପବ୍ୟବହାର କରି ସମବାୟ ସମିତିର ହିସାବ ଖାତାରେ ଚଞ୍ଚକତା କରି ଚାଷୀଙ୍କ ଟଙ୍କା ନେଇଯାଉଥିଲେ। ଅଭିଯୁକ୍ତ ସୁରେଶ ସମିତିରୁ ଋଣ ନେଇଥିବା ସ୍ଥାନୀୟ ଚାଷୀଙ୍କଠାରୁ ନଗଦ ଟଙ୍କା ଆକାରରେ ଋଣ ଫେରସ୍ତ ରାଶି ଗ୍ରହଣ କରୁଥିଲେ। ହେଲେ ସେହି ନେଣଦେଣକୁ ସମବାୟ ସମିତିର ମୂଳ ହିସାବ ଖାତା (ଡେ ବୁକ୍)ରେ ସେ ଉଲ୍ଲେଖ କରୁ ନ ଥିଲେ। ଏପରିକି ଏଥିପାଇଁ ଚାଷୀମାନଙ୍କୁ ଋଣ ଫେରସ୍ତର ରସିଦ୍ ମଧ୍ୟ ଦେଉଥିଲେ। ହେଲେ ଚାଷୀଙ୍କ ଉକ୍ତ ଟଙ୍କାକୁ ସେ ନିଜେ ଚଲୁ କରିଥିବା ଅଡିଟ୍ ବେଳେ ଜଣାପଡିଥିଲା। ଏନେଇ ଅଭିଯୋଗ ହେବା ପରେ ଭିଜିଲାନ୍ସ ଗୁପ୍ତ ଭାବରେ ତଦନ୍ତ କରୁଥିଲା। ଠକେଇ ନେଇ ପ୍ରମାଣ ପାଇବା ପରେ ଭିଜିଲାନ୍ସ ଗୁରୁବାର ମାମଲା ରୁଜୁ କରିଥିଲା। ତେବେ ସୁରେଶଙ୍କ ଏଭଳି କାରନାମା ସମବାୟ ସମିତିର ଆର୍ଥିକ ସ୍ଥିତି ଓ ସ୍ଥାନୀୟ ଚାଷୀ ସମ୍ପ୍ରଦାୟକୁ ଗଭୀର ଭାବେ ପ୍ରଭାବିତ କରିଛି ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ବ୍ରହ୍ମପୁର,୨୧।୧୧
(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ପ୍ରଣତି ପଟ୍ଟନାୟକ ଶୁକ୍ରବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ କରିଛନ୍ତି। ସାକ୍ଷ୍ୟ ପ୍ରମାଣ ଆଧାରରେ ସେ ଆସିକା ଥାନା ଅଞ୍ଚଳର କ୍ରିଷ୍ଣା ନାଇକ (୨୭)ଙ୍କୁ ଦୋଷୀ ସାବ୍ୟସ୍ତକରି ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ୧୧ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପୀଡ଼ିତାଙ୍କୁ ୧୦ ଲକ୍ଷ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି।

୨୦୨୩ ମେ ୨୬ରେ ଗାଁରେ ଏକ ବିବାହ ଭୋଜି ଚାଲିଥିଲା। ୧୩ ବର୍ଷୀୟା ନାବାଳିକାଙ୍କ ମା' ବାପା ସେଠାକୁ ଯାଇଥିବା ବେଳେ ସେ ଘରେ ଏକାକୀ ଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ କ୍ରିଷ୍ଣା ନାବାଳିକାଙ୍କ ଘରେ ପଶି ଭୟଭୀତ କରି ବାରମ୍ବାର ବଳାତ୍କାର କରିଥିଲେ। ଏ ବିଷୟରେ କାହାରିକୁ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ରାତି ଭୋଜି ଖାଇସାରି ପରିବାର ଲୋକ ଘରକୁ ଫେରିବାରେ ଝିଅ କାନ୍ଦୁଥିବା ଦେଖିଥିଲେ। ଏହାପରେ ଝିଅ ଅଚେତ ହୋଇଯିବାରୁ ତାଙ୍କୁ ଆସିକା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସୁସ୍ଥ ହୋଇ ଘରକୁ ଫେରିବା ପରେ ତାଙ୍କ ବୟାନ ଅନୁଯାୟୀ ମା' ଘଟଣା ସମ୍ପର୍କରେ ଆସିକା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୩୧୪/୨୩ରେ ମାମଲା ରୁଜୁକରି ଘଟଣା ପରଠୁ ଫେରାର ଥିବା ଅଭିଯୁକ୍ତ କ୍ରିଷ୍ଣାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ବେଳେ ୧୪ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସାକ୍ଷୀଙ୍କ ବୟାନ ଓ ଚାର୍ଜଶିଟ ଆଧାରରେ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

# ୨୦ ଦାଦନ ଶ୍ରମିକ ଉଦ୍ଧାର

## ସର୍ଦ୍ଦାର କୋର୍ଟ ଚାଲାଣ


ପୋଲିସ ଦ୍ୱାରା ଉଦ୍ଧାର ହୋଇଥିବା ଦାଦନ ଶ୍ରମିକମାନେ।

ବେଲପଡ଼ା, ୨୧।୧୧ (ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ପୋଲିସ ୨୦ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଏହି ବେଆଇନ ଦାଦନ ଶ୍ରମିକଙ୍କୁ ଚାଲାଣରେ ସମ୍ପୃକ୍ତ ଥିବା ଭରୁଆପାଲି ଗ୍ରାମର ଦାଦନ ସର୍ଦ୍ଦାର ଦିଲ୍ଲୀପ କେତକୀଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଗୁରୁବାର ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ପୋଲିସ ଟିମ୍ ଭୁଟୁଙ୍ଗପଡା ଛକଠାରୁ ବେଆଇନ ଶ୍ରମିକ ଚାଲାଣ ଖବରପାଇ ୪ ଶିଶୁଙ୍କ ସମେତ ୨୦ ଶ୍ରମିକଙ୍କୁ ଉଦ୍ଧାର କରିଥିଲା। ଉଦ୍ଧାର ଦାଦନ ଶ୍ରମିକମାନେ ହେଲେ ସୁବର୍ଣ୍ଣପୁର ଜିଲା ତରଭା ସିଙ୍ଗବାହାଲି ଗାଁର ମଣ୍ଟୁ କୁମୁରିଆ, ମିଲୁ ତମଲିଆ, ବଲାଙ୍ଗୀର ତୁଷୁରା ଥାନା ଜାମୁଟ ଗାଁର ଲକ୍ଷଣ ଚିନ୍ଦା, ସନ୍ତୋଷିନୀ ଚିନ୍ଦା, ନୀଳାଞ୍ଚଳ ତାମଲିଆ, ବନବାସ ତାମଲିଆ, କଳ୍ପନା ତାମଲିଆ, ଫକୀର ବାରିକ, ମମତା ବାରିକ ଓ ଗୁଡଭେଲା ଅଞ୍ଚଳର ଡୋଲା କୁମୁରିଆ, ପ୍ରସନ୍ନ କୁମୁରିଆ, ନୀଳ କୁମୁରିଆ, ଲକ୍ଷ୍ମୀ ସମରଥ, ବନତା ତମଲିଆ, ହେମ ଚିନ୍ଦା, ଟିକେମଣି କୁମୁରିଆ। ଏମାନଙ୍କୁ ସମ୍ପୃକ୍ତ ସର୍ଦ୍ଦାର ଦିଲ୍ଲୀପ ତେଲଙ୍ଗାନା ରାଜ୍ୟର ସିକନ୍ଦରାବାଦକୁ କଣ୍ଟାବାଞ୍ଜିରୁ ଟ୍ରେନ୍ ଯୋଗେ ଚାଲାଣ କରିବାର ଥିଲା। ପୋଲିସକୁ ଦାନନ ସମ୍ପର୍କିତ କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ସର୍ଦ୍ଦାର ଓ ଦାଦନ ଶ୍ରମିକଙ୍କୁ ଥାନାକୁ ଆଣିଥିଲେ। ଥାନାରେ ଏକ ମାମଲା (ନଂ. ୩୪୨/୨୦୨୫) ରୁଜୁ କରାଯାଇଛି। ଶ୍ରମିକମାନଙ୍କୁ ନିଜ ଗାଁକୁ ପଠାଇ ଦିଆଯାଇଥିବା ପୋଲିସ ସୂଚନା ଦେଇଛି।

# ମା'ଙ୍କ ବେକ କାଟି ହତ୍ୟା

ସୁନାବେଡ଼ା/ସେମିଳିଗୁଡ଼ା,୨୧।୧୧
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ସେମିଳିଗୁଡ଼ା ଥାନା ଅଧୀନ ଉପରସାହିରେ ଜଣେ ମହିଳାଙ୍କ ବେକ କାଟି ତାଙ୍କ ପୁଅ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି। ମୃତ ମହିଳା ହେଲେ ଭାନୁ ଖରା। ପୋଲିସ ମୃତକଙ୍କ ପୁଅ ବଳରାମ ଖରାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ପୋଲିସ ସୂଚନା ମୁତାବକ ଗୁରୁବାର ବିଳମ୍ବିତ ରାତିରେ ଭାନୁ ଓ ବଳରାମଙ୍କ ମଧ୍ୟରେ କୌଣସି କାରଣରୁ କଥା କଟାକଟି ହୋଇଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ ବଳରାମ ଏକ ଧାରୁଆ ଅସ୍ତ୍ରରେ ଭାନୁଙ୍କ ବେକ କାଟି ଦେଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିବା ନେଇ ଭାନୁଙ୍କ ଭଣଜା ରାମଚନ୍ଦ୍ର ଖରା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ସେମିଳିଗୁଡ଼ା ଥାନାଧିକାରୀ ଅନିତା କୁଜୁର ପୋଲିସ ଓ କୋରାପୁଟ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏନେଇ ପୋଲିସ କେସ୍ ନଂ. ୧୪୭/୨୫ରେ ଏକ ହତ୍ୟା ମାମଲା ରୁଜୁ କରିଛି। ଭାନୁଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଯାଇଛି।

# ଏସ୍‌ଏସ୍‌ବି ଯବାନ ଗିରଫ

## ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କୁ ୨୦ଲକ୍ଷ ଠକେଇ

- ପୂର୍ବ ସରକାରରେ 'ସିଏମ୍‌ଓ'ରେ ଡ୍ୟୁଟି କରୁଥିଲେ
- ଠକେଇ ଜାଲରେ ଫସିଛନ୍ତି ଅନେକେ, ବଢ଼ିପାରେ ଅଭିଯୋଗ

ଭୁବନେଶ୍ୱର,୨୧।୧୧
(ସତ୍ୟଜିତ ରାଉତ)

ଜଣେ ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କୁ ଜମି ଦେବା ଆଳରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଘଟଣାରେ ଶହୀଦନଗର ଥାନା ପୋଲିସ ଶୁକ୍ରବାର କମିଶନରେଟ୍ ପୋଲିସର ସ୍ପେଶାଲ ସିକ୍ୟୁରିଟି ବାଟାଲିୟନ୍ (ଏସ୍‌ଏସ୍‌ବି)ର ଜଣେ ଯବାନଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ କଟକ ୪୨ ମୌଜା ଅଞ୍ଚଳ ବେଣ୍ଟକାର ଥାନା ଅଧୀନ ଧୂଳେଶ୍ୱର ଗ୍ରାମର ସଚିତ୍ର ସେନାପତି ଓରଫ ମିଟୁ (୪୨)। ତାଙ୍କଠାରୁ ଠକେଇ ସମ୍ବନ୍ଧୀୟ ଦସ୍ତାବିଜ୍ ଜବତ ହୋଇଛି। କୋର୍ଟଚାଲାଣ ପରେ ସଚିତ୍ରଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ସଚିତ୍ର ଏଭଳି ଅନେକ ଲୋକଙ୍କୁ ଠକେଇ କରିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଆଗକୁ ସଚିତ୍ରଙ୍କ ବିରୋଧରେ ଅଭିଯୋଗ ସଂଖ୍ୟା ବଢ଼ିପାରେ ବୋଲି ପୋଲିସ ଆଶଙ୍କା କରୁଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୋଗକାରୀ ଅବସରପ୍ରାପ୍ତ ପୋଲିସ କର୍ମଚାରୀ ସୁରଥ ଚନ୍ଦ୍ର ବାହୁବଳେନ୍ଦ୍ରଙ୍କୁ ସଚିତ୍ର ଠକେଇ ଜାଲରେ ଫସାଇଥିଲେ। ସଚିତ୍ର ପୂର୍ବ ସରକାରରେ ମୁଖ୍ୟମନ୍ତ୍ରୀଙ୍କ


ଗିରଫ ଏସ୍‌ଏସ୍‌ବି
ଯବାନ ସଚିତ୍ର ସେନାପତି

କାର୍ଯ୍ୟାଳୟ (ସିଏମ୍‌ଓ)ରେ ଡ୍ୟୁଟି କରୁଥିଲେ। ୨୦୨୨ ନଭେମ୍ବରରେ ସୁରଥଙ୍କୁ ସଚିତ୍ର ତ୍ରିଶୂଳିଆ ଅଞ୍ଚଳରେ ପ୍ଲଟ୍ କିଣାଇ ଦେବେ ବୋଲି କହି ମିଛ ପ୍ରତିଶ୍ରୁତି ଦେଇ ୨୦ ଲକ୍ଷ ଟଙ୍କା ନେଇଥିଲେ। ସୁରଥ ତାଙ୍କ ସଞ୍ଚୟ ଏବଂ ବ୍ୟକ୍ତିଗତ ଋଣରୁ ଟଙ୍କା ବ୍ୟବସ୍ଥା କରି ଦୁଇଟି କିସ୍ତିରେ ସୁଚିତ୍ରଙ୍କୁ ନଗଦ ଆକାରରେ ଟଙ୍କା ଦେଇଥିଲେ। ତେବେ ଟଙ୍କା ପାଇବା ପରେ ସୁଚିତ୍ର ଧରାଛୁଆଁ ଦେଉ ନ ଥିଲେ। ଏନେଇ ଠକେଇର ଶିକାର ହୋଇଥିବା ଜାଣି ସୁରଥ ବେଣ୍ଟକାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ହସ୍ତକ୍ଷେପ ପରେ ସଚିତ୍ର ଟଙ୍କା ଫେରାଇବେ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏପରିକି ଏନେଇ ବେଣ୍ଟକାର ଥାନାରେ ୩ଟି ଷ୍ଟେଶନ ଡାଏରୀ ମଧ୍ୟ ଏଣ୍ଟ୍ରି କରାଯାଇଥିଲା। ଟଙ୍କା ଫେରସ୍ତ କରିବା ପାଇଁ ସଚିତ୍ର ୧୦ ଲକ୍ଷ ଟଙ୍କାର ଦୁଇଟି ଏସ୍‌ବିଆଇ ଚେକ୍ ଦେଇଥିଲେ। ହେଲେ ହେଲେ ଉକ୍ତ ଆକାଉଣ୍ଟଗୁଡିକରେ ପର୍ଯ୍ୟାପ୍ତ ଟଙ୍କା ନ ଥିବା ଜଣାପଡିଥିଲା। ପରବର୍ତ୍ତୀ ସମୟରେ ଏନେଇ ସୁରଥ ଶହୀଦନଗର ଥାନାରେ ଏତଲା ଦେଇଥିଲେ। ଶହୀଦନଗର ପୋଲିସ ନଭେମ୍ବର ୧୧ରେ ମାମଲା (ନଂ.୫୩୯/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ସଚିତ୍ର ସିଏମ୍‌ଓ ଅଫିସରେ ଡ୍ୟୁଟି କରୁଥିବାରୁ ଲୋକମାନେ ଭୟରେ ତାଙ୍କ ବିରୋଧରେ ଅଭିଯୋଗ କରୁ ନ ଥିଲେ ବୋଲି ଜଣାପଡିଛି। ସଚିତ୍ର ୨ ବର୍ଷ ଧରି ଡ୍ୟୁଟି ଯାଉ ନ ଥିଲେ। ତେଣୁ ତାଙ୍କୁ କିଛିମାସ ତଳେ ପୋଲିସ ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଛି। ସଚିତ୍ରଙ୍କ ଠକେଇ ଇତିହାସ ସମ୍ପର୍କରେ ଅଧିକ ଯାଞ୍ଚ ଚାଲିଥିବା ଜୋନ୍-୫ ଏସିପି ବିଶ୍ୱରଞ୍ଜନ ସେନାପତି କହିଛନ୍ତି।

# Business

# ଜୟଆଲୁକ୍କାସ୍‌ର 'ବ୍ରିଲିଆନ୍ସ ଡାଏମଣ୍ଡ ଜୁଏଲେରି ଶୋ'




ଭୁବନେଶ୍ୱର,୨୧।୧୧(ଅନୁରାଧା ମହାରଣା)

ବିଶ୍ୱସ୍ତରୀୟ ଜୁଏଲେରି ବ୍ରାଣ୍ଡ୍ ଜୟଆଲୁକ୍କାସ୍ ପକ୍ଷରୁ ଭୁବନେଶ୍ୱର ଜନପଥସ୍ଥିତ ଆଇକନିକ୍ ଶୋ'ରୁମ୍‌ରେ 'ବ୍ରିଲିଆନ୍ସ ଡାଏମଣ୍ଡ ଜୁଏଲେରି ଶୋ'ର ଶୁକ୍ରବାର ଆରମ୍ଭ କରାଯାଇଛି। ଇଣ୍ଡଲଜର ପ୍ରତିଷ୍ଠାତା ସୁକୃତି ପଟ୍ଟନାୟକ, ଅଭିନେତ୍ରୀ ଦେବଯାନୀ ଦେଘୁରିଆ, କୁକିଜ୍ ସ୍ୱାଇଁ, ଜୟଆଲୁକ୍କାସ୍‌ର ରିଟେଲ୍ ହେଡ୍ ରାଜେଶ କ୍ରିଷ୍ଣନନ୍ ଓ ମାର୍କେଟିଂ ହେଡ୍ ଅନିଶ୍ ଭାର୍ଗିସ୍ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏହି ବହୁ ପ୍ରତୀକ୍ଷିତ ପ୍ରଦର୍ଶନୀ ଅଳଙ୍କାରର କାରୁକାର୍ଯ୍ୟ, ସୌନ୍ଦର୍ଯ୍ୟ ଓ ନବୀନତାର ଏକ ଅବିସ୍ମରଣୀୟ ଉତ୍ସବ ହେବ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ଏହି ପ୍ରଦର୍ଶନୀରେ ବିବାହ ପାଇଁ ଭାରି ସେଟ୍‌ରୁ ଆରମ୍ଭକରି ନିତିଦିନିଆ ବ୍ୟବହାରଯୋଗ୍ୟ ଅଳଙ୍କାର ଉପଲବ୍ଧ ରହିଛି। ପ୍ରତ୍ୟେକ ଡିଜାଇନ ପାରମ୍ପରିକ ଐତିହ୍ୟକୁ ଆଧୁନିକ ସ୍ପର୍ଶ ଦେଇ ତିଆରି ହୋଇଛି । ଏହି ସମସ୍ତ ମାଷ୍ଟରପିସ୍ ଡିଜାଇନଗୁଡ଼ିକ କେବଳ ପ୍ରଦର୍ଶନୀ ସମୟରେ ହିଁ ଉପଲବ୍ଧ ରହିବ। ଜୟଆଲକ୍କାସ୍ ଗ୍ରୁପ୍‌ର ଅଧ୍ୟକ୍ଷ ଡା. ଜୟ ଆଲୁକ୍କାସ୍ କହିଛନ୍ତି, ବ୍ରିଲିଆନ୍ସ ଡାଏମଣ୍ଡ ଭୁବନେଶ୍ୱର ଆମର ଯାତ୍ରାରେ ବିଶେଷ ସ୍ଥାନ ବହନ କରିଛି। ଉତ୍ସବ ଋତୁରେ ଆୟୋଜିତ ଏହି ପ୍ରଦର୍ଶନୀରେ ଗ୍ରାହକମାନଙ୍କୁ ସୌନ୍ଦର୍ଯ୍ୟ, ବ୍ୟକ୍ତିତ୍ୱ ଓ ଉତ୍କୃଷ୍ଟ କାରୁକାର୍ଯ୍ୟର ଅନନ୍ୟ ଡିଜାଇନ ଦେଖିବାକୁ ମିଳିବ । ଏହି ଅବସରକୁ ଆହୁରି ଚମକଦାର କରିବା ପାଇଁ ପ୍ରଦର୍ଶନୀ ଅବଧିରେ ୧ ଲକ୍ଷ ଟଙ୍କା ବା ତା'ଠାରୁ ଅଧିକ ମୂଲ୍ୟର ହୀରା ଅଳଙ୍କାର କିଣିଲେ ଗ୍ରାହକମାନଙ୍କୁ ମାଗଣାରେ ଏକ ସୁନା କଏନ ଉପହାର ମିଳିବ। ବ୍ରିଲିଆନ୍ସ ଡାଏମଣ୍ଡ ଜୁଏଲେରି ଶୋ' କେବଳ ଭୁବନେଶ୍ୱରର ଜୟଆଲୁକ୍କାସ୍ ଶୋ'ରୁମ୍‌ରେ ଡିସେମ୍ବର ୭ ପର୍ଯ୍ୟନ୍ତ ଚାଲିବ ।

# ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ମେଗା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ

ସମ୍ବଲପୁର,୨୧।୧୧(ବି.ଶଙ୍କର)

ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମେଗା ଏମ୍‌ଏସ୍‌ଏମ୍‌ଇ ଋଣ ଆଉଟ ରିଚ୍ କାର୍ଯ୍ୟକ୍ରମ ସୁନ୍ଦରଗଡଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଞ୍ଚଳର ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡିକୁ ଆର୍ଥିକ ସହାୟତା ପ୍ରଦାନ କରିବା ଉକ୍ତ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା । ବ୍ୟାଙ୍କର ସମ୍ବଲପୁର ଅଞ୍ଚଳ ଆଞ୍ଚଳିକ ମୁଖ୍ୟ ଦିବ୍ୟେନ୍ଦୁ କୁମାର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସ୍ଥାନୀୟ ଉଦ୍ୟୋଗଗୁଡିକର ଅଭିବୃଦ୍ଧି ପାଇଁ ଋଣ ପ୍ରବାହ ଉପରେ ଗୁରୁତ୍ୱାରୋପ କରି ବ୍ୟାଙ୍କର ବିଭିନ୍ନ ଏମ୍‌ଏସ୍‌ଏମ୍‌ଇ ଯୋଜନା ଉପରେ ମୁଖ୍ୟ ଅତିଥି ଆଲୋକପାତ କରିଥିଲେ। ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ମୁଖ୍ୟ ପ୍ରବନ୍ଧକ ସବ୍ୟସାଚୀ ମିଶ୍ର ଅଂଶଗ୍ରହଣ କରିଥିବା ଉଦ୍ୟୋଗୀମାନଙ୍କ ସହ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୫୦ଜଣ ହିତାଧିକାରୀ ଅଂଶଗ୍ରହଣ କରିଥିଲେ ।

# ଓଡ଼ିଶାରେ ଗ୍ୟାଲାକ୍ସି ହେଲ୍‌ଥ ଇନ୍‌ସ୍ୟୁରାନ୍ସର ଆଞ୍ଚଳିକ କାର୍ଯ୍ୟାଳୟ

ଭୁବନେଶ୍ୱର,୨୧।୧୧(ଅନୁରାଧା ମହାରଣା)

ହେଲ୍‌ଥ ଇନ୍‌ସ୍ୟୁରାନ୍ସ କମ୍ପାନୀ ଗ୍ୟାଲାକ୍ସି ହେଲ୍‌ଥ ଇନ୍‌ସ୍ୟୁରାନ୍ସ ଓଡ଼ିଶା ଆଞ୍ଚଳିକ କାର୍ଯ୍ୟାଳୟର ଶୁଭାରମ୍ଭ କରିଛି। ଏହି କାର୍ଯ୍ୟକ୍ରମରେ ଆପୋଲୋ ହସ୍ପିଟାଲର ଚିଫ୍ ଅପରେଟିଂ ଅଫିସର୍ ତଥା ଡିଏମ୍‌ଏସ୍ ଡା. ଆଲୋକ ଶ୍ରୀବାସ୍ତବ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପୂର୍ବ ଭାରତରେ ନିଜ ଉପସ୍ଥିତିକୁ ସୁଦୃଢ଼ କରିବା ଏବଂ ସମସ୍ତଙ୍କ ପାଇଁ ସୁଲଭ ଏବଂ ସମାବେଶୀ ସ୍ୱାସ୍ଥ୍ୟ ବୀମା ସମାଧାନ କମ୍ପାନୀର ଉଦ୍ଦେଶ୍ୟ ଥିବା ଗ୍ୟାଲାକ୍ସି ହେଲ୍‌ଥ ଇନ୍‌ସ୍ୟୁରାନ୍ସର ଏମ୍‌ଡି ତଥା ସିଇଓ ଜି. ଶ୍ରୀନିବାସନ କହିଛନ୍ତି। ଚିଫ୍ ମାର୍କେଟିଂ ଅଫିସର ଏସ୍ ଗୁରୁ ପ୍ରକାଶ କହିଛନ୍ତି, ବଢୁଥିବା ସ୍ୱାସ୍ଥ୍ୟ ଚିକିତ୍ସାର ଆବଶ୍ୟକତା ଏବଂ ବୀମା ଧାରକ ମଧ୍ୟରେ ଥିବା ବ୍ୟାପକ ଅନ୍ତର ଏହା ସୂଚାଇଥାଏ ଯେ ରାଜ୍ୟରେ ଅଧିକ ସମାବେଶୀ ଏବଂ ସୁଲଭ କଭରେଜ୍ ନିହାତି ଆବଶ୍ୟକ। ଗ୍ୟାଲାକ୍ସି ହେଲ୍‌ଥ ଇନ୍‌ସ୍ୟୁରାନ୍ସ ଅନୌପଚାରିକ କ୍ଷେତ୍ରର କର୍ମୀ, ନିମ୍ନମଧ୍ୟବିତ୍ତ ବର୍ଗର ପରିବାର ଏବଂ




ଗ୍ରାମାଞ୍ଚଳର ଲୋକଙ୍କ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟ ସୁରକ୍ଷା ସୁଲଭ କରାଇବାକୁ ଉଦ୍ୟମ କରୁଛି। ପୂର୍ବ ଭାରତର ବିକାଶର ଅଂଶ ଭାବେ ଗ୍ୟାଲାକ୍ସି ବିତ୍ତୀୟ ବର୍ଷ ୨୬ ମଧ୍ୟରେ ଓଡ଼ିଶାରେ ୧୦୦୦ରୁ ଅଧିକ ଏଜେଣ୍ଟ ଯୋଡ଼ିବାର ଯୋଜନା ରଖିଥିବା ଚିଫ୍ ଅଣ୍ଡର ରାଇଟିଂ ଅଫିସର୍ ଆର୍. ମାର୍ଗବନ୍ଧୁ କହିଛନ୍ତି। ଉପେକ୍ଷିତ ଅଞ୍ଚଳରେ ବୀମା ସଚେତନତା ଏବଂ ପ୍ରାପ୍ତି ବଢ଼ାଇବା ପାଇଁ ବିତରଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଡିଜିଟାଲ ପ୍ଲାଟ୍‌ଫର୍ମକୁ ବ୍ୟବହାର କରିବାରେ କମ୍ପାନୀ ଗୁରୁତ୍ୱ ଦେବ ବୋଲି ଷ୍ଟେଟ୍ ହେଡ୍ ପିସି ତ୍ରିପାଠୀ କହିଛନ୍ତି। ସେ କହିଛନ୍ତି, ଓଡ଼ିଶା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ବିକଶିତ ମାର୍କେଟ, ଯେଉଁଠାରେ ବିଶ୍ୱସନୀୟ ସ୍ୱାସ୍ଥ୍ୟ ବୀମା ପ୍ରତି ଚାହିଦା ଦିନକୁ ଦିନ ବଢୁଛି। ଭୁବନେଶ୍ୱରରେ ଆମର ଉପସ୍ଥିତି ସହ ଆମେ ସ୍ୱାସ୍ଥ୍ୟ ସୁରକ୍ଷାକୁ ସହଜ, ସୁଲଭ ଏବଂ ସମାବେଶୀ କରିବାକୁ ଲକ୍ଷ୍ୟ ରଖିଛୁ। ସୂଚନାଥାଉକି, ଗ୍ୟାଲାକ୍ସି ହେଲ୍‌ଥ ଇନ୍‌ସ୍ୟୁରାନ୍ସ ଆଇଆର୍‌ଡିଏଆଇଠାରୁ ୨୦୨୪ ମାର୍ଚ୍ଚରେ ଲାଇସେନ୍ସ ପାଇଥିଲା। ପ୍ରଥମ ବର୍ଷରେ କମ୍ପାନୀ ୧୪,୦୦୦ ରୁ ଅଧିକ ଏଜେଣ୍ଟ ବିକଶିତ କରିଛି ଏବଂ ସମଗ୍ର ଭାରତରେ ୨.୫ ଲକ୍ଷଠାରୁ ଅଧିକ ଲୋକଙ୍କୁ ବୀମା ସୁରକ୍ଷା ଦେଇଛି।

# ଆମଷ୍ଟ୍ରାଡ୍‌ର ନୂତନ ଉନ୍ମୋଚିତ




ଭୁବନେଶ୍ୱର,୨୧।୧୧(ଅନୁରାଧା ମହାରଣା)

ଆମଷ୍ଟ୍ରାଡ୍ କଞ୍ଜ୍ୟୁମର ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଏହାର ବ୍ୟାପକ ରେଞ୍ଜର ଉତ୍ପାଦର ଉନ୍ମୋଚନ କରାଯାଇଛି। ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଉନ୍ମୋଚନ କାର୍ଯ୍ୟକ୍ରମରେ କମ୍ପାନୀର ମୁଖ୍ୟ ପରାମର୍ଶଦାତା ନିପୁଣ ସିଂଘଲ ଯୋଗଦେଇ ଉତ୍ପାଦଗୁଡ଼ିକ ସମ୍ପର୍କରେ ବିସ୍ତୃତ ସୂଚନା ଦେବାସହ ଓଡ଼ିଶାର ବ୍ୟବସାୟ ବିସ୍ତାର ନେଇ ରହିଥିବା ଯୋଜନା ସମ୍ପର୍କରେ କହିଥିଲେ। କମ୍ପାନୀ ସୁଲଭ ମୂଲ୍ୟରେ ଲଗ୍‌ଜରୀ ଉତ୍ପାଦ ଗ୍ରାହକଙ୍କ ନିକଟରେ ପହଞ୍ଚାଇବା ହିଁ କମ୍ପାନୀର ବିଶେଷତ୍ୱ ବୋଲି କହିଥିଲେ। ବର୍ତ୍ତମାନ ରାଜ୍ୟର ୩୦ ଜିଲାରେ ଶତାଧିକ ଡିଲର ରହିଥିବାବେଳେ ଆଗକୁ ଡିଲରସିପ୍ ବୃଦ୍ଧି କରାଯିବ ବୋଲି ସେ କହିଥିଲେ। ୬ବର୍ଷର ଯାତ୍ରା ମଧ୍ୟରେ ଓଡ଼ିଶାରେ ଆମଷ୍ଟ୍ରାଡ ଲୋକପ୍ରିୟତା ହାସଲ କରିଥିବା ଆମଷ୍ଟ୍ରାଡ୍ (ଅପରରେଶନ) ମୁଖ୍ୟ ଧୀରଜ ସାରସ୍ୱତ କହିଛନ୍ତି। ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ସୁପର ହେଭି ଡ୍ୟୁଟି ଏୟାର କଣ୍ଡିଶନର, ଟେଲିଭିଜନ ଲାଇନ୍‌ଅପ୍ ମିନି କ୍ୟୁଏଲଇଡ୍, ଗେମିଂ ଟିଭି, କ୍ୟୁଏଲଇଡି ଶୁଭାରମ୍ଭ କରାଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶାରୁ ଗୌତମ ନାୟକ, ବିଭୂତି ବେଜ୍ ଏବଂ ଅରବିନ୍ଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଉଛି ଏଏମ୍‌ଏନ୍‌ଏସ୍ ଇଣ୍ଡିଆ

ଭୁବନେଶ୍ୱର,୨୧।୧୧(ଅନୁରାଧା ମହାରଣା)

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ (ଏଏମ୍‌ଏନ୍‌ଏସ୍ ଇଣ୍ଡିଆ) କମ୍ପାନୀ କର୍ମଚାରୀମାନଙ୍କ ଦ୍ୱାରା ଏକ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୦୦ରୁ ଅଧିକ ପିଲା ସାମିଲ ହୋଇ ଶିକ୍ଷଣ, ସୃଜନଶୀଳତା ଓ ସାଂସ୍କୃତିକ ବାର୍ତ୍ତା ଆଦାନ ପ୍ରଦାନ କରିଛନ୍ତି। ପାରାଦୀପରେ ନିମିଧିସ୍ଥିତ ଶ୍ରୀ ଲୋକନାଥ ଶିକ୍ଷାଶ୍ରମରେ ୫୪ ଜଣ ପିଲା ଓ କର୍ମଚାରୀଙ୍କ ସହ କେକ୍ କାଟି ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏହାପରେ ପିଲା ଓ କର୍ମଚାରୀମାନେ ମିଶି ନୋଟବୁକ୍ ତିଆରି କାର୍ଯ୍ୟକ୍ରମରେ ଭାଗ ନେଇ ସୃଜନଶୀଳତା ଓ ଟିମ୍‌ୱର୍କର ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ପାରାଦୀପ ପେଲେଟ ପ୍ଲାଣ୍ଟ ମୁଖ୍ୟ ଚନ୍ଦ୍ର ହରିପ୍ରସାଦ, ଓଡ଼ିଶା ଫାଇନାନ୍ସ ଓ ଆକାଉଣ୍ଟସ ମୁଖ୍ୟ ସଞ୍ଜୀବ ସିଂହ, ଏଏମ୍‌ଏନ୍‌ଏସ୍ ପୋର୍ଟସ ଫାଇନାନ୍ସ ମୁଖ୍ୟ ପ୍ରଶାନ୍ତ ବେହେରା ଏବଂ ଶ୍ରୀ ଲୋକନାଥ ଶିକ୍ଷାଶ୍ରମର ସଚିବ ପ୍ରଦୀପ୍ତ କୁମାର ଭୁୟାଁ ଉପସ୍ଥିତ ଥିଲେ। ଠାକୁରାଣୀ ଖଣିରେ ଛାତ୍ରୀଛାତ୍ରଙ୍କ ପାଇଁ ବିଜ୍ଞାନ ମଡେଲ କାର୍ଯ୍ୟକ୍ରମ କରାଯାଇଥିଲା। ମ୍ୟାଗ୍ନେଟିକ ଲେଭିଟେସନ, ପବନଚକି, ନିୟୁଟନଙ୍କ ରଙ୍ଗ ଡିସ୍କ, ଇଲେକ୍ଟ୍ରୋମ୍ୟାଗ୍ନେଟ ଆଦି ୮୨ଟି ବ୍ୟବହାରିକ ମଡେଲ ତିଆରି କରାଯାଇ ନିକଟସ୍ଥ ବିଦ୍ୟାଳୟମାନଙ୍କୁ ବଣ୍ଟନ କରାଯାଇଛି। ଏହା ଦ୍ୱାରା ପିଲାମାନେ ବିଜ୍ଞାନକୁ ବ୍ୟବହାରିକ ଭାବେ ବୁଝି ସମସ୍ୟା ସମାଧାନ ଓ ସମାଲୋଚନା କ୍ଷମତା ବଢ଼ାଇପାରିବେ। ଠାକୁରାଣୀ ଖଣି ମ୍ୟାନେଜର ଇନ୍ଦ୍ରକାନ୍ତ ସାହୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହା ବ୍ୟତୀତ ପାରାଦୀପ ଓ ବଡ଼ବିଲ କାର୍ଯ୍ୟାଳୟରେ ଏଚଆର୍ ଟିମ ଦ୍ୱାରା ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ ପ୍ରତିଯୋଗିତା ସହ ମଜାଦାର ଖେଳର ଆୟୋଜନ କରାଯାଇଥିଲା।



# ଟିଏସ୍‌ଡିପିଏଲ୍ କଳିଙ୍ଗନଗରକୁ ସୁରକ୍ଷା ଉତ୍କର୍ଷ ପୁରସ୍କାର



ଭୁବନେଶ୍ୱର,୨୧।୧୧(ଅନୁରାଧା ମହାରଣା)

ଟାଟା ଷ୍ଟିଲ ଡାଉନ ଷ୍ଟ୍ରିମ ପ୍ରଡକ୍ଟସ୍ ଲିମିଟେଡ୍(ଟିଏସ୍‌ଡିପିଏଲ), କଳିଙ୍ଗନଗରକୁ ୨୦୨୪-୨୫ ବର୍ଷ ପାଇଁ କଳିଙ୍ଗ ସୁରକ୍ଷା ଉତ୍କର୍ଷ ପୁରସ୍କାରର ପ୍ଲାଟିନମ୍ ବର୍ଗରେ ପୁରସ୍କୃତ କରାଯାଇଛି। ଏହି ସମ୍ମାନ ଓଡ଼ିଶା ସରକାରଙ୍କ କାରଖାନା ଓ ବଏଲର୍ ନିର୍ଦ୍ଦେଶାଳୟ ଅଧୀନରେ ଥିବା ଇନ୍‌ଷ୍ଟିଚ୍ୟୁଟ୍ ଅଫ କ୍ୱାଲିଟି ଆଣ୍ଡ ଏନ୍‌ଭାଇରନମେଣ୍ଟ ମ୍ୟାନେଜମେଣ୍ଟ ସର୍ଭିସେସ୍ (ଆଇକ୍ୟୁଇଏମ୍‌ଏସ୍)ଙ୍କ ଦ୍ୱାରା ପ୍ରଦାନ କରାଯାଇଛି। ଚଳିତ ବର୍ଷ ଏଥି ନିମନ୍ତେ ଭାରତର ୧୦୦ରୁ ଅଧିକ କମ୍ପାନୀ ଅଂଶଗ୍ରହଣ କରିଥିଲେ। ଚଳିତ ମାସ ଭୁବନେଶ୍ୱରରେ ଅନୁଷ୍ଠିତ ଏକ ସମାରୋହରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଏବଂ ଯାଜପୁର ଏମ୍‌ପି ଡ. ଆର.ଏନ୍. ବେହେରା ଏହି ସମ୍ମାନ ପ୍ରଦାନ କରିଥିଲେ। ଟିଏସ୍‌ଡିପିଏଲ୍, କଳିଙ୍ଗନଗର ପ୍ଲାଣ୍ଟର ମୁଖ୍ୟ ରାଜେଶ ଚୌଧୁରୀ, ଟିନ୍ ପ୍ଲେଟ୍ ଏବଂ ମେଟାଲିକ୍ସ ବିଭାଗର ମୁଖ୍ୟ ଅଗମ କୁମାର ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ଚୌଧୁରୀ କହିଥିଲେ, ପ୍ଲାଣ୍ଟରେ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆମେ ଡିଜିଟାଲାଇଜେଶନ୍, ଅଟୋମେଶନ୍, କ୍ୟାମେରା ମାଧ୍ୟମରେ ଉନ୍ନତ ନିରୀକ୍ଷଣ, ସୁରକ୍ଷା ବାଡ଼, ପ୍ରତିକାରମୂଳକ ରକ୍ଷଣାବେକ୍ଷଣ ପ୍ରଣାଳୀ ଏବଂ ଆଚରଣଗତ ପରିବର୍ତ୍ତନ କାର୍ଯ୍ୟକ୍ରମ କରିଥାଏ।

# ହ୍ୟୁମାନ ସାଗରଙ୍କ ମୃତ୍ୟୁ ପଛରେ ଷଡ଼ଯନ୍ତ୍ର

## କୋଶଲବାଦୀ ସଙ୍ଗଠନ ଆଣିଲା ଗୁରୁତର ଅଭିଯୋଗ

■ ୨ ମ୍ୟାନେଜରଙ୍କ ବିରୋଧରେ ତଦନ୍ତ ଦାବି

■ ହ୍ୟୁମାନ ମା'ଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନର ପ୍ରତିବାଦ କଲେ

ବଲାଙ୍ଗୀର,୨୧।୧୧ (ବୀରେନ୍ଦ୍ର କୁମାର ଝାଙ୍କର)



ହ୍ୟୁମାନ ସାଗରଙ୍କ ମୃତ୍ୟୁର ତଦନ୍ତ ଦାବି ନେଇ କୋଶଲବାଦୀ ସଙ୍ଗଠନ ପକ୍ଷରୁ ବଲାଙ୍ଗୀର ଟାଉନ୍ ଥାନାରେ ଅଭିଯୋଗପତ୍ର ଦିଆଯାଉଛି।

କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ମୃତ୍ୟୁ ବିବାଦ ଥମିବାର ନାଁ ନେଉନାହିଁ। ଶୁକ୍ରବାର ବଲାଙ୍ଗୀର ଟାଉନ୍ ଥାନାରେ ବିଭିନ୍ନ କୋଶଲବାଦୀ ସଙ୍ଗଠନ ଗୁରୁତର ଅଭିଯୋଗ ଆଣି ହ୍ୟୁମାନ ସାଗରଙ୍କ ମୃତ୍ୟୁ ପଛରେ ବିରାଟ ଷଡ଼ଯନ୍ତ୍ର ରହିଛି ଏବଂ ଏହାର ତଦନ୍ତ ଜରୁରୀ ବୋଲି ଦାବି କରିଛନ୍ତି। ଥାନାକୁ ଯାଇ ବିଭିନ୍ନ ସଙ୍ଗଠନର ପ୍ରତିନିଧିମାନେ ହ୍ୟୁମାନ ସାଗରଙ୍କ ୨ ମ୍ୟାନେଜର ଦିନେଶ ବେହେରା ଏବଂ ପ୍ରଶାନ୍ତ ବେହେରାଙ୍କ ବିରୋଧରେ ଅଭିଯୋଗ କରିଥିଲେ। ହ୍ୟୁମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବା ସମୟରେ ମଧ୍ୟ ଷ୍ଟେଜ୍ ଶୋ' କରିବାକୁ ତାଙ୍କୁ ବାଧ୍ୟ କରାଯାଉଥିଲା। ଅସୁସ୍ଥ ହ୍ୟୁମାନଙ୍କୁ ଜୋରଜବରଦସ୍ତ ଷ୍ଟେଜ୍‌କୁ ନେଇ ପ୍ରୋଗ୍ରାମକରି ତାଙ୍କ ଜୀବନକୁ ବିପଦକୁ ଠେଲିଦେଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏପରିକି ହ୍ୟୁମାନଙ୍କ ମା'ଙ୍କୁ ମ୍ୟାନେଜର ଦିନେଶ ଯେଉଁଭଳି ଦୁର୍ବ୍ୟବହାର ପ୍ରଦର୍ଶନ କରିଛନ୍ତି, ତାକୁ ମଧ୍ୟ କଡ଼ା ଭାଷାରେ ସମାଲୋଚନାକରି ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅସୁସ୍ଥ ହ୍ୟୁମାନଙ୍କୁ ନିଜର ଆର୍ଥିକ ଲାଭ ପାଇଁ ବ୍ୟବହାର କରାଯାଉଥିବା ଏବଂ ତାଙ୍କର ଅର୍ଥ ସଂକ୍ରାନ୍ତୀୟ ନେଣଦେଣକୁ ମଧ୍ୟ ସେହି ୨ମ୍ୟାନେଜର ପରିଚାଳନା କରୁଥିବା ଅଭିଯୋଗ ଆଣି ଏହାର ତଦନ୍ତ ଦାବି କରିଛନ୍ତି। ବିଭିନ୍ନ ସଙ୍ଗଠନର ପ୍ରତିନିଧିମାନେ ଗଣମାଧ୍ୟମରେ କହିଛନ୍ତି, ହ୍ୟୁମାନ କୋଶଳାଞ୍ଚଳର କଳାକାର ହୋଇଥିବାରୁ ଏବଂ ଖୁବ୍ କମ୍ ଦିନରେ ପ୍ରସିଦ୍ଧି ଲାଭ କରିଥିବାରୁ ତାଙ୍କ ବିରୋଧରେ ଏଭଳି ଷଡ଼ଯନ୍ତ୍ର ହୋଇଥିବା ସନ୍ଦେହ କରାଯାଉଛି। ଏହି ଷଡ଼ଯନ୍ତ୍ରରେ ଯେଉଁମାନେ ସାମିଲ ଅଛନ୍ତି, ସେମାନଙ୍କ ସବିଶେଷ ତଦନ୍ତକରି ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଶୁକ୍ରବାର କୋଶଲବାଦୀ ସଙ୍ଗଠନର ସିପୁନ୍ ଖମାରୀ, ବିନୋଦ କୁମାର କାଲସାଏ, ବିକାଶ ସା, ଗୋବିନ୍ଦ ଶତପଥୀ ଓ ଅନ୍ୟମାନେ ଟାଉନ୍ ଥାନାକୁ ଯାଇ ଆଇଆଇସି ଅବନୀ କୁମାର ସାହୁଙ୍କୁ ଅଭିଯୋଗପତ୍ର ଦେଇଥିଲେ। ଏହାର ଉଚିତ ତଦନ୍ତ କରା ନ ଗଲେ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ମାଓବାଦୀ ଖଞ୍ଜିଥିବା ଲ୍ୟାଣ୍ଡମାଇନ ନିଷ୍କ୍ରିୟକଲେ ଯବାନ

ମାଲକାନଗିରି,୨୧।୧୧ (ସୁଚିତ୍ରା ଦାସ)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାରେ ଯବାନଙ୍କୁ ଟାର୍ଗେଟକରି ମାଓବାଦୀମାନେ ଖଞ୍ଜିଥିବା ୨୦ କେ.ଜି.ର ଲ୍ୟାଣ୍ଡମାଇନ ଉଦ୍ଧାର କରାଯାଇଛି। ପରେ ବୋମା ନିଷ୍କ୍ରିୟକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଲ୍ୟାଣ୍ଡମାଇନକୁ ନିଷ୍କ୍ରିୟ କରିଥିଲେ।

ଭୈରମଗଡ଼ ଥାନା ଅଞ୍ଚଳର ଚେହକା ଓ ଉସପାରୀ ଜଙ୍ଗଲରେ ସିଆରପିଏଫ୍ ଓ ଡିଆରଜି ଯବାନ କୋମ୍ବିଂ ଅପରେଶନ କରୁଥିଲେ। ତେବେ ରାସ୍ତାରେ ଏକ ବିଦ୍ୟୁତ୍ ତାର ପଡ଼ିଥିବା ଯବାନମାନେ ଦେଖି ଅତି ସତର୍କତାର ସହ ତାର ଲମ୍ବିଥିବା ସ୍ଥାନକୁ ଯାଇଥିଲେ। ସେଠାରେ ମାଓବାଦୀମାନେ ଏକ ଲ୍ୟାଣ୍ଡମାଇନ ଖଞ୍ଜିଥିବା ଯବାନମାନେ ଦେଖି ତୁରନ୍ତ ବୋମା ନିଷ୍କ୍ରିୟକାରୀ ଦଳକୁ ଘଟଣାସ୍ଥଳକୁ ଡାକିଥିଲେ। ବୋମା ନିଷ୍କ୍ରିୟକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ବୋମାକୁ ଅତି ସତର୍କତାର ସହ ବିସ୍ଫୋରଣ କରିଥିଲେ। ବୋମା ବିସ୍ଫୋରଣର ଶବ୍ଦ ଏତେ ଭୟଙ୍କର ଥିଲା ଯେ, ଏହା ୩ କିଲୋମିଟର ପର୍ଯ୍ୟନ୍ତ ଶୁଭିଥିଲା। ଏକ ବଡ଼ ଅଘଟଣରୁ ଯବାନମାନେ ବର୍ତ୍ତିଯାଇଥିବା କୁହାଯାଇଛି। ତେବେ ଏହି ଅଞ୍ଚଳକୁ ଯବାନମାନେ ଘେରିବା ସହ ସର୍ଚ୍ଚ ଅପରେଶନକୁ ଜୋର୍‌ଦାର କରିଥିଲେ।

# ବଢ଼ିଲା ପ୍ରାକ୍ ମାଟ୍ରିକ ଛାତ୍ରବୃତ୍ତି

## ଛାତ୍ରୀଙ୍କୁ ୧୭ହଜାର, ଛାତ୍ରଙ୍କୁ ୧୬ହଜାର

ଭୁବନେଶ୍ୱର,୨୧।୧୧(ରବିନାରାୟଣ ଜେନା)

ରାଜ୍ୟରେ ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କ ଉନ୍ନତି ପାଇଁ ସରକାର ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଲୋକସେବାଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ଅନ୍ତର୍ଗତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରାକ୍-ମାଟ୍ରିକ ଛାତ୍ରବୃତ୍ତି ଏବଂ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ହାର ବୃଦ୍ଧି କରାଯାଇଛି।

ଏ ସଂକ୍ରାନ୍ତରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ରାଜ୍ୟରେ ଖାଦ୍ୟ ସାମଗ୍ରୀ ଏବଂ ଦୈନିକ ବ୍ୟବହାର କରାଯାଉଥିବା ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବୃଦ୍ଧିକୁ ଲକ୍ଷ୍ୟକରି ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ନିଷ୍ପତ୍ତି ଅନୁଯାୟୀ, ଛାତ୍ରମାନଙ୍କ ପାଇଁ ଏହି ରାଶି ୧୦,୫୦୦ରୁ ୧୬ହଜାରକୁ ବୃଦ୍ଧି କରାଯାଇଥିବାବେଳେ ଛାତ୍ରୀମାନଙ୍କ କ୍ଷେତ୍ରରେ ୧୧ହଜାରରୁ ୧୭,୦୦୦ ଟଙ୍କା(ସର୍ବାଧିକ ୧୦ ମାସ ପାଇଁ) ବୃଦ୍ଧି କରାଯାଇଛି। ଏହି ଛାତ୍ରବୃତ୍ତି ଶିଶୁବାଟିକାଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଅନ୍ତେବାସୀ ଛାତ୍ରୀଛାତ୍ରମାନଙ୍କୁ ମିଳିବ।

ମାତ୍ର ଅନ୍ୱେଷା ଛାତ୍ରାବାସରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ପ୍ରାକ୍- ମାଟ୍ରିକ ଛାତ୍ରବୃତ୍ତି ବାବଦକୁ ବାର୍ଷିକ ୧୧,୦୦୦ ଟଙ୍କା ପରିବର୍ତ୍ତେ ୧୭,୦୦୦ ଟଙ୍କା ପାଇବେ। ସେହିପରି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟୟନରତ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀର ଅନ୍ତେବାସୀ ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରଦାନ କରାଯାଉଥିବା ମେସ୍ ପରିଚାଳନା ଖର୍ଚ୍ଚ ଯଥା ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ହାରକୁ ମଧ୍ୟ ବୃଦ୍ଧି କରାଯାଇଛି। ଏହି ଯୋଜନା ମାଧ୍ୟମରେ ପ୍ରତି ଛାତ୍ର ବାର୍ଷିକ ୧୧ହଜାରରୁ ୧୬,୦୦୦ ଟଙ୍କା ପାଇବାକୁ ରହିଥିବାବେଳେ ଛାତ୍ରୀମାନେ ୧୭,୦୦୦ ଟଙ୍କା ବାର୍ଷିକ(୧୦ମାସ ପାଇଁ) ପାଇବେ। ଏହି ଛାତ୍ରବୃତ୍ତି ସଂଶୋଧନ ଦ୍ୱାରା ବିଦ୍ୟାଳୟରେ ଅଧ୍ୟୟନରତ ଅନୁସୂଚିତ ଜନଜାତି ବର୍ଗର ଅନ୍ତେବାସୀ ଛାତ୍ରୀଛାତ୍ରମାନେ ଉନ୍ନତମାନର ଓ ପୁଷ୍ଟିକର ଖାଦ୍ୟ ପାଇପାରିବେ। ଏହି ବର୍ଦ୍ଧିତ ଛାତ୍ରବୃତ୍ତି ୨୦୨୫-୨୬ ଶିକ୍ଷାବର୍ଷର ଡିସେମ୍ବର ମାସ ପହିଲାଠାରୁ ଲାଗୁ କରାଯିବ ବୋଲି ମୁଖ୍ୟଶାସନ ସଚିବ କହିଛନ୍ତି।

# ୬ କାଉନସିଲରଙ୍କ ସଭ୍ୟପଦ ରଦ୍ଦ

## ଦଳବଦଳ ଅଭିଯୋଗ

ସୋର,୨୧।୧୧(ଜନ୍ମେଜୟ ମିଶ୍ର)

ସୋର ପୌରପାଳିକାର ୬ଜଣ କାଉନସିଲର ଭାଜପାରୁ ଜିତି ବିଜେଡିରେ ଯୋଗଦାନ କରିଥିବାରୁ ରାଜ୍ୟ ନିର୍ବାଚନ କମିଶନର ସେମାନଙ୍କର ସଭ୍ୟପଦକୁ ରଦ୍ଦ କରିଛନ୍ତି। ସେମାନେ ହେଲେ ରଞ୍ଜନ ଦାସ, ସସ୍ମିତା ଦାସ, ପବିତ୍ର ସେଠୀ, ତନୟରାଣୀ ମହାପାତ୍ର, ଉର୍ମିଳା ରାଉତ ଓ ରିନାରାଣୀ ସେଠୀ।

୨୦୨୪ ସାଧାରଣ ନିର୍ବାଚନ ସମୟରେ ଏହି ୬ କାଉନସିଲର ଭାଜପା ଦଳ ଛାଡିବିଜେଡିରେ ମିଶିବା ସହ ବିଜେଡି ବିଧାୟକଙ୍କୁ ସମର୍ଥନ କରିଥିଲେ। ଏନେଇ ଭାଜପା ନେତା ନଳିନୀକାନ୍ତ ମହାପାତ୍ର ଜୁନ ୩ରେ ନିର୍ବାଚନ କମିଶନଙ୍କଠାରେ ଦ୍ୱାରସ୍ଥ ହୋଇଥିଲେ। ଦୀର୍ଘ ୧୭ମାସ ପରେ ୨୧ ତାରିଖରେ ରାଜ୍ୟ ନିର୍ବାଚନ କମିଶନ ଭାରପ୍ରାପ୍ତ ପୌରାଧ୍ୟକ୍ଷଙ୍କ ସମେତ ୬ଜଣ କାଉନସିଲରଙ୍କ ସଭ୍ୟପଦକୁ ରଦ୍ଦ କରିଛନ୍ତି। ବାଲେଶ୍ୱର ଜିଲା ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ନଳିନୀକାନ୍ତ ମହାପାତ୍ରଙ୍କ ଦ୍ୱାରା ୩ ଜୁନ, ୨୦୨୪ରେ ଏସଇସି, ଓଡିଶା ସମ୍ମୁଖରେ ଏକ ଅଭିଯୋଗ ଆବେଦନ ଦାଖଲ କରାଯାଇଥିଲା। ୨୦୨୨ରେ ସୋର ପୌରପାଳିକାରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଭାଜପା ଦଳୀୟ ଟିକେଟ ଓ ଦଳୀୟ ଚିହ୍ନରେ ସୋର ପୌରପାଳିକାର ୬ ଜଣ କାଉନସିଲରଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ପ୍ରସଙ୍ଗରେ ଓଡ଼ିଶା ପୌରପାଳିକା ଆଇନ, ୧୯୫୦ର ଧାରା-୪୬କ ଅନୁଯାୟୀ ସୋର ଏନଏସିର ଯୁନିଟ ଏବଂ ପୂର୍ବତନ ଅଧ୍ୟକ୍ଷ ଯଥା ୱାର୍ଡ ନମ୍ବର ୧ର କାଉନସିଲର ଉର୍ମିଳା ରାଉତ, ୱାର୍ଡନମ୍ବର ୨ର କାଉନସିଲର ରୀନାରାଣୀ ସେଠୀ, ୱାର୍ଡନମ୍ବର ୩ର କାଉନସିଲର ସସ୍ମିତା ଦାସ, ୱାର୍ଡନମ୍ବର ୮ର କାଉନସିଲର ପବିତ୍ର ସେଠୀ, ୱାର୍ଡ ନମ୍ବର ୯ର କାଉନସିଲର ରଞ୍ଜନ କୁମାର ଦାସ ଏବଂ ୱାର୍ଡ ନମ୍ବର ୧୪ର କାଉନସିଲର ତନୟା ରାଣୀ ମହାପାତ୍ର ୧୯।୩।୨୦୨୪ରେ ବିଜୁ ଜନତା ଦଳରେ ଯୋଗଦାନ କରିଥିଲେ। ସୋରୋ ପୌରପାଳିକାରେ ୧୯ଟି ୱାର୍ଡ ରହିଛି। ଗତ ୨୪।୩।୨୦୨୨ରେ ସୋର ପୌରପାଳିକାରେ ଅନୁଷ୍ଠିତ ପୌର ନିର୍ବାଚନରେ ଭାରତୀୟ ଜନତା ପାର୍ଟିରୁ ୧୨ଜଣ କାଉନସିଲର ନିର୍ବାଚିତ ହୋଇଥିଲେ। ବିଜେଡିରୁ ୪ ଜଣ କାଉନସିଲର ଓ କଂଗ୍ରେସ ରୁ ୩ ଜଣ କାଉନସିଲର ନିର୍ବାଚିତ ହୋଇଥିଲେ।

# ରାଜ୍ୟରେ ୧୩୦୦, ଖୋର୍ଦ୍ଧା ଜିଲାରେ ୨୮୫ ବେଆଇନ ବିଦ୍ୟାଳୟ

■ ଓଏଚ୍‌ଆର୍‌ସିରେ ମାମଲା: ତଥ୍ୟ ରଖିଲେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ

■ ଶିକ୍ଷା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିବେଦନ କଲା ଜାତୀୟ ଅଭିଭାବକ ମହାସଂଘ

ଭୁବନେଶ୍ୱର,୨୧।୧୧ (ସୁଚିସ୍ମିତା ସାହୁ)

ରାଜ୍ୟରେ ୧୩୦୦ରୁ ଅଧିକ ବିଦ୍ୟାଳୟ ବେଆଇନ ଭାବେ ଚାଲୁଛି। କେବଳ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୨୮୫ ବିଦ୍ୟାଳୟ ବିନା ସ୍ୱୀକୃତିରେ ଚାଲୁଛି। ଏନେଇ ନ୍ୟାଶନାଲ ପ୍ୟାରେଣ୍ଟ ଫେଡେରେଶନ ପକ୍ଷରୁ ରାଜ୍ୟ ମାନବାଧିକାର ଆୟୋଗ(ଓଏଚ୍‌ଆର୍‌ସି)ଙ୍କ ନିକଟରେ ହୋଇଥିବା ମାମଲାର ଶୁଣାଣିବେଳେ ଏଭଳି ତଥ୍ୟ ରଖିଛନ୍ତି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ। ଏହାକୁ ନେଇ ମହାସଂଘ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ମହାସଂଘ ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକ କହିଛନ୍ତି, ଖୋଦ୍ ଶିକ୍ଷା ବିଭାଗର ଅଧିକାରୀଙ୍କ ଭିତିରି ପ୍ରୋତ୍ସାହନରେ ଏସବୁ ବେଆଇନ ସ୍କୁଲ ଗଢ଼ି ଉଠୁଛି। ଏଥିଯୋଗୁ ରାଜ୍ୟ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଥିବାବେଳେ ଜିଲା ଶିକ୍ଷା ଅଧିକାରୀମାନେ ବିପୁଳ ଫାଇଦା ନେଉଛନ୍ତି। ଫଳରେ ଏସବୁ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲି ହୋଇଯାଉଛି।

ଶିକ୍ଷା ଅଧିକାର ଆଇନ ୨୦୦୯ ଅନୁଚ୍ଛେଦ ୧୮ ଅନୁଯାୟୀ, କୌଣସି ବ୍ୟକ୍ତି ବିଶେଷ ଏବଂ ଅନୁଷ୍ଠାନ ବେସରକାରୀ ବିଦ୍ୟାଳୟ ଖୋଲିବାକୁ ହେଲେ ସରକାରଙ୍କ ତରଫରୁ ପ୍ରଥମେ ଅନୁମତି ଏବଂ ପରବର୍ତ୍ତୀ ଅବସ୍ଥାରେ ସ୍ୱୀକୃତି ନେବାକୁ ବାଧ୍ୟ। ଯଦି ଏହାକୁ ଅବମାନନା କରି କେହି ବିଦ୍ୟାଳୟ ଚାଲୁଥିବା ସରକାରଙ୍କ ଦୃଷ୍ଟିଗୋଚର ହୁଏ, ତା'ହେଲେ ୧ ଲକ୍ଷ ଟଙ୍କା ଜରିମାନା ଏବଂ ପରବର୍ତ୍ତୀ ଅବସ୍ଥାରେ ଦିନକୁ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ଆଦାୟର ପ୍ରାବଧାନ ରହିଛି। ଏନେଇ ଜିଲା ଶିକ୍ଷାଧିକାରୀମାନେ ରୁଲ୍-୧୪ ଅନୁଯାୟୀ ସ୍ୱୀକୃତି ପ୍ରତ୍ୟାହାର ପାଇଁ ପଦକ୍ଷେପ ନେଇପାରିବେ। ହେଲେ ୨୦୧୮ରୁ ପ୍ରତ୍ୟେକ ବର୍ଷ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ତରଫରୁ ଜିଲା ଶିକ୍ଷାଧିକାରୀମାନଙ୍କୁ କାର୍ଯ୍ୟାନୁଷ୍ଠାନ ନେବାକୁ ଚିଠି କରାଯାଉଥିଲେ ହେଁ ସେମାନେ ଚୁପ୍ ବସିଛନ୍ତି। ମାନବାଧିକାର ଆୟୋଗଙ୍କ ଶୁଣାଣି ସମୟରେ ଏ ସମ୍ପର୍କିତ ସମସ୍ତ ତଥ୍ୟ କମିଶନରଙ୍କୁ ପ୍ରଦାନ କରାଯାଇଛି। ଏହି ବେଆଇନ ବିଦ୍ୟାଳୟ ଏବଂ ଏହାକୁ ପ୍ରୋତ୍ସାହିତ କରୁଥିବା ଶିକ୍ଷା ଅଧିକାରୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ରାଜସ୍ୱ ହାନି ହୋଇଥିବା ଅର୍ଥ ସଂପୃକ୍ତ ଅଧିକାରୀଙ୍କ ଠାରୁ ଆଦାୟ କରିବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ଆବେଦନ କରାଯାଇଥିବା ମହାସଂଘ ସଭାପତି ପଟ୍ଟନାୟକ କହିଛନ୍ତି।


**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BARIPADA**

E_Mail ID: serwcbaripada@gmail.com, Ph.No-06792-261343/261344, Gangraj, Baripada

Office Order No.5198/ Dt.12.11.25

No.O-1536: In pursuance to e_Procurement Notice No- 5158/ Weir on Bridge Works, Dt.11.11.2025 & online tender N.C.B. No-398 of the Chief Construction Engineer, Rural Works Circle, Baripada is here by cancelled due to unavoidable technical reason.

OIPR- Sd./- Er.A.K. Nayak, Chief Construction Engineer, R.W.Circle, Baripada

**ODISHA CONSTRUCTION CORPORATION LIMITED BHUBANESWAR, ODISHA**

PIN-751012, Tel.No. (0674) 2562020, e-Mail: theoccltd@odishaconstruction.com

GSTIN- 21AAACO2571K2ZM

E-Procurement Notice No.53/OCCL/2025-26 (on-line)

Bid Identification No.OCCL-EOI/AO/03/2025-26

**Expression of Interest (EoI)**

No.CAD-2383: Online Expression of Interest (EoI) is invited from the registered recruitment agencies of Central/State Govt. to take up the recruitment process of Fitter, Welder & Draughtsman (Mechanical) on behalf of OCCL. For details please visit the website https://www.tendersodisha.gov.in. The detail EOI documents will be available in said website from dt.21.11.2025, 03.30 P.M. to dt.05.12.2025 upto 5.30 P.M. & EOI received online will be opened on 06.12.2025 at 12.00 Noon onwards. The undersigned reserves the right to accept/reject any/ all application (s) without assigning any reasons thereof.

OIPR- Sd./- MANAGING DIRECTOR

No.CAD-2835

obcc

ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ

(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)

**ODISHA BRIDGE & CONSTRUCTION CORPORATION LIMITED**

(A Government of Odisha Undertaking under Works Department)

No. 9836 Date:19.11.25

File: SMT-2086 NOTICE INVITING TENDER

| | | |
|---|---|---|
| 1. | Name of Work | Supply, Installation, testing & commissioning of HVAC in the buildings and LED Glow sign board on the top of the annex buildings in 200-seater Farmers' Hostel (Krushaka Bhawan) at OUAT, Bhubaneswar |
| 2. | Bid Identification No. of the Tender Document | 33/Tender/OBCC/2025-26 |
| 3. | Date of availability in e-procurement portal | From 27.11.2025 |
| 4. | Last Date & Time of receipt of online bid | 18.12.2025 till 4.30 P.M. |
| 5. | Date of Opening of online technical bid | 18.12.2025 at 5.00 P.M. |
| 6. | Period of Completion | 6 (Six) Months |
| 7. | Class of Contractor/Agency | Manufacturer or Authorized Supplier |

8. Further details can be seen from the e-Procurement portal https://www.tendersodisha.gov.in.
9. OBCC has the right to accept or reject the Notice/RFP/Proposal without assigning any reasons thereof.

OIPR- Sd./- Chief General Manager-II

GOVERNMENT OF ODISHA

**OFFICE OF THE ADDITIONAL CHIEF ENGINEER, PUBLIC HEALTH CIRCLE, BERHAMPUR**

E-Mail ID : acephcbam@gmail.com

NATIONAL COMPETITIVE BIDDING THROUGH e-Procurement

No.C-1506 Invitation For Bids (IFB)

| Sl. No. | Name of Work | Bid Identification Nio. | Estimated Cost (Rs. in Lakhs) | Period of Completion | Availability of Bid Document for Online Bidding From | To | Name & Address of Officer Inviting Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | "Construction of ESR for Zone-1 with laying of clear water distribution pipes and other ancillary works in accordance with SWAP-III projects of Purusottampur NAC" under State Plan | Identification No. ACEPHCBAM 12/2025-26 Dt.14.11.2025 | 247.65 | 9 (Nine) Calendar Months | 11.00 Hrs. of 21.11.2025 | 17.30 Hrs. of 08.12.2025 | Additional Chief Engineer, P.H. Circle Berhampur |

The technical bid shall be opened on dt.10.12.2025 at 12.30 P.M.

Further details can be seen from the e-Procurement portal http://tendersodisha.gov.in

OIPR- Sd./- Chief Engineer (PH)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ଓଡ଼ିଶା

**ODISHA UNIVERSITY OF AGRICULTURE & TECHNOLOGY BHUBANESWAR - 751003, ODISHA**

2025

Website: www.ouat.ac.in, E-Mail: registrarouat@gmail.com, Ph:0674-2397424, Fax:0674-2397424

No.E-II-II-05/2025/ 20030/ UAT, Dated 19th November, 2025

INDICATIVE ADVERTISEMENT

**No.KK-280: The previous advertisement No.E-II-II-05/2025-18161/UAT, Dt.18.10.2025 in this regard, for recruitment of Asst. Professor and its equivalent in different disciplines of teaching/ research establishment under OUAT which was kept in abeyance vide Notice No.18221/UAT, Dated 18.10.2025 has been cancelled vide Office Order No.20014/UAT, dated 19.11.2025. Thus, the applications received in response to this advertisement No.18161/UAT, dtd.18.10.2025 shall not be entertained.**

On cancellation of above notifications, fresh applications are invited from the eligible candidates in the prescribed format for recruitment of personnels in the cadre of Assistant Professor and its equivalent in the following subjects, lying vacant in Teaching/ Research Establishment of OUAT.

| | |
|---|---|
| (A) | **Agricultural Science** |
| | Agronomy-04, Plant Breeding & Genetics-09, Plant Physiology-02, Fruit Science & Horticulture Technology-02, Vegetable Science-03, Nematology-02, Plant Pathology-04, Soil Science & Agril. Chemistry-06, Agril. Extension Education-02, Post Harvest Management-01, Agl. Economics-03, Agril. Statics-01, Agril. Biotechnology-02 & Agro Forestry-02 **Total-43** |
| (B) | **Agril. Engineering & Technology** |
| | Soil & Water Conservation Engineering (SWCE)-1, Farm Machinery & Power (FMP) -1 **Total-02** |
| (C) | **Community Science** |
| | Apparel & Textile Science-03, Extension Education and Communication Management-04, Human Development & Family Studies-02, Resource Management & Consumer Science-02, Food and Nutrition-01 **Total-12** |

The detailed advertisement with information sheet containing number of vacancies, reservation of posts in different category, prescribed application form, application fee & mode of payment, qualification, experience, scale of pay, age and other required conditions in respect of the vacancies as well as general information and instructions to the candidate can be downloaded from University website: ouat.ac.in.

**Last date of receipt of application: 20.12.2025 upto 5.00 P.M.**

OIPR- By Order of the Vice-Chancellor Sd./- REGISTRAR

**NOTIFIED AREA COUNCIL, DIGAPAHANDI**

GANJAM, ODISHA, PIN-761012

Phone:06814-295053, E-mail: dgp_nac@yahoo.com

Letter No.2853/DIGNAC Date:18.11.2025

QUOTATION CALL NOTICE

No.C-1517: The Executive Officer, NAC Digapahandi, Ganjam invites sealed quotation in prescribed form from the reputed agencies/firms/dealers/ individuals for "Upgradation and development of open spaces under Digapahandi NAC for the FY 2025-26".

| Sl. No. | Name and Nature of Work | Cost of Tender Paper | EMD Cost |
|---|---|---|---|
| 1 | Upgradation and development of open spaces under Digapahandi NAC for the FY 2025-26 | Rs.10,000/- (by Cash at Counter) | **1% of the Rate Quoted** (Through BD/DD in favour of Executive Officer, NAC Digapahandi |

The quotationers are essentially required to furnish self-attested copies of the **PAN CARD, GST Registration Certificate** and **IT Returns**, alongwith copies of **previous work experience** or **work completion certificates** etc., as per the terms and conditions of the Tender Schedule.

Important Dates
1. **Start date for sale of quotation paper** : 19.11.2025, 10.00 AM onwards (during office hours, except Govt.Holidays)
2. **Last date for sale of quotation paper** : 10.12.2025 upto 05.30 PM (except Govt. Holidays)
3. **Last date for receipt of quotation paper** : 11.12.2025 upto 05.30 PM (Through **Speed Post/ Drop Box**)
4. **Date of Opening of sealed quotations** : 13.12.2025 at 11.00 AM by the Chairperson, Tender Committee/ Undersigned in **NAC, Digapahandi.**

OIPR- Sd./- Executive Officer, NAC, Digapahandi, Ganjam

**ODISHA CONSTRUCTION CORPORATION LTD.**

(A Govt. of Odisha Undertaking)

CENTRAL WORKSHOP, RASULGARH, BHUBANESWAR-751010 (ODISHA)

Tel-0674:2580107, Email:smppmcws@gmail.com, (GSTIN- 21AAACO2571K2ZM)

Tender Call Notice No.OCC/CWS/PROC/KIP-17(V-II)/60/2025-26 dtd.20.11.2025

No.CAD-2393:Type of Work: **Supply of labour for assembly of fabricated Hoist bridge of 130T rope drum hoist of Kanupur Irrigation Project at Kanupur site.** Total No.of Work: 01 (One). Period of Supply: 1 (One) Month.

| Procurement Officer | Tender Call Notice No. | Cost of Tender document (including GST) | Sale of Tender document | Submission of Tender document (as per TCN) |
|---|---|---|---|---|
| Senior Manager (Mech.), OCC Ltd. Central Workshop, Rasulgarh, Bhubaneswar | OCC/ CWS/ PROC/ KIP-17 (V-II) /60/ 2025-26, dtd.20.11.2025 | Rs.4720/- (Non-Refundable) | 20.11.2025 10.00 AM to 01.12.2025 1.00 PM | 20.11.2025 10.00 AM to 01.12.2025 3.30 PM |

Date of Opening of the Tender : **01.12.2025 at 4.00 P.M.**

Further details can be seen from the website **(www.odishaconstruction.com)**

**Amendment/ Corrigendum/ Cancellation, if any shall be posted on-line only (OCCL website).**

OIPR- Sd./- Senior Manager (Mech.)-I, OCC Ltd., Bhubaneswar

ପୌର ପରିଷଦ, ହିଞ୍ଜିଳିକାଟୁ

**HINJILICUT MUNICIPAL COUNCIL**

ହିଞ୍ଜିଳିକାଟୁ, ଜିଲ୍ଲା: ଗଞ୍ଜାମ, ପିନ୍ - ୭୬୧୧୦୨, ଦୂରଭାଷ: ୦୬୮୧୧-୨୮୦୦୨୫, ଟୋଲ୍ ଫ୍ରି: ୧୮୦୦୧୨୩୦୦୪୫୬୭

At: Hinjilicut, Dist.: Ganjam, PIN - 761102, Contact: 06811-280025, Toll Free No.: 1800 123 004 567

Email: hinjilicutmunicipality@gmail.com, hinjilimunicipality@gmail.com, Facebook: Hinjilicut Municipality, Twitter: Hinjilicutmunicipality

ପତ୍ର ନଂ. ୨୮୭୩/୨୦୨୫ ବିଜ୍ଞାପନ ତା: ୧୯।୧୧।୨୦୨୫

No. C-1531: ହିଞ୍ଜିଳିକାଟୁ ପୌରପରିଷଦ ଅନ୍ତର୍ଗତ ୱାର୍ଡ ନଂ. ୨୧, ଅଙ୍କୋରଡ଼ା ଯୋଗୀବନ୍ଧ ନିକଟ ୦୪ ଗୋଟି ଦୋକାନ ଗୃହ, ୱାର୍ଡ ନଂ. ୧୧, ସୁନାରୀ ଡିମିରା ନିକଟ ୦୪ ଗୋଟି ଦୋକାନ ଗୃହ, ୱାର୍ଡ ନଂ. ୦୭, ଶୋମପୁର ନିକଟ ୦୩ ଗୋଟି ଦୋକାନ ଗୃହ, ୱାର୍ଡ ନଂ. ୦୨ ପି. ରାମଚନ୍ଦ୍ରପୁର ନିକଟ ୦୩ ଗୋଟି ଦୋକାନ ଗୃହ, ୱାର୍ଡ ନଂ. ୦୯ - ସ୍ମାର୍ଟ ପାର୍କ ନିକଟ ୦୩ ଗୋଟି ଦୋକାନ ଗୃହ, ୱାର୍ଡ ନଂ. ୦୭ ଓ ୦୮ ମୋହନ କଲୋନୀ ନିକଟ ୦୩ ଗୋଟି ଦୋକାନ ଗୃହ, ୱାର୍ଡ ନଂ. ୦୬ ଫାୟାର ଷ୍ଟେସନ ନିକଟ ୧୦ ଗୋଟି ନୂତନ ଭାବେ ନିର୍ମିତ ଦୋକାନ ଗୃହ ନିଲାମ ମାଧ୍ୟମରେ ଆବଣ୍ଟନ ପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଯେଉଁ ବ୍ୟକ୍ତି ବିଶେଷ ଉକ୍ତ ସ୍ଥାନମାନଙ୍କରେ ଥିବା ଦୋକାନ ଗୃହରେ ବ୍ୟବସାୟ କରିବା ପାଇଁ ଇଚ୍ଛୁକ ଅଟନ୍ତି, ସେମାନେ ପୌରପରିଷଦ କାର୍ଯ୍ୟାଳୟରୁ ଆବେଦନ ଫର୍ମ ଟ.୨୦୦/- (ଦୁଇ ଶହ ଟଙ୍କା)ରେ ପୈଠ କରି, କ୍ରୟ କରି (ଫେରସ୍ତଯୋଗ୍ୟ ନୁହେଁ) ଧାର୍ଯ୍ୟ ତାରିଖ ମଧ୍ୟରେ ଆବେଦନ କରିପାରିବେ।

**ସର୍ତ୍ତାବଳୀ:**

୧. ଆବେଦନକାରୀଙ୍କ ବୟସ ୧୮ବର୍ଷରୁ ଉର୍ଦ୍ଧ୍ୱ, ୬୦ବର୍ଷରୁ କମ୍ ହୋଇଥିବା ଆବଶ୍ୟକ।
୨. ଆବେଦନକାରୀ ପୌର ପରିଷଦ, ହିଞ୍ଜିଳିକାଟୁର ସ୍ଥାୟୀ ବାସିନ୍ଦା ହୋଇଥିବେ। ପ୍ରମାଣ ସ୍ୱରୂପ (ଟେଣ୍ଡର ପକାଇବା ସମୟରେ ନିଜର ଭୋଟର ପରିଚୟ ପତ୍ର/ଆଧାର କାର୍ଡ/ପାନ୍‌କାର୍ଡ ଓ ଡ୍ରାଇଭିଂ ଲାଇସେନ୍‌ସର) ଯେ କୌଣସି ପ୍ରମାଣ ପତ୍ରର ଅବିକଳ ନକଲ ଆବେଦନ ପତ୍ରରେ ସଂଲଗ୍ନ କରିବେ।
୩. ଜଣେ ଆବେଦନକାରୀ ଏକାଧିକ ଆବେଦନ ଫର୍ମ ଗୋଟିଏ ଦୋକାନ ଗୃହ ନିମନ୍ତେ କ୍ରୟ କରିପାରିବେ ନାହିଁ।
୪. ସମସ୍ତ ନିଲାମ ଦରଖାସ୍ତ ମଧ୍ୟରୁ ସର୍ବୋଚ୍ଚ ଟେଣ୍ଡର ଦରକୁ ଉକ୍ତ ଦୋକାନ ଗୃହ ନିମନ୍ତେ ଗ୍ରହଣ କରାଯିବ।
୫. ଆବେଦନକାରୀ ପରିଷଦ ତରଫରୁ ଧାର୍ଯ୍ୟ ହୋଇଥିବା ଅମାନତ ରାଶିକୁ ବୃଦ୍ଧି କରି ଟେଣ୍ଡର ଦର ଧାର୍ଯ୍ୟ କରିବେ ଓ ନିଲାମ ଦରଖାସ୍ତରେ ପ୍ରଦାନ କରିଥିବା ସର୍ବୋଚ୍ଚ ଦରକୁ ଅନୁମୋଦନ ହେବାର ୧୫ଦିନ ମଧ୍ୟରେ ପରିଷଦରେ ସମୁଦାୟ ଟଙ୍କା ଦାଖଲ କରିବେ।
୬. ନିଲାମ ରାଶିର ୫୦% ଅର୍ଥ ଅଣଫେରସ୍ତଯୋଗ୍ୟ ଭାବେ ଗ୍ରହଣ କରାଯାଇ ନିଲାମକୁ ସ୍ୱୀକୃତ କରାଯିବ। ଯେଉଁ ବ୍ୟକ୍ତିମାନେ ପୂର୍ବରୁ ପରିଷଦ ତରଫରୁ ଦୋକାନ ଗୃହ ଭଡ଼ା ସୂତ୍ରରେ ପାଇଛନ୍ତି, ସେମାନେ ଆବେଦନ କରିପାରିବେ ନାହିଁ।
୭. ପୌରପରିଷଦ କର୍ତ୍ତୃପକ୍ଷ ଆବଶ୍ୟକସ୍ଥଳେ ବିନା କାରଣ ଦର୍ଶାଇ ସର୍ବୋଚ୍ଚ ନିଲାମକୁ ଗ୍ରହଣ, ଖାରଜ ଓ ନିଲାମକୁ ସମ୍ପୂର୍ଣ୍ଣ ଭାବେ ରଦ୍ଦ କରିବାର ସମ୍ପୂର୍ଣ୍ଣ ଅଧିକାର ରହିଅଛି ଏବଂ ଏହା ବିପକ୍ଷରେ ଆବେଦନକାରୀ ନ୍ୟାୟାଳୟରେ ଆଶ୍ରୟ ନେଇପାରିବେ ନାହିଁ।
୮. ଧାର୍ଯ୍ୟ ତାରିଖ ଓ ସମୟ ପରେ କୌଣସି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ।
୯. ପ୍ରତି ଦୋକାନ ଗୃହ ୨ ବର୍ଷରେ ଥରେ ୧୦% ବୃଦ୍ଧି ହାରରେ ଦୋକାନ ଲାଇସେନ୍ସ ଫି ଆଦାୟ କରାଯିବ।
୧୦. ପରିବାରର କୌଣସି ବ୍ୟକ୍ତି ଯଦି ପୂର୍ବରୁ ସରକାରୀ ଦୋକାନ ଗୃହ ପାଇଛନ୍ତି, ସେମାନେ ଦୋକାନ ଗୃହ ନିମନ୍ତେ ଆବେଦନ କରିପାରିବେ ନାହିଁ।
୧୧. ଯୋଗ୍ୟ ବିବେଚିତ ନ ହେବା ଦରଖାସ୍ତକାରୀଙ୍କୁ EMD ରାଶି ଫେରସ୍ତଯୋଗ୍ୟ ଅଟେ।

ଟେଣ୍ଡର ଫର୍ମ ବିକ୍ରି ତାରିଖ : ତା୨୦।୧୧।୨୦୨୫ଠାରୁ ୨୭।୧୧।୨୦୨୫ରିଖ ଅପରାହ୍ନ ୫.୦୦ ଘଣ୍ଟା

ଟେଣ୍ଡର ପକାଇବା ତାରିଖ ଓ ସମୟ : ତା୨୦।୧୧।୨୦୨୫ଠାରୁ ୨୮।୧୧।୨୦୨୫ରିଖ ଅପରାହ୍ନ ୩.୦୦ ଘଣ୍ଟା

ଟେଣ୍ଡର ପେପର ଦାଖଲ ମାଧ୍ୟମ : (ଟେଣ୍ଡର ବାକ୍ସ/ସ୍ପିଡ୍ ପୋଷ୍ଟ/ରେଜିଷ୍ଟ୍ରି ପୋଷ୍ଟ ଧାର୍ଯ୍ୟ ତାରିଖ ମଧ୍ୟରେ ଗ୍ରହଣଯୋଗ୍ୟ)

ଟେଣ୍ଡର ଖୋଲିବା ତାରିଖ : ତା୨୮।୧୧।୨୦୨୫ ଅପରାହ୍ନ ୪.୩୦ ଘଣ୍ଟା

ଜଣେ ଆବେଦନକାରୀ କେବଳ ଗୋଟିଏ ସ୍ଥାନର ଦୋକାନ ଗୃହ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବ।

OIPR-

ପୌର ପରିଷଦ, ହିଞ୍ଜିଳିକାଟୁ

**HINJILICUT MUNICIPAL COUNCIL**

ହିଞ୍ଜିଳିକାଟୁ, ଜିଲ୍ଲା: ଗଞ୍ଜାମ, ପିନ୍ - ୭୬୧୧୦୨, ଦୂରଭାଷ: ୦୬୮୧୧-୨୮୦୦୨୫, ଟୋଲ୍ ଫ୍ରି: ୧୮୦୦୧୨୩୦୦୪୫୬୭

At: Hinjilicut, Dist.: Ganjam, PIN - 761102, Contact: 06811-280025, Toll Free No.: 1800 123 004 567

Email: hinjilicutmunicipality@gmail.com, hinjilimunicipality@gmail.com, Facebook: Hinjilicut Municipality, Twitter: Hinjilicutmunicipality

ପତ୍ର ନଂ. ୨୮୬୮/୨୦୨୫ ସର୍ବସାଧାରଣ ବିଜ୍ଞାପନ ତା: ୧୯।୧୧।୨୦୨୫

No. C-1532: ଏତଦ୍ୱାରା ପୌରପରିଷଦ ଅଞ୍ଚଳର ସମସ୍ତ ଜନସାଧାରଣ, ସ୍ୱୟଂ ସହାୟିକା ସଂଘ ଓ ତୃତୀୟଲିଙ୍ଗୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ହିଞ୍ଜିଳିକାଟୁ ପୌର ପରିଷଦ ଅଞ୍ଚଳ ମଧ୍ୟରେ ପାର୍କିଂ ଫିଜ୍ ଆଦାୟ ନିମନ୍ତେ ଚଳିତ ୨୦୨୫-୨୬ ସାଲ ନିମନ୍ତେ (ତା୦୧।୧୨।୨୦୨୫ଠାରୁ ତା୩୦।୧୧।୨୦୨୬ରିଖ ପର୍ଯ୍ୟନ୍ତ) ପୌର ପରିଷଦର ସର୍ତ୍ତାବଳୀ ଅନୁସାରେ ଲିଜ୍ ସୂତ୍ରରେ ପାର୍କିଂ ଫି ଆଦାୟ ନିମନ୍ତେ ସ୍ୱୟଂ ସହାୟକ ସଂଘ କିମ୍ବା ତୃତୀୟଲିଙ୍ଗୀଙ୍କଠାରୁ ଆବେଦନ ପତ୍ର ଆହ୍ୱାନ କରାଯାଉଅଛି। ଏଥିନିମନ୍ତେ ଇଚ୍ଛୁକ ସ୍ୱୟଂ ସହାୟକ ଗୋଷ୍ଠୀ/ତୃତୀୟଲିଙ୍ଗୀ ପୌରପରିଷଦ କାର୍ଯ୍ୟାଳୟରୁ ଆବେଦନ ଫର୍ମ ଟ.୫୦୦/- (ପାଞ୍ଚ ଶହ)ଟଙ୍କା ଦାଖଲ କରି ଟେଣ୍ଡର ଫର୍ମ କ୍ରୟ କରିପାରିବେ। ଆବେଦନକାରୀ ସରକାରୀ ଧାର୍ଯ୍ୟ ଦରଠାରୁ ଦର ବୃଦ୍ଧିକରି ଟେଣ୍ଡର କାଗଜାତକୁ ସ୍ପିଡ୍ ପୋଷ୍ଟ କିମ୍ବା କାର୍ଯ୍ୟାଳୟ ଟେଣ୍ଡର ବାକ୍ସରେ ଦାଖଲ କରିପାରିବେ। ନିର୍ଦ୍ଧାରିତ ତାରିଖ ଓ ସମୟ ମଧ୍ୟରେ ଯଦି ଆବେଦନ କାଗଜାତ କାର୍ଯ୍ୟାଳୟରେ ପ୍ରାପ୍ତ ନ ହୁଏ, ସେଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ଏବଂ ନିର୍ଦ୍ଧାରିତ ତାରିଖ ପରେ କୌଣସି ଆବେଦନକାରୀଙ୍କର ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ। ଆବେଦନକାରୀଙ୍କ ସର୍ବୋଚ୍ଚ ନିଲାମ/ଟେଣ୍ଡର ଦରକୁ ଅନୁମୋଦନ ହେବାର ୭ଦିନ ମଧ୍ୟରେ ୧୦୦% ଅର୍ଥ ପରିଷଦରେ ଦାଖଲ କରି ଚୁକ୍ତିନାମା ସମ୍ପାଦନ କରାଇନେବେ, ନଚେତ୍ ନିଲାମଧାରୀ/ଆବେଦନକାରୀଙ୍କ ଦ୍ୱାରା ପୂର୍ବରୁ ଦାଖଲ କରାଯାଇଥିବା ଅମାନତ ରାଶିକୁ କାର୍ଯ୍ୟାଳୟ ତରଫରୁ ବାଜ୍ୟାପ୍ତି କରାଯାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ୨ୟ ସର୍ବୋଚ୍ଚ ନିଲାମଧାରୀଙ୍କ ଦରକୁ ବିଚାରକୁ ନିଆଯାଇ ପାର୍କିଂ ଫି ଆଦାୟ ନିମନ୍ତେ ପ୍ରଦାନ କରିବା ପାଇଁ ପୌରପରିଷଦ ତରଫରୁ ପଦକ୍ଷେପ ଗ୍ରହଣ କରିବେ।

ଆବେଦନ ଫର୍ମ ବିକ୍ରି ତାରିଖ : ତା୨୦।୧୧।୨୦୨୫ଠାରୁ ୨୭।୧୧।୨୦୨୫ରିଖ ଅପରାହ୍ନ ୫.୦୦ ଘଣ୍ଟା

ଟେଣ୍ଡର ଦାଖଲ ତାରିଖ ଓ ସମୟ : ତା୨୦।୧୧।୨୦୨୫ଠାରୁ ୨୮।୧୧।୨୦୨୫ରିଖ ଅପରାହ୍ନ ୩.୦୦ ଘଣ୍ଟା

ଟେଣ୍ଡର ଖୋଲିବା ତାରିଖ : ତା୨୮।୧୧।୨୦୨୫ ଅପରାହ୍ନ ୪.୦୦ ଘଣ୍ଟା

ନିମ୍ନସ୍ୱାକ୍ଷର ଅଧିକାରୀ କୌଣସି କାରଣ ନ ଦର୍ଶାଇ ସମ୍ପୂର୍ଣ୍ଣ ନିଲାମ ପ୍ରକ୍ରିୟା କିମ୍ବା ନିଲାମ ନିମନ୍ତେ ପ୍ରଦାନ କରିଥିବା ଦରଖାସ୍ତକୁ ଅଗ୍ରାହ୍ୟ କିମ୍ବା ରଦ୍ଦ କରିପାରିବେ ଏବଂ ଏହା ବିରୁଦ୍ଧରେ କୌଣସି ଆବେଦନକାରୀ ନ୍ୟାୟାଳୟରେ ଆଶ୍ରୟ ନେଇପାରିବେ ନାହିଁ।

| କ୍ର.ନଂ. | ନାମ | ଲିଜ୍ ଅବଧି | ସର୍ବନିମ୍ନ ମୂଲ୍ୟ | ଅମାନତ ରାଶି |
|---|---|---|---|---|
| ୧ | ବସଷ୍ଟାଣ୍ଡ ଓ ମିନି ଷ୍ଟାଡିୟମଠାରୁ ବିଜୁ ପଟ୍ଟନାୟକ ଛକ ପର୍ଯ୍ୟନ୍ତ | ୨୦୨୫-୨୬ସାଲ (୦୧।୧୨।୨୦୨୫ଠାରୁ ତା୩୦।୧୧।୨୦୨୬ ପର୍ଯ୍ୟନ୍ତ) | ଟ.୧୩,୨୦,୯୯୦/- | ଟ.୧୩,୨୦୯/- |

OIPR- ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ, ପୌର ପରିଷଦ, ହିଞ୍ଜିଳିକାଟୁ

**GOVERNMENT OF ODISHA OFFICE OF SUPERINTENDING ENGINEER MINOR IRRIGATION DIVISION, JEYPORE**

E-mail Id: mijeypore@yahoo.co.in

NOTICE INVITING TENDER

E-Procurement Notice

Bid Identification No.MIDJEY-12/2025-26

Letter No.2111, Dt.19.11.25

No.A-949: The Superintending Engineer, Minor Irrigation Division, Jeypore on behalf of Governor of Odisha invites **Percentage rate** bids in Single/ Double Cover system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-Procurement portal **https://tendersodisha.gov.in.**

1. Name of the Work : Construction of Check Dam under MATY-3.0, CAPEX Lining, ERM, Improvement to Check Dam.
2. Total Number of Work : 12 (Twelve) Nos.
3. Estimated Cost : Approximately Rs.6.66 lakh to 99.52 lakhs
4. Period of Completion : 02 (Two), 03 (Three) and 6 (Six) Calendar Months
5. Class of Contractor : "B", "C", "D" Class Contractor
6. Date and Time of availability of bid documents in the portal : From 10.00 AM of 25.11.25 to 5.30 PM of 09.12.2025
7. Last date/time for receipt of bids in the portal : 5.30 PM on 09.12.2025
8. Date of Opening of Bid : At 11.00 AM on 10.12.2025 in website (www.tendersorissa.gov.in)
9. Submission of Bids : Online Mode
10. Name of the Officer Inviting Bid : Superintending Engineer, Minor Irrigation Division, Jeypore
11. Further details can be seen from the Government of Odisha Website www.tendersorissa.gov.in

OIPR- Sd./-Superintending Engineer, M.I.Division, Jeypore

# ବାରବାଟୀର ପ୍ରତି ଗ୍ୟାଲେରିରେ ହେବ ପାଥ୍ ୱେ

କଟକ,୨୧।୧୧(ଶିକ୍ଷା ପ୍ରିୟଦର୍ଶିନୀ)

ବାରବାଟୀ ଷ୍ଟାଡିୟମରେ ଡିସେମ୍ବର ୯ରେ ହେବାକୁଥିବା ଭାରତ ବନାମ ଦକ୍ଷିଣ ଆଫ୍ରିକା ଟି୨୦ ମ୍ୟାଚ୍‌ରେ ପ୍ରଥମ କରି ସବୁ ଗ୍ୟାଲେରିରେ ଆଇଏଲ୍ ବା ପାଥ ୱେ ବ୍ୟବସ୍ଥା କରାଯିବ। ପୂର୍ବରୁ ଅନ୍ୟ ଗ୍ୟାଲେରିରେ ଏହି ବ୍ୟବସ୍ଥା ଥିବାବେଳେ ଏଥର ୫, ୬ ଓ ୭ ନଂ ଗ୍ୟାଲେରି ଏଥିରେ ସାମିଲ ହୋଇଛି। ଗ୍ୟାଲେରିଗୁଡ଼ିକର ମଝିରେ ଏହାର ବ୍ୟବସ୍ଥା କରାଯିବ। ଯେଉଁଥିରେ ଏକ ସ୍ୱତନ୍ତ୍ର ପ୍ୟାସେଜ କରାଯିବ ଏବଂ ଖେଳ ସମୟରେ ଯଦି କୌଣସି ଜରୁରିକାଳୀନ ପରିସ୍ଥିତି ଉପୁଜେ ତେବେ ଏହି ପ୍ୟାସେଜ ବାଟେ ଦର୍ଶକଙ୍କୁ ପୋଲିସ ଦ୍ୱାରା ବାହାରକୁ ନିଆଯାଇପାରିବ ବୋଲି ସୂଚନା ମିଳିଛି। ଶୁକ୍ରବାର ମଧ୍ୟାହ୍ନରେ ଭୁବନେଶ୍ୱର ଆଇଆଇଟିର ୮ ଜଣିଆ ବୈଷୟିକ ଟିମ୍ ଷ୍ଟାଡିୟମର ଭିତ୍ତିଭୂମି ଯାଞ୍ଚ କରିଛନ୍ତି। ବାରବାଟୀ ମ୍ୟାଚ୍ ପାଇଁ ଫିଟ୍ ଅଛି କି ନାହିଁ ଏବଂ କୌଣସି ଗ୍ୟାଲେରି ଅସୁରକ୍ଷିତ ଅଛି କି ନାହିଁ, କେତେ ସଂଖ୍ୟାର ଦର୍ଶକ ଯୋଗ ଦେବେ ଏବଂ ସେମାନଙ୍କ ସୁରକ୍ଷା ନେଇ ଯାଞ୍ଚ କରାଯାଇଛି। ଏହାସହ ଗ୍ୟାଲେରିରେ ସିଟ୍ ପୂର୍ବରୁ ୧୯ଇଞ୍ଚ୍ ଚଉଡା ରଖାଯାଉଥିବାବେଳେ ଏବେ ତାହାକୁ ବଢ଼ାଯାଇ ୨୨ ଇଞ୍ଚ୍ ଚଉଡା କରାଯିବାକୁ ଥିବାବେଳେ ଏହାକୁ ମଧ ଟିମ୍ ଯାଞ୍ଚ କରିଛି। ଡିସେମ୍ବର ୬ ତାରିଖ ସୁଦ୍ଧା ଉକ୍ତ ଟିମ୍ ରାଜ୍ୟ ସରକାରଙ୍କ ସମେତ ଓସିଏ ଓ ଜିଲା ପ୍ରଶାସନକୁ ବାରବାଟୀ ଷ୍ଟାଡିୟମର ଫିଟ୍‌ନେସ ନେଇ ଏକ ରିପୋର୍ଟ ପ୍ରଦାନ କରିବ। ଟିମ୍


ଆଇଆଇଟିର ବୈଷୟିକ ଟିମ୍ ବାରବାଟୀ ଷ୍ଟାଡିୟମର ଭିତ୍ତିଭୂମି ଯାଞ୍ଚ କରୁଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)


## ନବମ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତ ଉଷାକିରଣ ମହାନ୍ତି
ଆବିର୍ଭାବ- ୧୦.୦୮.୧୯୪୪
ତିରୋଧାନ- ୦୧.୧୨.୨୦୧୬
(ମାର୍ଗଶିର ମାସ ମାଣବସା ଗୁରୁବାର)
ମାଉସୀମା ଛକ, ଭୁବନେଶ୍ୱର
ହେ ପୁଣ୍ୟାତ୍ମା, ବୋଉ, ତୋର ଅକାଳ ବିୟୋଗରେ ଆମେ ସମସ୍ତେ ମର୍ମାହତ। ପ୍ରତ୍ୟେକ ମୁହୂର୍ତ୍ତରେ ଏ ଘର ତତେ ଖୋଜୁଛି। ତୋର ଅନାବିଳ ସ୍ନେହ ଓ ପରୋପକାର ଆମ ପଥ ପ୍ରଦର୍ଶକ ହେଉ। ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ସେ ତୋର ଆତ୍ମାକୁ ଶାନ୍ତି ଦିଅନ୍ତୁ।
ଶୋକସନ୍ତପ୍ତ
ପୁଅ, ବୋହୂ, ଝିଅ, ଜ୍ୱାଇଁ, ଝିଅ ଓ ନାତୁଣୀମାନେ


## ଷ୍ଟାଡିୟମରେ ଭୁବନେଶ୍ୱର ଆଇଆଇଟି ବୈଷୟିକ ଟିମ୍‌ର ଯାଞ୍ଚ

ବାରବାଟୀରେ ମୁଖ୍ୟତଃ ଭାବେ ୬ ଓ ୭ ନଂ. ଗ୍ୟାଲେରି ବହୁ ପୁରୁଣା ଥିବାରୁ ଏହାର ଯାଞ୍ଚ ଭଲ ଭାବେ କରିଥିଲା। ପରେ ୩ ଓ ୪ ନଂ. ଗ୍ୟାଲେରି ସମେତ ଅନ୍ୟାନ୍ୟ ଗ୍ୟାଲେରି, ଭିଭିଆଇପି ବକ୍ସ, କର୍ପୋରେଟ ବକ୍ସ ଓ ପଡିଆ ଯାଞ୍ଚ କରିଥିଲା। ଏ ନେଇ ଓସିଏର କନସଲଟାଣ୍ଟ ବିଷ୍ଣୁପ୍ରସାଦ ମହାପାତ୍ର କହିଛନ୍ତି, ଷ୍ଟାଡିୟମରେ ସମୁଦାୟ ୧୫ରୁ ୧୬ଟି ଷ୍ଟାଣ୍ଡ ରହିଛି। ଏହାର ସ୍ଥିତି ଠିକ୍ ନ ଥିଲା। ସେଥିମଧ୍ୟରୁ ୭ ନଂ. ଗ୍ୟାଲେରିକୁ ଅନସେଫ ୨୦୧୯ରେ ଘୋଷଣା କରାଯାଇଥିଲା। ଦର୍ଶକ ଏଠାରେ ବସି ପାରି ନ ଥିଲେ, ପରେ ଏହାର ନବିକରଣ କାର୍ଯ୍ୟ କରାଯାଇଥିଲା ଏବଂ ୨୦୨୨ ମ୍ୟାଚ୍‌ରେ ଦର୍ଶକ ଏଠାରେ ବସିଥିଲେ। ସେହିପରି ସବୁ ଷ୍ଟାଣ୍ଡର କାମ ଏବେ କରାଯାଉଛି। କାନାଡ଼ା ଓ ଥାଇଲାଣ୍ଡର ଟିମ୍ ଆସି କାର୍ବନର ଫାଇଭର, ଷ୍ଟ୍ରିପ ଓ ସିଟ୍ ବ୍ୟବହାର କରି ଏହାର କାମ କରିଛନ୍ତି। ଏହାଦ୍ୱାରା ଏହାର ଲୋଡ୍ କାପାସିଟି ବଢ଼ିବି ପାରିବ। ଏହାସହ ଫାଉଣ୍ଡେଶନର ମରାମତି କାର୍ଯ୍ୟ ମଧ କରାଯାଉଛି। ଏହି ସବୁ କାମ ଆଜକୁ ଏକମାସ ହେବ ଆରମ୍ଭ କରାଯାଇଛି। ସବୁ କାର୍ଯ୍ୟର ଟିମ୍ ଯାଞ୍ଚ କରିଛି ଏବଂ ଷ୍ଟାଡିୟମର ଫିଟ୍‌ନେସ ରିପୋର୍ଟ ରାଜ୍ୟ ସରକାରଙ୍କୁ ଟିମ୍ ଦେବ। ଏହାସହ ଲୋକଙ୍କ ବସିବା ସୁବିଧାକୁ ନଜରରେ ରଖି ୧୯ ଇଞ୍ଚ୍ ପରିବର୍ତ୍ତେ ଏହାକୁ ବଢ଼ାଯାଇଛି, ଯାହାଦ୍ୱାରା ପ୍ରାୟ ୨୫୦୦ ସିଟ୍ ସଂଖ୍ୟା କମିବ ବୋଲି ସେ କହିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଭାରତ-ଦକ୍ଷିଣ ଆଫ୍ରିକା ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜର ପ୍ରଥମ ମ୍ୟାଚ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ।


# Classified Everyday

0674-2580101, 9692975378



REAL ESTATE

SALE

Twinsity- କଟକ ଓ ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ "Grand Bazar" ସମ୍ମୁଖରେ NH ସମ୍ମୁଖର ୧କି.ମି. ଦୂରତାରେ Rev. Road ସଂଲଗ୍ନ ଘରବାରି ପ୍ଲଟ କିଣନ୍ତୁ ଓ ଆପଣଙ୍କର ସ୍ୱପ୍ନର ଗୃହ ନିର୍ମାଣ କରନ୍ତୁ । ସନ୍ତୋଷ- 9438362273. D-12

ଟଙ୍କପାଣି ସାଇମନ୍ଦିରଠାରୁ 6 କିଲୋମିଟର ଦୂର BJEM-2 ପଛଭାଗ ଚିଙ୍ଗୁଡ଼ିଆ ଛକ ପାଖରେ 1900Sq.ft. ପାଚେରୀ ହୋଇଥିବା ଘରବାଡ଼ି ପ୍ଲଟ୍ ବିକ୍ରୟହେବ। ମୂଲ୍ୟ 28.5ଲକ୍ଷ। ଯୋଗାଯାଗ- 9438220432/ 8144658008. D-2642

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି- 8327785834

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500 Sqft. ପ୍ଲଟ୍ 6,75,000/ରେ ବିକ୍ରିହେବ- 9776974912. D- 10

2 Gharabari, Boundarywall and Electricity facility plot sale (each plot measuring 2600sqft 40×65) near Gudiapokhari Bhubaneswar, cost@22 per sqft fix price. Mobile-9938867397. D-2643




All type of physiotherapy, contact Number- 9556924059/ 765696134, Jharapada. D-1603

AFFIDAVIT

By virtue an affidavit sworn before Executive Magistrate, At- Nabarangpur, Dated- 20th day of NOVEMBER 2025 BASANTA KUMAR SETHY (New Name), Address at Village- Digisalpa, P.O.- Digisalpa, P.S.- Tentulikhunti, in the District of Nabarangpur, Odisha, (Complete Odisha address) declare that I have changed my name from BASANTA SETHY (old Name) to BASANTA KUMAR SETHY (new Name). Henceforth, I shall be known as BASANTA KUMAR SETHY for all purposes.
BASANTA KUMAR SETHY
(New Name)
D-2635

I, NIRUPAMA MALLIK, W/o.- Fakir Charan Mallick, Resident of At- Budhapada, P. O.- Anakhia, P.S.- Biridi, Dist.- Jagatsinghpur, PIN- 754102, Odisha declare by this affidavit No.- 12067, Dated- 20.11.2025, that I have changed my name from NIRUPAMA MALLIK to NIRUPAMA MALLICK. Henceforth, I Shall be known as NIRUPAMA MALLICK for all purposes. D-2636

I, Smt. Usharani Tripathy(Usharani Pani), D/o.- Sri Jaya Krushna Tripathy, Resident of Vill.- Bidurpur, P.O.- Jenapur, P.S.- Delang, Dist.- Puri, PIN- 752016, Odisha declare by this affidavit No.- 18, Dtd.- 20.12.22, that now onwards I shall be known as Gayatri Pani for all future purposes. D-217

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Executive Magistrate, Salipur, Cuttack, Dtd.- 19.11.25. Address At- Kashipur, P.O.- Sunakhandi, Via- Salipur, Dist.- Cuttack, Odisha declare that I have changed my Name and Age Sarat Lata Sahoo 01.01.1958 to Saratlata Sahoo, DOB- 07.11.1954. Henceforth, I shall be known as Saratlata Sahoo for all purposes.
Saratlata Sahoo
D-2641

By virtue of an affidavit sworn before the Executive Magistrate, Dharamgarh, No.- 2(1), Dtd.-18.11.25, I, SANBUDU DOMB, W/o.- RABI TANDI, R/o. At/P.O.- Badfurla, P.S.- Dharamgarh, Dist.- Kalahandi, PIN- 766015 (Odisha) declare that I have changed my name from BUDU TANDI to SANBUDU DOMB. Henceforth, I shall be known as SANBUDU DOMB for all purposes.
SANBUDU DOMB
D-2639

By virtue of an affidavit No.- 3019 sworn before the Executive Magistrate, Bari, Dated- 21.11.2025, I, BHAGBAT CHANDRA PADHI, Permanent resident of Vill.- SRIRAMPUR, P.O.- ANIKANA, P.S.- Bari Ramachandrapur, Dist.- Jajpur, PIN- 755010 declare that I have changed my name from BHAGBAT CHANDRA PADHI to BHAGABAT CHANDRA PARHI. Henceforth, I shall be known as BHAGABAT CHANDRA PARHI for all purpose. D-2640

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an Affidavit sworn before the Executive Magistrate, Bhubaneswar, dated -21.11.2025, I, Susanta Kumar Mishra, Baradei colony, Bhoisahi, Patia, P.O.- KIIT, P.S.- Chandrasekharpur, Bhubaneswar- 751024 declare that I have changed my name from Susanta Kumar Nayak to Susanta Kumar Mishra. Henceforth, I shall be known as Susanta Kumar Mishra for all purposes. C.F. No.- 1/2025, Dtd.- 21.11.2025 before R. Nayak, Executive Magistrate, Bhubaneswar.
SUSANTA KUMAR MISHRA
(New name)
D-2637

I, Chaitan Singh, Resident of At/P.O.- Sansarasposi, PIN- 757030 changed my name from Chaitan Sing to Chaitan Singh vide affidavit, Dated- 17.06.2025 sworn before notary Surendra Nath Singh, Baripada. D-2638

MISSING



ପିତାବାସ ପଟେଲ, ଜନ୍ମ 1973, ପୂର୍ବତଟ ରେଲୱେର ସମ୍ବଲପୁର ବିଭାଗର ଶାସନ ଷ୍ଟେସନର ନିୟମିତ କର୍ମଚାରୀ। ଶିରିଡି ତୀର୍ଥଯାତ୍ରାରେ ଯାଇଥିବା ବେଳେ ସେଠାରୁ 07.05.2017 ତାରିଖରୁ ନିଖୋଜ ହୋଇଯାଇଛନ୍ତି। ପରିବାର, ସାଙ୍ଗମାନେ ଓ ସହଯାତ୍ରୀମାନଙ୍କ ଦ୍ୱାରା ଅନେକ ଚେଷ୍ଟା ସତ୍ତ୍ୱେ ମଧ୍ୟ ସେ ମିଳିନାହାନ୍ତି। ଶିରିଡି ଥାନାରେ ଡାଏରୀ ନମ୍ବର 23196 ତା- (09.05.2017) ଓ ଶାସନ ଥାନାରେ ଡାଏରୀ ନମ୍ବର 166 (ତା. 23.05.2017) ରେ ମିସିଂ ରିପୋର୍ଟ ଦର୍ଜ ହୋଇଛି। ଜନ୍ମସ୍ଥାନ: ଗ୍ରାମ- ସାଲେଟିକ୍ରା, ପୋ- ଦୁର୍ଲଗା, ଝାରସୁଗୁଡ଼ା (ଓଡ଼ିଶା)। କାହାରି ପାଖରେ ତାଙ୍କ ବିଷୟରେ ସୂଚନା ଥିଲେ, ଦୟାକରି ତଳ ନମ୍ବରରେ ଯୋଗାଯୋଗ କରନ୍ତୁ: 9668330027. ଧ-୨୬୩୪

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି




ଓକିଲ ୰ଶଙ୍ଖ ଚରଣ ମାଝୀ
(ଗୋବରଯୋଡା, ଠାକୁରମୁଣ୍ଡା, ମୟୂରଭଞ୍ଜ)
ଆବିର୍ଭାବ- ୧୬.୦୨.୧୯୪୭
ତିରୋଧାନ- ୨୨.୧୧.୨୦୨୩
ହଠାତ୍ ଆମକୁ ଛାଡି କେଉଁ ଅଫେରା ରାଇଜକୁ ଚାଲିଗଲ। ଯେଉଁଠି ଥାଅ ଭଲରେ ଥାଅ। ଅମର ଆତ୍ମାର ସଦ୍‌ଗତି ପାଇଁ ମାଁ ତାରିଣୀ ଓ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହ
ସହଧର୍ମିଣୀ- ବାସନ୍ତି, ବଡପୁଅ- ବିମଳେନ୍ଦୁ, ବଡ଼ବୋହୂ- ବିଥିକା, ନାତୁଣୀ- ବାନି, ସାନପୁଅ- ଦିପଙ୍କର, ସାନବୋହୂ- ସୁନିତା, ବଡ ଶଳା ଚନ୍ଦ୍ରମୋହନ, ସାନ ଶଳା- ଗୋବିନ୍ଦ, ସାନ ଭାଇ- ସିଙ୍ଗରାୟ, ଶାଳୀ, ନାୟା, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ସ୍ମୃତିରଞ୍ଜନ ପ୍ରଧାନ (ମୁନା)
ଆବିର୍ଭାବ: ୭.୧.୧୯୭୧
ତିରୋଧାନ: ୧୨.୧୧.୨୦୨୫
କନ୍ଦରପୁର, କଟକ
ଶୋକାସନ୍ତପ୍ତ ପରିବାର: ଦାଦା- ଭାସ୍କର ଚନ୍ଦ୍ର ପ୍ରଧାନ, ବାସୁଦେବ ପ୍ରଧାନ, ବଡ଼ଭାଇ- ମାନସ ରଞ୍ଜନ ପ୍ରଧାନ, ବଡଶଳା- ବିବେକାନନ୍ଦ ବଡ଼ଜେନା, ଶରତ କୁମାର ବଡ଼ଜେନା, ପତ୍ନୀ- ମଞ୍ଜୁଲତା, ଖୁଡି- ଉଲ୍ଲାସିନି, ଆରତୀ, ଭିଣେଇ- ଦେବାଶିଷ ନାୟକ, ପବିତ୍ରମୋହନ ପ୍ରଧାନ, ପ୍ରଦ୍ୟୁମ୍ନ ମହାନ୍ତି, ସୁଦୀପ୍ତ ମହାନ୍ତି, ରାଜେଶ ଜେନା, ପିଉସୀ- ଜାନକୀ ସ୍ୱାଇଁ, ଭାଇ- ବାପି,ପିପି, ଟିଟନ, ମନ୍ତୁନ, ଭଉଣୀ- ବନି, ଲିପା, ବେଲା, ସିପା,ମାନୁ,ପୁତ୍ର- ସୁମିତ ପ୍ରଧାନ, ଝିଅ- ମନିସା, ଜ୍ୱାଇଁ- ନିକୁଞ୍ଜ ସାମନ୍ତରାୟ, ପୁତୁରା- ବିକୁଲ, ପାପାଲି, କାହ୍ନା, ନାତି- ହିତେଶ ସାମନ୍ତରାୟ ଓ ସମସ୍ତ ବନ୍ଧୁ ପରିବାର ବର୍ଗ

ଶ୍ରଦ୍ଧାଞ୍ଜଳି
ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ



୰ଦଉହରି ନାୟକ
ବିଶିଷ୍ଟ ସମାଜସେବୀ ତଥା ନାରୀଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତାସଭ୍ୟ
ଆବିର୍ଭାବ- ୧୬.୦୨.୧୯୪୭
ତିରୋଧାନ- ୨୨.୧୧.୨୦୨୩
ନାରୀଗାଁ, ମଙ୍ଗଳପୁର, ଯାଜପୁର,
N- 6/386, IRC Village, Bhubaneswar
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
ଶୋକସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

## LEGAL NOTICE

IN THE COURT OF CIVIL JUDGE, JUNIOR DIVISION, CHANDBALI
C.S. No.- 151/2011
Amal Giri .......Plaintiff
Vrs.
State of Odisha & others ....... Defendants

ବିଜ୍ଞାପନ

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ନିମ୍ନ ତଫସିଲ ବୃତ୍ତିକୁ ନିଜ ନାମରେ ସ୍ୱତ୍ୱ ସାବ୍ୟସ୍ତ ଦଖଲ କାଏମ ଓ ଚିରସ୍ଥାୟୀ ନିଷେଧାଜ୍ଞା ଚାନ୍ଦବାଲିଙ୍କ ଇଜିଲାସରେ ଉପରୋକ୍ତ ମୋକଦ୍ଦମା ଆଗତ କରିଅଛନ୍ତି। ଏଣୁ ଉକ୍ତ ବୃତ୍ତି ପକ୍ଷେ ଯଦି ସର୍ବସାଧାରଣଙ୍କର କୌଣସି ଆପତ୍ତି ଅଭିଯୋଗ ଥାଏ ତେବେ ସେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜରିଆରେ ଉକ୍ତ ମୋକଦ୍ଦମାର ଧାର୍ଯ୍ୟ ତା.୦୩।୧୨।୨୦୨୫ରିଖ ଦିବା ୧୦ ଘଟିକା ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ହାଜର ହୋଇ ନିଜର ଆପତ୍ତି ଅଭିଯୋଗମାନ ଜଣାଇବେ। ଅନୁପସ୍ଥିତ ରହିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

"କ" ତଫସିଲ ବୃତ୍ତି

ଜିଲ୍ଲା- ଭଦ୍ରକ, ମୌଜା- ଝାଡାକଟା, MS ଖାତା ନଂ.- 278, ଖସଡା ନଂ.- ୩୦୫, ଏ୦.୮୦ଡି

ଅଦ୍ୟ ତା.୩୧।୧୦।୨୦୨୫ ରିଖ ଅଦାଲତଙ୍କ ସହିମୋହର ଓ ସ୍ୱାକ୍ଷର କ୍ରମେ ଦିଆଗଲା।

ସିଭିଲ ଜଜ (ଜୁନିୟର ଡିଭିଜନ), ଚାନ୍ଦବାଲି
ଧ-୨୬୩୨

I.R. No.- 1739, Date- 04.11.2025

ନୋଟିସ

ମାନ୍ୟବର ଅତିରିକ୍ତ ଆୟୁକ୍ତ (ଶ୍ରୀଯୁକ୍ତ ଡା. ଆଶୁତୋଷ ସାମଲ, ଓ ପ୍ର ସେ)ଙ୍କ ଅତିରିକ୍ତ ରିଭିଜନ୍ ଅଦାଲତ ନଂ.- ୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଏସ୍ ଆର ପି କେସ୍ ନଂ.- ୧୭୮୧/୨୦୧୪

ନମିତ ଦାଶ .......... ବାଦୀ
ବନାମ
ଶାରଳା ରାଣୀ ସିଂହ୍ନା ଓଗେର ............ପ୍ରତିବାଦୀ

ନୋଟିସ ଅର୍ଡର -୫ ରୁଲ - ୨୦ C.P.C. ମୁତାବକ

୧. ଶାରଳା ରାଣୀ ସିଂହ୍ନା, ସ୍ୱାମୀ - ମୃତ ଲଳିତ ମୋହନ ସିଂହ୍ନା, ସା - ପ୍ଲଟ୍ ନଂ.- ୩୨୬, ଜୟଦେବ ବିହାର, ପୋଷ୍ଟ / ଥାନା - ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛିକି ଯେ, ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତ ଅଦାଲତ ନଂ.- ୨ ଇଜିଲାସ ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା.୨୬।୧୧।୨୦୨୫ରିଖ ଦିବା୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ମୌଜା- ଅନ୍ଧାରୁଆ, ତହସିଲ- ଭୁବନେଶ୍ୱର, ଥାନା - ଚନ୍ଦକା, ଜିଲ୍ଲା - ଖୋର୍ଦ୍ଧା, ୧୯୬୨ ବନ୍ଦୋବସ୍ତ ସାବିକ ଖାତା ନଂ.- ୨୫୮, ସାବିକ ପ୍ଲଟ୍ ନଂ.- ୨୧୩୩, ମ୍ୟୁଟେସନ ଖାତା ନଂ.- ୬୨୧/୫୨୮, ପ୍ଲଟ୍ ନଂ.- ୨୧୩୩/୩୭୨୫, ଏରିଆ ଏ୦.୧୨୯ ଡେସିମିଲ। ହାଲ୍ ଖାତା ନଂ.- ୨୮୦, ହାଲ୍ ପ୍ଲଟ୍ ନଂ.- ୬୪୯୩, ଏରିଆ ୦.୦୪୦୫ ହେକ୍ଟର।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ କିମ୍ବା ମୃତ ପ୍ରତିବାଦୀଙ୍କ ୱାରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶ ଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।

ତା.
ଭୁବନେଶ୍ୱର

ମାନ୍ୟବର ଅତିରିକ୍ତ କମିଶନରଙ୍କ ଆଦେଶ ଅନୁଯାୟୀ
ସ୍ୱା- କୋର୍ଟ ଅଫିସର
ଧ-୨୬୩୩

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ଲିଭ୍-ଇନ୍

**ଗଳ୍ପ**

**ଦୀପକ କୁମାର ମହାନ୍ତି**




ସକାଳୁ ସକାଳୁ ଚା ଦୁଇ ଢୋକ ପିଇଲା ବେଳେ ଖବରକାଗଜରେ ଶୀର୍ଷକ 'ବିବାଦରେ ଲିଭ୍-ଇନ୍-ରିଲେଶନଶିପ୍' ବିଷୟଟି ପଢ଼ି ଚମକିପଡ଼ିଲେ ସୁଧା ସାମନ୍ତରାୟ। ଡାକ ଛାଡ଼ିଲେ ବାନ୍ଧବୀ ଶିଖାକୁ।

: ଶିଖା ଦେଖିବ ଆସ, କାଲିରାତିରେ ଆମେ ଯେଉଁ ବିଷୟ ଆଲୋଚନା କରୁଥିଲେ, ତାହାର କିଛି ଅଂଶ ଆଜି ଖବରକାଗଜରେ ବାହାରିଛି। ଲିଭ୍-ଇନ୍‌ରେ ରହିବା ଭଲ ଯେତିକି, ଖରାପ ତା'ଠାରୁ ଅଧିକ। ସେଇଟା ଗୋଟେ ଅପରାଧ। ପରୋକ୍ଷରେ ଆମ ପ୍ରତି ଏକ ଅଙ୍ଗୁଳି ନିର୍ଦ୍ଦେଶ ନୁହେଁ କି?

: 'କାହିଁ କେଉଁଠି ବାହାରିଚି' କହି ସୁଧାବାବୁଙ୍କ ହାତରୁ ଶିଖା ପେପରଟି ଛଡ଼ାଇନେଲେ। ହଁ, ମୁଁ ଆଗରୁ ସେ ଖବର ଅନ୍-ଲାଇନ୍‌ରେ ପଢ଼ିଚି। ଇଏ କୋଉ ନୂଆ କଥା! ସମୟ ବଦଳିଚି। ମହିଳାମାନେ ଆଜି ସ୍ୱାବଲମ୍ବୀ। ସେମାନଙ୍କ ଅଧିକାର ଉପରେ ହସ୍ତକ୍ଷେପ ନ କରି ସେମାନଙ୍କୁ ସ୍ୱାଧୀନ ଭାବେ ଜୀବନଯାପନ କରିବା ପାଇଁ ଅନୁମତି ମିଳିସାରିଛି।

ଯଦି ବୟସ୍କମାନଙ୍କ କ୍ଷେତ୍ରରେ ସହମତିରେ ରହିବା ଏକ ଅପରାଧ ନୁହେଁ, ତେବେ 'ଲିଭ୍-ଇନ୍-ରିଲେଶନଶିପ୍' କିପରି ଓ କାହିଁକି ଅପରାଧ! 'ଲିଭ୍-ଇନ୍-ରିଲେଶନଶିପ୍' ଭବିଷ୍ୟତ ବିବାହର ଏକ ମାର୍ଗ ପ୍ରସ୍ତୁତ କରିପାରେ। ସେ ସବୁ ଛାଡ଼। ଆଜି ମୋତେ ଶୀଘ୍ର ଅଫିସ୍ ଯିବାକୁ ହେବ, ୧୧ଟାରେ ମିଟିଂ ଅଛି କହି ଶିଖା ପ୍ରସ୍ତୁତିରେ ଲାଗିପଡ଼ିଲେ। ନିତ୍ୟକର୍ମ ସାରି ସୁଧାବାବୁ ବି ଅଫିସ୍ ବାହାରିପଡ଼ିଲେ।

ସୁଧାବାବୁ ଜଣେ ସଫ୍ଟୱେର ଇଞ୍ଜିନିୟର। ଭୁବନେଶ୍ୱରରେ ଏକ ସଫ୍ଟୱେର କମ୍ପାନୀରେ ପ୍ରୋଗ୍ରାମ୍ ଅଫିସର ଭାବେ କାର୍ଯ୍ୟରତ। ଶିଖା ରାଜ୍ୟ ସରକାରଙ୍କ ଏକ ବେତନଭୋଗୀ କର୍ମଚାରୀ। ଉଭୟଙ୍କ ଦେଖାସାକ୍ଷାତ୍ ହୁଏ ଦିଲ୍ଲୀ-ଭୁବନେଶ୍ୱର ଫ୍ଲାଇଟ୍‌ରେ। ସେଠାରୁ ବନ୍ଧୁ ହିସାବରେ ସମ୍ପର୍କ ଗଢ଼ିଉଠିଲା। କାଳକ୍ରମେ ତାହା ପ୍ରେମର ରୂପ ନେଲା। ପ୍ରେମ ନିଶା ଦୁଇଜଣଙ୍କୁ ଏକାଠି କରିଦେଲା ଗୋଟିଏ ଛାତ ତଳେ। ଏକ ଆପାର୍ଟମେଣ୍ଟରେ ଦୁହେଁ 'ଲିଭ-ଇନ୍'ରେ ରହିଲେ। ଶିଖାଙ୍କ ସର୍ତ୍ତ ଥିଲା, ଆମେ ସହମତିରେ ଏକାଠି ରହୁଚେ, ଠିକ୍ ଅଛି। କିନ୍ତୁ ବିବାହ ପୂର୍ବରୁ ଶାରୀରିକ ସମ୍ପର୍କର ପ୍ରଚେଷ୍ଟା ଯେମିତି ନ ହୁଏ। ସବୁ ସର୍ତ୍ତକୁ ସୁଧାବାବୁ ମଥାପାତି ମାନି ନେଇଥିଲେ।

କାଳକ୍ରମେ କେଉଁ ଏକ ଦୁର୍ବଳ ମୁହୂର୍ତ୍ତରେ ଦୁହେଁ ବାନ୍ଧି ହୋଇପଡ଼ିଲେ। କିଛିଦିନ ପରେ ଜଣାପଡ଼ିଲା ଶିଖା ଗର୍ଭବତୀ। ଆସନ୍ନପ୍ରସବା। ଶିଖାଙ୍କ ମନରେ ସରାଗ ନ ଥିଲା। ତା' ପରଠୁଁ ସୁଧାବାବୁ ଘରେ ରହି ଅଫିସ କାମ କରିବା ସହ ତାଙ୍କ ଯତ୍ନ ନେଉଥିଲେ। ଠିକ୍ ସମୟରେ ଔଷଧ ଦେବା ସହ ନିୟମିତ ବ୍ୟବଧାନରେ ମେଡିକାଲ ଚେକ୍-ଅପ୍ କରାଇବା ଭଳି ଦାୟିତ୍ୱ ମୁଣ୍ଡାଇଥିଲେ ସେ। ତଥାପି ଶିଖାଙ୍କ ଆଡୁ ତାଙ୍କ ପ୍ରତି ପ୍ରଶଂସା ଟିକେ ନ ଥିଲା। ବରଂ ପିଲା ପେଟରେ ରହିବା ଦିନଠୁଁ ସେ ସୁଧାବାବୁଙ୍କ ସହ ସମ୍ପର୍କ କାଟି ଦେଇଥିଲେ ଯେମିତି। ତାଙ୍କୁ ଆଡ଼ ଆଖିରେ ଚାହୁଁ ନ ଥିଲେ।

ଝିଅଟିଏ ଜନ୍ମ ହେଲା। ତା'ପରେ ଆରମ୍ଭ ହେଲା ସୁଧାବାବୁଙ୍କ ପ୍ରତି ଆକ୍ରମଣ ଓ କଟାକ୍ଷ। ଶିଖାଙ୍କ ରୁକ୍ଷ ବ୍ୟବହାରରେ ଅତିଷ୍ଠ ହୋଇପଡ଼ିଲେ ସେ। ଦିନେ କାକୁତିମିନତି ହୋଇ କହିଲେ- ଶିଖା, ମୋ' କଥା ଶୁଣ। ମୁଁ ତୁମକୁ ଛାଡ଼ି ଚାଲିଯିବି ସତ, ହେଲେ ଏ ନିଷ୍ପାପ ପିଲାଟିର ଯତ୍ନ ନେବ କିଏ? ତା'ର ଭବିଷ୍ୟତ କଥା ଟିକେ ଚିନ୍ତା କରିପାରୁଚ? ବାପା ହିସାବରେ ମୋର କ'ଣ କିଛି ଦାୟିତ୍ୱ ନାହିଁ!

: ବାପା! ତୁମକୁ ଲାଜ ଲାଗୁନି ବାପା କହିବାକୁ। ବହୁତ ହୋଇଗଲା। ତୁମର ଆମ ସହ କୌଣସି ସମ୍ପର୍କ ନାହିଁ। ତୁମେ ଏବେ ଏଠାରୁ ଯାଇପାର।

ଚୁପ୍‌ଚାପ୍ ଫେରିଆସିଲେ ସୁଧାବାବୁ। ଅଫିସ୍ କାମରେ କିଛିଦିନ ପାଇଁ ବାହାରକୁ ଚାଲିଗଲେ। ଆଉ ବସାକୁ ଫେରିଲେ ନାହିଁ। ଅନ୍ୟତ୍ର ରହିଲେ।

ଝିଅ କ୍ରମେ ବଡ଼ ହେଲା। ପ୍ଲେ ସ୍କୁଲ୍‌ରେ ପ୍ରାଥମିକ ଶିକ୍ଷା ଆରମ୍ଭ ହେଲା। ତା'ର ସମସ୍ତ ଦାୟିତ୍ୱ ଜଣେ ଆୟା ଉପରେ ଛାଡ଼ିଦେଇ ଶିଖା ଅଫିସ ଯାଉଥିଲେ। ଆୟା ଝିଅକୁ ସ୍କୁଲ୍‌ରୁ ନବାଆଣିବା କରୁଥିଲା। ବେଳେବେଳେ ମଧ୍ୟାହ୍ନଭୋଜନ ସମୟରେ ଶିଖା ଘରକୁ ଫେରିଲାବେଳେ ଝିଅକୁ ସ୍କୁଲ୍‌ରୁ ନେଇ ଆସୁଥିଲେ।

ଦିନେ ସ୍କୁଲ୍‌ରେ ସାଙ୍ଗମାନେ ତାକୁ ପଚାରିଲେ, ତୋ' ବାପା କାହିଁକି ଆସୁନାହାନ୍ତି? ଆମେ କେବେ ତ ତାଙ୍କୁ ଦେଖିନାହୁଁ? କିଛି ଉତ୍ତର ନ ଦେଇ ସେଦିନ ଝିଅ ଚୁପ୍‌ଚାପ୍ ଘରକୁ ଫେରିଆସିଲା। ଚେଷ୍ଟା କଲା ମାମାଙ୍କୁ ସେ ବିଷୟ ପଚାରିବା ପାଇଁ, ଭୟରେ ପଚାରି ପାରିଲା ନାହିଁ। ମନ ଦୁଃଖରେ ରହିଲା।

ରବିବାର ଛୁଟି ଥିଲା। ଗତ କିଛିଦିନ ହେଲା ଝିଅ ଅନ୍ୟମନସ୍କ ଥିଲା ଭଳି ଶିଖା ଅନୁଭବ କରିପାରୁଥିଲେ। ସେଦିନ ତା' ପସନ୍ଦର ଖାଦ୍ୟ ନିଜେ ରାନ୍ଧି ତାକୁ ଖାଇବାକୁ ଡାକିଲେ। ଝିଅ ଶୁଣିଲା, କିଛି ଜବାବ ଦେଲା ନାହିଁ। ପୁନର୍ବାର ଡାକିବାରୁ ପ୍ରଶ୍ନ କଲା ମାମା, ମୁଁ ତୁମକୁ ଗୋଟେ କଥା ପଚାରିବି, ମୋତେ ସତ କହିବ, ତା'ପରେ ମୁଁ ଯାଇ ଖାଇବି।

: କ'ଣ କହ?

: ମୁଁ ତୁମର ଝିଅ ନା ଅନ୍ୟ କାହାର?

: ହଁ, ତୁ ମୋ' ଝିଅ, କ'ଣ ହେଲା?

: ହେଲେ ମୋ' ବାପା କିଏ? ସେ ଏବେ କେଉଁଠି ଅଛନ୍ତି? ତାଙ୍କୁ ତ କାହିଁକି ମୁଁ ଜମା ଦେଖିବାକୁ ପାଉନାହିଁ? ବାପାଙ୍କ କଥା ସ୍କୁଲ୍‌ରେ ମୋ' ସାଙ୍ଗମାନେ ପଚାରୁଥିଲେ।

: ତୋ ବାପା ତ ମୋ' ପାଇଁ ମରିଯାଇଛନ୍ତି।

: ମରିଯାଇଛନ୍ତି! ମୁଁ ଯେତିକି ଜାଣିଚି, ଜଣେ ହିନ୍ଦୁ ନାରୀ ସ୍ୱାମୀ ମଲା ପରେ ବିଧବା ବେଶ ଧାରଣ କରେ। ହାତରେ ଶଙ୍ଖା, ମଥାରେ ସିନ୍ଦୂର ନ ଥାଏ। ସାମ୍ନା ଘର ଅଙ୍କଲ ଚାଲିଯିବା ପରେ ଆଣ୍ଟି ତ ସେଇ ବେଶରେ ଅଛନ୍ତି। ତେଣୁ ଗୋଟିଏ ବିଧବା ନାରୀର ଭୂଷଣ କ'ଣ ତୋ ଭଳି?

: ଝିଅର ପ୍ରଶ୍ନଗୁଡ଼ିକ ଶିଖା ମନ ଭିତରେ ଯେମିତି ବାରମ୍ବାର ଆନ୍ଦୋଳନ ସୃଷ୍ଟି କରୁଥିଲା।

ଭାବବିହ୍ୱଳ ହୋଇ ଉତ୍ତର ଆସିଲା, ତୋ ବାପା ଅଛନ୍ତି, ସେ ଜୀବିତ। ହେଲେ ତୁ ଜନ୍ମ ହେଲା ପରଠାରୁ ସେ ଆଉ ଆସୁନାହାନ୍ତି।

: ଆସୁନାହାନ୍ତି ନା ତୁମେ ତାଙ୍କୁ ଘରୁ ବିଦା କରିଦେଇଚ। ଘଟଣା କ'ଣ ମୋତେ ସତ କୁହ ମାମା।

: ସତ କହିବି, ତା'ହେଲେ ଶୁଣ୍...

ଝିଅର ପରୀକ୍ଷା ସରିଲା। ସ୍କୁଲରେ ଆନୁଆଲ ଫଙ୍କଶନ ପାଇଁ ଜୋରଦାର ପ୍ରସ୍ତୁତି ଚାଲିଥିଲା। ଏଥର ମୁଖ୍ୟ ଅତିଥି ଥିଲେ ସଫ୍ଟୱେର ଇଞ୍ଜିନିୟର ସୁଧା ସାମନ୍ତରାୟ। ଅନ୍ତିମ ଦିବସରେ ଶିଖାଙ୍କ ଝିଅ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କଲା। ଶିଖା ଦର୍ଶକ ଗ୍ୟାଲେରିରେ ଥାଇ ଦୃଶ୍ୟକୁ ଉପଭୋଗ କରୁଥିଲେ। ପୁରସ୍କାର ପ୍ରଦାନ ଉତ୍ସବ ସରିଲା ପରେ ମୁଖ୍ୟ ଅତିଥି ଝିଅ ପାଖକୁ ଆସି ପଚାରିଲେ, ତୁମେ କେଉଁ କ୍ଲାସ୍‌ରେ ପଢୁଚ? ତୁମ ବାପା କ'ଣ କରନ୍ତି?

: ମୁଁ ଷ୍ଟାଣ୍ଡାର୍ଡ-୭ରେ ପଢୁଚି। ମୋ' ବାପା ଜଣେ ସଫ୍ଟୱେର ଇଞ୍ଜିନିୟର, ତାଙ୍କ ନାଁ ସୁଧା ସାମନ୍ତରାୟ।

: ତୁ ଏତେ ବଡ଼ ହୋଇଗଲୁଣି? ମୋ କଥା ମନେପଡୁନି?

: ହଁ, ମନେପଡୁଚି। ହେଲେ ତୁମେ ତ ମୋତେ ଖୋଜୁନ କି ପଚାରୁନ।

: ତୋ ମାମାକୁ ପଚାର, ଏଥିପାଇଁ ଦାୟୀ କିଏ?


ଶିଖା ଚାହିଁ ରହିଥିଲେ ଦୁଇଜଣଙ୍କ ମିଳନ ପର୍ବକୁ। ଡେରି ହେବାରୁ ଡାକ ଛାଡ଼ିଲେ- ଝିଅ, ସେଠି କାହିଁକି ଛିଡ଼ା ହୋଇ ଗପୁଚୁ। ଆସେ ଯିବା।

: ମାମା, ମୁଁ ଯିବି ତ ନିଶ୍ଚୟ। ହେଲେ ବାପାଙ୍କୁ ସାଙ୍ଗରେ ନେଇକି ଯିବି।

ଇ-୫/୨, ୟୁନିଟ୍-୯ (ଫ୍ଲାଟ), ଭୁବନେଶ୍ୱର
ମୋ: ୯୪୩୮୩୨୯୦୫୯

## ପୁସ୍ତକ ପରିଚୟ

### ସକାଳ ଆସି ଶିଖେଇବା ଯାଏ




**କବି:** ନୃସିଂହ ବେହେରା
**ପ୍ରକାଶକ:** ବ୍ଲାକ୍ ଈଗଲ୍ ବୁକ୍ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୨୨୦/-

ଆଲୋଚ୍ୟ କବିତା ସଂକଳନର 'ପୃଷ୍ଠଭୂମି'ରେ କବି ଲେଖିଛନ୍ତି: ''କାଳି, କଲମ ଓ ମନର ମେଳକରେ ହସିଉଠେ ସୃଜନୀର ଶତଦଳ। ଶାଶ୍ୱତ ସଂଗୀତର ଅନନ୍ୟ ଇଙ୍ଗିତରେ ସଂରଚନା ସବୁ ନବୀନ ଉନ୍ମେଷ ପାଇ ଉତ୍ଥିତ ହୁଏ।'' ମୋଟ ୬୭ଟି ଯାକ କବିତାରେ ଲକ୍ଷ୍ୟ କରିହୁଏ କାଳି ଓ କଲମ ସହ କବି ମନର ମେଳକକୁ। କବିତାଗୁଡ଼ିକରେ ନବୀନତାର ଉନ୍ମେଷକୁ ଠାବ କରିବା ପାଇଁ ପାଠିକାପାଠକମାନଙ୍କୁ ମନଯୋଗର ସହିତ ଗ୍ରନ୍ଥସ୍ଥ କବିତାଗୁଡ଼ିକୁ ପଢ଼ିବାକୁ ହେବ। ୧୫୦ ପୃଷ୍ଠାର ଏହି ସଂକଳନରେ ଏକତ୍ର କରାଯାଇଥିବା କବିତାଗୁଡ଼ିକର କେତୋଟି ଉଦ୍ଧୃତି ନେଇ କବିତାର ଗର୍ଭଗୃହକୁ ପାଠକୀୟ ଅଭିଗମନର ରାସ୍ତାଟିଏ ନିର୍ମାଣ କରିହେବ। ଯଥା: ୧. ''ଦୁର୍ଘଟଣା ପାଇଁ ଯାନର ଭୂମିକା ଯେମିତି/ ଆସନ ସେମିତି/ ଉପବେଶନ ସାମୟିକ ବୋଲି/ ବସିବା ଜନ ଜାଣିଲେ ନିଶ୍ଚୟ ଜିଣିବ।'' (ଆସନ, ପୃ:୨୦), ୨. ''ଆଖିରେ ପଡୁଥିବା ଛୋଟ ପକ୍ଷୀଟିଏ ମଧ୍ୟ/ ଆଖି ପାଉ ନ ଥିବା/ ଆକାଶେ ନୀଳିମାକୁ ଆଖି ପକାଏ/ ଉଲ୍ଲାସ ତୋଳିବା ପାଇଁ।'' (ଉତ୍ସାହ, ପୃ:୪୯), ୨. ''କଥାର ଦେବଦାରୁରେ/ ପଣସରୁ ପରମାଣୁ ଯାଏ/ ଅନେକ କିଛି ଫଳେ/ ଆକାଶିଆ ଶବ୍ଦର ସହର/ ଅଲାଜୁକି ଭାବେ ନିତିନିତି ଖେଳେ।'' (ପେଣ୍ଡୁର ବହପ, ପୃ:୬୯) ଏବଂ ୪. ''ରାଜନୀତି ଏବେ/ ଗରମ ମସଲା ମିଶି ନ ଥିବା/ ତରକାରି ପରି ତୁଚ୍ଛ ନୁହେଁ କି?'' (ଗରମ, ପୃ:୧୧୭)। ଜୀବନ ଓ ସମାଜର ନାନା ଅନୁଭବକୁ କବି ରୂପ ଦେଇଛନ୍ତି ପ୍ରାୟ କବିତାରେ, ତେବେ ଉପସ୍ଥାପନାରେ ଭାଷାର ବାଂଧୁଣି କେବେକେବେ ଶିଥିଳ ହୋଇପଡ଼ିଛି, ଯାହା ନିରନ୍ତର ସାଧନା ବଳରେ ଅତିକ୍ରମି ହେବ।

### ପ୍ରୀତିପଦ୍ମା ଓ ଅନ୍ୟାନ୍ୟ ଗଳ୍ପ




**ଲେଖକ:** ଡ. ନୃପରାଜ ସାହୁ
**ପ୍ରକାଶକ:** କାବ୍ୟଲୋକ, ଲୁଇସ୍ ରୋଡ୍, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୦୦/-

ଦୁର୍ଘଟଣାରେ ପରଲୋକପ୍ରାପ୍ତ ଭାଇଙ୍କୁ ବହିଟି ଉତ୍ସର୍ଗୀକୃତ। ''ମୋ କଥା''ରେ ଗାଳ୍ପିକ ଲେଖିଛନ୍ତି: ''କେହି ନା କେହି, କେଉଁଠି ନା କେଉଁଠି ନିଶ୍ଚୟ ଥିବ ମୋ' ବହି ପଢ଼ିବାକୁ, ମତେ ଟିକିଏ ବୁଝିବାକୁ, ଏମିତି ଏକ ବିଶ୍ୱାସ ନେଇ ଲେଖେ।'' କିନ୍ତୁ ତାଙ୍କ ଲେଖକ ଜୀବନର ଅସଲ ଅନ୍ତରାଳ ଛପି ରହିଛି ବହିର 'ପ୍ରଚ୍ଛଦଲେଖ'ରେ। ନୃପରାଜ କହନ୍ତି: ''କାହିଁକି କେଜାଣି ଏକ ଅବିଶ୍ୱସନୀୟ ଶୂନ୍ୟତା ମତେ ସବୁବେଳେ ଆବୋରି ବସୁଥିଲା। ଖାଲି ଖାଲି ଲାଗୁଥିଲା ଜୀବନଟା। ବେଳେବେଳେ ମୁଁ ଏକ ଅଜ୍ଞାତ ଦୁଃଖର ବୋଝରେ ପେଶି ହେଇଯାଉଥିଲି। ବହୁବାର ଚେଷ୍ଟା କରିଛି ଏ ଶୂନ୍ୟତାକୁ ଆବିଷ୍କାର କରିବା ପାଇଁ, କିନ୍ତୁ ପାରିନି।'' ଏ ହେଉଛି ପ୍ରତି ଲେଖକର ଅବୋଧ, ଅର୍ଦ୍ଧବୋଧ 'ବିଷାଦ', ଯାହା ପ୍ରକୃତିରେ 'ଆଧ୍ୟାତ୍ମିକ'। ଏହି ବିଷାଦ ଲେଖକକୁ ସୃଜନଶୀଳ କରାଏ, ବ୍ୟକ୍ତ କରାଏ, ତା' ଭିତରର ବରଫକୁ ତରଳାଇ ବୁହାଇଦିଏ। ବହିରେ ସ୍ଥାନ ପାଇଛି ମୋଟ ୧୫ଟି ଗଳ୍ପ। ଗଳ୍ପର ବିଷୟବସ୍ତୁ ଭିନ୍ନ, ହେଲେ କେଉଁଠି ନା କେଉଁଠି ଗଳ୍ପ ସହ ଜୀବନର ଅନୁଭବ ଯୋଡ଼ି ହେଇରହିଛି। ପ୍ରୀତିପଦ୍ମା, ଶେଫାଳୀ, ସତ୍ୟ ସାର୍, ଅର୍ପିତା, ସିଦ୍ଧାର୍ଥ, ବାପା, ରାମରହିମ, ଶୁଭଶ୍ରୀ, ପାଟଶାଢ଼ି ଓ ସୋମବାରୀ ପରି ଗଳ୍ପ ପଢ଼ିଲେ ଜୀବନର ବ୍ୟଥା ଓ ବିନୋଦକୁ ପାଠକ ବୁଝିପାରେ। ଗଳ୍ପର ଭାଷା ଦୈନନ୍ଦିନ ଜୀବନର ଭାଷା, ତେଣୁ ପଠନରେ ପ୍ରବହମାନତା ଆଣି ପାଠର ଆନନ୍ଦରେ ପାଠିକାପାଠକଙ୍କ ମନକୁ ଦ୍ରବୀଭୂତ କରିଦେବାର କ୍ଷମତା ରଖେ।

## କାଳକାଳକୁ

''ଯଦି ଅନ୍ୟର ଗପ
ତମ ମନକୁ ପାଉନାହିଁ,
ତେବେ ତମ ଗପ
ତମେ ନିଜେ ଲେଖ।''
– ଚିନୁଆ ଆଚେବି



**ଚିନୁଆ ଆଚେବିଙ୍କ** ଜନ୍ମ ୧୬ ନଭେମ୍ବର ୧୯୩୦ରେ ଓ ପରଲୋକ ୨୧ ମାର୍ଚ୍ଚ ୨୦୧୩ରେ ନାଇଜେରିଆରେ। ଆଫ୍ରିକୀୟ ସାହିତ୍ୟର ଏହି ମଧ୍ୟମଣି ଆଧୁନିକ ଆଫ୍ରିକୀୟ ସାହିତ୍ୟର ଜନକ ଭାବେ ବିବେଚିତ। ତାଙ୍କର ପ୍ରଥମ ଯୁଗାନ୍ତକାରୀ ଉପନ୍ୟାସ "Things fall Apart" (୧୯୫୮) ବିଶ୍ୱର ବହୁ ଭାଷାରେ ଅନୂଦିତ ଓ ବହୁ ପଠିତ। ଏହି ଉପନ୍ୟାସର ଅନ୍ୟ ଦୁଇଟି ଭାଗ "No Longer at Ease" ୧୯୬୦ରେ ଓ "Arrow of God" ୧୯୬୪ରେ ପ୍ରକାଶିତ। "A Man of the People" (୧୯୬୬) ଓ "Anthills of the Savannah" (୧୯୮୭) ତାଙ୍କର ଅନ୍ୟ ଦୁଇଟି ଉଲ୍ଲେଖନୀୟ ଉପନ୍ୟାସ। ଆଚେବି କହନ୍ତି: ''ସିଂହଙ୍କର ନିଜର ଐତିହାସିକ ନ ଥିବାଯାଏଁ ଶିକାରର ଇତିହାସ ଶିକାରୀଙ୍କୁ ହିଁ ଗୌରବାନ୍ୱିତ କରୁଥିବ।'' ଅନ୍ୟତ୍ର ସେ କହନ୍ତି: ''ଦାନ ହେଉଛି ଥିଲାବାଲାଙ୍କର ଅଫିମ।'' ଚିନୁଆ ସାହିତ୍ୟକୁ ତାଙ୍କର ଅସ୍ତ୍ର ବୋଲି ମନେକରନ୍ତି।

## କବିତା

### ହୃଦୟବତୀ

**ପିନାକୀ ମିଶ୍ର**

ପଥ ନ ଥିଲେ ପାନ୍ଥ ଯିବ କୁଆଡ଼େ!
ତୁଠ ନ ଥିଲେ ତୀର୍ଥଜଳ କାହିଁ?
ଗର୍ଭଫାଡ଼ି ଜନମଦେଲା ସେ
ଥନଭାଙ୍ଗି ରୂପକୁ ମଳିନକଲା
ଘରର ଫଟାକାନ୍ଥ ଯୋଡ଼ିଲା
ନାଉଡଙ୍କ ପରି ବେଢ଼େଇ ଧରିଲା ଘର
ବଢ଼ି ରାତିରେ ଛୁଆବୁଜୁଳି ଧରି ଧାଇଁଲା ସ୍କୁଲପିଣ୍ଡା
ପାନବରଜରେ ପେଟ ପାଇଁ ପଣତ ଟେକିଲା ମା'।

ସିଏ ପା' ଭାତହାଣ୍ଡିର ଘୋଡ଼ଣୀ
ସହିସହି କଷଣ
ତଥାପି ଦେଉଥାଏ ଅୟୁତ ଚୁମ୍ବନ,
ବର୍ଷା ବୈଶାଖ ବସନ୍ତ
ଗୋଡ଼ ପୂରେଇଛି ଚୁଲିରେ, ତବତ ଭୁଞ୍ଜେଇଛି,
ସେ ଏରୁଣ୍ଡିବନ୍ଧ ଶୁଭକଳସ
ସେ ମାଣବସା ଝୋଟିପକା କେଶବତୀ
ସେ କ୍ଲାନ୍ତନିଦରେ ଧୈର୍ଯ୍ୟର ବସୁମତୀ।

ବାରବାର ବସିଛି ନିଆଁରେ
କେବେ କରିନି ଅଭିଯୋଗ
ବିଧିଙ୍କୁ କହିଛି କରୁଣାନିଧି,
ପୁଅ ମରଣକୁ ଯାଉଛି ତ ଯାଉ
ଧର୍ମ ପାପୁଲିରେ ଥାଉ
ବିଶ୍ୱମାତା... ଲୁହର କବିତା

ଅଧାବାଟରୁ ସେ ଫେରେଇ ଆଣିଛି
ପ୍ରିୟତମ ସାବିତ୍ରୀ
ଏମିତି ପ୍ରେମ ଚଉଦ ଭୁବନରେ କାହିଁ?
ନିୟତି ବି ହତଭମ୍ବ,

ସେ ଆର୍ଯ୍ୟାବର୍ତ୍ତର ନାରୀ
ଲୁହର କିଆରିରେ ଆନନ୍ଦର ଲହରୀ
ଯା' ପରଶରେ ବଂଶୀ ବିଭୋର
ନିନ୍ଦା ବି ରୋମାଞ୍ଚ ନୂପୁର,
ମଙ୍ଗଳ ମନାସି ବୋଇତ ମଙ୍ଗରେ
ଢାଳିଦିଏ ନାରୀକେଳ ଜଳ।

ଅବୁଝା ମରଦକୁ ବୁଝେଇ ବୁଝେଇ
ଅଧାପ୍ରାଣ ହୁଏ ସେ, ଘରେ ଲକ୍ଷ୍ମୀ ନଥିଲେ
ବାଡ଼ି ଅଗଣାକୁ ପକ୍ଷୀ ବି ଆସେନା।
ଗୁରୁକନ୍ୟା ମାହୀରୀସୁନ୍ଦରୀ
ଅଙ୍ଗଭଙ୍ଗୀ ଦେଲାରୁ ସିନା ଶିଳ୍ପୀ ମଗ୍ନ ହେଲା
ଶିଳାସୁନ୍ଦରୀ ସୂର୍ଯ୍ୟଙ୍କୁ ଭେଟିଲା,

ରାଜଦ୍ୱାରେ କେତେ ଆକୁଳ ନିବେଦନ
ଶକୁନ୍ତଳାଳିତା ଗାନ୍ଧର୍ବ ପ୍ରଣୀତା
ସମୟର ଖେଳ, ଦଇବ ତୋଡ଼,
ପୁଅ ସିନା ବନିଗଲା ଆର୍ଯ୍ୟସମ୍ରାଟ୍
କିନ୍ତୁ ବ୍ୟଥାର ବଳୟରେ ଇତିହାସ ଚିରକାଳ।

ସେ ଜୀବନନଉକା, ସେ ସଜଡ଼ାନାୟିକା
ସେ ବସୁମତୀ ସେ ବାସନ୍ତିକା

କିଏ ଭରସା କରୁ କି ନ କରୁ
ସିଏ ଭରସାର ହୃଦୟବତୀ,
ତା' ବିହୁନେ ଲକ୍ଷ୍ମୀଛଡ଼ା
ବାରଦୁଆର ମାଗେ ହାତପାତି।

– ଶୂନ୍ୟନୀଳ, ଚର୍ଚ୍ଚ ପାଖ,
ଜେଲ ରୋଡ, କେନ୍ଦୁଝର-୧
ମୋ: ୯୪୩୮୧୧୮୩୯୭

### ନିତ୍ୟ ନିୟମିତ

**ଗଜାନନ ମିଶ୍ର**

ନାଚି ନାଚି ଯିବା
ନିତ୍ୟ ନିୟମିତ କାର୍ଯ୍ୟ, ଆଉ
ଏଇଟା ଚାଲିଛି କାହିଁ କେବେଠୁ।

ନାମଟିଏ ଦେବା, ଅର୍ଥ ଥାଉ
କି ଅନର୍ଥ ଥାଉ, ଇଏ ଏକ ସାଧନ।
ଏ ସାଧନରେ ଶୂନ୍ୟ ସ୍ଥିତି
ଚମକୁଛି ଆଉ ଚମକିଲାବେଳେ
ପୂରାରୁ ପୁରା ଯାଉଛି ରହି ମୋଠି ଇ।

ରହି ରହିଗଲାବେଳେ
ଲାଗୁଛି ଭୟ ଯିବା ଫେରିବା
ସମୟରେ, ନାଇଁ ଜଣା
କୋଉଥିରେ କିଏ କେତେ ବ୍ୟସ୍ତ।

– ତପୋବନ, ଟିଟିଲାଗଡ଼, ବଲାଙ୍ଗିର
ମୋ: ୯୪୩୭୩୬୬୬୪୪

**ଗୀତି-କବିତା**

### ସୋରିଷ ଫୁଲ

**ସତ୍ୟବ୍ରତ ସାହୁ**

ତମେ ସମୟର ଫୁଲ ସବାରିରେ
ଫୁଲେଇ ସୋରିଷ ଫୁଲ,
ମଧୁ ସନ୍ଧାନୀ ମୁଁ ମହୁମାଛିଟିଏ
ତମକୁ ପାଉଛି ଭଲ।

ତମେ ଚମକୁଛ ଶୀତ ସକାଳରେ
କାକରକୁ କରି ସାଥୀ
ତମ ଯଉବନେ ପାଗଳ ସାଜିଛି
ପାଇବାକୁ ଟିକେ ପ୍ରୀତି
ମନ ଚାହେଁ ତମ ହଳଦୀ ଚିବୁକେ
କରିବାକୁ ଟିକେ ଗେଲ।

ତମ ହୃଦୟକୁ ଜିତିଯିବା ପାଇଁ
ଗୁଣୁଗୁଣୁ ଗାଏ ଗୀତ
ସତ କହୁଛି ମୁଁ ସର୍ଷପ ଲଳନା
ତମେ ମୋ' ପରାଣ ମିତ
ଦଗାଦିଆ ବୋଲି ଭାବିବନି ପ୍ରିୟେ
ଦେବି ତମ ପ୍ରେମ ମୂଲ।

– ପଲ୍ଲାସାହି, କମାଳପୁର,
ଅହିୟାସ, ଯାଜପୁର
ମୋ: ୮୯୧୭୨୭୩୫୪୫

# ବାୟୋଡାଟା

## ଅନୁବାଦ ଗଳ୍ପ

**ମୂଳ ହିନ୍ଦୀ-ନିର୍ମଳା କର୍ଣ୍ଣ**
**ଅନୁବାଦ-ମନୋଜ କୁମାର ବେହେରା**



ଝିଅ ବାପା ଝିଅର ଫଟୋ ଆଉ ବାୟୋଡାଟା ପୁଅ ବାପାଙ୍କ ହାତରେ ଧରେଇଦେଲେ। ପୁଅ ବାପା ଝିଅର ଫଟୋ ଉପରେ ନଜର ପକେଇଲେ ଆଉ ଫଟୋକୁ ନିଜ ସ୍ତ୍ରୀକୁ ଦେଇ ଝିଅର ବାୟୋଡାଟାକୁ ଭଲ ଭାବରେ ଦେଖିବାକୁ ଲାଗିଲେ। ତା'ପରେ ସେହି କାଗଜକୁ ନିଜ ସ୍ତ୍ରୀଙ୍କ ଆଡ଼କୁ ବଢ଼େଇ ଦେଲେ ଆଉ ଝିଅ ବାପାଙ୍କୁ ପଚାରିଲେ- ଝିଅ କାହିଁକି ପତ୍ର ବିନିମୟ ପରୀକ୍ଷାର୍ଥୀ ଭାବରେ ସ୍ନାତକ କରିଛି, କାରଣ କ'ଣ? ଝିଅର କିଛି ସମସ୍ୟା ଅଛି କି? ଆମକୁ ଠିକ୍ ଭାବେ କୁହନ୍ତୁ!

ଆରେ ନା...ନା... ସମସ୍ୟା କିଛି ନାହିଁ। ପ୍ରକୃତ କଥାହେଲା ଘରଠାରୁ କଲେଜ ବହୁତ ଦୂର ଥିବାରୁ କଲେଜକୁ ପଠେଇଲି ନାହିଁ।

ଆପଣଙ୍କ ଘରର ଠିକଣା ଯାହା ଆପଣ ଦେଇଥିଲେ। ଆଉ ଏଠାରୁ ପାଞ୍ଚ ଛଅ କିଲୋମିଟର ଭିତରେ ତ ବହୁତ ବଢ଼ିଆ କଲେଜ ଅଛି। ଆପଣ ଝିଅକୁ ତ ସେହି କଲେଜରେ ପଢ଼େଇ ପାରିଥାନ୍ତେ!

ହଁ... ଅଛି ଯେ କିନ୍ତୁ ଏତେ ଦୂରକୁ ଯିବା ଗୋଟିଏ ଝିଅ ପାଇଁ କଠିନ କାମ ଆଉ କିଏ ତାକୁ ସବୁଦିନ ନେଇ କଲେଜ ଛାଡ଼ିବାକୁ ଯିବ?

ଏବେ ପୁଅର ମା' ମଧ୍ୟ ବାୟୋଡାଟାରେ ଟିକିଏ ଦୃଷ୍ଟିପକେଇ କହିଲେ, ଆପଣ ଲେଖିଛନ୍ତି ଯେ ଆପଣଙ୍କର ଦୁଇ ପୁଅ ଅଛନ୍ତି। ଆଉ ଦୁହେଁ ଘରଠାରୁ ବହୁତ ଦୂରରେ ବଡ଼ ସହରରେ ରହି ମେଡିକାଲ ଏବଂ ଇଞ୍ଜିନିୟରିଂ ପାଠ ପଢୁଛନ୍ତି। ସେମାନଙ୍କୁ ଆପଣ ଏତେ ଦୂରକୁ କେମିତି ପାଠ ପଢ଼େଇବାକୁ ପଠାଇଲେ।

ଆରେ ଭଉଣୀ! ସେମାନେ ତ ପୁଅ ପିଲା, ତାଙ୍କୁ ଉଚ୍ଚ ଶିକ୍ଷା ଯଦି ଦେବି ନାହିଁ ତା'ହେଲେ କାମ କେମିତି ଚାଲିବ। ସେମାନଙ୍କର ଭବିଷ୍ୟତ ମଧ୍ୟ ଦେଖିବାକୁ ପଡ଼ିବ।

ଏବେ ପୁଅ ମା' ପଚାରିଲେ, ଆପଣ ଲେଖିଛନ୍ତି ଝିଅ ସବୁ କାମ ଜାଣିଛି। ରୋଷେଇ କରି ଜାଣିଛି ନା ଆପଣ ମିଛରେ ଲେଖିଛନ୍ତି। ଆଜିକାଲିର ଝିଅମାନେ ଫୋନ୍‌ରେ ଚାପି ହୋଇ ଦିନସାରା ରହୁଛନ୍ତି। ଆପଣଙ୍କ ଝିଅର ଏମିତି ସଉକ ନାହିଁ ତ?

ନା... ନା... ସେ ଘରର ସବୁ କାମ ଜାଣିଛି। ଆପଣ ଚାହିଁଲେ ପରୀକ୍ଷା କରିପାରିବେ। ହଉ, ତା'ହେଲେ ଆପଣଙ୍କ ଦୃଷ୍ଟିରେ ଝିଅର କୌଣସି ଭବିଷ୍ୟତ ରହିବା କଥା ନୁହେଁ।

ଏହା ଶୁଣି ଝିଅର ବାପା କହିଲେ, ତା'ର ଭବିଷ୍ୟତ ତା' ସ୍ୱାମୀ ଉପରେ ନିର୍ଭର କରେ।

ମାନେ...

ଆପଣ କ'ଣ କହିବାକୁ ଚାହୁଁଛନ୍ତି?

ମାନେ! ଆମେ ତ ଝିଅର ଜନ୍ମ ସମୟରୁ ହିଁ ଯୌତୁକ ଏକାଠି କରିବା ଆରମ୍ଭ କରି ଦେଇଥାଉ। ସୁଯୋଗ୍ୟ ବର ମିଳିଗଲେ ତା'ପରେ ସେ ଜୀବନସାରା ସୁଖରେ ରହିବ।

ଏହା ଶୁଣି ପୁଅର ବାପା କହିଲେ, 'ଯଦି ବିବାହ ପରେ ସେହି ସୁଯୋଗ୍ୟ ବର ଆପଣଙ୍କ ଝିଅକୁ ପ୍ରତାରିତ କରିବା ଆରମ୍ଭ କରିଦେବ, ତା'ହେଲେ ଆପଣ କ'ଣ କରିବେ'?

ପୁଅର ମା' ଏବେ କହିଲେ, ଆପଣ ତ ନିଜ ଝିଅକୁ ଏମିତି ଯୋଗ୍ୟ ବନେଇ ନାହାନ୍ତି, ଯିଏ ନିଜର ରକ୍ଷା ମଧ୍ୟ କରିପାରିବ!

ପ୍ଲଟ ନମ୍ବର-୨୧୭/ପି, ବାୟାବାବା ମଠ ଲେନ୍, ୟୁନିଟ୍-୯(ଫ୍ଲାଟ), ଭୁବନେଶ୍ୱର
ମୋ: ୭୯୭୮୮୩୦୬୧୧

ଧରିତ୍ରୀ 51 Years

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ନଭେମ୍ବର ୨୨/୨୦୨୫ Bhubaneswar, Saturday, November 22/ 2025

## ଦକ୍ଷିଣ ଆଫ୍ରିକା ଦଳ ଘୋଷିତ

**ଜୋହାନ୍ସବର୍ଗ,୨୧।୧୧(ପିଟି):** ଆସନ୍ତା ୩୦ ତାରିଖରୁ ଭାରତ ବିପକ୍ଷରେ ଖେଳାଯିବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଓ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଲାଗି ଶୁକ୍ରବାର ଦକ୍ଷିଣ ଆଫ୍ରିକା ଦଳ ଘୋଷଣା କରାଯାଇଛି। ଟେମ୍ବା ବଭୁମା ଦିନିକିଆ ଓ ଏଡେନ ମାରକ୍ରାମ ଟି୨୦ ଦଳର ନେତୃତ୍ୱ ନେବେ। ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍ ୩୦ରେ ରାଞ୍ଚିଠାରେ ହେବାକୁ ଥିବାବେଳେ ଅନ୍ତିମ ଦୁଇ ମ୍ୟାଚ୍ ୩ ଓ ୬ ତାରିଖରେ ରାୟପୁର ଓ ବିଶାଖାପାଟଣାରେ ଖେଳାଯିବ।

ଦୁଇ ଦଳ ମଧ୍ୟରେ ଡିସେମ୍ବର ୯ ତାରିଖରୁ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଟି୨୦ ଖେଳାଯିବ। ସିରିଜ୍‌ର ପ୍ରଥମ ମ୍ୟାଚ୍ କଟକର ବାରବାଟୀ ଷ୍ଟାଡିୟମରେ ହେବ।

**ଦକ୍ଷିଣ ଆଫ୍ରିକା ଦିନିକିଆ ଦଳ:** ଟେମ୍ବା ବଭୁମା (ଅଧିନାୟକ), ଓଟିନେଲ ବାର୍ଟମାନ, ମାଥ୍ୟୁ ବ୍ରିଜକେ, ଡେୱାଲ୍ଡ ବ୍ରେଭିସ, ନାନ୍ଦ୍ରେ ବର୍ଗର, କ୍ୱିଣ୍ଟନ ଡି କକ୍, ଟୋନି ଡି ଜର୍ଜି, ରୁବିନ ହର୍ମାନ, ମାର୍କୋ ଜାନସେନ, କେଶବ ମହାରାଜ, ଏଡେନ ମାରକ୍ରାମ, ଲୁଙ୍ଗି ଏନ୍‌ଗିଡି, ରିଆନ ରିକଲଟନ, ପ୍ରେନେଲାନ ସୁବ୍ରାୟେନ।

**ଦକ୍ଷିଣ ଆଫ୍ରିକା ଟି୨୦ ଦଳ:** ଏଡେନ ମାରକ୍ରାମ (ଅଧିନାୟକ), ଓଟିନେଲ ବାର୍ଟମାନ, କର୍ବିନ ବୋଶ୍‌, ଡେୱାଲ୍ଡ ବ୍ରେଭିସ, କ୍ୱିଣ୍ଟନ ଡି କକ୍, ଟୋନି ଡି ଜର୍ଜି, ଡୋନୋଭାନ ଫେରେରିଆ, ରିଜା ହେଣ୍ଡ୍ରିକ୍ସ, ମାର୍କୋ ଜାନସେନ, ଜର୍ଜ ଲିଣ୍ଡେ, କେଶବ ମହାରାଜ, କ୍ୱେନା ମାଫାକା, ଡେଭିଡ୍ ମିଲର, ଲୁଙ୍ଗି ଏନ୍‌ଗିଡି, ଅନରିଚ ନର୍ଜେ, ଟ୍ରିଷ୍ଟାନ ଷ୍ଟବ୍ସ।

# ପ୍ରଥମ ଦିବସରେ ୧୯ ଉଇକେଟର ପତନ

**ପର୍ଥ, ୨୧।୧୧**

ଅଷ୍ଟ୍ରେଲିଆ-ଇଂଲଣ୍ଡ ୫ ମ୍ୟାଚ ବିଶିଷ୍ଟ ଆଶେସ ଟେଷ୍ଟ ସିରିଜ ଶୁକ୍ରବାର ଆରମ୍ଭ ହୋଇଛି। ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଦଳ ମଧ୍ୟରେ ଏହି ଟେଷ୍ଟ ପ୍ରଥମ ଦିନରୁ ହିଁ ରୋମାଞ୍ଚକ ହେବା ଆରମ୍ଭ କରିଛି। ପ୍ରଥମ ଦିବସରେ ୧୯ଟି ଉଇକେଟର ପତନ ଘଟିଛି। ଇଂଲଣ୍ଡ ୧୭୨ ରନରେ ଅଲ୍‌ଆଉଟ ହୋଇଥିବାବେଳେ ଅଷ୍ଟ୍ରେଲିଆ ୧୨୩ ରନ ମଧ୍ୟରେ ୯ ଉଇକେଟ ହରାଇଛି। ଫଳରେ ପ୍ରଥମ ଦିବସ ଖେଳ ଶେଷ ବେଳକୁ ଇଂଲଣ୍ଡ ୪୯ ରନରେ ଅଗ୍ରଣୀ ରହି ମ୍ୟାଚକୁ

**ଆଶେସ ଟେଷ୍ଟ**

**ଇଂଲଣ୍ଡ ୧୭୨ରେ ଅଲ୍‌ଆଉଟ, ଅଷ୍ଟ୍ରେଲିଆ ୧୨୩/୯**

ନିଜ ନିୟନ୍ତ୍ରଣରେ ରଖିବାରେ ସକ୍ଷମ ହୋଇଛି। ଆଶେସ ସିରିଜର ଗତ ୧୦୦ ବର୍ଷର ଇତିହାସରେ ପ୍ରଥମ ଦିନରେ ୧୯ ଉଇକେଟ ପତନ ଘଟିବା ଏହା ପ୍ରଥମ। ପୂର୍ବରୁ ୨୦୦୧ରେ ଟ୍ରେଣ୍ଟ ବ୍ରିଜ୍‌ଠାରେ ସର୍ବାଧିକ ୧୭ (ଇଂଲଣ୍ଡ-୧୦, ଅଷ୍ଟ୍ରେଲିଆ-୭) ଉଇକେଟର ପତନ ଘଟିଥିଲା। ୨୦୦୫ ଲର୍ଡ୍ସଠାରେ ମଧ୍ୟ ୧୭ (ଅଷ୍ଟ୍ରେଲିଆ-୧୦, ଇଂଲଣ୍ଡ-୭) ଉଇକେଟ ପଡ଼ିଥିଲା। ତେବେ ଓଭରଅଲ୍ ଦେଖିବାକୁ ଗଲେ ଆଶେସ ସିରିଜର ପ୍ରଥମ ଦିବସରେ ୧୯ ଉଇକେଟ ପଡ଼ିବା ଏହା ପ୍ରଥମ ନୁହେଁ। ୧୯୦୨ରେ ମେଲବୋର୍ନଠାରେ ସର୍ବାଧିକ ୨୫ (ଅଷ୍ଟ୍ରେଲିଆ -୧୦+୫, ଇଂଲଣ୍ଡ-୧୦) ଉଇକେଟର ପତନ ଘଟିଥିଲା। ତାହା ଏବେ ମଧ୍ୟ ରେକର୍ଡ ହୋଇ ରହିଛି।


ମିଚେଲ ଷ୍ଟାର୍କ


ବେନ୍ ଷ୍ଟୋକ୍ସ

### ଷ୍ଟାର୍କଙ୍କୁ ୭ ଉଇକେଟ

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଇଂଲଣ୍ଡ ଅଷ୍ଟ୍ରେଲିଆ ଫାଷ୍ଟ ବୋଲର ମିଚେଲ ଷ୍ଟାର୍କଙ୍କୁ ମୁକାବିଲା କରିବାରେ ବିଫଳ ହୋଇଥିଲା। ଓପନର ଜ୍ୟାକ କ୍ରଲି (୦)ଙ୍କଠାରୁ ଆରମ୍ଭ କରି ୧୦ ନମ୍ବର ବ୍ୟାଟର ମାର୍କ ଉଡ୍ (୦)ଙ୍କୁ ମିଶାଇ ଷ୍ଟାର୍କ ୭ ବ୍ୟାଟରଙ୍କୁ ଶିକାର ବନାଇଥିଲେ। ଏହି ମ୍ୟାଚରେ ୭/୫୮ ତାଙ୍କର କ୍ୟାରିୟର ଶ୍ରେଷ୍ଠ ବୋଲିଂ। ପୂର୍ବରୁ ଏହା ୬/୯ (ବନାମ ୱେଷ୍ଟଇଣ୍ଡିଜ, କିଙ୍ଗଷ୍ଟନ, ୨୦୨୫) ଥିଲା। ବ୍ରେଣ୍ଡନ ଡୋଗେଟ ୨ଟି ଓ କାମେରନ ଗ୍ରୀନ୍ ଗୋଟିଏ ଉଇକେଟ ପାଇଥିଲେ। ଇଂଲଣ୍ଡ ବ୍ୟାଟରଙ୍କ ମଧ୍ୟରେ ହ୍ୟାରୀ ବ୍ରୁକ୍ (୫୨ ରନ) ଏକମାତ୍ର ବ୍ୟାଟରଭାବେ ଅର୍ଦ୍ଧଶତକ ହାସଲ କରିଥିଲେ। ଓଲି ପୋପ୍ ୪୬ ଓ ଜେମି ସ୍ମିଥ ୩୩ ରନର ଅବଦାନ ରଖିଥିଲେ। ୭ ବ୍ୟାଟର ଦୁଇଅଙ୍କରେ ପହଞ୍ଚି ପାରି ନ ଥିଲେ।

### ଶେଷଭାଗରେ ଷ୍ଟୋକ୍ସଙ୍କ ଚମକ

ଇଂଲଣ୍ଡ ପରି ଅଷ୍ଟ୍ରେଲିଆ ମଧ୍ୟ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଜୋଫ୍ରା ଆର୍ଚର ୨୮ ରନ ମଧ୍ୟରେ ଅଷ୍ଟ୍ରେଲିଆର ଦୁଇ ଓପନରଙ୍କୁ ପ୍ୟାଭିଲିୟନ ପଥ ଦେଖାଇଥିଲେ। ଅଧିନାୟକ ଦାୟିତ୍ୱ ତୁଲାଉଥିବା ଷ୍ଟିଭ୍ ସ୍ମିଥ ଓ ଉସମାନ ଖ୍ୱାଜାଙ୍କୁ ବ୍ରେଡନ କାର୍ସ ଆଉଟ କରିଥିବାବେଳେ ମିଡଲ ଓ ଲୋୟର ଅର୍ଡରରେ ୫ ବ୍ୟାଟରଙ୍କୁ ଆଉଟ କରି ବେନ୍ ଷ୍ଟୋକ୍ସ ଇଂଲଣ୍ଡକୁ ସଫଳ ପ୍ରତ୍ୟାବର୍ତ୍ତନ କରାଇଥିଲେ। ଏକଦା ଅଷ୍ଟ୍ରେଲିଆ ୬ ଉଇକେଟ ହରାଇ ୧୧୮ ରନ କରିଥିବାବେଳେ ୩ ରନ ବ୍ୟବଧାନରେ ଷ୍ଟୋକ୍ସ ୩ଟି ଉଇକେଟ ନେବାରୁ ଘରୋଇ ଦଳର ସ୍କୋର ୧୨୧/୯ ହୋଇଯାଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଆଲେକ୍ସ କାରେ ସର୍ବାଧିକ ୨୬, କାମେରନ ଗ୍ରୀନ୍ ୨୪ ଓ ଟ୍ରାଭିସ ହେଡ୍ ୨୧ ରନ କରିଥିଲେ। ପ୍ରଥମ ଦିବସର ମ୍ୟାଚକୁ ୫୧,୦୦୦ରୁ ଊର୍ଦ୍ଧ୍ୱ ଦର୍ଶକ ଉପଭୋଗ କରିଥିଲେ। ଅଷ୍ଟ୍ରେଲିଆର ବ୍ରେଣ୍ଡନ ଡଗେଟ ଓ ଜ୍ୟାକ ୱେଥେରାଲ୍ଡ ଟେଷ୍ଟ ଡେବ୍ୟୁ କରିଥିଲେ। ଆହତ ସମସ୍ୟା ଯୋଗୁ ନିୟମିତ ଅଧିନାୟକ ପ୍ୟାଟ୍ କମିନ୍ସ ଓ ଫାଷ୍ଟ ବୋଲର ଜୋଶ୍ ହାଜେଲଉଡ ଖେଳିପାରି ନ ଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୧୭୨/ଅଲଆଉଟ (ହ୍ୟାରି ବ୍ରୁକ୍-୫୨, ଓଲି ପୋପ୍-୪୬, ଜେମି ସ୍ମିଥ-୩୩, ମିଚେଲ ଷ୍ଟାର୍କ-୭/୫୮, ବ୍ରେଣ୍ଡନ ଡୋଗେଟ-୨/୨୭, କାମେରନ ଗ୍ରୀନ୍-୧/୧୦)। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ଆଲେକ୍ସ କାରେ-୨୬, କାମେରନ ଗ୍ରୀନ୍ ୨୪, ବେନ୍ ଷ୍ଟୋକ୍ସ-୫/୨୩, ଜୋଫ୍ରା ଆର୍ଚର-୨/୧୧, ବ୍ରେଡନ କାର୍ସ-୨/୪୫)।

## କବିର ହଂସଙ୍କୁ ବିରଳ ସଫଳତା

**ଆଇଟିଏଫ୍ ୱାର୍ଲ୍ଡ ଟେନିସ ଟୁର୍**

**ଭୁବନେଶ୍ୱର, ୨୧।୧୧ (ତପନ ସ୍ୱାଇଁ)**

ଓଡ଼ିଶାର ପ୍ରଥମ ଖେଳାଳିଭାବେ ଆଇଟିଏଫ୍ ପୁରୁଷ ୱାର୍ଲ୍ଡ ଟେନିସ ଟୁର୍ (ଏମ୧୫ ଭୁବନେଶ୍ୱର) ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରି ଇତିହାସ ରଚିଛନ୍ତି କବିର ହଂସ। କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ର କବିର ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ପ୍ରଥମ ସେଟ୍‌ରେ ୧-୬ରେ ପରାଜିତ ହୋଇଥିଲେ ହେଁ ସଫଳ ପ୍ରତ୍ୟାବର୍ତ୍ତନ କରି ରୁଷିଆର ଟିମୋଫେ ଡେରେପାସ୍କୋଙ୍କୁ ୧-୬, ୬-୪, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଟୁର୍ନାମେଣ୍ଟର ସେମିଫାଇନାଲରେ କବିର ଶନିବାର ଭାରତର ଦିଗ୍‌ବିଜୟ ପ୍ରତାପଙ୍କୁ ଭେଟିବେ। ଅନ୍ୟ କ୍ୱାର୍ଟର ଫାଇନାଲରେ ଦିଗ୍‌ବିଜୟ ୟୁକ୍ରେନର ଭାଡିମ କୋନୋଭଚୁକ୍‌ଙ୍କୁ ୬-୧, ୪-୬, ୬-୨ ସେଟ୍‌ରେ ଏବଂ ଭାରତର ମନୀଷ ସୁରେଶ କୁମାର ସାଥୀ ଖେଳାଳି ଦେଭ୍ ଜାଭିଆଙ୍କୁ ୬(୩)-୭, ୬-୧, ୬-୪ ସେଟ୍‌ରେ



ହରାଇ ସେମିଫାଇନାଲରେ ପହଞ୍ଚିଛନ୍ତି। ବିରଳ ସଫଳତା ପାଇଁ କବିରଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି। ଡବଲ୍ସରେ କିନ୍ତୁ କବିର ଓ ଇଶାକ୍ ଇକବାଲ ଯୋଡ଼ି ଅନ୍ୟତମ ଭାରତୀୟ ଯୋଡ଼ି ମାଧ୍ୱିନ କାମାଥ ଓ ରୋହନ ମେହେରାଙ୍କଠାରୁ ୫ (୪)-୭, ୨-୬ ସେଟ୍‌ରେ ହାରି ଯାଇଛନ୍ତି।

## ରାଜ୍ୟ ଟେବୁଲ ଟେନିସ ଆରମ୍ଭ

**ଭୁବନେଶ୍ୱର, ୨୧।୧୧ (ତପନ ସ୍ୱାଇଁ)**

ଆନ୍ତଃଜିଲା ଓ ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍-୨୦୨୫ କଟକ ସିଡିଏସ୍ଥିତ ବହୁମୁଖୀ ଇନ୍‌ଡୋର ହଲ୍‌ରେ ଶୁକ୍ରବାର ଆରମ୍ଭ ହୋଇଛି। ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାକୁ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଆସୋସିଏଶନ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ାଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ୨୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ପ୍ରତିଯୋଗିତାରେ ୧୫ ଜିଲା ଓ ୭ ଅନୁଷ୍ଠାନରୁ ୩୭୦ (ମହିଳା ଓ ପୁରୁଷ) ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ୟୁଥ୍ ବାଳକ ଟିମ୍ ଚାମ୍ପିୟନଶିପ୍‌ର ସେମିଫାଇନାଲ ଶନିବାର ଅନୁଷ୍ଠିତ ହେବ। ଏଥିରେ କଟକ-ଏ ଓ ଭୁବନେଶ୍ୱର-ଏ ଏବଂ କଟକ-ବି ଓ ଖୋର୍ଦ୍ଧା-ଏ ମଧ୍ୟରେ ମୁକାବିଲା ହେବ।

## ମନ୍ଧାନାଙ୍କ ବିବାହ ୨୩ରେ

**ନୂଆଦିଲ୍ଲୀ,୨୧।୧୧(ପିଟି)**

ଭାରତୀୟ ମହିଳା ଦଳର ଷ୍ଟାର ସ୍ମୃତି ମନ୍ଧାନାଙ୍କର ମ୍ୟୁଜିକ କମ୍ପୋଜର ପଳାଶ ମୁଚଲଙ୍କ ସହ ନିର୍ବନ୍ଧ ଶେଷ ହୋଇଛି। ୨୩ ତାରିଖରେ ଦୁହିଁଙ୍କର ବିବାହ ହେବ। ଏଥିଲାଗି ଦୁହିଁଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭ କାମନା ଜଣାଇଛନ୍ତି। ବିସ୍ଫୋରକ ଓପନର ଏକ ମଜାଦାର ଡ୍ୟାନ୍ସ ଭିଡିଓ ଜରିଆରେ ତାଙ୍କ ନିର୍ବନ୍ଧ ହୋଇଥିବା ସୂଚନା ଦେଇଛନ୍ତି। ଏହି ଭିଡିଓରେ ତାଙ୍କ ସହିତ ରାଧା ଯାଦବ, ଜେମିମା ରୋଡ୍ରିଗ୍ସ, ଶ୍ରେୟଙ୍କା ପାଟିଲ ଓ ଅରୁନ୍ଧତି ରେଡ୍ଡୀଙ୍କ ଭଳି ସାଥୀ ଖେଳାଳି ନାଚୁଥିବା ବେଳେ ସେ ତାଙ୍କ ନିର୍ବନ୍ଧ ଆଙ୍ଗୁଠି ପ୍ରଦର୍ଶିତ କରିଛନ୍ତି। ଇନ୍‌ଷ୍ଟାଗ୍ରାମରେ ଜେମିମା ଶେୟାର କରିଥିବା ଭିଡିଓକୁ ଏପର୍ଯ୍ୟନ୍ତ ପାଖାପାଖି ୨ ମିଲିଅନ ଲାଇକ୍ ମିଳିସାରିଛି।

## କଳିଙ୍ଗ ୟୁଥ୍, ମୁକ୍ତେଶ୍ୱର ବିଜୟୀ

**ଭୁବନେଶ୍ୱର, ୨୧।୧୧ (ତପନ ସ୍ୱାଇଁ)**

ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ସ୍ମାରକୀ 'ବି' ଡିଭିଜନ ଫୁଟବଲ ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ୨ଟି ମ୍ୟାଚରେ କଳିଙ୍ଗ ୟୁଥ୍ ଏବଂ ମୁକ୍ତେଶ୍ୱର ସ୍ପୋର୍ଟିଂ ବିଜୟ ହାସଲ କରିଛି। ଅପରାହ୍ନ ୨ଟାରେ ଅନୁଷ୍ଠିତ ମ୍ୟାଚରେ କଳିଙ୍ଗ ୟୁଥ୍ ସ୍ପୋର୍ଟିଂ ୬-୦ ଗୋଲରେ କିଟ୍‌କୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ଅଶିମ ଡୁଙ୍ଗ୍ ଡୁଙ୍ଗ୍ ୩, ୨୯ ଓ ୩୮ତମ ମିନିଟରେ ଏକାକୀ ୩ ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଶଙ୍ଖ ହେମ୍ବ୍ରମ, ଶିବରାମ ମୁର୍ମୁ ଓ ମାନସ ମାରାଣ୍ଡି ଅନ୍ୟ ୩ଟି ଗୋଲ ଦେଇଥିଲେ। ଅଶିମଙ୍କୁ ଅତିଥି ପ୍ରିୟନାଥ ମିଶ୍ର ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦିବସର ଦ୍ୱିତୀୟ ମ୍ୟାଚରେ ମୁକ୍ତେଶ୍ୱର ୧-୦ ଗୋଲରେ କ୍ଲବ ଲିଙ୍ଗରାଜକୁ ପରାସ୍ତ କରିଛି। ମୁକ୍ତେଶ୍ୱର ପକ୍ଷରୁ ଏକମାତ୍ର ଗୋଲଟି ଦେଇଥିବା ଫଗୁ କିସ୍କୁ ଅତିଥି ରାଧା ମହାପାତ୍ରଙ୍କଠାରୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରିଥିଲେ।

# ସିରିଜ୍ ବରାବର ଲକ୍ଷ୍ୟରେ ଭାରତ

**ଗୁଆହାଟୀ,୨୧।୧୧(ପିଟି)**

ସ୍ଥାନୀୟ ବର୍ସାପାରା ଷ୍ଟାଡିୟମରେ ଶନିବାରଠାରୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ ଟେଷ୍ଟ କ୍ରିକେଟ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ସହିତ ବର୍ସାପାରା ଷ୍ଟାଡିୟମ ଦେଶର ୩୦ତମ ଟେଷ୍ଟ ଭେନ୍ୟୁ ଭାବେ ପଦାର୍ପଣ କରିବ। ପ୍ରଥମ ମ୍ୟାଚ୍‌ରେ ଶୋଚନୀୟ ପରାଜୟ ବରଣ କରିଥିବା ଭାରତୀୟ ଦଳ ଏହି ମ୍ୟାଚ୍‌କୁ ଜିତି ସିରିଜ୍‌କୁ ବରାବର କରିବା ଉଦ୍ଦେଶ୍ୟରେ ପଡ଼ିଆକୁ

**ଆଜିଠାରୁ ଦ୍ୱିତୀୟ ଟେଷ୍ଟ**

**ରିଷଭ ପନ୍ତ ଭାରତର ନେତୃତ୍ୱ ନେବେ**

**ଗୁଆହାଟୀ ୩୦ତମ ଟେଷ୍ଟ ଭେନ୍ୟୁ**

ଓହ୍ଲାଇବ। ଅନ୍ୟପକ୍ଷରେ ଟେମ୍ବା ବଭୁମାଙ୍କ ନେତୃତ୍ୱାଧୀନ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନ ଦକ୍ଷିଣ ଆଫ୍ରିକା ଦଳ ୨-୦ରେ ସିରିଜ୍‌କୁ ମୂଳପୋଛ କରିବା ଲକ୍ଷ୍ୟରେ ରହିଛି।

କୋଲକାତାରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ବେକଜନିତ ଆହତ ସମସ୍ୟାର ସମ୍ମୁଖୀନ ହୋଇଥିବା ଭାରତୀୟ ଅଧିନାୟକ ଶୁବମନ ଗିଲ୍ ଦ୍ୱିତୀୟ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ଅନୁପସ୍ଥିତିରେ ଉଇକେଟକିପର ରିଷଭ ପନ୍ତ ଦଳର ନେତୃତ୍ୱ ଭାର ସମ୍ଭାଳିବେ। ସେ ପୂର୍ବରୁ ଟି୨୦ ଫର୍ମାଟରେ ଭାରତୀୟ ଦଳର ନେତୃତ୍ୱ ନେଇସାରିଛନ୍ତି। ତେବେ ତାଙ୍କର ନିଷ୍ପତ୍ତି ନିର୍ଦ୍ଧାରଣ କ୍ଷମତା ଉପରେ ସଭିଙ୍କ ନଜର


ଟିମ୍ ଇଣ୍ଡିଆ କୋଚ୍ ଗୌତମ ଗମ୍ଭୀର ପିଚ୍ ନିରୀକ୍ଷଣ କରୁଛନ୍ତି।

ରହିବ। ପ୍ରଥମ ମ୍ୟାଚ୍‌ରେ ଦ୍ୱିତୀୟ ଦିନ ଶେଷ ସୁଦ୍ଧା ପ୍ରଥମ ଇନିଂସରେ ୩୦ ରନରେ ପଛୁଆ ଥିବା ଦକ୍ଷିଣ ଆଫ୍ରିକା ତା'ର ଦ୍ୱିତୀୟ ଇନିଂସରେ ୯୩/୭ ସ୍କୋର କରିଥିଲା। ଅଧିନାୟକ ବଭୁମା ୨୫ ରନରେ ଅପରାଜିତ ଥିଲେ। ତୃତୀୟ ଦିନ ପନ୍ତ ସ୍ପିନରଙ୍କ ବଦଳରେ ମହମ୍ମଦ ସିରାଜ ଓ ଯଶପ୍ରୀତ ବୁମରାଙ୍କୁ ବୋଲିଂ ଦେଇଥିଲେ। ଯାହା ଫଳରେ ବଭୁମାଙ୍କ ଅପରାଜିତ ୫୫ ରନ ବଳରେ ଭ୍ରମଣକାରୀ ଦଳ ତା'ର ଅନ୍ତିମ ୩ ଉଇକେଟରେ ୬୦ ରନ ଯୋଡ଼ିଥିଲା, ଯାହାକି ଶେଷରେ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ଏଣୁ ପନ୍ତଙ୍କ ବ୍ୟାଟିଂ ଭଳି ନିଷ୍ପତ୍ତି ନିର୍ଦ୍ଧାରଣ ମଧ୍ୟ ମ୍ୟାଚ୍‌ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଗିଲ୍‌ଙ୍କ ଅନୁପସ୍ଥିତିରେ ସାଇ ସୁଦର୍ଶନଙ୍କର ଖେଳିବାର ବିଶେଷ ସମ୍ଭାବନା ରହିଛି। କିନ୍ତୁ ୱାଶିଂଟନ ସୁନ୍ଦର ନଂ-୩ ପୋଜିଶନରେ ବ୍ୟାଟିଂ କରିପାରନ୍ତି। ଏହାବାଦ୍ ଦଳରେ ୭ ବାମହାତୀ ବ୍ୟାଟର ରହିଥିବାରୁ ସାଇମନ ହାର୍ମର ପୁଣି ଥରେ ଘାତକ ସାବ୍ୟସ୍ତ ହୋଇପାରନ୍ତି। ସେ ଗତ ମ୍ୟାଚ୍‌ର ଉଭୟ ଇନିଂସରେ ୪ ଲେଖାଏ ଉଇକେଟ ନେଇଥିଲେ।

ବିସିସିଆଇ କ୍ୟୁରେଟର ତାପଶ ଚାଟାର୍ଜୀ ଓ ଆଶିଷ ଭୌମିକ ପିଚ୍‌ରୁ ଘାସ ହଟାଇ ଦେଇଛନ୍ତି। ଏଣୁ ଅକ୍ଷର ପଟେଲ ଓ କୁଲଦୀପ ଯାଦବଙ୍କ ମଧ୍ୟରୁ ଜଣଙ୍କୁ ବାଦ୍ ଦିଆଯାଇ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ସାମିଲ କରାଯାଇପାରେ। ତାଙ୍କ ବୋଲିଂଠାରୁ ଦଳକୁ ଜଣେ ଡାହାଣ ହାତୀ ବ୍ୟାଟରଙ୍କର ଆବଶ୍ୟତା ରହିଛି। ଅନେକ ବର୍ଷ ପରେ ଭାରତ ଏକ ଘରୋଇ ଟେଷ୍ଟ ମ୍ୟାଚ୍‌ରେ ଅଣ୍ଡରଡଗ୍ସ ଦଳ ଭାବେ ଖେଳିବାକୁ ଯାଉଛି। ଦୀର୍ଘ ବର୍ଷ ଧରି ଘରୋଇ ଟେଷ୍ଟ ମ୍ୟାଚ୍‌ରେ ଫେଭରାଇଟ୍ ରହି ଆସିଥିବା ଭାରତ ଗତ ୬ ଘରୋଇ ଟେଷ୍ଟରେ ୪ ଥର ପରାଜୟ ବରଣ କରିଛି। ବଳକା ଦୁଇ ଟେଷ୍ଟରେ ଭାରତ ଦୁର୍ବଳ ୱେଷ୍ଟଇଣ୍ଡିଜ୍‌କୁ ହରାଇଛି। ଘରୋଇ ଟେଷ୍ଟ ମ୍ୟାଚ୍‌ରେ ଭାରତୀୟ ଦଳର ଏଭଳି ରେକର୍ଡ ଯୋଗୁ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କୁ ଚାରିଆଡୁ ସମାଲୋଚନା କରାଯାଉଛି। ଗୁଆହାଟୀ ଟେଷ୍ଟରେ ପରାଜିତ ହେଲେ ଗମ୍ଭୀରଙ୍କୁ ତାଙ୍କ ପଦବୀ ବଞ୍ଚାଇବା କଷ୍ଟକର ହୋଇପାରେ।

**ସମୟ: ସକାଳ ୯ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ହଟ୍‌ଷ୍ଟାର**

**ଟିମ୍ ଇଣ୍ଡିଆରୁ ଛାଡ଼ ପାଇଲେ ଗିଲ୍**

ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଶୁକ୍ରବାର ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଭାରତୀୟ ଦଳରୁ ରିଲିଜ୍ କରାଯାଇଛି। କୋଲକାତା ଟେଷ୍ଟରେ ବେକଜନିତ ସମସ୍ୟାର ସମ୍ମୁଖୀନ ହୋଇଥିବା ଗିଲ୍‌ଙ୍କୁ ଦ୍ୱିତୀୟ ଟେଷ୍ଟରୁ ବାଦ୍ ଦିଆଯାଇଛି। ସେ ଦଳ ସହିତ ୧୯ ତାରିଖରେ ଗୁଆହାଟୀରେ ପହଞ୍ଚିଥିଲେ। ହେଲେ ସେ ଖେଳିବା ପାଇଁ ସମ୍ପୂର୍ଣ୍ଣ ଫିଟ୍ ନାହାନ୍ତି। ଏଣୁ ସେ ଇଞ୍ଜୁରି ଆସେସ୍‌ମେଣ୍ଟ ପାଇଁ ମୁମ୍ବାଇ ଯିବେ ବୋଲି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ